

# ଈଶ୍ୱରଙ୍କ ନିମନ୍ତେ ଆପଣଙ୍କର ଅନ୍ୱେଷଣ

ଡ଼କ୍ଟର ରିଚାର୍ଡ ଏ. ବର୍ଣ୍ଣେଟ୍ ଜଣେ ନଗର ଯୋଜନାକାରୀ ଭାବରେ କାର୍ଯ୍ୟାରମ୍ଭ କରିଥିଲେ । ଏଥି ନିମନ୍ତେ ତାଲିମ ନେଉଥିବା ସମୟରେ ରିଚାର୍ଡ଼ ଈଶ୍ୱରଙ୍କର ମହା ପରାକ୍ରମୀ ଶକ୍ତିର ପ୍ରତ୍ୟକ୍ଷ ଅନୁଭୂତି ଲାଭ କଲେ । ଏହା ତାଙ୍କର ଜୀବନକୁ ସଂପୂର୍ଣ୍ଣ ପରିବର୍ତ୍ତିତ କଲା । ଏହାପରେ ସେ ଇଂଲିଶ୍ କାଉନ୍‌ସିଲ୍‌ରୁ ଇସ୍ତଫା ଦେଇ ବାଇବଲ ଶିକ୍ଷା ଲାଭ କରିବା ନିମନ୍ତେ ଯୁକ୍ତରାଷ୍ଟ୍ର ଆମେରିକାକୁ ଯାତ୍ରା କଲେ ।

ଜଣେ ସାଧାରଣ ଉତ୍ସାହୀ ବ୍ୟକ୍ତି ଭାବରେ ରିଚାର୍ଡ଼ ପ୍ରଭୁଙ୍କ ସେବା କାର୍ଯ୍ୟ ଆରମ୍ଭ କଲେ ଓ ୧୯୪୬ଠାରୁ ଆଜି ପର୍ଯ୍ୟନ୍ତ ଆଗ୍ରହୀ ଶ୍ରୋତାମାନଙ୍କ ନିକଟରେ ସେ ବାଇବଲ ଶିକ୍ଷା ଓ ଉପଦେଶମାନ ପ୍ରଦାନ କରି ଚାଲିଛନ୍ତି । ଏହା ମଧ୍ୟରୁ ଦୀର୍ଘ ୨୦ ବର୍ଷ ତାଙ୍କର ସ୍ୱର ଟ୍ରାନ୍‌ସ୍‌ୱର୍ଲ୍ଡ ରେଡ଼ିଓ ଓ ଫାର୍ ଇଷ୍ଟ ବ୍ରଡ୍ କାଷ୍ଟିଙ୍ଗ୍ କର୍ପୋରେସନ ମାଧ୍ୟମରେ ଇଉରୋପ, ଆଫ୍ରିକା, ଏସିଆ ଓ କେନ୍ଦ୍ର ତଥା ଦକ୍ଷିଣ ଆମେରିକାର ପ୍ରତ୍ୟେକ ଗୃହରେ ଝଙ୍କୃତ ହେଉଥିଲା ।

୧୯୫୮ ମସିହାରେ ରିଚାର୍ଡ ଓ ଡରୋଥିଙ୍କର ବିବାହ ହେଲା ଓ ସେହି ସମୟଠାରୁ ସେମାନେ ମିଳିତ ଭାବରେ ଈଶ୍ୱରଙ୍କର ସେବାକାର୍ଯ୍ୟ କରି ଆସୁଛନ୍ତି । ମହିଳାମାନଙ୍କ ମଧ୍ୟରେ ଡରୋଥିଙ୍କ ସୁସମାଚାର ପ୍ରଚାରର ସେବାକାର୍ଯ୍ୟ ଅତ୍ୟନ୍ତ ଶକ୍ତିଯୁକ୍ତ ଓ ପ୍ରଭାବଶାଳୀ ଅଟେ ।

ଯେଉଁ ଦେଶ ଓ ଲୋକମାନଙ୍କ ନିକଟରେ ପରିତ୍ରାଣର ବାର୍ତ୍ତା ପ୍ରଚାରିତ ହୋଇ ନ ଥିଲା, ରିଚାର୍ଡ ଓ ଡରୋଥି ବିଗତ କିଛି ବର୍ଷ ହେବ ସେହି ସ୍ଥାନମାନଙ୍କର ସୁସମାଚାର ମହାସଭାମାନ ଅନୁଷ୍ଠିତ କରି ଚାଲିଛନ୍ତି । ବିକାଶୋନ୍ମୁଖୀ ରାଷ୍ଟ୍ରର ଅଧିବାସୀମାନଙ୍କଠାରେ ଅତିଶୟ ଆତ୍ମିକ କ୍ଷୁଧା ରହିଥିବାର ଦେଖି ସେମାନେ ଆନନ୍ଦରେ ଆତ୍ମହରା ହୋଇ ପଡ଼ିଥିଲେ । କିନ୍ତୁ ସେହି ଲୋକମାନେ ଦାରିଦ୍ର୍ୟତା, କ୍ଷୁଧା ଓ ଉପେକ୍ଷାରେ ଜର୍ଜ୍ଜରିତ ହେଉଥିବାର ଦେଖି ସେମାନେ ଏତେ ଦୁଃଖିତ ହୋଇଥିଲେ ଯେ ସେହି ଲୋକମାନଙ୍କ ପ୍ରତି ଈଶ୍ୱରଙ୍କ ପ୍ରେମ ପ୍ରକାଶ କରି ସେମାନଙ୍କୁ ଆତ୍ମିକ ସହାୟତା ଯୋଗାଇବାକୁ ଏବଂ ସେମାନଙ୍କର ସମସ୍ତ ଶାରୀରିକ ଆବଶ୍ୟକତା ପୂରଣ କରିବାକୁ ରିଚାର୍ଡ ଓ ଡରୋଥି ପରିଚାଳିତ ହେଲେ ।

ସେମାନେ ଦେଖିବାକୁ ପାଇଲେ ଯେ, କେବଳ ବିକାଶୋନ୍ମୁଖୀ ରାଷ୍ଟ୍ର ନୁହେଁ, ମାତ୍ର ଶିଳ୍ପାୟତ୍ତ ରାଷ୍ଟ୍ରର ଲୋକମାନେ ମଧ୍ୟ ଈଶ୍ୱରଙ୍କ ସହିତ ଘନିଷ୍ଠ ସଂପର୍କ ସ୍ଥାପନ କରିବା ନିମନ୍ତେ ବ୍ୟାକୁଳ ଅଟନ୍ତି । ଏହା ଦେଖି ସେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ । ସେହି ଲୋକମାନଙ୍କର ମନରେ ଅନେକ ପ୍ରଶ୍ନ ରହିଥିଲା ।

ଏହି ପୁସ୍ତକରେ ପ୍ରଦତ୍ତ ଉତ୍ତରଗୁଡ଼ିକ କ'ଣ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଗୁଡ଼ିକର ନିର୍ଭରଯୋଗ୍ୟ ଉତ୍ତର ଅଟେ ? ରିଚାର୍ଡ ବର୍ଣ୍ଣେଟ୍ ଦୃଢ଼ ରୂପେ ପ୍ରତିପାଦିତ କରନ୍ତି ଯେ, ସ୍ୱୟଂ ଈଶ୍ୱର ଏହି ଉତ୍ତରଗୁଡ଼ିକ ପ୍ରଦାନ କରିଛନ୍ତି । ସେଥିନିମନ୍ତେ ସେ ଏହି ପୁସ୍ତକର ନାମକରଣ କରିଛନ୍ତି, ଈଶ୍ୱରଙ୍କ ନିମନ୍ତେ ଆପଣଙ୍କର ଅନ୍ୱେଷଣ ।

"ମୁଁ ଯେଉଁ ପୁସ୍ତକ ନିମନ୍ତେ ଦୀର୍ଘ ୨୦ ବର୍ଷ ବ୍ୟାପି ପ୍ରାର୍ଥନା, କରୁଥିଲି, ତାହା ଏହା ହିଁ ଅଟେ"

– ଜର୍ଜ ଭର୍‌ୱେର୍

*ପ୍ରତିଷ୍ଠାତା, ନିର୍ଦ୍ଦେଶକ : ଅପରେସନ ମୋବିଲାଇଜେସନ*

Authentic



ISBN : 978-81-7362-866-5

9788173628665 00250

Your Quest for God *(Oriya)*

ଈଶ୍ୱରଙ୍କ ନିମନ୍ତେ ଆପଣଙ୍କର ଅନ୍ୱେଷଣ

ରିଚାର୍ଡ.ଏ.ବେନେଟ୍

# ଈଶ୍ୱରଙ୍କ ନିମନ୍ତେ ଆପଣଙ୍କର ଅନ୍ୱେଷଣ



## ରିଚାର୍ଡ. ଏ.ବେନେଟ୍

# ଈଶ୍ୱରଙ୍କ ନିମନ୍ତେ
# ଆପଣଙ୍କର
# ଅନ୍ୱେଷଣ

# ଈଶ୍ୱରଙ୍କ ନିମନ୍ତେ
# ଆପଣଙ୍କର
# ଅନ୍ୱେଷଣ

ରିଚାର୍ଡ୍.ଏ.ବେନେଟ୍

***xxxxxx x xxxxxxxxxx***
(Oriya)

Your Quest for God
by Richard A.Bennett

Copyright © 1985, 1988, 1997, 1998, 2003
Cross Currents International Ministries, Dallas, Texas, U.S.A.

Revised second Oriya edition 2001
Revised third Oriya edition 2008
ISBN-13: xxxxxxxxxxxxx
ISBN-10: xxxxxxxxxxxxx

Published by Authentic India

| | |
|---|---|
| India | P. O. Box 2190, Secunderabad 500 003, Andhra Pradesh.<br>www.authenticindia.in |
| UK | 9 Holdom Avenue, Bletchley, Milton Keynes, MK1 1QR, UK<br>www.authenticmedia.co.uk |
| USA | 1820 Jet Stream Drive, Colorado Springs, CO 80921.<br>www.authenticbooks.com |

All rights reserved.
No part of this publication may be reproduced in any form or by any means, electronic, or mechanical, including photocopying, recording, or any information storage and retrieval system, without permission in writing from the publisher.

Authentic Books is an imprint of Authentic Media, the publishing division of STL OM Books India.

ମୋର ପତ୍ନୀ ଡ଼ରୋଥିଙ୍କର ଉତ୍ସାହ,
ପ୍ରେମ, ସ୍ୱାର୍ଥତ୍ୟାଗ ଓ ପ୍ରାର୍ଥନା ବିନା
ଏହି ପୁସ୍ତକ ଲେଖାଯାଇପାରି ନ ଥାନ୍ତା ।
ଫୈବୀଙ୍କୁ ପାଉଲ ଯେପରି କହିଥିଲେ, ସେହିପରି
ମୁଁ ତାଙ୍କ ବିଷୟରେ କହୁଛି, *''ସେ ମୋ ପ୍ରତି ଯେପରି*
*ସେହିପରି ଅନେକଙ୍କ ପାଇଁ ମଧ୍ୟ ସାହାଯ୍ୟକାରୀ ହୋଇ ରହିଛନ୍ତି ।''*

## ସୂଚୀପତ୍ର


**ପୂର୍ବାଭାସ** ix

**ମୁଖବନ୍ଧ** xi

**ଅଧ୍ୟାୟ ୧**

*ବାସ୍ତବରେ ଜଣେ ଈଶ୍ୱର ଅଛନ୍ତି କି?* 1

**ଅଧ୍ୟାୟ ୨**

*ଆପଣଙ୍କର ଆତ୍ମିକ-ପରିଚାଳକ ନିର୍ଭରଯୋଗ୍ୟ ଅଟନ୍ତି କି?* 9

**ଅଧ୍ୟାୟ ୩**

*ଈଶ୍ୱର କିପରି ଅଟନ୍ତି?* 25

**ଅଧ୍ୟାୟ ୪**

*ବାସ୍ତବରେ କେଉଁ ବିଷୟ ଲୋକମାନଙ୍କୁ ବିଭାଜିତ କରେ?* 35

**ଅଧ୍ୟାୟ ୫**

*ବାସ୍ତବ ସମସ୍ୟା କଣ?* 49

**ଅଧ୍ୟାୟ-୬**

*ଲୋକମାନେ କାହିଁକି ଭ୍ରାନ୍ତ ଭାବରେ ପରିଚାଳିତ ହୁଅନ୍ତି?* 59

**ଅଧ୍ୟାୟ-୭**

*ଈଶ୍ୱର କ'ଣ ପ୍ରକୃତରେ ମୋତେ ପ୍ରେମ କରନ୍ତି?* 71

**ଅଧ୍ୟାୟ-୮**

*ମୁଁ କେଉଁଠାରେ ଜୀବନ ପାଇପାରେ?* 97

**ଅଧ୍ୟାୟ-୯**

*ମୁଁ କିପରି ଈଶ୍ୱରଙ୍କ ପରିବାରର ଅଂଶବିଶେଷ ହୋଇପାରିବି?* 111

**ଅଧ୍ୟାୟ-୧୦**

*ଏହା ପରେ କ'ଣ?* 123

**ମୋର ସମର୍ପିତ ବିଶ୍ୱାସ** 134

# ପୂର୍ବାଭାସ

ମୁଁ ଦୁଇଟି କାରଣରୁ ଏହି ପୁସ୍ତକ ''ଈଶ୍ୱରଙ୍କ ନିମନ୍ତେ ଆପଣଙ୍କ ଅନ୍ୱେଷଣ''କୁ ଆନ୍ତରିକ ଭାବରେ ଅନୁମୋଦନ କରୁଅଛି । ପ୍ରଥମଟି ହେଉଛି–ମୁଁ ଲେଖକଙ୍କୁ ଜାଣେ ! ସେ ବିଶ୍ୱାସରେ ରହିଥିବା ଜଣେ ପୁତ୍ର, ଆଉ ମୋର ସନ୍ତାନମାନେ ଯେ ସତ୍ୟ ଆଚରଣ କରୁଛନ୍ତି, ତାହା ଶୁଣିବା ଅପେକ୍ଷା ମୋର ଆଉ ଅଧିକ ଆନନ୍ଦ କିଛି ନାହିଁ (୩ ଯୋହନ ୪) ।

ଦ୍ୱିତୀୟ କାରଣଟି ଆହୁରି ବିଶଦ ଅଟେ । ଈଶ୍ୱରଙ୍କ ସହିତ ମନୁଷ୍ୟର ସଂପର୍କର ଆବଶ୍ୟକତାକୁ ସ୍ୱଷ୍ଟ ଭାବରେ, ସଂକ୍ଷିପ୍ତ ଭାବରେ ଓ ବିଶ୍ୱାସର ସହିତ ବର୍ଣ୍ଣନା କରି ଡଃ. ରିଚାର୍ଡ଼. ବେନେଟ୍ ଏକ ମହାନ୍ କାର୍ଯ୍ୟ କରିଛନ୍ତି ।

ବାଇବଲ ଆମକୁ ଏହା ଜଣାଇଅଛି ଯେ ''ଈଶ୍ୱର ମନୁଷ୍ୟମାନଙ୍କ ହୃଦୟରେ ଅନନ୍ତ କାଳ ରଖିଅଛନ୍ତି...'' (ଉପଦେଶକ ୩:୧୧) । ସେଥିପାଇଁ ଏଥିରୁ ଜାଣିହୁଏ ଯେ ମନୁଷ୍ୟମାନେ ଅନନ୍ତ କାଳ ନିମନ୍ତେ ସୃଷ୍ଟ ହୋଇଥିବାରୁ କାଳ ସମ୍ବନ୍ଧୀୟ ବିଷୟ ଆଦୌ ସଂପୂର୍ଣ୍ଣ ଭାବରେ ଓ ସ୍ଥାୟୀ ଭାବରେ ପରିପୂରଣ ହୋଇପାରିବ ନାହିଁ । ଏପରି ଏକ ଅନ୍ତହୀନ ଶୂନ୍ୟତା ରହିଛି ଯାହାକୁ କେବଳ ଈଶ୍ୱର ପୂରଣ କରିପାରନ୍ତି । ସାଧୁ ଅଗଷ୍ଟିନ୍ ଏହାକୁ ସଠିକ୍‌ଭାବେ ବ୍ୟକ୍ତ କରି କହିଥିଲେ, ''ହେ ଈଶ୍ୱର, ଆପଣ ନିଜ ନିମନ୍ତେ ଆମକୁ ନିର୍ମାଣ କରିଛନ୍ତି ଓ ଆମର ଆତ୍ମା ଆପଣଙ୍କଠାରେ ବିଶ୍ରାମ ନ ନେବା ପର୍ଯ୍ୟନ୍ତ ଅସ୍ଥିର ହେଉଥାଏ ।'' ଅନନ୍ତ ଈଶ୍ୱରଙ୍କ ସହିତ ଏକ ଜୀବନ୍ତ ଓ ବ୍ୟକ୍ତିଗତ ସଂପର୍କରେ ବିଶ୍ରାମ ନ ପାଇବା ପର୍ଯ୍ୟନ୍ତ ସେହି ବ୍ୟାକୁଳତା ଅନୁଭବ କରିବାରେ ଏହି ପୁସ୍ତକ ଆମକୁ ସାହାଯ୍ୟ କରେ ।

ଈଶ୍ୱରଙ୍କ ଗୌରବ ଓ ସେମାନଙ୍କର ଅନନ୍ତକାଳୀନ ମଙ୍ଗଳକୁ ଉନ୍ମୋଚିତ କରୁଥିବା ଏହି ପୁସ୍ତକର ବାର୍ତ୍ତାଗୁଡ଼ିକୁ ଯେପରି ଅସଂଖ୍ୟ ଲୋକ ପାଠ କରିବେ, ଏହା ମୋର ଆନ୍ତରିକ ପ୍ରାର୍ଥନା ଅଟେ ।

ଡଃ. ଷ୍ଟିଫେନ୍. ଏଫ୍. ଓଲ୍‌ଫୋର୍ଡ଼

# ମୁଖବନ୍ଧ

ଆମର ବ୍ୟାପକ ଭ୍ରମଣ ସମୟରେ, ମୋର ସ୍ତ୍ରୀ ଡ଼ୋରୋଥି ଏବଂ ମୁଁ ଜୀବନରୂପକ ରାଜରାସ୍ତା ଓ ଗଳିରାସ୍ତାରେ ଅନେକ ବନ୍ଧୁଙ୍କୁ ଭେଟିଛୁ । ସେମାନେ ବିଭିନ୍ନ ସଂସ୍କୃତି, ଅର୍ଥନୈତିକ ପୃଷ୍ଠଭୂମି ଓ ଶିକ୍ଷାସ୍ତରରୁ ଆସିଥାନ୍ତି ।

ଦୈବାତ୍ ଆମେ ଏହି ବ୍ୟକ୍ତିଗଣଙ୍କୁ ଭେଟିଥିଲୁ ବୋଲି ଆମେ ବିଶ୍ୱାସ କରୁନାହୁଁ । ଆହୁରି ମଧ୍ୟ ଏହି ଛୋଟ ପୁସ୍ତକଟି ଆପଣଙ୍କ ହସ୍ତରେ ଦୈବାତ୍ ରହିଅଛି ବୋଲି ଆମେ ବିଶ୍ୱାସ କରୁନାହୁଁ ।

ବର୍ଷ ବର୍ଷ ଧରି ମୋର ଅନେକ ବନ୍ଧୁଙ୍କ ସହିତ ମୁଁ ଯେଉଁ ସବୁ ଆଳାପ କରିଛି, ସେଥିମଧ୍ୟରୁ ମୁଖ୍ୟ ବାର୍ତ୍ତାଳାପ ଈଶ୍ୱରଙ୍କ ନିମନ୍ତେ ଥିବା ଆମର ଅନ୍ୱେଷଣରେ କେନ୍ଦ୍ରିଭୂତ ହୋଇଛି । ଆମେ ଏକତ୍ର ଯେଉଁ କେତେକ ଚିନ୍ତା ଆଲୋଚନା କରିଛୁ, ସେଗୁଡ଼ିକ ଏହି ପୁସ୍ତକରେ ରହିଅଛି ।

'ଈଶ୍ୱରଙ୍କ ନିମନ୍ତେ ଆପଣଙ୍କର ଅନ୍ୱେଷଣ' ର ଯେଉଁ ପ୍ରଥମ ସଂସ୍କରଣରୁ ପରବର୍ତ୍ତୀ ସଂଶୋଧିତ ସଂସ୍କରଣ ପ୍ରକାଶ ପାଇଥିଲା, ତାହା ଥିଲା ଧନ୍ୟବାଦ ପ୍ରଦାନର ଏକ ବ୍ୟକ୍ତିଗତ ଯୋଜନା । ମୁଁ ଓ ଡରୋଥି ଆମର ୨୫ତମ ବିବାହ ବାର୍ଷିକୀ ପାଳନ କଲାବେଳେ ଆମ ପ୍ରତି ଈଶ୍ୱରଙ୍କର ଉତ୍ତମତା ପାଇଁ ଆମେ କିପରି ଈଶ୍ୱରଙ୍କ ପ୍ରତି ଆମର ପ୍ରଶଂସା ପ୍ରକାଶ କରିପାରିବୁ–ତା'ର ସର୍ବାଧିକ ମୁଖ୍ୟ ଉପାୟ ଆମେ ଚିନ୍ତା କରୁଥିଲୁ ।

ଲେଖିବା, ପ୍ରକାଶ କରିବା ଓ ୨୫,୦୦୦ ଲୋକଙ୍କୁ ଏପରି ଏକ ବାର୍ତ୍ତା ପ୍ରଦାନ କରିବା, ଯାହା ସେମାନଙ୍କ ପ୍ରତି ଭରସା ଓ ଶାନ୍ତି ଆଣିଦେବ–ଏହାଠାରୁ ଅଧିକ ଉତ୍ତମ ଉପାୟ ଆମେ ଚିନ୍ତା କରିପାରିନଥିଲୁ । ତାହା ହେବ, ଆମ ବିବାହିତ ଜୀବନର ପ୍ରତ୍ୟେକ ବର୍ଷ ନିମନ୍ତେ ଏକ ସହସ୍ର ଲୋକଙ୍କୁ ବାର୍ତ୍ତା ପ୍ରଦାନ କରିବା ।

ପ୍ରେମର ଏହି କ୍ଷୁଦ୍ର ପରିଶ୍ରମ ଉପରେ ଈଶ୍ୱର ଆଶୀର୍ବାଦ କରିଥିଲେ, କାରଣ ପୁସ୍ତକଟି ପ୍ରକୃତରେ ସମଗ୍ର ଜଗତରେ ଲୋକପ୍ରିୟ ହୋଇଥିଲା । ସର୍ବମୋଟ ୨୫,୦୦୦ ନକଲ ବିଭିନ୍ନ ଦେଶରେ ସିଧାସଳଖ ଲୋକମାନଙ୍କ ହାତକୁ ଯାଇଥିଲା । ‘‘ଈଶ୍ୱରଙ୍କ ନିମନ୍ତେ ଆପଣଙ୍କର ଅନ୍ୱେଷଣ’’ ପାଠ କରିବା ଫଳରେ ଯେଉଁ ଲୋକମାନେ ଜୀବନରେ ନୂତନ ଉଦ୍ଦେଶ୍ୟ ପାଇଥିଲେ, ସେମାନଙ୍କଠାରୁ ପତ୍ର ପାଇବା ଥିଲା ଆମର ସର୍ବଶ୍ରେଷ୍ଠ ଆନନ୍ଦ ।

ଏହି ପୁସ୍ତକକୁ ଅନ୍ୟ ଭାଷାରେ ଅନୁବାଦ କରିବା ପାଇଁ ଆମ ନିକଟକୁ ଅସଂଖ୍ୟ ଅନୁରୋଧ ଆସିଥିଲା । ସେଥିପାଇଁ, ପୃଥିବୀର ସମଗ୍ର ମହାଦେଶରେ ଅଧିକରୁ ଅଧିକ ଲୋକ ଯେପରି ‘‘ଈଶ୍ୱରଙ୍କ ନିମନ୍ତେ ସେମାନଙ୍କର ଅନ୍ୱେଷଣ’’ରେ ସାହାଯ୍ୟପ୍ରାପ୍ତ ହେବେ, ସେଥିପାଇଁ ପ୍ରାର୍ଥନା ସହିତ ପୁସ୍ତକର ପ୍ରଥମ ସଂଶୋଧନ କରିବାକୁ ଆମେ ନିଷ୍ପତ୍ତି ନେଇଥିଲୁ । ଏହା ଫଳରେ, ପଚାଶଟି ଭାଷାରେ ୩୦ଲକ୍ଷରୁ ଅଧିକ ନକଲ ମୁଦ୍ରିତ ହୋଇ ଦୂରଦୂରାନ୍ତରେ ବଣ୍ଟନ କରାଯାଇଅଛି । ଆମେ ବର୍ତ୍ତମାନ ଏହି ପ୍ରାର୍ଥନା ମଧ୍ୟ କରୁଅଛୁ ଯେ, ଏହି ପଞ୍ଚମ ଇଂରାଜୀ ସଂସ୍କରଣ ଆହୁରି ଅଧିକ ପାଠକଙ୍କୁ ସାହାଯ୍ୟ କରୁ ।

ପ୍ରଥମ ଦୁଇଟି ଅଧ୍ୟାୟ ପ୍ରତ୍ୟେକ ପାଠକଙ୍କ ପ୍ରତି ସମାନ ଭାବରେ ଉପଯୋଗୀ ହେବ ନାହିଁ । ପ୍ରଥମ ଅଧ୍ୟାୟଟି ସେହି ଲୋକମାନଙ୍କ ନିମନ୍ତେ ଲେଖାଯାଇଥିଲା, ଯେଉଁମାନେ ଈଶ୍ୱରଙ୍କ ସ୍ଥିତିକୁ ସନ୍ଦେହ କରନ୍ତି । ଯଦିଓ ଦ୍ୱିତୀୟ ଅଧ୍ୟାୟ ନିର୍ଦ୍ଦିଷ୍ଟ ଭାବରେ ସେହିମାନଙ୍କୁ ଆଗ୍ରହୀ କରାଇବ, ଯେଉଁମାନେ ପ୍ରତ୍ୟେକ ବିଷୟକୁ ସନ୍ଦେହ କରିବାକୁ ଶିକ୍ଷା କରିଛନ୍ତି, ତଥାପି ଏହା ପ୍ରକୃତରେ ସମସ୍ତ ପାଠକଙ୍କ ପ୍ରତି ଅନିବାର୍ଯ୍ୟ, କାରଣ ଏହା ଆମର ନିଜସ୍ୱ ବିଶ୍ୱାସ ଓ ମନୋଭାବର ମୂଲ୍ୟାଙ୍କନ କରିବା ପାଇଁ ଆମ ପ୍ରତ୍ୟେକଙ୍କୁ ଉତ୍ସାହିତ କରିଥାଏ ।

କିନ୍ତୁ, ଏହି ପ୍ରାରମ୍ଭିକ ଅଧ୍ୟାୟଗୁଡ଼ିକ ସଂପୂର୍ଣ୍ଣ ବିଷୟବସ୍ତୁ ନିମନ୍ତେ ଅତ୍ୟାବଶ୍ୟକ, କାରଣ ସେଗୁଡ଼ିକ ଅବଶିଷ୍ଟ ତଥ୍ୟର ବିଶ୍ୱସନୀୟତା ସ୍ଥାପନ କରିବାରେ ସାହାଯ୍ୟ କରିଥାଏ । ୩ ଅଧ୍ୟାୟରୁ ୧୦ ଅଧ୍ୟାୟ ମଧ୍ୟରେ ଏପରି ମୌଳିକ ସତ୍ୟ ରହିଛି, ଯାହା ଈଶ୍ୱରଙ୍କ ଅନ୍ୱେଷଣରେ ଆପଣଙ୍କୁ ସାହାଯ୍ୟ କରିବ । ସେଥିପାଇଁ, ଈଶ୍ୱରଙ୍କୁ ଯେପରି ସର୍ବୋତ୍ତମ ମନେହୁଏ, ସେପରି ଆଶୀର୍ବାଦ କରିବାକୁ ଆମେ ଏହି ନୂତନ ସଂସ୍କରଣଟିକୁ ଆନନ୍ଦର ସହିତ ଈଶ୍ୱରଙ୍କ ହସ୍ତରେ ଦେଇଅଛୁ ।



## *ମୁଖବନ୍ଧ*

ଆମକୁ ଈଶ୍ୱରଙ୍କ ସମ୍ବନ୍ଧରେ ସେମାନଙ୍କର ବ୍ୟକ୍ତିଗତ ଅନୁଭୂତି ଜଣାଇଥିବା ଅନେକ ବିଶେଷ ଲୋକଙ୍କର ପ୍ରେମ, ପ୍ରାର୍ଥନା ଓ ଜ୍ଞାନ ନିମନ୍ତେ ଉଭୟ ଡରୋଥି ଓ ମୁଁ ଈଶ୍ୱରଙ୍କୁ ଧନ୍ୟବାଦ ଜଣାଉଅଛୁ । ସେମାନେ ଏତେ ଅଧିକ ଯେ ସେମାନଙ୍କ ନାମୋଲ୍ଲେଖ ସମ୍ଭବ ନୁହେଁ । ଏହି ବନ୍ଧୁମାନଙ୍କୁ ଆମେ କେବଳ ଏତିକି କହୁଛୁ– ‘‘ଆପଣମାନଙ୍କୁ ଧନ୍ୟବାଦ ।’’

# ଈଶ୍ୱରଙ୍କ ନିମନ୍ତେ ଆପଣଙ୍କର ଅନ୍ୱେଷଣ

## ଅଧ୍ୟାୟ ୧

# *ବାସ୍ତବରେ ଜଣେ ଈଶ୍ୱର ଅଛନ୍ତି କି ?*

ଆପଣଙ୍କ ଜୀବନରେ ଏପରି ସମୟ ଆସି ଥାଇପାରେ, ଯେତେବେଳେ ସମସ୍ତ ବିଷୟ ଏତେ ମଳିନ ମନେ ହୁଏ ଯେ, ଆପଣ କେବଳ ଈଶ୍ୱରଙ୍କ ପ୍ରେମକୁ ସନ୍ଦେହ କରିଥାନ୍ତି, ତା'ନୁହେଁନ୍ଧ ମାତ୍ର ଆପଣ ତାଙ୍କର ସ୍ଥିତିକୁ ମଧ୍ୟ ସନ୍ଦେହ କରିଥା'ନ୍ତି ।

ବାଇବଲରେ, ଈଶ୍ୱରଙ୍କ ସ୍ଥିତିକୁ ବୁଝାଇ ଦିଆଯାଇ ନାହିଁନ୍ଧ କିମ୍ବା ଏହାକୁ ପ୍ରମାଣ କରାଯାଇ ନାହିଁ । ଏହାକୁ ସେହିଭଳି ଗ୍ରହଣ କରାଯାଇଅଛି । ବାଇବଲର ପ୍ରଥମ ବାକ୍ୟ– *''ଆଦ୍ୟରେ ପରମେଶ୍ୱର ଆକାଶ ମଣ୍ଡଳ ଓ ପୃଥିବୀ ନିର୍ମାଣ କଲେ''* (ଆଦିପୁସ୍ତକ ୧:୧)–ହେଉଛି ଏପରି ଏକ ଭୀତିପ୍ରଦ ଉକ୍ତି, ଯାହା ଉଭୟ ସରଳ ଓ ପ୍ରଭାବଶାଳୀ ଅଟେ । ଏହା ଘୋଷଣା କରେ ଯେ ଈଶ୍ୱର ଅଛନ୍ତି, ଆଉ ସେ ବିଶ୍ୱର ସୃଷ୍ଟିକର୍ତ୍ତା ଅଟନ୍ତି ।

ଅନେକ ବର୍ଷ ପୂର୍ବେ ମୋର ସ୍ତ୍ରୀ ୟୁରୋପର ଗୋଟିଏ ଅତି ପ୍ରସିଦ୍ଧ ମନସ୍ତତ୍ତ୍ୱ ଚିକିତ୍ସାଳୟରେ ଜଣେ ବରିଷ୍ଠ ସେବିକା (ନର୍ସ) ଥିଲେ । ଦିନେ ନିଜକୁ ନାସ୍ତିକ ବୋଲି ଦାବୀ କରୁଥିବା ଜଣେ ମୁଖ୍ୟ ମନସ୍ତତ୍ତ୍ୱବିଦ୍ ଡ଼ରୋଥିଙ୍କୁ ତାଙ୍କର ବିଶ୍ୱାସ ସମ୍ବନ୍ଧରେ ପ୍ରଶ୍ନ କଲେ । ସେ ଉତ୍ତର ଦେଇଥିଲେ, ''ଡାକ୍ତର, ଆପଣଙ୍କ କ୍ଷେତ୍ରରେ ସର୍ବୋଚ୍ଚ ଅଧିକାରୀ ଭାବରେ ମୁଁ ଯେ ଆପଣଙ୍କୁ ଗଭୀର ସମ୍ମାନ ପ୍ରଦର୍ଶନ କରେ, ଏହା ଆପଣ ଜାଣନ୍ତି । ଆପଣ ଜଣେ ସମ୍ମାନ ଯୋଗ୍ୟ ଅଧ୍ୟାପକ ଅଟନ୍ତି, ଆଉ ଡାକ୍ତରୀ ବ୍ୟବସାୟରେ ଆପଣଙ୍କୁ ବହୁଭାବରେ ସମ୍ମାନିତ କରାଯାଇଛି । କିନ୍ତୁ ପୁଣି ଥରେ ନିଜକୁ ଜଣେ ନାସ୍ତିକ କହିବା ପୂର୍ବରୁ ଆପଣ ସେହି ସମାନ ଉତ୍ସାହ ନେଇ ବାଇବଲ ପାଠ କରନ୍ତୁ, ଯେପରି ଭାବରେ ଆପଣ ମନସ୍ତତ୍ତ୍ୱ ସମ୍ବନ୍ଧରେ ଅନୁସନ୍ଧାନ ଚଳାନ୍ତି–ଏହା ମୋର ଆପଣଙ୍କୁ ପରାମର୍ଶ ।''

ଏହାପରେ ସେ ତାଙ୍କୁ ସେହି ରୋଗୀମାନଙ୍କ ବିଷୟ ସ୍ମରଣ କରାଇ ଦେଲେ ଯେଉଁମାନଙ୍କ ଜୀବନରେ ଈଶ୍ୱରଙ୍କ ଶକ୍ତି ଆଣିଥିବା ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଯୋଗୁ

ସେମାନଙ୍କୁ ଦୀର୍ଘସ୍ଥାୟୀ ଅସୁସ୍ଥତାରୁ ସୁସ୍ଥତା ମିଳିଥିଲା । ସେ ଜଣେ କିମ୍ବା ଦୁଇ ଜଣଙ୍କ ନାମ ମଧ୍ୟ କହିଥିଲେ, ଯେଉଁମାନେ ଅତ୍ୟନ୍ତ ନାଟକୀୟ ଭାବରେ ପରିବର୍ତ୍ତିତ ହୋଇଥିଲେ ଓ ତଦ୍ୱାରା ଫଳପ୍ରଦ ଜୀବନ କାଟିପାରିଥିଲେ । ଏହି ରୋଗୀମାନଙ୍କ ମଧ୍ୟରୁ ପ୍ରତ୍ୟେକେ କିପରି ଏକ ବ୍ୟକ୍ତିଗତ ଓ ଗୁରୁତ୍ୱପୂର୍ଣ୍ଣ ଉପାୟରେ ଈଶ୍ୱରଙ୍କୁ ଜାଣିପାରିଥିଲେ, ଏହା ଡରୋଥି ସେହି ପ୍ରସିଦ୍ଧ ମନସ୍ତତ୍ତ୍ୱବିଦ୍‌ଙ୍କୁ ଜଣାଇଲେ । ଡାକ୍ତର ନିଜେ ମଧ୍ୟ ସଠିକ୍ ଭାବରେ ଏହା ଜାଣିଥିଲେ ଯେ, ପୂର୍ବରୁ ଏହି ରୋଗୀମାନଙ୍କୁ ଆଧୁନିକ ମନସ୍ତାତ୍ତ୍ୱିକ କୌଶଳ ଦ୍ୱାରା ସୁସ୍ଥ କରାଯାଇପାରି ନ ଥିଲା । ଜଣେ ନାସ୍ତିକ ଭାବରେ କିମ୍ବା ଜଣେ ମନସ୍ତତ୍ତ୍ୱବିଦ୍ ଭାବରେ ସେମାନଙ୍କର ପରିବର୍ତ୍ତିତ ଜୀବନର କୌଣସି କାରଣ  ସେ ନିର୍ଣ୍ଣୟ କରିପାରୁ ନ ଥିଲେ ।

ଈଶ୍ୱରଙ୍କଠାରେ ବିଶ୍ୱାସ କରୁନାହାନ୍ତି ବୋଲି ଏଇମାତ୍ର କହିଥିବା ଏହି ଡାକ୍ତର ବର୍ତ୍ତମାନ ଡରୋଥିଙ୍କୁ ତାଙ୍କ ନିମନ୍ତେ ପ୍ରାର୍ଥନା କରିବାକୁ କହି ନିଜର ଆଳାପ ଶେଷ କରିଥିଲେ । ସେ ଆହୁରି ମଧ୍ୟ ପ୍ରତିଜ୍ଞା କରି କହିଥିଲେ ଯେ, ତାଙ୍କ ଜୀବନରେ ପ୍ରଥମ ଥର ପାଇଁ ସେ ଏକ ଖୋଲା ମନ ନେଇ ବାଇବଲ ପାଠ କରିବାକୁ ଆରମ୍ଭ କରିବେ ।

ସାତ ସପ୍ତାହ ପର୍ଯ୍ୟନ୍ତ ଯତ୍ନପୂର୍ବକ ପଠନ ପରେ, ମନସ୍ତତ୍ତ୍ୱବିଦ୍ ଡରୋଥିଙ୍କୁ ଜଣାଇଲେ ଯେ, ସେ ଆଉ ନାସ୍ତିକ ନୁହଁନ୍ତି । କିନ୍ତୁ ତାଙ୍କର ଏପର୍ଯ୍ୟନ୍ତ ଗୋଟିଏ ସମସ୍ୟା ଥିଲା, କାରଣ ସେ ଏହା ଜାଣିପାରିଥିଲେ ଯେ ଈଶ୍ୱରଙ୍କ ପ୍ରତି ଏକ ପ୍ରକୃତ ସମର୍ପଣ ପାଇଁ ତାଙ୍କ ଜୀବନ ଶୈଳୀରେ ଏକ ପରିବର୍ତ୍ତନ ଆବଶ୍ୟକ ହେବ । ସେ ସ୍ୱୀକାର କରିଥିଲେ, ‘‘ମୋର ସମସ୍ୟା ଆଉ ବୌଦ୍ଧିକ ନୁହେଁ, ମାତ୍ର ଯଦି ମୋତେ ଗୋଟିଏ ସମର୍ପିତ ବିଶ୍ୱାସୀ ହେବାକୁ ପଡ଼ିବ, ତେବେ ଯେଉଁ ପରିବର୍ତ୍ତନ ଘଟିବ, ତାକୁ ଗ୍ରହଣ କରିବାକୁ ମୁଁ ଅନିଚ୍ଛୁକ ଅଟେ ।’’

ଦଶ ବର୍ଷ ଧରି ଆମର ଡାକ୍ତର ବନ୍ଧୁଙ୍କ ପାଇଁ ପ୍ରାର୍ଥନା କରିବା ପରେ, ଆମେ ଶେଷରେ ଗୋଟିଏ ପତ୍ର ପାଇଲୁ, ଯେଉଁଥିରେ ସେ ଆମକୁ ତାଙ୍କର ନୂତନ ବିଶ୍ୱାସ ଓ ଈଶ୍ୱରଙ୍କ ପ୍ରତି ତାଙ୍କର ବ୍ୟକ୍ତିଗତ ସମର୍ପଣ ବିଷୟରେ ଆମକୁ ଜଣାଇଥିଲେ । ଆମେ ଅତି ଆନନ୍ଦିତ ହୋଇଥିଲୁ, ମାତ୍ର ଅତି ଆଶ୍ଚର୍ଯ୍ୟାନ୍ୱିତ ହୋଇ ନ ଥିଲୁ, କାରଣ ଆମେ ଏହା ଜାଣିଥିଲୁ ଯେ ‘‘ବିଶ୍ୱାସ ଶ୍ରବଣରୁ ଜାତ ହୁଏ, ଆଉ ଶ୍ରବଣ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ହୁଏ’’ (ରୋମୀୟ ୧୦:୧୭) ।





ଈଶ୍ୱରଙ୍କୁ ଜାଣିବାକୁ ଚାହୁଁଥିବା ଆମ ପ୍ରତ୍ୟେକଙ୍କୁ ସାହାଯ୍ୟ କରିବା ପାଇଁ ଈଶ୍ୱର ତାଙ୍କ ସ୍ଥିତି ସମ୍ବନ୍ଧରେ ଏକ ଗଭୀର ଆନ୍ତରିକ ସଚେତନତା ଆମ ମଧ୍ୟରେ ରଖିଅଛନ୍ତି ।

କେତେକ ଲୋକ ହୁଏତ ଈଶ୍ୱରଙ୍କଠାରେ ବିଶ୍ୱାସ ନ କରିବାକୁ ଇଚ୍ଛା କରିପାରନ୍ତି, ମାତ୍ର ପୃଥିବୀ ଗ୍ରହରେ ଏପରି ଜଣେ ବ୍ୟକ୍ତି ଆଦୌ ନାହିଁ, ଯିଏ ଈଶ୍ୱରଙ୍କଠାରେ ବିଶ୍ୱାସ କରିପାରେ ନାହିଁ ।

ଏପରିକି ଭୌତିକ ବିଶ୍ୱରେ ସୁଦ୍ଧା, ଈଶ୍ୱର ନିଜର ସ୍ଥିତି ସମ୍ବନ୍ଧରେ ଅନେକ ପ୍ରମାଣ ପ୍ରଦାନ କରିଛନ୍ତି । ଏକବିଂଶ ଶତାବ୍ଦୀର ବିଜ୍ଞାନ ବିଶ୍ୱର ରହସ୍ୟ ମଧ୍ୟକୁ ଯେତେ ଗଭୀରଭାବେ ପହଞ୍ଚିଛି, ତଦ୍ୱାରା ଏହା କହିବା ସେତେ ଅଧିକ ଯୁକ୍ତିହୀନ ହେଉଛି ଯେ, ଏହି ସମସ୍ତ ବିଷୟ ଜଣେ ନିର୍ମାତାଙ୍କ ବିନା ଆପେ ଆପେ ସୃଷ୍ଟି ହୋଇଛି । କେହି କେବେ ଏହା କହିବ ନାହିଁ ଯେ ନିର୍ମାତା, ଯାନ୍ତ୍ରିକ ଓ ଗଣିତଜ୍ଞମାନଙ୍କ ମିଳିତ ସୃଜନାତ୍ମକ କାର୍ଯ୍ୟ ବିନା ଗୋଟିଏ ମହାକାଶଯାନ ମହାକାଶ ମଧ୍ୟକୁ ନିକ୍ଷିପ୍ତ ହୋଇ ପୃଥିବୀ ଚତୁର୍ଦ୍ଦିଗରେ ଘୁରିପାରେ ଓ ଆଶାନୁରୂପୀ ସମୟ ଓ ସ୍ଥାନରେ ଅବତରଣ କରିପାରେ । ସେହିପରି, ଜଣେ ସୃଷ୍ଟିକର୍ତ୍ତାଙ୍କର ଯୋଜନା ଓ ପରିକଳ୍ପନା ବିନା ସୂର୍ଯ୍ୟାସ୍ତ ଓ ଋତୁ, ଛାୟାପଥ ଓ ପରମାଣୁ, ମାଧ୍ୟାକର୍ଷଣ ଶକ୍ତି ଓ ପ୍ରେମର ଶକ୍ତି ଆଦୌ ତିଷ୍ଠି ରହି ପାରନ୍ତା ନାହିଁ ।

ଏକ ଶୃଙ୍ଖଳିତ, ସଠିକ୍ ସୃଷ୍ଟି ଗୋଟିଏ ‘‘ବଡ଼ ବିସ୍ଫୋରଣ’’ରୁ ଘଟିଥିଲା ବୋଲି ବିଶ୍ୱାସ କରିବା –ଜଣେ ସୃଷ୍ଟିକର୍ତ୍ତା, ଈଶ୍ୱରଙ୍କଠାରେ ବିଶ୍ୱାସ କରିବା ଅପେକ୍ଷା ନିଶ୍ଚୟ ସହସ୍ର ଗୁଣ ଅଧିକ ବିଶ୍ୱାସ ଆବଶ୍ୟକ କରେ । କାରଣ ଜଣେ ନିର୍ମାତାଙ୍କ ବିନା କୌଣସି ନିର୍ମାଣ କାର୍ଯ୍ୟ ହୋଇ ନ ପାରେ ।

ଏପରିକି ଯେଉଁ ଦେଶର ସରକାର ବର୍ତ୍ତମାନ ଈଶ୍ୱରଙ୍କ ସ୍ଥିତିକୁ ସଂପୂର୍ଣ୍ଣ ଅସ୍ୱୀକାର କରୁଛି, ସେ ପ୍ରକୃତରେ ମହାକାଶଚାରୀମାନଙ୍କୁ ବାରମ୍ବାର ମହାକାଶକୁ ପ୍ରେରଣ କରି ଏହା ପ୍ରମାଣିତ କରୁଛି ଯେ, ସମଗ୍ର ବିଶ୍ୱ ଯେ, ଏକ ନିର୍ଦ୍ଦିଷ୍ଟ ଆଇନ୍ ଶୃଙ୍ଖଳାର ଅଧୀନସ୍ଥ ଅଟେ, ଏହା ସେ ଦୃଢ଼ରୂପେ ବିଶ୍ୱାସ କରେ । ଏହିସବୁ ନିୟମ ସହିତ ସହଯୋଗ କରିବା ଦ୍ୱାରା କେବଳ ସେମାନଙ୍କର ମହାକାଶଚାରୀମାନେ ନିରାପଦରେ ପୃଥିବୀକୁ ଫେରି ଆସିପାରିଥିଲେ । ତେବେ ଏହି ଯେଉଁ ଲୋକମାନେ ପ୍ରାକୃତିକ ନିୟମ ଉପରେ ନିର୍ଭର କରନ୍ତି, ସେମାନେ ଜଣେ ଆଇନପ୍ରଣେତା, ଜଣେ ସର୍ବଶ୍ରେଷ୍ଠ ନିର୍ମାତାଙ୍କର ସ୍ଥିତିକୁ ଯେ ଅଗ୍ରାହ୍ୟ କରନ୍ତି, ଏହା କ'ଣ ଅଦ୍ଭୁତ ମନେ ହେଉ ନାହିଁ ?

ପୁନଶ୍ଚ, ଆମେ ସମସ୍ତେ ସେହି ଭୟଙ୍କର ବିଧ୍ୱଂସକାରୀ ଶକ୍ତି ସମ୍ୱନ୍ଧରେ ସଚେତନ ଅଟୁ, ଯାହା ଗୋଟିଏ ପରମାଣୁ ବୋମାର ବିସ୍ଫୋରଣ ସମୟରେ ନିର୍ଗତ ହୁଏ । କିନ୍ତୁ, ଏହା ହିସାବ କରାଯାଇଅଛି ଯେ, ସୂର୍ଯ୍ୟ ପ୍ରତି ସେକେଣ୍ଡରେ ଯେତିକି ପରିମାଣର ଶକ୍ତି ନିର୍ଗତ କରେ, ତାହା ୫,୦୦୦ ବିଲିୟନ ଗୁଣ ପରମାଣୁ ବୋମା ସହିତ ସମାନ ଅଟେ । ଆଉ ଅନ୍ୟ ଶକ୍ତି-ନିର୍ଗତକାରୀ ନକ୍ଷତ୍ର ତୁଳନାରେ ଆମର ସୂର୍ଯ୍ୟ ଏତେ ବଡ଼ ନୁହେଁଁ ଏବଂ ବିଶ୍ୱରେ ପ୍ରକୃତରେ କେତେ ନକ୍ଷତ୍ର ଅଛି, ତାହା ସୁଦ୍ଧା ଆମେ ଜାଣି ନାହୁଁ । ଯଦିଓ ନିୟୁତ ନିୟୁତ ତାରା ମନୁଷ୍ୟର ଦୃଷ୍ଟିଗୋଚର ହୁଏ, ତଥାପି ଏହି ତାରାଗୁଡ଼ିକ ବିଶାଳ ଅଜ୍ଞାତର କେବଳ ବାହ୍ୟରୂପ ହୋଇପାରେ । ଆଜି, ମହାକାଶଚାରୀମାନେ ଏହା ସ୍ୱୀକାର କରନ୍ତି ଯେ, କେତେକ ନକ୍ଷତ୍ର ପୁଞ୍ଜରୁ ନିର୍ଗତ ଶକ୍ତି ଆମର ସୂର୍ଯ୍ୟ ଦ୍ୱାରା ନିର୍ଗତ ଶକ୍ତି ଅପେକ୍ଷା ବହୁଗୁଣା ଅଧିକ ! ତେବେ ଜଣେ ଅସୀମ ଶକ୍ତି ବିଶିଷ୍ଟ ସୃଷ୍ଟିକର୍ତ୍ତାଙ୍କ ବିନା କିପରି ଏହିପ୍ରକାର ଶକ୍ତିର ସ୍ଥିତି ଥାଇପାରେ ?

ପ୍ରକୃତରେ, ସୃଷ୍ଟି ଆମ ନିକଟରେ ଜଣେ ନିର୍ମାତା ଈଶ୍ୱର, ନିୟମର ଈଶ୍ୱର ଓ ଅସୀମ ଶକ୍ତିଧାରୀ ଈଶ୍ୱରଙ୍କର ପରିଚୟ ଦିଏ । ବାଇବଲ କହିଛି :

*"ଆକାଶ ମଣ୍ଡଳ ପରମେଶ୍ୱରଙ୍କର ଗୌରବ ବର୍ଣ୍ଣନା କରେନ୍ଦ୍ର ଶୂନ୍ୟ ମଣ୍ଡଳ ତାହାଙ୍କ ହସ୍ତକୃତ କର୍ମ ପ୍ରକାଶ କରେ । ଦିବସ ଦିବସ ପ୍ରତି ବାକ୍ୟ ଉଚ୍ଚାରଣ କରେ ଓ ରାତ୍ରି ରାତ୍ରି ପ୍ରତି ଜ୍ଞାନ ପ୍ରକାଶ କରେ । କୌଣସି ବାକ୍ୟ କି ଭାଷା ନ ଥାଏ, ସେମାନଙ୍କ ରବ ଶୁଣାଯାଇ ନ ପାରେ । ସେମାନଙ୍କ ରଜ୍ଜୁ ସମୁଦାୟ ପୃଥିବୀରେ ଓ ସେମାନଙ୍କର ବାକ୍ୟ ଜଗତର ସୀମା ପର୍ଯ୍ୟନ୍ତ ବ୍ୟାପ୍ତ ।"*
(ଗୀତସଂହିତା ୧୯:୧-୪) ।

*"ଜଗତର ସୃଷ୍ଟିକାଳାବଧି, ତାହାଙ୍କର ଅଦୃଶ୍ୟ ଗୁଣସମୂହ, ଅର୍ଥାତ୍‌, ତାହାଙ୍କର ଅନାଦି ଅନନ୍ତ ଶକ୍ତି ଓ ଈଶ୍ୱରତ୍ୱ, ସୃଷ୍ଟ ବସ୍ତୁଗୁଡ଼ିକ ଦ୍ୱାରା ବୋଧଗମ୍ୟ ହୋଇ ସ୍ପଷ୍ଟ ରୂପେ ପ୍ରତୀୟମାନ ହେଉଅଛି, ଯେପରି ସେମାନଙ୍କର ଉତ୍ତର ଦେବାର ବାଟ ନ ଥାଏ"* (ରୋମୀୟ ୧:୨୦) ।

ସେଥିପାଇଁ, ଈଶ୍ୱରଙ୍କ ସ୍ଥିତିକୁ ଅସ୍ୱୀକାର କରୁଥିବା କୌଣସି ବ୍ୟକ୍ତିକୁ କୌଣସି ସ୍ଥାନରେ ଆଦୌ କ୍ଷମା ଦିଆଯିବ ନାହିଁ ।





**ଈଶ୍ୱର ଯେଉଁ ବିଶାଳତା, ଶୃଙ୍ଖଳା ଓ ଶକ୍ତି ଉପରେ ସମଗ୍ର ସୃଷ୍ଟିର ସର୍ଜ୍ଜନା କରିଛନ୍ତି, ତାହା ଚିନ୍ତା କରିବା ଦ୍ୱାରା ଅନେକ ଲୋକ ନିଜକୁ ଅତି ଛୋଟ ଓ ଗୁରୁତ୍ୱହୀନ ମନେ କରନ୍ତି ।**

ଇସ୍ରାଏଲର ରାଜା ଦାଉଦଙ୍କ ନିକଟରେ ସେହି ପ୍ରତିକ୍ରିୟା ଥିଲା ଓ ସେ ଏହାକୁ ଏହିପରି ଭାବରେ ପ୍ରକାଶ କରିଥିଲେ:

*"ମୁଁ ତୁମ୍ଭ ଅଙ୍ଗୁଳିକୃତ ତୁମ୍ଭ ଆକାଶମଣ୍ଡଳ, ତୁମ୍ଭର ନିରୂପିତ ଚନ୍ଦ୍ର ଓ ନକ୍ଷତ୍ରଗଣକୁ ବିବେଚନା କଲେ (କହେ), ମନୁଷ୍ୟ କିଏ ଯେ, ତୁମ୍ଭେ ତାହା ବିଷୟରେ ମନୋଯୋଗୀ ହେଉଅଛ ? ଓ ମନୁଷ୍ୟର ସନ୍ତାନ କିଏ ଯେ ତୁମ୍ଭେ ତାହାର ତତ୍ତ୍ୱାବଧାନ କରୁଅଛ ?"* (ଗୀତସଂହିତା ୮:୩,୪) ।

ଆଜି ନକ୍ଷତ୍ର-ବିଶିଷ୍ଟ ଆକାଶମଣ୍ଡଳ ସମ୍ୱନ୍ଧୀୟ ଜ୍ଞାନ ଅତିରିକ୍ତ ଭାବରେ ବୃଦ୍ଧି ପାଇଅଛି, କାରଣ ବିଶାଳ ଦୂରବୀକ୍ଷଣ ଯନ୍ତ୍ର ବିଶ୍ୱ ସମ୍ୱନ୍ଧୀୟ ଆମର ଦୃଷ୍ଟିଶକ୍ତିକୁ ଲକ୍ଷ ଲକ୍ଷ ଗୁଣ ବୃଦ୍ଧି କରିଅଛି ଓ ଉପଗ୍ରହ ମହାକାଶରେ ଯାତ୍ରା କରୁ କରୁ ପୃଥିବୀ ଗ୍ରହକୁ ଏହାର ଚିତ୍ର ପ୍ରେରଣ କରୁଛି । ଏହା ଫଳରେ, ଆମେ ମଧ୍ୟ ଦାଉଦଙ୍କ ଭଳି ସମାନ ପ୍ରଶ୍ନ ପଚାରିବାକୁ ପ୍ରବୃତ୍ତ ହୋଇପାରୁ: ଯେଉଁ ଈଶ୍ୱର ଏହି ସମସ୍ତ ବିଷୟ ସୃଷ୍ଟି କରିଥିଲେ, ସେ କିପରି ମୋ'ପରି କ୍ଷୁଦ୍ରପ୍ରାଣୀ ପ୍ରତି ମନୋଯୋଗୀ ହୋଇପାରନ୍ତି ?"

ମାତ୍ର, ସୌଭାଗ୍ୟବଶତଃ, ଦୂରବୀକ୍ଷଣ ଯନ୍ତ୍ରର ଯୁଗ ମଧ୍ୟ ଅଣୁବୀକ୍ଷଣ ଯନ୍ତ୍ରର ଯୁଗ ଅଟେ । ଆଜି, ଆମେ ଏହା ଜାଣୁ ଯେ, ଅତି କ୍ଷୁଦ୍ରକାୟ ପ୍ରାଣୀମାନଙ୍କର ମଧ୍ୟ ଗୋଟିଏ ଜଗତ ରହିଛି, ଯାହା କେବଳ ଅଣୁବୀକ୍ଷଣ ସାହାଯ୍ୟରେ ଦୃଶ୍ୟ ହୋଇପାରେ, ଆଉ ଯାହା ଠିକ୍ ମହାକାଶର ବିଶାଳତା ଭଳି ଅବିଶ୍ୱସନୀୟ ଅଟେ । ଏପରିକି ଏହି ଉପ-ଅଣୁସ୍ତରର ରହସ୍ୟ ପ୍ରକାଶ କରିବାରେ ଆଲୋକ ମଧ୍ୟ ସମର୍ଥ ନୁହେଁ । ବୈଜ୍ଞାନିକର ପାରମ୍ପାରିକ ଅଣୁବୀକ୍ଷଣ ଯନ୍ତ୍ରରେ ଯାହା ଦେଖାଯାଏ ନାହିଁ, ତାହା ଇଲେକ୍ଟ୍ରନ-ଅଣୁବୀକ୍ଷଣ ସାହାଯ୍ୟରେ ଦୃଶ୍ୟ ହୋଇପାରେ । ଆଉ ଏହା ଆମର ଅତି-କ୍ଷୁଦ୍ର ଜଗତରେ ରହିଥିବା ସୌନ୍ଦର୍ଯ୍ୟ, ନିର୍ମାଣ ଶୈଳୀ, ନିୟମ ଓ ଶକ୍ତିକୁ ପ୍ରକାଶ କରେ ।

ତେଣୁ, ଯଦି ଆପଣଙ୍କ ଭଳି କ୍ଷୁଦ୍ର ପ୍ରାଣୀକୁ ଈଶ୍ୱର ତାଙ୍କ ମନ ମଧ୍ୟରେ ରଖିଅଛନ୍ତି ନା ନାହିଁ, ଏହା ଭାବି ଆପଣ ଯଦି ଚକିତ ହେଉଛନ୍ତି, ତେବେ ଅଣୁବିଜ୍ଞାନୀମାନେ ସମଗ୍ର ବିଶ୍ୱର ରକ୍ଷଣାବେକ୍ଷଣ ପାଇଁ ବାସ୍ତବ କ୍ଷୁଦ୍ରତା ଯେ କେତେ ଗୁରୁତ୍ୱପୂର୍ଣ୍ଣ, ସେ ବିଷୟରେ କ'ଣ କୁହନ୍ତି, ତାହା ଶୁଣନ୍ତୁ । ଗୋଟିଏ ପରମାଣୁର ନିଉଟ୍ରନ ଓ ପ୍ରୋଟୋନ୍‌କୁ ଗୋଟିଏ ଇଞ୍ଚର ୧/୧୨ଟ୍ରିଲିଅନ ଦୂରତାରେ ପୃଥକ୍ କରନ୍ତୁ, ଆଉ ଦେଖିବେ, ଜଡ଼ ପଦାର୍ଥ ଗୋଟିଏ କଠିନ ବସ୍ତୁରେ ବାନ୍ଧି ହୋଇଯିବା ପରିବର୍ତ୍ତେ ସମଗ୍ର ଜଗତ ଗୋଟିଏ ନିଉକ୍ଲିଅର ବିସ୍ଫୋରଣ ଦ୍ୱାରା ଖଣ୍ଡବିଖଣ୍ଡ ହୋଇଯିବ । ହଁ, ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ପାଇଁ କ୍ଷୁଦ୍ରତା, ବିଶାଳତା ଭଳି ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଯେତେବେଳେ ଆମେ ଏହି ପ୍ରଶ୍ନ କରୁ: ''ମନୁଷ୍ୟ କିଏ ଯେ, ତୁମ୍ଭେ ତାହା ବିଷୟରେ ମନୋଯୋଗୀ ହେଉଅଛ, ''ସେତେବେଳେ ଏହା ଜାଣିବା ଭରସାଦାୟକ ଅଟେ ଯେ, ଗୋଟିଏ ମନୁଷ୍ୟର ଆକାର ତା'ର ମୂଲ୍ୟ ନିର୍ଣ୍ଣୟ କରେ ନାହିଁ । ବରଂ, ଈଶ୍ୱରଙ୍କ ନିକଟରେ ଆମର ବ୍ୟକ୍ତିଗତ ମୂଲ୍ୟ କିଛି ଭିନ୍ନ ବିଷୟ ଉପରେ ଆଧାରିତ ଅଟେ । ଆମେ କାହିଁକି ତାଙ୍କ ନିକଟରେ ମୂଲ୍ୟବାନ୍ ଅଟୁ ଓ ତାଙ୍କ ଦୃଷ୍ଟିରେ ଆମେ କିପରି ବହୁମୂଲ୍ୟ, ତାହା ଈଶ୍ୱର ଆମ ନିକଟରେ ପ୍ରକାଶ କରିଛନ୍ତି ।

ଯଦିଓ ସୃଷ୍ଟି ନିଜେ ଜଣେ ମହାନ ସୃଷ୍ଟିକର୍ତ୍ତା, ପରିକଳ୍ପନାକାରୀ, ନିୟମ ଓ ଶକ୍ତିର ଈଶ୍ୱରଙ୍କ ସମ୍ବନ୍ଧରେ କହେ, ତଥାପି ଈଶ୍ୱର ଅସୀମ ପ୍ରେମ ଓ ଦୟାର ଈଶ୍ୱର ଭାବରେ ଏବଂ କେବଳ ଆମର ସର୍ବାଧିକ ମଙ୍ଗଳ ଚାହୁଁଥିବା ଈଶ୍ୱର ଭାବରେ ନିଜକୁ ପ୍ରକାଶ କରିବା ପାଇଁ ଅନ୍ୟ ଉପାୟ ମନୋନୀତ କରିଛନ୍ତି । କିନ୍ତୁ ଯଦି ଆପଣ ଏହିପ୍ରକାର ଜଣେ ଈଶ୍ୱରଙ୍କୁ ଖୋଜି ବାହାର କରିବାକୁ ଚାହୁଁଛନ୍ତି, ତେବେ ଆପଣଙ୍କର ଆତ୍ମିକ ପରିଚାଳକ ସଂପୂର୍ଣ୍ଣ ଭାବରେ ନିର୍ଭରଯୋଗ୍ୟ ହେବା ଏକାନ୍ତ ବାଞ୍ଛନୀୟ ।





*ଅନୁଧ୍ୟାନ*

୧. ଯଦି ଆପଣ ମୁଠାଏ ଲୁହାଗୁଣ୍ଡ ଆକାଶକୁ ନିକ୍ଷେପ କରିବେ, ତେବେ ସେଗୁଡ଼ିକ ତଳେ ପଡ଼ିବା ସମୟରେ ଆପଣ ଗୋଟିଏ ସ୍ୱିଜରଲ୍ୟାଣ୍ଡ ନିର୍ମିତ ଘଣ୍ଟା ଧରିବାର ଆଶା କରିବେ କି?

୨. ସମଗ୍ର ବିଶ୍ୱ ଓ ତାହାର ସମସ୍ତ ଆଶ୍ଚର୍ଯ୍ୟଜନକ ଓ ଜଟିଳ ନିର୍ମାଣ ଶୈଳୀ ଜଣେ ସୃଷ୍ଟିକର୍ତ୍ତା–ଈଶ୍ୱରଙ୍କ ବିନା ଆପେ ଆପେ ସ୍ଥିତି ଲାଭ କରିପାରିଥାନ୍ତା କି?

୩. ଯେଉଁ ଈଶ୍ୱର ଆପଣାକୁ ଜଣେ ମହାନ୍ ସୃଷ୍ଟିକର୍ତ୍ତା, ପରିକଳ୍ପନାକାରୀ ଏବଂ ଶୃଙ୍ଖଳା, ଶକ୍ତି ଓ ମହା କ୍ଷମତାର ଅଧିକାରୀ ପରମେଶ୍ୱର ରୂପେ ପ୍ରକାଶ କରିଛନ୍ତି, ସମଗ୍ର ସୃଷ୍ଟି ଆମକୁ ସେହି ଈଶ୍ୱରଙ୍କର ସ୍ପଷ୍ଟ ପରିଚୟ ପ୍ରଦାନ କରେ । ତଥାପି, ସେହି ମହାନ୍ ଈଶ୍ୱରଙ୍କର ପ୍ରେମ ଓ ଅନୁଗ୍ରହକୁ ବୁଝିବା ନିମନ୍ତେ ସୃଷ୍ଟି କେବଳ ନିଜ ଦ୍ୱାରା ଆପଣଙ୍କୁ ଯଥେଷ୍ଟ ଜ୍ଞାନ ପ୍ରଦାନ କରିପାରେ କି ?

''ଏକ ପ୍ରଦୀପ ସହିତ ପ୍ରବେଶ କରିଥିବା ଜଣେ ବ୍ୟକ୍ତି ଅତି ସହଜରେ ଗୋଟିଏ ଅନ୍ଧକାର ପୂର୍ଣ୍ଣ ଗୁମ୍ଫାକୁ ଅତିକ୍ରମ କରିପାରିବ''

ପ୍ଲାଟୋ

''ପ୍ରକୃତି ହେଉଛି ଗୁମ୍ଫାର ମୁଖ ମଧ୍ୟରୁ ନିର୍ଗତ ନିଷ୍ପ୍ରଭ ଆଲୋକଙ୍କ ଧର୍ମଶାସ୍ତ୍ର ହେଉଛି ପ୍ରଦୀପ''

ଏ.ଏଚ୍.ଷ୍ଟ୍ରଙ୍ଗ

## ଅଧ୍ୟାୟ ୨

# ଆପଣଙ୍କର ଆତ୍ମିକ ପରିଚାଳକ ନିର୍ଭରଯୋଗ୍ୟ ଅଟନ୍ତି କି ?

କିଛି ଦିନ ପୂର୍ବେ ସମ୍ବାଦପତ୍ରରେ ଗୋଟିଏ ବିପଦସୂଚକ ତଥ୍ୟ ପ୍ରକାଶ ପାଇଥିଲା ଯେ, ଭୟଙ୍କରଭାବେ ଘଟିତ ଏକ ବିମାନ ଦୁର୍ଘଟଣାରେ ନିହତ ଲୋକମାନଙ୍କର ଦୁଃଖଦ ମୃତ୍ୟୁର କାରଣ ଥିଲା, ଭୁଲ୍ ରାଡାର୍ ସଙ୍କେତ । ତଥାପି ଆତ୍ମିକ ଧ୍ୱଂସ ଦିଗକୁ କଢ଼ାଇ ନେଉଥିବା ଏକ ''ଆତ୍ମିକ ରାଡାର୍ ବ୍ୟବସ୍ଥା''ରେ ଲୋକମାନଙ୍କର ବିଶ୍ୱାସ ସହିତ ଯେତେବେଳେ ଏହି ଦୁର୍ଘଟଣାକୁ ତୁଳନା କରାଯାଏ, ସେତେବେଳେ ଏହି ଦୁଃଖଦ ଦୁର୍ଘଟଣାଟି ଗୁରୁତ୍ୱହୀନ ମନେହୁଏ ।

ଆଜି ଜଗତରେ ଅନେକ ସଂଘର୍ଷ ଓ ଦ୍ୱନ୍ଦପୂର୍ଣ୍ଣ ସ୍ୱର ରହିଛି, ଆଉ ପ୍ରତ୍ୟେକଟି ସ୍ୱର ଈଶ୍ୱରଙ୍କ ନିକଟକୁ କଢ଼ାଇ ନେବାର ଦାବୀ କରୁଛନ୍ତି । କେଉଁଟିକୁ ବିଶ୍ୱାସ କରିବେ ବୋଲି ଆପଣ କିପରି ଜାଣିବେ ? ଈଶ୍ୱରଙ୍କ ଅନ୍ୱେଷଣରେ ଆପଣ ଭୁଲ୍ ସ୍ୱର ଦ୍ୱାରା ପରିଚାଳିତ ହେବାର ବିପଦବରଣ କରିପାରିବେ ନାହିଁ, କାରଣ ସମସ୍ୟାଟି ଅନନ୍ତକାଳୀନ ଅଟେ ।

ବ୍ରିଟିଶ ପ୍ରଧାନମନ୍ତ୍ରୀ ଡବ୍ଲ୍ୟୁ.ଇ.ଗ୍ଲାଡିଷ୍ଟୋନ୍ ଲେଖିଥିଲେ: ''ବାଇବଲକୁ ଉତ୍ପତ୍ତିର ଏକ ସ୍ୱତନ୍ତ୍ରତା ସହିତ ମୋହରାଙ୍କିତ କରାଯାଇଛି ଓ ଏକ ଅପରିମେୟ ଦୂରତା ଏହାକୁ ଏହାର ସମସ୍ତ ପ୍ରତିଦ୍ୱନ୍ଦୀମାନଙ୍କଠାରୁ ପୃଥକ୍ କରିଅଛି ।''

ଆମେରିକାର ରାଷ୍ଟ୍ରପତି ଅବ୍ରାହାମ୍ ଲିଙ୍କନ୍ ଥରେ କହିଥିଲେ: ''ମୁଁ ବିଶ୍ୱାସ କରେ ଯେ, ବାଇବଲ ହେଉଛି ମନୁଷ୍ୟକୁ ପ୍ରଦତ୍ତ ସର୍ବୋତ୍ତମ ଉପହାର ।''

ଯଦିଓ ଇତିହାସର ଅନେକ ମହାପୁରୁଷ ପ୍ରକୃତରେ ବାଇବଲର ଅସାଧାରଣତାର ପ୍ରମାଣ ଦେଇଛନ୍ତି, ତଥାପି ବାସ୍ତବରେ ବାଇବଲ ନିଜର ଲେଖା ଉପରେ ହିଁ କେବଳ ଦୃଢ଼ ରୂପେ ଦଣ୍ଡାୟମାନ ରହିଛି ।

ରାଜା ଦାଉଦ ନିଜର ଆତ୍ମିକ ପରିଚାଳକର ନିର୍ଭରଯୋଗ୍ୟତା ବିଷୟରେ ଦୃଢ଼ନିଶ୍ଚିତ ଥିଲେ । ତେଣୁ ସେ କହିଲେ: *''ତୁମ୍ଭ ବାକ୍ୟ ମୋ ଚରଣ ପାଇଁ ପ୍ରଦୀପ ଓ ମୋ ପଥ ପାଇଁ ଆଲୁଅ ଅଟେ'' (ଗୀତସଂହିତା ୧୧୯:୧୦୫) ।*

ବାଇବଲ ଯେ ସେମାନଙ୍କୁ ଈଶ୍ୱରଙ୍କ ନିକଟକୁ କଢ଼ାଇ ନେବା ପାଇଁ ବିଶ୍ୱାସଯୋଗ୍ୟ ଅଟେ–ଏହା ଆଜି ପର୍ଯ୍ୟନ୍ତ ଲୋକମାନେ ଆବିଷ୍କାର କରୁଛନ୍ତି । ଯେଉଁମାନେ ଏହାର ବିଶ୍ୱସନୀୟତାକୁ ଧ୍ୱଂସ କରିବାକୁ ଚେଷ୍ଟା କରିଛନ୍ତି, ସେମାନଙ୍କ ଚେଷ୍ଟା ସତ୍ତ୍ୱେ ବାଇବଲ ଅତୀତରେ ଯେପରି ଦୃଢ଼ ଓ ବିଶ୍ୱସ୍ତ ଭାବରେ ଦଣ୍ଡାୟମାନ ରହିଥିଲା, ଆଜି ମଧ୍ୟ ସେହିପରି ରହିଅଛି। ଏହା ପୃଥିବୀର ଲେଖାଗୁଡ଼ିକ ମଧ୍ୟରେ ପ୍ରକୃତରେ ଅସାଧାରଣ ଅଟେ ।

ବାଇବଲ ଯେ ଉଭୟ ଅସାଧାରଣ ଓ ଅଖଣ୍ଡନୀୟ ଅଟେ, ଏ ବିଷୟରେ ଲୋକମାନେ ଭରସା ଆବଶ୍ୟକ କରୁଥିବାରୁ, ଈଶ୍ୱର ଏହାକୁ ଏପରି ଅନେକ ମୋହର ଦ୍ୱାରା ମୁଦ୍ରାଙ୍କିତ କରିଛନ୍ତି, ଯେଉଁଗୁଡ଼ିକ ଏହାର ''ଈଶ୍ୱରଙ୍କ ବାକ୍ୟ ହେବା'' କୁ ପରୀକ୍ଷା କରେ । ଉଭୟ ଶାସ୍ତ୍ରର ମଧ୍ୟରେ ଓ ଧର୍ମ ନିରପେକ୍ଷ ଇତିହାସର ବିବରଣୀରେ, ଜଣେ ସାଧୁ ଅନୁସନ୍ଧାନୀ ଏହି ସତ୍ୟର ସମର୍ଥନ ପାଇଁ ପ୍ରଚୁର ପ୍ରମାଣ ପାଇବ ଯେ: *''ସମସ୍ତ ଶାସ୍ତ୍ର ଈଶ୍ୱର ନିଃଶ୍ୱସିତ ଅଟେ'' (୨ତୀମଥି ୩:୧୬) ।*

ଯଦି ବାଇବଲ ଜଣେ ଲେଖକଙ୍କ ଦ୍ୱାରା ଲେଖା ଯାଇଥା'ନ୍ତା, ତେବେ ଆମେ ଏକ ଶୃଙ୍ଖଳିତ ଓ ଉନ୍ନତ ଭାବରେ ଏହାର ବିଷୟ ବସ୍ତୁକୁ ବିକଶିତ ହେବାର ଦେଖି ଆଶ୍ଚର୍ଯ୍ୟ ହୋଇ ନ ଥାନ୍ତୁ । କିନ୍ତୁ, ଏହି ପୁସ୍ତକମାନଙ୍କର ପୁସ୍ତକ ଜଣେ ବ୍ୟକ୍ତି ଦ୍ୱାରା ନୁହେଁ, ମାତ୍ର ବିଭିନ୍ନ ଶତାବ୍ଦୀରେ ସମୟର ବ୍ୟବଧାନରେ ବିଭିନ୍ନ ସଂସ୍କୃତିରୁ ଆସିଥିବା ଅନେକ ଲେଖକଙ୍କ ଦ୍ୱାରା ଲେଖା ଯାଇଥିଲା। ତଥାପି ଏଥିରେ ଈଶ୍ୱରଙ୍କ ସମ୍ବନ୍ଧରେ ଥିବା ସତ୍ୟର ଏକ ସୁସଂଗତ, ଶୃଙ୍ଖଳିତ ଓ ଅସାଧାରଣ ବିକାଶ ଦେଖିବାକୁ ମିଳେ । ଏହି ବିଷୟଟି ଅତି ଉଲ୍ଲେଖଯୋଗ୍ୟ, ଅଧିକ ଅସାଧାରଣ–ଅଲୌକିକ !

ଏହା ସହିତ, ପ୍ରାତ୍ନତାତ୍ତ୍ୱିକ ଅନ୍ୱେଷଣକାରୀମାନେ ନିରନ୍ତର ନୂତନ ନୂତନ ପ୍ରମାଣକୁ ଖୋଲି ଚାଲିଛନ୍ତି, ଯେଉଁଗୁଡ଼ିକ ବାଇବଲରେ ଲିପିବଦ୍ଧ ତଥ୍ୟର ଐତିହାସିକ ସଠିକତାକୁ ଆହୁରି ଅଧିକ ପ୍ରମାଣିତ କରୁଅଛି । ଯେଉଁ ଘଟଣାଗୁଡ଼ିକ ଦିନେ କାଳ୍ପନିକ ଗଳ୍ପ ଭାବରେ ଉପହାସିତ ହେଉଥିଲା, ସେଗୁଡ଼ିକ ବର୍ତ୍ତମାନ ଆଧୁନିକ ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ଦ୍ୱାରା ପ୍ରମାଣିତ କରାଯାଇଛି (୧୧ ପୃଷ୍ଠାର ଟିପ୍ପଣୀ ଦେଖନ୍ତୁ) ।





**ହଁ, ବାଇବଲ ପ୍ରକୃତରେ ସମସ୍ତ ଲୋକଙ୍କ ନିମନ୍ତେ ଈଶ୍ୱରଙ୍କ ବାର୍ତ୍ତା ସମ୍ବଳିତ ଈଶ୍ୱରଙ୍କ ପୁସ୍ତକ ଅଟେ ।**

ବାଇବଲ ଈଶ୍ୱରଙ୍କ ପୁସ୍ତକ ଅଟେ–ଏହି ସତ୍ୟ ସତ୍ତ୍ୱେ କେତେକ ଲୋକ ଏହାର ପଠନରୁ ''ବିମୁଖ ହୁଅନ୍ତି'', କାରଣ ଗୋଟିଏ ଲୋକପ୍ରିୟ ଭ୍ରାନ୍ତ ଧାରଣା ଅନୁସାରେ ପୃଥିବୀ ଦୁଇଦଳ ଲୋକରେ ବିଭକ୍ତ ହୋଇଛି–ବୈଜ୍ଞାନିକ–ଯେଉଁମାନେ ସତ୍ୟର ସମ୍ମୁଖୀନ ହୁଅନ୍ତି ଏବଂ ପ୍ରକୃତ ବିଶ୍ୱାସୀ–ଯେଉଁମାନେ ସେମାନଙ୍କ ପ୍ରତି ଚକ୍ଷୁ ବନ୍ଦ କରନ୍ତି । ଏଥିରୁ ଜଣାଯାଏ ଯେ ଜଣେ ପ୍ରକୃତ ବୈଜ୍ଞାନିକ ଜଣେ ପ୍ରକୃତ ବିଶ୍ୱାସୀ ହୋଇପାରନ୍ତି ନାହିଁ । କିନ୍ତୁ, ଆଜି ଏପରି ବୈଜ୍ଞାନିକ ଅଛନ୍ତି, ଯେଉଁମାନେ ଏହି ଧାରଣାକୁ ଅସ୍ୱୀକାର କରନ୍ତି । ଯଦିଓ ବାଇବଲ ଗୋଟିଏ ବିଜ୍ଞାନ ପୁସ୍ତକ ନୁହେଁ, ତଥାପି ଏହା ଏହି କ୍ଷେତ୍ର ଉପରେ ଯେତେବେଳେ ମଧ୍ୟ କିଛି ଉଲ୍ଲେଖ କରିଛି, ସେତେବେଳେ ପ୍ରତିଷ୍ଠିତ ବୈଜ୍ଞାନିକ ତଥ୍ୟ ଦ୍ୱାରା ଆଦୌ ନିନ୍ଦିତ ହୋଇ ନାହିଁ । ଏହା ପରିବର୍ତ୍ତେ, ଏହାର ଉଦ୍ଦେଶ୍ୟ ଓ ଯୋଜନାରେ, ବାଇବଲ ବିଜ୍ଞାନର ସୀମାତିକ୍ରମ କରିଛି ।

ଉଦାହରଣ ସ୍ୱରୂପ, ଆମେ କାହିଁକି ଏଠାରେ, ଏହି ପୃଥିବୀ ଗ୍ରହରେ ଅଛୁ, ଏହା ବିଜ୍ଞାନ ବୁଝାଇ ପାରି ନାହିଁ, କିମ୍ବା ଏଠାରେ ପୃଥିବୀରେ ଜୀବନ ଶେଷ ହେବା ପରେ ଆମେ କେଉଁ ସ୍ଥାନକୁ ଯିବା, ଏହା ମଧ୍ୟ ବିଜ୍ଞାନ ଆମକୁ କହିପାରି ନାହିଁ । ଜୀବନ କ'ଣ, କିମ୍ବା ଜଣେ ବ୍ୟକ୍ତିର ବାସ୍ତବ ମୂଲ୍ୟ କ'ଣ–ଏହା ସୁଦ୍ଧା ବିଜ୍ଞାନ କହିପାରି ନାହିଁ । ଜଣେ ବ୍ୟକ୍ତି ଯେତେ ଚତୁର (କିମ୍ବା ସରଳ) ହେଲେ ମଧ୍ୟ ପ୍ରତ୍ୟେକ ଜଣ ଈଶ୍ୱରଙ୍କ ବିଷୟକ ସତ୍ୟ ଜାଣିବା ପାଇଁ ସ୍ୱର୍ଗୀୟ ସାହାଯ୍ୟ ଆବଶ୍ୟକ କରେ । ନିଶ୍ଚୟ, ସେଥିପାଇଁ ଫରାସୀ ଦାର୍ଶନିକ ଓ ଗଣିତଜ୍ଞ, ବ୍ଲେଜ୍ ପାସ୍‌କାଲ୍ କହିଥିଲେ:

---

*ଟିପ୍ପଣୀ : ୧୮୬୮ରେ, କ୍ଲିନ୍ ନାମକ ଜଣେ ଜର୍ମାନୀ ପରିବ୍ରାଜକ ପୁରାତନ ମୋଆବ୍ ଦେଶ ଭ୍ରମଣ କରିଥିଲେ । ଏହା ଆଧୁନିକ ଜୋର୍ଡାନ୍ ରୂପେ ପରିଚିତ । ସେଠାରେ ସେ ମୋଆବ୍ ରାଜାଙ୍କ ଦ୍ୱାରା ଲିଖିତ ୩୪ ଧାଡ଼ିର ଏକ ପଂକ୍ତି, ପଥରରେ ଲେଖାଯାଇଥିବାର ଆବିଷ୍କାର କଲେ । ଇସ୍ରାଏଲ ବିରୁଦ୍ଧରେ ତାଙ୍କର ବିଦ୍ରୋହକୁ ଏହା ସୂଚାଇଥାଏ । ୨ରାଜାବଳୀରେ ଲିଖିତ ଓମ୍ରୀ ଓ ଆହାବ ରାଜାଙ୍କ ବିଷୟ ମଧ୍ୟ ଏହି ପଥରରେ ଖୋଦିତ ହୋଇଥିଲା । ଉଭୟ କ୍ଷେତ୍ରରେ, ଇସ୍ରାଏଲର ଏହି ରାଜାମାନେ ଯେ ମୋଆବ ଦେଶ ଉପରେ ଅତ୍ୟାଚାର କରୁଥିଲେ, ଏହା ଜଣାପଡ଼େ । ଏଭଳି ଅନେକ ଆଧୁନିକ ଆବିଷ୍କାରଗୁଡ଼ିକ ବାଇବଲର ସତ୍ୟତାକୁ ପ୍ରମାଣିତ କରେ ।

''ଯୁକ୍ତିର ମୁଖ୍ୟ କୃତୀତ୍ୱ ହେଉଛି–ଯୁକ୍ତିର (କାରଣ) ଏକ ସୀମା ଅଛି ବୋଲି ଆମକୁ ଦେଖାଇବା ।'' ଈଶ୍ୱରଙ୍କ ପୁସ୍ତକ ଯଦି ନ ଥା'ନ୍ତା, ତେବେ ଜୀବନର ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପାଇଁ ଆମ ପାଖରେ ନିର୍ଭରଯୋଗ୍ୟ ଉତ୍ତର ନ ଥା'ନ୍ତା ।

**ବର୍ତ୍ତମାନ ଆମେ ଦୁଇଟି ବଳିଷ୍ଠ ସୂଚନାକୁ ବିଚାର କରିବା ଯେ, ବାଇବଲ ପ୍ରକୃତରେ ଈଶ୍ୱରଙ୍କ ପୁସ୍ତକ ଅଟେ ।**

ପ୍ରଥମଟି ହେଉଛି, ଏହାର ଭାବବାଣୀଗୁଡ଼ିକର ଅବିଶ୍ୱସନୀୟ ସଠିକତା । ଦ୍ୱିତୀୟଟି ହେଉଛି, ଯେଉଁମାନେ ଏହାର ବାର୍ତ୍ତାକୁ ଗମ୍ଭୀର ଭାବରେ ଗ୍ରହଣ କରୁଛନ୍ତି, ସେହିମାନଙ୍କ ଜୀବନରେ ଏହା ବିସ୍ତାର କରୁଥିବା ଶକ୍ତିପୂର୍ଣ୍ଣ ଓ ସକରାତ୍ମକ ପ୍ରଭାବ ।

## ବାଇବଲର ଭାବବାଣୀର ସଠିକତା

ଭବିଷ୍ୟତ୍‌ରେ କ'ଣ ଅଛି–ଏହା ଜାଣିବା ପାଇଁ ଆମ ମଧ୍ୟରୁ ଅଧିକାଂଶଙ୍କ ମନରେ କୌତୂହଳ ରହିଥାଏ । ଆଉ ବାଇବଲ ଭବିଷ୍ୟତ୍‌ର କେତେକ ଅତି ଗୁରୁତ୍ୱପୂର୍ଣ୍ଣ ଘଟଣା ପ୍ରକାଶ କରିଛି । ସେଥିମଧ୍ୟରୁ କେତୋଟି ଭାବବାଣୀ ଜଟିଳ ଓ ଆକର୍ଷଣୀୟ ଭାବରେ ବର୍ଣ୍ଣିତ ହୋଇଛି । ବର୍ତ୍ତମାନ ଆପଣ ପ୍ରଶ୍ନ କରିପାରନ୍ତି: '' ଆପଣ କିପରି ସୁନିଶ୍ଚିତ ହୋଇପାରିବେ ?''

ଏହି ପ୍ରଶ୍ନର ଉତ୍ତର ଦେବା ପାଇଁ ଆମେ କଳ୍ପନା କରିବା ଯେ, ଆପଣ ଗୋଟିଏ ଛୁଟୀ ଦିନରେ ଏପରି ଗୋଟିଏ ଗ୍ରାମକୁ ଭ୍ରମଣ କରିବାକୁ ଯାଉଛନ୍ତି, ଯେଉଁଠାକୁ ଆପଣ ପୂର୍ବରୁ କେବେ ଯାଇ ନ ଥିଲେ । ଆପଣଙ୍କ ହସ୍ତରେ ଥିବା ମାନଚିତ୍ର ଆପଣଙ୍କର ଏକମାତ୍ର ପଥ–ନିର୍ଦ୍ଦେଶକ । ଗତକାଲି ଆପଣ ଏହି ମାନଚିତ୍ରଟି ନିର୍ଭରଯୋଗ୍ୟ ବୋଲି ଜାଣିଲେ, କାରଣ ଏହା ଯେପରି ଦର୍ଶାଇଥିଲା, ସେହିପରି ଭାବରେ ଆପଣ ଗୋଟିଏ ନଦୀ ଆବିଷ୍କାର କଲେ ଓ ଏହାପରେ ଗୋଟିଏ ଗ୍ରାମ ମଧ୍ୟ ପାଇଲେ, ଯେଉଁଠାରେ ଆପଣ ଗତ ରାତ୍ରି ଶୋଇଥିଲେ । ଆଜି ଆପଣଙ୍କୁ ଗୋଟିଏ ନୂତନ ପଥ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେବାକୁ ହେବ । ଆପଣଙ୍କ ସମ୍ମୁଖରେ ଏକ ଅପରିଚିତ ଅଞ୍ଚଳ ରହିଛି, ମାତ୍ର ଆପଣଙ୍କ ମାନଚିତ୍ର ଏହା ଦର୍ଶାଉଅଛି





ଯେ, ଯଦି ଆପଣ ବାମକୁ ଫେରିବେ, ତେବେ ଜଙ୍ଗଲ ମଧ୍ୟ ଦେଇ ଏପରି ଏକ ସ୍ଥାନରେ ପହଞ୍ଚିବେ, ଯେଉଁଠାରେ ଆପଣ ଗୋଟିଏ ବିରାଟ ହ୍ରଦ ଦେଖିବେ । ବର୍ତ୍ତମାନ ଆପଣ ସେହି ହ୍ରଦ ଦେଖିବାକୁ ଇଚ୍ଛା କଲେ କଣ କରିବେ ? ମୁଁ ଭାବୁଛି, ଆପଣ ମାନଚିତ୍ରର ନିର୍ଦ୍ଦେଶ ଅନୁସରଣ କରି ବାମକୁ ମୋଡ଼ିବେ । ଏହା କରିବାରେ ଆପଣଙ୍କ ପ୍ରତ୍ୟୟର ମୁଖ୍ୟ କାରଣ ନିଶ୍ଚୟ ଏହି ସତ୍ୟ ଉପରେ ଆଧାରିତ ହୋଇଥିବ ଯେ, ଗତ କାଲି ଆପଣଙ୍କର ମାନଚିତ୍ର ଗୋଟିଏ ଅଜ୍ଞାତ ଅଞ୍ଚଳରେ ଏକ ସଠିକ୍ ନିର୍ଦ୍ଦେଶକ ହେବାର ପ୍ରମାଣ ଦେଇଥିଲା । ସେଠାରେ ପହଞ୍ଚିବା ପୂର୍ବରୁ ଆପଣ କ'ଣ ଦେଖିବାକୁ ପାଇବେ, ଏହା ଆପଣଙ୍କୁ ମାନଚିତ୍ରଟି କହିଥିଲା, ଆଉ ଏହା ସଠିକ୍ ଥିଲା !

ବାଇବଲ ଯେ ଈଶ୍ୱରଙ୍କ ବାକ୍ୟ ଅଟେ–ଏହାର ଗୋଟିଏ ଅତି ଉଲ୍ଲେଖ ଯୋଗ୍ୟ ପ୍ରମାଣ ହେଉଛି, ଭବିଷ୍ୟତ୍ ଘଟଣା ସମ୍ବନ୍ଧରେ ଏହାର ଭାବବାଣୀର ଅସାଧାରଣ ସଠିକତା । ଏହାର ପୃଷ୍ଠାଗୁଡ଼ିକରେ ଆମେ ଅନେକ ଭାବବାଣୀ ପାଠ କରୁ, ଯେଉଁଗୁଡ଼ିକ, ଆଜିର ଦୃଷ୍ଟିକୋଣରୁ ସଠିକ୍ ଭାବରେ ସଫଳ ହୋଇଅଛି, ଯଦିଓ ସେଗୁଡ଼ିକ ଶହ ଶହ ବର୍ଷ ପୂର୍ବେ କଥିତ ହୋଇଥିଲା ।

ଏହି ଭାବବାଣୀଗୁଡ଼ିକ ପୃଥିବୀର ସମସ୍ତ ଲୋକ, ତଥା ନିର୍ଦ୍ଦିଷ୍ଟଭାବେ ଇସ୍ରାଏଲ ଓ ମଧ୍ୟ ପ୍ରାଚ୍ୟ ବିଷୟରେ ଅତି ବିଶଦ ବିବରଣ ସହିତ ଏକ ଅସାଧାରଣ ପରିସରକୁ ଅନ୍ତର୍ଭୁକ୍ତ କରିଛନ୍ତି । ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି, ମସୀହଙ୍କ ଆଗମନ ସମ୍ବନ୍ଧୀୟ ଶହ ଶହ ଭାବବାଣୀ । ଏହି ମସୀହ ସମ୍ବନ୍ଧୀୟ ଭାବବାଣୀଗୁଡ଼ିକ ମଧ୍ୟରୁ ଅନେକ ଇତିହାସ ହୋଇଯାଇ ଥିବାରୁ ମସୀହଙ୍କ ଜନ୍ମ, ଜୀବନ ଓ ମୃତ୍ୟୁ ସମ୍ବନ୍ଧୀୟ ବର୍ଣ୍ଣନାରେ ସେଗୁଡ଼ିକ କିପରି ଅବିଶ୍ୱସନୀୟ ଭାବରେ ସଠିକ୍–ତାହା ଆମେ ଜାଣୁ ।

ଏହିପରି ଏକ ପ୍ରସିଦ୍ଧି ଭିତ୍ତିରେ, ଏହା ଅନୁମାନ କରିବା ଯୁକ୍ତି ସଙ୍ଗତ (ଓ ଯଥାର୍ଥ) ଯେ ବାଇବଲ ଯେପରି ଭାବବାଣୀ କହିଛି, ଭବିଷ୍ୟତ୍‌ରେ ଠିକ୍ ସେହିପରି ଘଟିବ । ଆଉ ପ୍ରତି ବର୍ଷ ବାଇବଲ–ଭାବବାଣୀ ସମ୍ବନ୍ଧୀୟ ସଠିକତାର ଆହୁରି ଅଧିକ ପ୍ରମାଣ ଆମ ଚକ୍ଷୁ ସମ୍ମୁଖରେ ଉନ୍ମୋଚିତ ହେବ । ପ୍ରକୃତରେ, ବାଇବଲ ପାଠ କରିବାର ଅର୍ଥ ହେଉଛି, ଆସନ୍ତା କାଲିର ସମ୍ବାଦପତ୍ର ପାଠ କରିବା ସହିତ ସମାନ ।

ଡଃ ଉଇଲ୍‌ବର୍ ସ୍ମିଥ୍ ବାଇବଲର ଏକ ଜୀବନବ୍ୟାପୀ ଛାତ୍ର ଥିଲେ । ସେ ବାଇବଲ-ଭାବବାଣୀର ସଠିକତା ବିଶଦ ଭାବରେ ଜଣାଇବାରେ ବିଶେଷ ଆନନ୍ଦିତ ହେଉଥିଲେ । ମସୀହଙ୍କ ସମ୍ବନ୍ଧରେ କହିଥିବା ପୁରାତନ ନିୟମର ଅନେକ ଭାବବାଣୀକୁ ସତ୍ୟ ବୋଲି ଦାବୀ କରୁଥିବା ଅନ୍ୟମାନଙ୍କର ଶିକ୍ଷା ସହିତ ତୁଳନା କରି ଉଇଲ୍‌ବର୍ ସ୍ମିଥ୍ ଏହା ଲକ୍ଷ୍ୟ କରିଥିଲେ ଯେ ''ମହମ୍ମଦଙ୍କ ଧର୍ମ ମହମ୍ମଦଙ୍କ ଜନ୍ମର ଶହ ଶହ ବର୍ଷ ପୂର୍ବେ ତାଙ୍କ ଆଗମନ ସମ୍ବନ୍ଧରେ କୌଣସି ଭାବବାଣୀ ଉଲ୍ଲେଖ କରିପାରି ନାହିଁ । କିମ୍ବା ଅନ୍ୟ ଯେ କୌଣସି ସଂପ୍ରଦାୟର ପ୍ରତିଷ୍ଠାତାମାନେ ଏପରି କୌଣସି ପ୍ରାଚୀନ ଧର୍ମଶାସ୍ତ୍ରକୁ ଚିହ୍ନ କରିପାରି ନାହାନ୍ତି । ଯାହା ନିର୍ଦ୍ଦିଷ୍ଟ ଭାବେ ସେମାନଙ୍କ ଆବିର୍ଭାବ ସମ୍ବନ୍ଧରେ ଭବିଷ୍ୟତ୍‌ବାଣୀ କହିଛି ।

ବର୍ତ୍ତମାନ ଆମକୁ ଏହା ସ୍ୱୀକାର କରିବାକୁ ହେବ ଯେ, ଏପରି କେତେକ ତଥା-କଥିତ 'ଭାବବାଣୀ' ରହିଛି, ଯେଉଁଗୁଡ଼ିକର ସଠିକତା ପାଇଁ ଅଧିକ ପ୍ରେରଣା ଆବଶ୍ୟକ ହୁଏ ନାହିଁ ।

କମ୍ପ୍ୟୁଟର୍ ନିର୍ବାଚନ-ଦିନର ସାକ୍ଷାତ୍‌କାର ଓ ଐତିହାସିକ ତଥ୍ୟ ସହାୟତାରେ ସମ୍ବାଦ ପ୍ରଦାନକାରୀ ଗଣ-ମାଧ୍ୟମ ବେଳେବେଳେ ଭୋଟଗଣତି ପୂର୍ବରୁ ଜଣେ ନିର୍ବାଚନ ବିଜେତାଙ୍କ ସମ୍ବନ୍ଧରେ ଭବିଷ୍ୟତ୍‌ବାଣୀ କହିପାରନ୍ତି । ସେମାନଙ୍କୁ ମିଳୁଥିବା ସମସ୍ତ ହିସାବ ଓ ତଥ୍ୟକୁ ବିଚାରକୁ ନେଇ ଯେତେବେଳେ ସେମାନେ ପୂର୍ବରୁ ବିଜେତାଙ୍କ ନାମ ଘୋଷଣା କରନ୍ତି, ସେତେବେଳେ ସେପରି କିଛି ଅତି ଅସାଧାରଣ ବିଷୟ ସେମାନେ କରି ନ ଥା'ନ୍ତି ଏପରିକି ସେମାନେ ବେଳେବେଳେ ଭୁଲ୍ ମଧ୍ୟ କରନ୍ତି !

କିନ୍ତୁ, ବର୍ତ୍ତମାନଠାରୁ ୨୦ କିମ୍ବା ୫୦ ବର୍ଷ ପରେ କେଉଁ ପ୍ରାର୍ଥୀମାନେ ନିର୍ବାଚନ ଦୌଡ଼ରେ ଭାଗ ନେବେ, ତାହା କହିବା ପାଇଁ ଯେ କୌଣସି ସମ୍ବାଦଦାତାଙ୍କୁ ପ୍ରଶ୍ନ କରନ୍ତୁ । କିଏ ବିଜେତା ହେବ ଓ କେଉଁଠାରେ ସେମାନେ ଜନ୍ମଗ୍ରହଣ କରିବେ, ସେମାନଙ୍କର ଭବିଷ୍ୟତ୍‌ର ଜୀବନଶୈଳୀ, ଏପରିକି କେଉଁ ପରିବେଶରେ ସେମାନଙ୍କର ମୃତ୍ୟୁ ହେବ-ଏହି ସମସ୍ତ ବିଷୟରେ ତାଙ୍କୁ ପ୍ରଶ୍ନ କରନ୍ତୁ । ତାହାଠାରୁ ଆହୁରି ଉର୍ଦ୍ଧ୍ୱକୁ ଯାଆନ୍ତୁ ଏବଂ ବର୍ତ୍ତମାନଠାରୁ ୧୦୦୦ବର୍ଷ ମଧ୍ୟରେ ମଧ୍ୟପ୍ରାଚ୍ୟରେ କ'ଣ





ଘଟିବ, ସେ ବିଷୟରେ ସମ୍ବାଦଦାତାମାନଙ୍କୁ ନିର୍ଭରଯୋଗ୍ୟ ତଥ୍ୟ ମାଗନ୍ତୁ । ସେହି ଦୀର୍ଘ ସମୟ ମଧ୍ୟରେ କେଉଁ କେଉଁ ସହର ଧ୍ୱଂସ ହେବ, ତାହା ଚିହ୍ନଟ କରିବା ପାଇଁ ତାଙ୍କୁ କହନ୍ତୁ ।

ନିଶ୍ଚୟ ଆପଣ ଏହି ବିଷୟରେ ସମ୍ମତ ହେବେ ଯେ ଯେତେଥର ସେହି ସମ୍ବାଦଦାତାଙ୍କଠାରୁ ଗୋଟିଏ ଅଧିକା ଭବିଷ୍ୟବାଣୀ ଦାବୀ କରାଯିବ, ସେତେଥର ତାଙ୍କର କଥାରେ ସଠିକ ଭବିଷ୍ୟବାଣୀ ପରିବେର୍ତ୍ତ ଅଦ୍ଭୁତ କଥାସବୁ ବହୁ ଭାବରେ ବୃଦ୍ଧି ପାଇବ । ଅବଶ୍ୟ, ଯଦି ଅନନ୍ତ ଈଶ୍ୱର ଭବିଷ୍ୟତ୍ ବିଷୟରେ ତାଙ୍କୁ କହିଥା'ନ୍ତେ, ତେବେ ସେହି କ୍ଷେତ୍ରରେ କେବଳ ସେହି ସମ୍ବାଦଦାତା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଜାଣିଥା'ନ୍ତେ ବୋଲି ଆମେ ଆଶା କରିପାରିବା । ଆଉ ଏହିପ୍ରକାର ଘଟଣା, ଯାହା ଆମେ ଆମର ସମ୍ବାଦଦାତାଙ୍କୁ ପ୍ରଶ୍ନ କରିଛୁ, ତାହା ସହିତ ଆହୁରି ଅଧିକ ଜଟିଳ ବିଷୟ ଓ ଆହୁରି ଦୀର୍ଘ ସମୟର ଘଟଣା ବାଇବଲରେ ପୂର୍ବରୁ ଭାବବାଣୀ ଭାବରେ ଉଲ୍ଲେଖ କରାଯାଇଛି ।

ଉଦାହରଣ ସ୍ୱରୂପ, ପ୍ରାଚୀନ ସୋର ନଗରର ଇତିହାସ ହେଉଛି, ଏହି ନଗର ପ୍ରତି ଯାହା ଘଟିବ ବୋଲି ଈଶ୍ୱର ପୂର୍ବରୁ ଜଣାଇଥିଲେ, ସେହି ବିଷୟର ଏକ ଅବିଶ୍ୱସନୀୟ ସଫଳତା ।

ଯଦି ଆପଣମାନେ ଅତି ଆଗ୍ରହୀ, ତେବେ ପ୍ରଥମେ ଯିହିଜିକଲ ୨୬ର ୩-୨୧ ପଦରେ ଲିପିବଦ୍ଧ ହୋଇଥିବା ଭାବବାଣୀଗୁଡ଼ିକୁ ପାଠ କରନ୍ତୁ, ଆଉ ଏହାପରେ *''ଏନ୍‌ସାଇକ୍ଲୋପିଡିଆ ବ୍ରିଟାନିକା''* ଓ ଅନ୍ୟ ଇତିହାସ ପୁସ୍ତକ ଖୋଲନ୍ତୁ । ଉଭୟରେ, ଆପଣ ସମାନ କାହାଣୀ ପାଠ କରିବେ, ପ୍ରଥମଟି ଭାବବାଣୀ ଭାବରେ, ଆଉ ଦ୍ୱିତୀୟଟି ଇତିହାସ ଭାବରେ ।

**ଭାବବାଣୀ :** ଘଟଣା ଘଟିବାର ବହୁ ବର୍ଷ ପୂର୍ବେ ଈଶ୍ୱର ସୋର ନଗର ବିଷୟରେ ଏକ ଧ୍ୱଂସାତ୍ମକ ଭବିଷ୍ୟତ୍‌ବାଣୀ ପ୍ରକାଶ କରିଥିଲେ । ସେ କହିଥିଲେ:

*''ହେ ସୋର ଦେଖ,... ଆମ୍ଭେ ତୁମ୍ଭ ବିରୁଦ୍ଧରେ ଅନେକ ଗୋଷ୍ଠୀଙ୍କୁ ଉଠାଇବାନ୍ତ ତହିଁରେ ସେମାନେ ସୋରର ପ୍ରାଚୀର ନଷ୍ଟ କରିବେ ଓ ତାହାର*

*ଦୁର୍ଗ ସବୁ ଭାଙ୍ଗି ପକାଇବେ, ଆମ୍ଭେ ମଧ୍ୟ ତାହାର ଧୂଳି ସବୁ ଚାଞ୍ଛି ପକାଇ ତାକୁ ଶୁଷ୍କ ଶୈଳ କରିବା । ...ସେମାନେ ତୁମ୍ଭର ପ୍ରସ୍ତର, କାଷ୍ଠ ଓ ଧୂଳି ସବୁ ଜଳରେ ନିକ୍ଷେପ କରିବେ ।'' କିନ୍ତୁ ଏହି ଭାବବାଣୀଗୁଡ଼ିକ ସମ୍ବନ୍ଧରେ ପ୍ରଦତ୍ତ ଅବିଶ୍ୱସନୀୟ ତଥ୍ୟ ଏତିକିରେ ଶେଷ ହୋଇନାହିଁ । ଈଶ୍ୱର ପ୍ରାଚୀନ ସୋର ବିଷୟରେ କହିଥିଲେ: ''...ତୁମ୍ଭେ ଜାଲ ପ୍ରସାରିବାର ସ୍ଥାନ ହେବ'' (ଯିହିଜିକଲ ୨୬:୩,୪,୧୨,୧୪) ।*

**ଇତିହାସ :** ଯେତେବେଳେ ଆପଣ ଐତିହାସିକ ବିବରଣୀ ପାଠ କରିବେ, ସେତେବେଳେ ଆପଣ ଏହି ପ୍ରମାଣ ପାଇବେ ଯେ, ନବୂଖଦ୍‌ନିତ୍ସର ପ୍ରାଚୀନ (ମୁଖ୍ୟ) ନଗର ସୋରକୁ ଧ୍ୱଂସ କରିବା ସମୟରେ ଭାବବାଣୀ ଅନୁସାରେ, ପ୍ରକୃତରେ ପ୍ରାଚୀର ଓ ଦୁର୍ଗ ସବୁ ଭାଙ୍ଗି ପକାଇଥିଲେ । ଆଉ ପରେ, ବୀର ଆଲେକ୍‌ଜାଣ୍ଡର୍‌ଙ୍କ କୁଶଳୀ ଯନ୍ତ୍ରୀମାନେ ପ୍ରାଚୀନ ସୋର ନଗରକୁ ଚାଞ୍ଛି ପରିଷ୍କାର କରିଥିଲେ ଓ ତାକୁ ଗୋଟିଏ *''ଶୁଷ୍କ ଶୈଳ''* ସଦୃଶ କରିଥିଲେ ।

ଯେତେବେଳେ ସେମାନେ ନଗରର ପ୍ରସ୍ତରଗୁଡ଼ିକୁ ସମୁଦ୍ରରେ ନିକ୍ଷେପ କରି ଦ୍ୱୀପକୁ ଯିବା ନିମନ୍ତେ ଏକ ମାର୍ଗ ପ୍ରସ୍ତୁତ କରୁଥିଲେ, ସେତେବେଳେ ବାଇବଲର ଭାବବାଣୀ ଅନୁସାରେ ହିଁ ତାହା ଘଟିଥିଲା: ''ପ୍ରସ୍ତର, କାଷ୍ଠ ଓ ଧୂଳି ସବୁ ଜଳରେ ନିକ୍ଷେପ କରାଯିବ ।'' ହଁ, ଆଜି ପର୍ଯ୍ୟନ୍ତ ପ୍ରାଚୀନ ସୋରର ଧ୍ୱଂସାବଶେଷ ସମୁଦ୍ର ଜଳ ମଧ୍ୟରେ ରହିଅଛି । ଏହା ଘଟିବ ବୋଲି ଈଶ୍ୱର କହିଥିଲେ, ଆଉ ତାହା ହିଁ ଘଟିଥିଲା ।

ଯଦିଓ ଆଜି ମଧ୍ୟ ପ୍ରାଚ୍ୟରେ ସୋର ନାମକ ଏକ ଜଣାଶୁଣା ନଗର ରହିଅଛି, ତଥାପି ଏହା ସେହି ପ୍ରାଚୀନ ସୋର ନଗର ନୁହେଁ, ଯାହା ଶେଷରେ ୧୨୯୧ରେ ଧ୍ୱଂସ ହୋଇଥିଲା ।

ଯଦି ଆପଣ ପ୍ରାଚୀନ ସୋର ନଗରୀର ସ୍ଥଳ ଭ୍ରମଣ କରିପାରିବେ, ତେବେ ଆପଣ ଏହି ଭାବବାଣୀଗୁଡ଼ିକ ଆହୁରି ଅବିଶ୍ୱସନୀୟ ଭାବରେ ସଫଳ ହେବାର ଦେଖିବେ । ସେଠାରେ ଗୋଟିଏ ଛୋଟ ଗ୍ରାମରେ ମାଛଧରାଳିମାନଙ୍କର ଅନେକ କୁଟୀର ରହିଥିବାର ଆପଣ ଦେଖିବେ । ସେଠାରେ ମାଛଧରା ଡଙ୍ଗାଗୁଡ଼ିକ ସମୁଦ୍ର





ମଧ୍ୟରୁ ଆସୁଥିବାର ଓ ଶୁଷ୍କ ପ୍ରସ୍ତର ଉପରେ ମାଛଧରା ଜାଲ ସବୁ ଶୁଖୁଥିବାର ମଧ୍ୟ ଆପଣ ଦେଖିବେ । ମନୁଷ୍ୟର ବୁଦ୍ଧି କିପରି ସୋର ଭଳି ଗୋଟିଏ ବିକଶିତ ବ୍ୟବସାୟିକ ସହର ପାଇଁ ଏହିପରି ଏକ ଅଭାବିତ, ଅପରିକଳ୍ପନୀୟ ଭବିଷ୍ୟତ୍‌ର କଥା ପ୍ରକାଶ କରିପାରିଥା'ନ୍ତା ?

ପିଟର୍ ଷ୍ଟୋନର୍ ପ୍ରାଚୀନ ସୋର ସମ୍ବନ୍ଧରେ ପ୍ରଦତ୍ତ ସାତୋଟି ଭାବବାଣୀକୁ ଐତିହାସିକ ତଥ୍ୟ ସହିତ ତୁଳନା କରିଥିଲେ । ଯିହିଜିକଲଙ୍କ ଭାବବାଣୀ ଯେ ସଫଳ ହେବ–ଏହାର ଗାଣିତିକ ସମ୍ଭାବନା ହିସାବ କରିବା ପରେ ସେ କହିଥିଲେ–

''ଯଦି ଯିହିଜିକଲ ନିଜ ସମୟରେ ସୋର ପ୍ରତି ଦୃଷ୍ଟିପାତ କରି ମାନବିକ ଜ୍ଞାନରେ ଏହି ସାତୋଟି ଭବିଷ୍ୟଦ୍‌ବାଣୀ ଉଲ୍ଲେଖ କରିଥା'ନ୍ତେ, ତେବେ ଏହି ହିସାବର ଅର୍ଥ ହୁଅନ୍ତା ଯେ, ସେହି ସମସ୍ତ ବିଷୟ ସଫଳ ହେବାର ସମ୍ଭାବନା ୭୫,୦୦୦,୦୦୦ରେ ଗୋଟିଏ ହୋଇଥାନ୍ତା । କିନ୍ତୁ ସେଗୁଡ଼ିକ ଅତି ବିଶଦ ଭାବରେ ଅବିକଳ ରୂପେ ସଫଳ ହୋଇଥିଲା ।''

ବର୍ତ୍ତମାନ, ଆସନ୍ତୁ ଆମେ ଗୋଟିଏ ଶିଶୁର ଜନ୍ମ ସମ୍ବନ୍ଧରେ ଥିବା ଭାବବାଣୀ ମଧ୍ୟରୁ ଗୋଟିଏ ଭାବବାଣୀ ପ୍ରତି ଦୃଷ୍ଟିପାତ କରିବା ।

ମାଥିଉ ନାମକ ଜଣେ ଅବସରପ୍ରାପ୍ତ ସରକାରୀ କର ଆଦାୟକାରୀ ଯୀଶୁ ଜନ୍ମ ହେବା ସମୟରେ ସଫଳ ହୋଇଥିବା ଅନେକ ଉଲ୍ଲେଖଯୋଗ୍ୟ ଭବିଷ୍ୟଦ୍‌ବାଣୀ ମଧ୍ୟରୁ ଚାରୋଟିକୁ ସ୍ମରଣ କରିଥିଲେ । ସେଗୁଡ଼ିକ ମଧ୍ୟରୁ ଗୋଟିକରେ ମାଥିଉ ଭାବବାଦୀ ମୀଖାଙ୍କ ବିଷୟ ଉଲ୍ଲେଖ କରିଥିଲେ, ଯିଏ ତାଙ୍କ ସମୟର ସ୍ୱେଚ୍ଛାଚାରୀ ଶାସନକର୍ତ୍ତାମାନଙ୍କ ବିରୁଦ୍ଧରେ ଅଭିଶାପର ବାକ୍ୟ ଉଚ୍ଚାରଣ କରିଥିଲେ । ମୀଖାଙ୍କ ହୃଦୟ ଭଗ୍ନ ହୋଇଥିଲା, କାରଣ ସେ ଜୀବିତ ଥିବା ସମୟରେ ତାଙ୍କ ଦେଶରେ ପ୍ରକୃତ ନେତୃତ୍ୱର ଅଭାବ ଥିଲା । କିନ୍ତୁ, ମୀଖା ଏପରି ଏକ ଉଜ୍ଜ୍ୱଳ ଭବିଷ୍ୟତ୍ ଦେଖିଥିଲେ ଯେଉଁ ସମୟରେ ଜଣେ ଶାସନକର୍ତ୍ତା ଉତ୍ପନ୍ନ ହେବେ ବୋଲି ଈଶ୍ୱର ତାଙ୍କୁ ଦର୍ଶାଇ ଥିଲେ । ଏପରିକି ସେ ଏହି ଆଗତ ନେତାଙ୍କର ସଠିକ୍ ଜନ୍ମ ସ୍ଥାନ ପ୍ରତି ମଧ୍ୟ ନିର୍ଦ୍ଦେଶ କରିଥିଲେ ।

*''ମାତ୍ର ହେ ବୈଥଲେହମ–ଉତ୍ଥାଥା, ଯିହୂଦାର ସହସ୍ରଗଣର ମଧ୍ୟରେ କ୍ଷୁଦ୍ର ଯେ ତୁମ୍ଭେ, ତୁମ୍ଭ ମଧ୍ୟରୁ ଇସ୍ରାଏଲର ଶାସନକର୍ତ୍ତା ହେବା ନିମନ୍ତେ ଆମ୍ଭ*

*ଉଦ୍ଦେଶ୍ୟରେ ଏକ ବ୍ୟକ୍ତି ଉତ୍ପନ୍ନ ହେବେ଼ ପୁରାତନ କାଳରୁ, ଅନାଦି କାଳରୁ ତାହାଙ୍କର ଉତ୍ପତ୍ତି'' (ମୀଖା ୫:୨) ।*

ଇସ୍ରାଏଲର ଆବଶ୍ୟକୀୟ ଶାସନକର୍ତ୍ତା ବୈଥିଲେହମ ଉଫ୍ରାଥାରେ ଜନ୍ମ ହେବେ ବୋଲି ଈଶ୍ୱର ପ୍ରକାଶ କରିଥିଲେ ।

ମୀଖା ଯେପରି ଭାବବାଣୀ କରିଥିଲେ, ସେହିପରି ଯୀଶୁ ନିଜ ଗ୍ରାମ ନାଜରୀତରେ ନୁହେଁ, ମାତ୍ର ବୈଥିଲେହମ ଉଫ୍ରାଥାରେ ଜନ୍ମଗ୍ରହଣ କରିଥିଲେ: ଜଣେ ରୋମୀୟ ସମ୍ରାଟ୍‌ଙ୍କର ଆଇନ ଯୋଗୁ ସେ ସେଠାରେ ଜନ୍ମଗ୍ରହଣ କରିଥିଲେ । ଏହା ଥିଲା ଜନଗଣନାର ସମୟ ଓ ତାଙ୍କର ପିତାମାତା ଗୋଟିଏ ରାଜକୀୟ ଆଇନକୁ ପାଳନ କରୁଥିଲେ । ତଦନୁସାରେ, ସେମାନେ ବୈଥିଲେହମ ଯିବା ପାଇଁ ଗୃହ ତ୍ୟାଗ କରିଥିଲେ । ନିଶ୍ଚୟ କେହି କେବେ ଏପରି ଏକ କ୍ଷୁଦ୍ର ଗ୍ରାମ ବୈଥିଲେହମରୁ ଶାସନକର୍ତ୍ତାଙ୍କର ଅନ୍ୱେଷଣ କରିବ ନାହିଁ, ଯାହା ଅନେକ ଯିହୁଦୀ ନଗର ମଧ୍ୟରୁ ଗୋଟିଏ ଥିଲା । ସେଠାରେ ତାଙ୍କର ଜନ୍ମ ହେବା ସମୟର ଅସୁବିଧାଗୁଡ଼ିକ ଅବିଶ୍ୱସନୀୟ ଥିଲା । ତଥାପି ମୀଖା ଯେପରି ଭାବରେ ଭାବବାଣୀ କରିଥିଲେ, ଠିକ୍ ସେହିପରି ଘଟିଲା । ଆଉ ଯୀଶୁଙ୍କ ଜୀବନ ସମ୍ବନ୍ଧୀୟ ଏହିପରି ଶହ ଶହ ଅଦ୍ଭୁତ ଭାବବାଣୀ ମଧ୍ୟରୁ ଏହା କେବଳ ଗୋଟିଏ ଅଟେ ।

ଈଶ୍ୱର ଏହା ଘୋଷଣା କରିଛନ୍ତି ବୋଲି ଆମେ ପାଠ କରୁ:

*''ଆମ୍ଭେ ଶେଷ ବିଷୟ ଆଦିଠାରୁ ପ୍ରକାଶ କରୁ, ପୁଣି ଯାହା ସାଧିତ ହୋଇନାହିଁ, ତାହା ପ୍ରାଚୀନ କାଳରୁ ଜଣାଉ, ଆଉ କହୁ, ଆମ୍ଭର ମନ୍ତ୍ରଣା ସ୍ଥିର ହେବ ଓ ଆମ୍ଭେ ଆପଣାର ସକଳ ମନୋବାଞ୍ଛା ସିଦ୍ଧ କରିବା'' (ଯିଶାଇୟ ୪୬:୧୦) ।*

*''ଆମ୍ଭେ ପୂର୍ବକାଳର କଥା ପ୍ରାଚୀନ କାଳରୁ ପ୍ରକାଶ କରିଅଛୁ, ହଁ, ତାହା ଆମ୍ଭ ମୁଖରୁ ନିର୍ଗତ ହେଲା ଓ ତାହା ଆମେ ପ୍ରକାଶ କଲୁ଼ ଆମ୍ଭେ ତାହା କଲୁ ଓ ଅକସ୍ମାତ୍ ସେସବୁ ଘଟିଲା ।*

*... ଏଥିପାଇଁ ଆମ୍ଭେ ପ୍ରାଚୀନ କାଳରୁ ତୁମ୍ଭ ପ୍ରତି ତାହା ପ୍ରକାଶ କଲୁ,*





*ତାହା ଘଟିବା ପୂର୍ବେ ତୁମ୍ଭକୁ ଜଣାଇଲୁ'' (ଯିଶାଇୟ ୪୮:୩,୫) ।*

ଈଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ଓ ବାଇବଲରେ ଲିପିବଦ୍ଧ ହୋଇଥିବା ଭାବବାଣୀଗୁଡ଼ିକରେ ୧୦୦ ପ୍ରତିଶତ ସଠିକତା ରହିଛି ବୋଲି ଇତିହାସ ପ୍ରମାଣ ଦେଇଛି ।

## ବାଇବଲର ଶକ୍ତିପୂର୍ଣ୍ଣ ପ୍ରଭାବ

ବାଇବଲ ଯେ ଈଶ୍ୱରଙ୍କ ବାକ୍ୟ–ଏହି ଉକ୍ତିର ଦ୍ୱିତୀୟ ବଳିଷ୍ଠ ପ୍ରମାଣ ହେଉଛି ଏହା ପକାଇଥିବା ପ୍ରଭାବ । ସାମାଜିକ, ସାଂସ୍କୃତିକ ଓ ବ୍ୟକ୍ତିଗତ ଭାବରେ ବାଇବଲର ବାର୍ତ୍ତାକୁ ଯେତେବେଳେ ଓ ଯେଉଁଠାରେ ଶିକ୍ଷା ଦିଆଯାଇଛି ଓ ସେଗୁଡ଼ିକରେ ବିଶ୍ୱାସ କରାଯାଇଛି, ସେତେବେଳେ ଓ ସେହି ସ୍ଥାନରେ ଏହା ମନୁଷ୍ୟ ଜାତିକୁ ସମ୍ମାନିତ କରିଛି ।

ଏହି ପୁସ୍ତକର ପ୍ରଥମ ସଂସ୍କରଣ ମୁଦ୍ରିତ ହେବା ପୂର୍ବରୁ ଜଣେ ନୂତନ ବନ୍ଧୁ ଆମ ଗୃହକୁ ଆସିଲେ । ଆମେ ଏକତ୍ର ମିଶି ପାଣ୍ଡୁଲିପିଟିକୁ ପୁନଃ–ଅବଲୋକନ କଲୁ । ସହଜରେ ନିଜର ଆବେଗ ପ୍ରକାଶ କରୁ ନ ଥିବା ସେହି ବ୍ୟକ୍ତି, ସପ୍ତମ ଅଧ୍ୟାୟଟି ପାଠ କରିବା ସମୟରେ ଅଶ୍ରୁ ରୋକି ପାରି ନ ଥିଲେ । ଦୁଇଥର ଆମେ ପ୍ରାର୍ଥନା କରିବାକୁ ଓ ସେହି ଈଶ୍ୱରଙ୍କର ପ୍ରଶଂସା କରିବାକୁ ଆମର ପଠନ ବନ୍ଦ କରିଥିଲୁ, ଯାହାଙ୍କର ପ୍ରେମ ବିଷୟ ଆମେ ପାଠ କରୁଥିଲୁ । ଆମେ ଏକତ୍ର ଈଶ୍ୱରଙ୍କୁ ତାଙ୍କ ଦୟା, ତାଙ୍କର ଧୈର୍ଯ୍ୟ ଓ ଆମର ଅଯୋଗ୍ୟ ଜୀବନରେ ତାଙ୍କ ପ୍ରେମର ପ୍ରତ୍ୟେକ ଚିହ୍ନ ନିମନ୍ତେ ଧନ୍ୟବାଦ ଦେଇଥିଲୁ । ଆମେ ଜୀବିତ ଈଶ୍ୱରଙ୍କ ପ୍ରବଳ ଓ ଗୁରୁତ୍ୱପୂର୍ଣ୍ଣ ଉପସ୍ଥିତି ଅନୁଭବ କରିବା ସମୟରେ ଆନନ୍ଦରେ ପରିପୂର୍ଣ୍ଣ ହୋଇଥିଲୁ ।

ସେହି ଦିନଟି ମୋ ବନ୍ଧୁଙ୍କ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା । ଠିକ୍ ଗୋଟିଏ ବର୍ଷ ପୂର୍ବରୁ ସେ ଗୋଟିଏ ବିଳାସପୂର୍ଣ୍ଣ ଅଟ୍ଟାଳିକାରେ ଏକାକୀ ବାସ କରୁଥିଲେ, ଯାହା ଆମେ ବର୍ତ୍ତମାନ ଏକତ୍ରିତ ହୋଇଥିବା ବାସଗୃହର ସଂପୂର୍ଣ୍ଣ ବିପରୀତ ଥିଲା ।

କିନ୍ତୁ ସେହି ସମୟରେ ତାଙ୍କ ଚତୁଃପାର୍ଶ୍ୱରେ ଘେରି ରହିଥିବା ସୌନ୍ଦର୍ଯ୍ୟ ତାଙ୍କୁ କୌଣସି ଆନନ୍ଦ ଦେଇ ନ ଥିଲା । ପ୍ରକୃତରେ, ତାଙ୍କ ମନ ମଧ୍ୟରେ ଏପରି ବିଷାଦ ଭାବ ଥିଲା ଯେ, ବଞ୍ଚିବା ପାଇଁ ତାଙ୍କର ପ୍ରକୃତ ଇଚ୍ଛା ନ ଥିଲା । ବ୍ୟକ୍ତିଗତ ଆନନ୍ଦ ପାଇଁ ସେ ସମସ୍ତ ପ୍ରକାରର ପଶୁ ପ୍ରବୃତ୍ତିରେ ଆସକ୍ତ ହୋଇଥିଲେ । ଏକ ନିଶା ଅଭ୍ୟାସ ଯୋଗୁ ସେ ବହୁ ଅର୍ଥ ହରାଇଥିଲେ । ତାଙ୍କର ଦୈନନ୍ଦିନ ଜୀବନର ଅଂଶବିଶେଷ ହୋଇଥିଲା ସମସ୍ତ ପ୍ରକାର ଦାମୀ ମଦ୍ୟ । ବର୍ଷ ବର୍ଷ ଧରି ୟୁରୋପରେ ଓ ସମଗ୍ର ପୃଥିବୀରେ ସେ ଅତି ଧନୀ ବ୍ୟକ୍ତିମାନଙ୍କ ସହିତ ମଉଜ ମଜଲିସ୍ କରିଥିଲେ, ମାତ୍ର ସେହି ରାତ୍ରିରେ ସେ ଏକାକୀ ଥିଲେ । ତାଙ୍କ ନିଃସଙ୍ଗତା, ଯାହାକୁ ସେ ଏକ ବିପଜ୍ଜନକ ଓ ଭୟପୂର୍ଣ୍ଣ ଜାଗତିକ ପରିସ୍ଥିତି ବୋଲି ବିଚାର କରୁଥିଲେ, ସେହି ନିଃସଙ୍ଗତା ଦ୍ୱାରା ସେ ଗଭୀରଭାବେ ନିରାଶ ହୋଇଥିଲେ । ତାଙ୍କ ନିମନ୍ତେ ମୁକୁଳିବାର ଆଉ କୌଣସି ମାର୍ଗ ଦେଖାଯାଉ ନ ଥିଲା ।

ଅତି ଦୃଢ଼ତାର ସହିତ ସେ ନିଜର ପିସ୍ତଲରେ ଗୁଳି ଭର୍ତ୍ତି କଲେ, ଏହାକୁ ନିଜ ମସ୍ତକ ନିକଟରେ ଧରି ପିସ୍ତଲର ଟ୍ରିଗରକୁ ଦବାଇବାକୁ ଯାଉଥିଲେ । ''ମୃତ୍ୟୁଠାରୁ ମାତ୍ର ୧/୮ଇଞ୍ଚ୍ ଦୂରତାରେହିଁ ଏହାପରେ ମୋର ଯନ୍ତ୍ରଣା ଚିରଦିନ ପାଇଁ ଶେଷ ହୋଇଯିବ'', ସେ ଏପରି ଚିନ୍ତା କଲେ । ସେହି ମୁହୂର୍ତ୍ତରେ (ଏହା କିପରି ଘଟିଲା, ତାହା ମୋର ବନ୍ଧୁ ଜାଣନ୍ତି ନାହିଁ) ଦୂରଦର୍ଶନର କାର୍ଯ୍ୟକ୍ରମ ପରିବର୍ତ୍ତିତ ହେଲା । ସେ ଏପରି ଗୋଟିଏ ବାଇବଲ ବାର୍ତ୍ତା ଶୁଣୁଥିବା ଅବସ୍ଥାରେ ନିଜକୁ ଆବିଷ୍କାର କଲେ, ଯାହା ଭବିଷ୍ୟତ୍‌ର ଭରସା ବିଷୟରେ କହୁଥିଲା । ମଧ୍ୟରାତ୍ରିରେ ସଂପୂର୍ଣ୍ଣ ଏକାକୀ ଥିବା ସମୟରେ ଦୟା ଓ କ୍ଷମା ଭିକ୍ଷା କରି ସେ ଜୀବନ୍ତ ଈଶ୍ୱରଙ୍କ ସମ୍ମୁଖରେ ଚଟାଣରେ ପଡ଼ିଗଲେ ।

ଈଶ୍ୱରଙ୍କ ଶକ୍ତି ମୋ ବନ୍ଧୁଙ୍କ ଜୀବନକୁ ସଂପୂର୍ଣ୍ଣ ଭାବରେ ପରିବର୍ତ୍ତିତ କରିଥିଲା, ତେଣୁ ମୋ ସମ୍ମୁଖରେ ଥିବା ବ୍ୟକ୍ତିଙ୍କ ସହିତ ସେହି ବ୍ୟକ୍ତିଙ୍କର ଆଦୌ ସାମଞ୍ଜସ୍ୟ ନଥିଲା, ଯାହାଙ୍କ ବିଷୟ ମୁଁ ସଂକ୍ଷିପ୍ତ ଭାବରେ ବର୍ଣ୍ଣନା କଲି । ତାଙ୍କ ଜନ୍ମ ପୂର୍ବରୁ ତାଙ୍କ ପିତାମାତା ତାଙ୍କ ନିମନ୍ତେ ପ୍ରାର୍ଥନା କରିଥିଲେ । ଆଉ ଜଣେ ଯୁବକ ଭାବରେ ଯଦିଓ ସେ ବାଇବଲ ଅଧ୍ୟୟନ କରିଥିଲେ, ତଥାପି ସେ ଏହାର ବାର୍ତ୍ତାକୁ ଗମ୍ଭୀର





ଭାବେ ଗ୍ରହଣ କରି ନ ଥିଲେ । ତାଙ୍କର ବିଳାସ ଓ ସୁବିଧାପୂର୍ଣ୍ଣ ଜଗତରେ ସେ ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କରି ଅବିଶ୍ୱସନୀୟ ନୈତିକ ଦୁର୍ନୀତିରେ ଆସକ୍ତ ଥିଲେ ।

ଶେଷରେ ଯେଉଁ ରାତ୍ରିରେ ସେ ଈଶ୍ୱରଙ୍କୁ ପାଇଥିଲେ, ସେହି ଅବିସ୍ମରଣୀୟ ରାତ୍ରିର ୧୭ବର୍ଷ ପୂର୍ବେ ମୋର ବନ୍ଧୁ ଗୋଟିଏ ସୁନ୍ଦର ଚମଡ଼ା-ବନ୍ଧେଇ ପୁସ୍ତକ କ୍ରୟ କରିଥିଲେ । ଏଥିରେ କେତୋଟି ଧଳା ପୃଷ୍ଠା ରହିଥିଲା । ତାଙ୍କର ଉଦ୍ଦେଶ୍ୟ ଥିଲା ସେହିଦିନଠାରୁ ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଲିପିବଦ୍ଧ କରିବା । ଆଉ ସେ ପର୍ଯ୍ୟନ୍ତ ସେହି ସତର ବର୍ଷର ବ୍ୟୟବହୁଳ ଓ ଅପଚୟ ଜୀବନଯାପନରେ କୌଣସି ଗୁରୁତ୍ୱପୂର୍ଣ୍ଣ ଘଟଣା ସେଥିରେ ଲେଖାଯାଇ ନ ଥିଲା ।

ପ୍ରକୃତ ବିଷୟ ହେଉଛି ଯେ, ମୋର ବନ୍ଧୁ ସେହି ସବୁ ବର୍ଷଗୁଡ଼ିକରେ ଜୀବିତ ଈଶ୍ୱରଙ୍କଠାରୁ ମୁଖ ଫେରାଇଥିଲେ, ଓ ଏକ ଅଜଣା ଏବଂ ଅସନ୍ତୋଷଜନକ କୃତ୍ରିମ-ଆତ୍ମିକ ଯାତ୍ରା କରୁଥିଲେ । ଦୈନିକ ଜ୍ୟୋତିଷ ଗଣନାରୁ ଓ ବିଦେଶୀ ସଂଗୀତ ଓ ସଂଗୀତ କାର୍ଯ୍ୟକ୍ରମରୁ ଏହା ଆରମ୍ଭ ହେଉଥିଲା । ଅତି ଶୀଘ୍ର ସେ ଗୁଣି ବିଦ୍ୟାରେ ଜଡ଼ିତ ହେଲେ, ପରେ ଯୋଗ ବିଦ୍ୟା ପ୍ରତି ତାଙ୍କର ଆକର୍ଷଣ ତାଙ୍କୁ ହିନ୍ଦୁ ଦର୍ଶନ ଶାସ୍ତ୍ରର ଅଧ୍ୟୟନ କରିବା ପାଇଁ ଓ ଶେଷରେ ପ୍ରାଚ୍ୟ ରହସ୍ୟବାଦରେ ଜଡ଼ିତ ହେବା ପାଇଁ ତାଙ୍କୁ ଚାଳନା ଦେଇଥିଲା । ସେହି ବର୍ଷଗୁଡ଼ିକରେ ସେ ଯେଉଁ ସବୁ ବିଷୟର ଅନୁଭୂତି ପାଇଥିଲେ, ସେଥିମଧ୍ୟରୁ କୌଣସି ଗୋଟିଏ ବିଷୟ ତାଙ୍କର ବାଦାମୀ ବର୍ଣ୍ଣର ଚର୍ମ ପୁସ୍ତିକାରେ ଉଲ୍ଲେଖ କରାଯାଇ ନ ଥିଲା । ସେ ସେହି ରାତ୍ରିରେ ଈଶ୍ୱରଙ୍କୁ ସାକ୍ଷାତ୍ ନ କରିବା ପର୍ଯ୍ୟନ୍ତ ସେହି ପୁସ୍ତକର ପୃଷ୍ଠାଗୁଡ଼ିକ ସେହିପରି ଶ୍ୱେତ (ଅଲେଖା) ହୋଇ ରହିଥିଲା ।

ସେହି ରାତ୍ରିରେ ମୋର ବନ୍ଧୁ ତାଙ୍କର ପ୍ରଥମ ଘଟଣା ଲିପିବଦ୍ଧ କଲେ । ସେ ଯାହା ଲେଖିଥିଲେ, ତାହା ପଢ଼ି ମୁଁ ଆନନ୍ଦିତ ହୋଇଥିଲି । ଏହା ଏପରି ଜଣେ ଅଭାବୀ ବ୍ୟକ୍ତିର ପବିତ୍ର ଓ ଆତ୍ମିକ ବିବରଣୀ ଥିଲା, ଯିଏ ଜଣେ ପ୍ରେମମୟ ଈଶ୍ୱରଙ୍କ ଦ୍ୱାରା ରକ୍ଷା ପାଇଥିଲେ । ଏହା ବାସ୍ତବରେ ସୁନ୍ଦର ଅଟେ । ମହା କରୁଣାରେ, ଈଶ୍ୱର ତାଙ୍କର ଆତ୍ମିକ ଅନ୍ଧତାକୁ ଦୂର କରି ନିଜର ଅପରିବର୍ତ୍ତନୀୟ

ସତ୍ୟତା ଓ ଆଶ୍ଚର୍ଯ୍ୟଜନକ ପ୍ରେମର ଆଲୋକ ଦ୍ୱାରା ତାଙ୍କୁ ହତାଶ ଓ ମୃତ୍ୟୁରୁ ଉଦ୍ଧାର କରିଥିଲେ ।

ମୋର ବନ୍ଧୁଙ୍କ ଅନ୍ଧତା ସଦୃଶ ମନୁଷ୍ୟର ଆତ୍ମିକ ବିଶୃଙ୍ଖଳା ଯୋଗୁ ଈଶ୍ୱର ନିଜକୁ ବାଇବଲ ନାମକ ଏକ ପୁସ୍ତକରେ ପ୍ରକାଶ କରିଛନ୍ତି । ଯଦି ଆପଣମାନେ ଏକମାତ୍ର ନିର୍ଭର ଯୋଗ୍ୟ ଆତ୍ମିକ ପୁସ୍ତକ, ବାଇବଲରୁ ବିମୁଖ ହେବେ, ତେବେ ଆପଣମାନେ ନିଜ ନିଜକୁ ଭ୍ରାନ୍ତି ଓ ତ୍ରୁଟି ମଧ୍ୟରେ ଆବଦ୍ଧ କରି ରଖିବେ । କିନ୍ତୁ, ଯଦି ଈଶ୍ୱରଙ୍କ ଅନ୍ୱେଷଣରେ ଏକ ଶିକ୍ଷାଗ୍ରହଣକାରୀ ମନର ସହିତ ଆପଣମାନେ ବାଇବଲ ପ୍ରତି ଫେରିବେ, ତେବେ ଏଥିରେ ଆପଣ ଆବଶ୍ୟକ କରୁଥିବା ସମସ୍ତ ଆତ୍ମିକ ଆଲୋକ ଓ ନିର୍ଦ୍ଦେଶ ରହିଥିବାର ଦେଖିବେ ।

କେବଳ ଈଶ୍ୱରଙ୍କ ବାକ୍ୟ ମାଧ୍ୟମରେ ଆମେ ଈଶ୍ୱରଙ୍କ ସମ୍ବନ୍ଧରେ ସେହିପରି ଏକ ସ୍ୱଷ୍ଟ ଜ୍ଞାନ ପାଇପାରୁ, ଯେପରି ଭାବରେ ସେ ନିଜକୁ ଘୋଷଣା କରିଛନ୍ତି । ଏହି ପୁସ୍ତକରେ, ଆମକୁ 'ସତ୍ୟ' ସହିତ, ଈଶ୍ୱରଙ୍କ ବାକ୍ୟ ସହିତ ଓ ଜଗତର ଜ୍ୟୋତିଙ୍କ ସହିତ ପରିଚିତ କରାଯାଇଛି ।

ହେ ପ୍ରଭୋ, ସେହି ବ୍ୟକ୍ତିଠାରେ
ଆପଣଙ୍କ ବାକ୍ୟ ବାସ କରେ,
ଆମ ପଦକ୍ଷେପକୁ ପରିଚାଳିତ କରେ,
ଯିଏ ଏହାର ସତ୍ୟତାକୁ ବିଶ୍ୱାସ କରେ,
ଆଲୋକ ଓ ଆନନ୍ଦକୁ ଗ୍ରହଣ କରେ ।



**ଅନୁଧ୍ୟାନ**

୧. ଏପରି ଅନ୍ୟ କିଛି ପାଣ୍ଡୁଲିପି କିମ୍ବା 'ପବିତ୍ର ଲେଖା' ଅଛି କି, ଯାହାକୁ ଭବିଷ୍ୟତ୍‌ର ଘଟଣା ଜଣାଇବାରେ ବାଇବଲର ସଠିକତା ସହିତ ତୁଳନା କରାଯାଇପାରିବ ?

୨. ଆପଣ କଣ ବ୍ୟକ୍ତିଗତ ଭାବରେ ଏପରି ଲୋକମାନଙ୍କୁ ଜାଣନ୍ତି କି, ଯେଉଁମାନେ ବାଇବଲର ବାର୍ତ୍ତା ପ୍ରତି ମନୋଯୋଗୀ ହୋଇଥିବାରୁ ସେମାନଙ୍କ ଜୀବନ ପରିବର୍ତ୍ତିତ ହୋଇଛି ?

୩. ଆପଣ କଣ କେବେ ବାଇବଲର ଅସାଧାରଣ ଶିକ୍ଷାକୁ ତୁଚ୍ଛ କରିବା ସଙ୍ଗେ ସଙ୍ଗେ ଏକ ଖୋଲା ମନ ନେଇ ଏହାକୁ ପାଠ କରିବାରେ ଅବହେଳା ଦେଖାଇଛନ୍ତି ?

*ଯଦିଓ ଆକାଶ ମଣ୍ଡଳ ଓ ପୃଥିବୀକୁ ଏକତ୍ର ଓ ହଠାତ୍ ଆମର ସମ୍ମୁଖୀନ ହେବାକୁ ପଡ଼ନ୍ତା, ତଥାପି ସେମାନଙ୍କ ସମ୍ବନ୍ଧୀୟ ସମସ୍ୟା, ଈଶ୍ୱରଙ୍କ ସମ୍ବନ୍ଧୀୟ ଅତିରିକ୍ତ ସମସ୍ୟା ତୁଳନାରେ କିଛି ହୁଅନ୍ତା ନାହିଁ । ଯଥା, ସେ କିଏ, ସେ କିପରି ଅଟନ୍ତି, ଆଉ ନୈତିକ ପ୍ରାଣୀ ଭାବରେ ତାଙ୍କ ସମ୍ବନ୍ଧରେ ଆମର କର୍ତ୍ତବ୍ୟ କ'ଣ ।*

*ଏ.ଡବ୍ଲୁ.ୟୁ.ଟୋଜର୍*

## ଅଧ୍ୟାୟ ୩

# *ଈଶ୍ୱର କିପରି ଅଟନ୍ତି ?*

ଅନେକ ସମୟରେ ଅଧିକାଂଶ ଲୋକ ଏହି ପ୍ରଶ୍ନ କରିଥାନ୍ତି: ''ଈଶ୍ୱର କିପରି ଅଟନ୍ତି ?'' ଯଦିଓ ଈଶ୍ୱର ଏହି ପ୍ରଶ୍ନର ଉତ୍ତର ପ୍ରଦାନ କରିଛନ୍ତି, ତଥାପି ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ଈଶ୍ୱର ନିଜ ସମ୍ବନ୍ଧରେ ଯାହା କହିଅଛନ୍ତି, ତାହା ଜାଣିବା ପାଇଁ ବାଇବଲ ପାଠ ନ କରି ସେମାନଙ୍କର କଳ୍ପନା ଓ ଅନୁମାନ ଉପରେ ନିର୍ଭର କରନ୍ତି ।

ବାସ୍ତବରେ, ଏହି ଲୋକମାନେ ବାଇବଲର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଉକ୍ତିକୁ ଓଲଟାଇ ଦେଇଛନ୍ତି । ଯେଉଁଠାରେ ଈଶ୍ୱର କହିଥିଲେ: *''ଆମ୍ଭେ ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ନିର୍ମାଣ କରିବା'' (ଆଦିପୁସ୍ତକ ୧:୨୬)* । ମାତ୍ର ସେମାନେ କହନ୍ତି: ''ଆମ୍ଭେମାନେ ଆପଣା ଆପଣା ସାଦୃଶ୍ୟରେ ଈଶ୍ୱରଙ୍କୁ ନିର୍ମାଣ କରିବା ।'' ଆଉ ଏହିପରି ଭାବରେ ସେମାନେ *''ଅକ୍ଷୟ ଈଶ୍ୱରଙ୍କ ଗୌରବକୁ କ୍ଷୟଣୀୟ ମନୁଷ୍ୟର...ଆକୃତିଯୁକ୍ତ ପ୍ରତିମାରେ ପରିଣତ କରନ୍ତି'' (ରୋମୀୟ ୧:୨୩)* । ମନୁଷ୍ୟ ଦ୍ୱାରା ସୃଷ୍ଟ ପ୍ରତ୍ୟେକ ଦେବତା ସଂପୂର୍ଣ୍ଣ ଭାବରେ ଶକ୍ତିହୀନ ଓ ବେଳେବେଳେ ବିକୃତ ଅଟନ୍ତି ।

ଜଣେ ମନୁଷ୍ୟ ଯେତେ ଚତୁର ହେଲେ ସୁଦ୍ଧା, ସେ ଜାଗତିକ ଜ୍ଞାନ ଦ୍ୱାରା ଜୀବିତ ଈଶ୍ୱରଙ୍କୁ ଆଦୌ ଆବିଷ୍କାର କରିପାରେ ନାହିଁ... *ଜଗତ ନିଜ ଜ୍ଞାନ ଦ୍ୱାରା ଈଶ୍ୱରଙ୍କୁ ଜାଣି (ନଥିଲା) (୧କରିନ୍ଥୀୟ ୧:୨୧)* । ଯଦି ଈଶ୍ୱର ମାନବିକ ଚତୁରତା ଦ୍ୱାରା ଆବିଷ୍କୃତ ହୋଇପାରିଥାନ୍ତେ, ତେବେ ସେ ଈଶ୍ୱର ହେବା ପାଇଁ ଅତି କ୍ଷୁଦ୍ର ହୋଇଯାଇଥାନ୍ତେ । କେବଳ ସେତିକି ନୁହେଁ, ଯଦି ମାନବିକ ଚତୁରତା ଈଶ୍ୱରଙ୍କୁ ଆବିଷ୍କାର କରିବା ପାଇଁ ଆବଶ୍ୟକ ହୋଇଥା'ନ୍ତା, ତେବେ ଯେଉଁ ଲୋକମାନେ ଚତୁର ନୁହଁନ୍ତି, ସେମାନେ ଈଶ୍ୱରଙ୍କ ଅନ୍ୱେଷଣରେ ଅସୁବିଧା ଭୋଗିଥାନ୍ତେ । କିନ୍ତୁ ସେପରି ଘଟେ ନାହିଁ ।

ଏହାର ବିପରୀତରେ, ଆତ୍ମିକ ଜ୍ଞାନ ପ୍ରତ୍ୟେକଙ୍କ ପ୍ରତି ଉପଲବ୍ଧ । ଏହା ଜଣେ ଆଫ୍ରିକୀୟ ଅସଭ୍ୟ ମହିଳା ପ୍ରତି ଯେପରି ଉପଲବ୍ଧ, ସେହିପରି ଜଣେ ବିଶ୍ୱବିଦ୍ୟାଳୟର

ପ୍ରାଧ୍ୟାପକଙ୍କ ପ୍ରତି ମଧ୍ୟ ସମାନ ଭାବରେ ଉପଲବ୍ଧ ଅଟେ, କାରଣ ଆତ୍ମିକ ଜ୍ଞାନ ଆନୁଷ୍ଠାନିକ ଶିକ୍ଷା ପ୍ରକ୍ରିୟା ଦ୍ୱାରା ପ୍ରାପ୍ତ ହୁଏ ନାହିଁ । ଏହା ସେହି ସମସ୍ତ ଲୋକଙ୍କୁ ମିଳେ, ଯେଉଁମାନେ ଈଶ୍ୱରଙ୍କ ଅନ୍ୱେଷଣରେ ଈଶ୍ୱରଙ୍କ ସାହାଯ୍ୟକୁ ଚିହ୍ନିବା ପାଇଁ ଯଥେଷ୍ଟ ନମ୍ର ଅଟନ୍ତି ।

*"କିନ୍ତୁ ତୁମ୍ଭମାନଙ୍କ ମଧ୍ୟରୁ ଯେବେ କାହାରି ଜ୍ଞାନର ଅଭାବ ଥାଏ, ତେବେ ଯେଉଁ ଈଶ୍ୱର ଦୋଷ ନ ଧରି ମୁକ୍ତ ହସ୍ତରେ ସମସ୍ତଙ୍କୁ ଦାନ କରନ୍ତି, ତାହାଙ୍କ ଛାମୁରେ ସେ ପ୍ରାର୍ଥନା କରୁ, ସେଥିରେ ତାହାକୁ ଦିଆଯିବ" (ଯାକୁବ ୨:୫) । ଏହି ପ୍ରକାର ଜ୍ଞାନ ଜାଗତିକ ନୁହେଁ, ମାତ୍ର ସ୍ୱର୍ଗୀୟ ଅଟେ । ଏହି ଜ୍ଞାନ "ଏହି ଯୁଗର ନେତାମାନଙ୍କ ମଧ୍ୟରେ (ଯେଉଁ ନେତାମାନେ ଜଗତର ପ୍ରଥା ଦ୍ୱାରା ପରିଚାଳିତ ହୁଅନ୍ତି) କେହି ଜାଣି ନାହାନ୍ତି... ଯେପରି ଈଶ୍ୱରଙ୍କ ଦ୍ୱାରା ଆମ୍ଭମାନଙ୍କୁ ଅନୁଗ୍ରହରେ ଦତ୍ତ ବିଷୟଗୁଡ଼ିକ ଆମ୍ଭେମାନେ ଜାଣିପାରୁ, ଏଥିପାଇଁ ଆମ୍ଭେମାନେ ଜଗତର ଆତ୍ମା ନ ପାଇ ଈଶ୍ୱରଙ୍କ ଆତ୍ମା ପାଇଅଛୁ" (୧ କରିନ୍ଥୀୟ ୨:୮,୧୨) ।*

ବାଇବଲ କେବଳ ଗୋଟିଏ ଧର୍ମୀୟ ଲେଖା ନୁହେଁଦ୍ଧ ଈଶ୍ୱର କିପରି ମନୁଷ୍ୟ ନିକଟରେ ନିଜକୁ ପ୍ରକାଶ କରିଥିଲେ, ଏହା ମୁଖ୍ୟତଃ, ସେହି ବିଷୟର ବିବରଣୀ ଅଟେ । ଆଉ କେବଳ ଈଶ୍ୱର ଆମକୁ ସେହି ଆବଶ୍ୟକୀୟ ଆତ୍ମିକ ଜ୍ଞାନ ପ୍ରଦାନ କରି ପାରନ୍ତି, ଯଦ୍ଦ୍ୱାରା ସେ କିଏ ଅଟନ୍ତି ଓ ସେ ଆପଣଙ୍କ ଜୀବନରେ କଣ କରିବାକୁ ଚାହାଁନ୍ତି, ତାହା ଆମେ ବୁଝିପାରୁ ।

**"ଯଦି ଆପଣ ତାଙ୍କୁ ମାଗିବେ, ତେବେ ସେ ନିଜ ପବିତ୍ର ବାକ୍ୟ ମାଧ୍ୟମରେ ଆପଣଙ୍କ ନିକଟରେ ନିଜକୁ ପ୍ରଦର୍ଶନ କରିବେ ।"**

ଆମର ଯାତ୍ରାରେ ଆମେ ଅନେକ ଅସମ୍ଭବ ସ୍ଥାନରେ ଓ ଅସାଧାରଣ ଲୋକମାନଙ୍କ ମଧ୍ୟରେ ଗଭୀର ଆତ୍ମିକ ଆଗ୍ରହ ଓ ଦୃଷ୍ଟିକୋଣ ଆବିଷ୍କାର କରିଛୁ । ଉଦାହରଣ ସ୍ୱରୂପ, ଦିନେ ଆମେ କେନିୟାର ଘନ ଜଙ୍ଗଲ ମଧ୍ୟରେ ଏପରି ଦଳେ ଆଫ୍ରିକୀୟ ଯୁବକମାନଙ୍କୁ ଭେଟିଲୁ, ଯେଉଁମାନେ କେବଳ ସେମାନଙ୍କର ବିଶ୍ୱାସ ସମ୍ବନ୍ଧରେ ଜଣାଇବାକୁ ଓ ଈଶ୍ୱରଙ୍କ ସମ୍ବନ୍ଧରେ ଅଧିକ ବିଷୟ ଜାଣିବାକୁ ଆଗ୍ରହୀ ଥିଲେ ।





ବିଷୁବ ମଣ୍ଡଳୀୟ ସୂର୍ଯ୍ୟ ଅତି ଶୀଘ୍ର ଦିଗ୍‌ବଳୟର ତଳକୁ ଖସିଗଲା ଓ ଏହିପରି ଭାବରେ ଏକ ଦୀର୍ଘ, ବ୍ୟସ୍ତ ଦିନ ଶେଷ ହୋଇଥିଲା । ସାମାନ୍ୟ ବିଶ୍ରାମ ନେବା ପାଇଁ ମୁଁ କେନିଆ ଦେଶର ଏକ ଧୂଳିମୟ ଗଳି ନିକଟସ୍ଥ ଗୋଟିଏ ପ୍ରସ୍ତର ଉପରେ ବସିଥିବା ସମୟରେ ବୁଦା ମଧ୍ୟରେ କିଛି ଶବ୍ଦ ଶୁଣିଲି । ଗୋଟିଏ ଆଫ୍ରିକୀୟ ବାଳକର ବଡ଼ ବଡ଼ କୃଷ୍ଣବର୍ଣ୍ଣ ଚକ୍ଷୁରେ ପ୍ରତିଫଳିତ ପୂର୍ଣ୍ଣମୀ ଜହ୍ନର ଏକ ଝାପ୍‌ସା କିରଣ ମୁଁ ଦେଖିପାରିଲି । ଅତି ଶୀଘ୍ର ଏହି ୧୦ ବର୍ଷର ବାଳକଟି ପ୍ରସ୍ତର ଉପରେ ମୋ' ନିକଟରେ ବସି କଥାବାର୍ତ୍ତା ହେବାରେ ଲାଗିଲାଦ୍ଧ ଆମେ ଅତି ଶୀଘ୍ର ଉତ୍ତମ ବନ୍ଧୁରେ ପରିଣତ ହେଲୁ । ଅନ୍ୟ ପିଲାମାନେ ଆମର ସ୍ୱର ଶୁଣି ଆମେ କେଉଁ ବିଷୟରେ କଥାବାର୍ତ୍ତା କରୁଛୁ, ତାହା ଜାଣିବା ପାଇଁ ଚତୁର୍ଦ୍ଦିଗରୁ ଆସିବାକୁ ଲାଗିଲେ । ବାଇବଲ ସମ୍ବନ୍ଧରେ ସେମାନଙ୍କ ଜ୍ଞାନ ମୋତେ ବହୁଭାବରେ ପ୍ରଭାବିତ କଲା ।

"କାହିଁକି ଈଶ୍ୱର ମୋଶାଙ୍କୁ ନିଜର ମୁଖ ଦେଖିବାକୁ ଦେଇ ନ ଥିଲେ" ? ମୋର ଛୋଟ ବନ୍ଧୁ ପ୍ରଶ୍ନ କଲା ।

ଏହିପରି ଗୋଟିଏ ପ୍ରଶ୍ନ ଦ୍ୱାରା ପ୍ରଭାବିତ ହୋଇ, ମୁଁ ସେହି ବାଳକ ଯୋୟେଲକୁ ପ୍ରଶ୍ନ କଲି– *" ତୁମ୍ଭେ ଆମ୍ଭର ପୃଷ୍ଠ ଦେଖିବ, ମାତ୍ର ଆମ୍ଭର ମୁଖ ଦେଖାଯିବ ନାହିଁ" (ଯାତ୍ରାପୁସ୍ତକ ୩୩:୨୩)* – ଏହା ଈଶ୍ୱର ମୋଶାଙ୍କୁ କହିବା ପୂର୍ବରୁ ମୋଶା ଯେଉଁ ପ୍ରାର୍ଥନା କରିଥିଲେ, ତାହା ତୁମେ ସ୍ମରଣ କରିପାରୁଛ କି ?

ଈଶ୍ୱରଙ୍କ ଗୌରବ ଦର୍ଶନ କରିବା କେତେ ଆନନ୍ଦ ପୂର୍ଣ୍ଣ, ତାହା ମୋଶା ଜାଣି ନ ଥିଲେ । କିନ୍ତୁ, ଈଶ୍ୱର ଜଣେ ଆତ୍ମ–ପ୍ରକାଶକାରୀ ଈଶ୍ୱର, ଯିଏ ମନୁଷ୍ୟକୁ ନିଜ ଆଡ଼କୁ ଆକର୍ଷିତ କରିବାକୁ ଚାହାଁନ୍ତି । ସେଥିପାଇଁ, ଭାବବାଦୀ ଯେତିକି ସହ୍ୟ କରିପାରିଥା'ନ୍ତେ, କେବଳ ନିଜର ସେତିକି ଅଂଶ ସେ ତାଙ୍କୁ (ମୋଶାଙ୍କୁ) ଦେଖାଇଥିଲେ । ଯଦି ଈଶ୍ୱର ନିଜର ଅଧିକ ଅଂଶ ଦେଖାଇଥା'ନ୍ତେ, ତେବେ ତାଙ୍କ ଉପସ୍ଥିତିର ଉଜ୍ଜ୍ୱଳତା ମୋଶାଙ୍କୁ ଗ୍ରାସ କରିଥାନ୍ତା । ଯଦିଓ ଈଶ୍ୱର ମୋଶାଙ୍କଠାରୁ ନିଜ ଗୌରବର ସଂପୂର୍ଣ୍ଣତାକୁ ଲୁକ୍‌କାୟିତ କରିଥିଲେ, ତଥାପି ଯେତେବେଳେ ଈଶ୍ୱର ମୋଶାଙ୍କ ନିକଟ ଦେଇ ଚାଲିଗଲେ, ସେତେବେଳେ ମଧ୍ୟ ତାଙ୍କୁ ଏକ ଶୈଳର ଛିଦ୍ର (ଗୁମ୍ଫା)ରେ ମୋଶାଙ୍କୁ ରଖିବାକୁ ହୋଇଥିଲା (ଯାତ୍ରାପୁସ୍ତକ ୩୩:୨୨) ।

ବିଷୁବ ମଣ୍ଡଳରେ ବାସ କରୁଥିବା ମୋର ଛୋଟ ବନ୍ଧୁମାନେ ଏ ବିଷୟରେ ସଚେତନ ଥିଲେ ଯେ, ସେମାନେ ସେମାନଙ୍କର ଚକ୍ଷୁକୁ ଆବୃତ ନ କରି ମଧ୍ୟାହ୍ନ–ସୂର୍ଯ୍ୟର ଉଜ୍ଜ୍ୱଳ କିରଣ ପ୍ରତି ଦୃଷ୍ଟିପାତ କରି ପାରିବେ ନାହିଁ । ସେମାନେ ଏହା ମଧ୍ୟ ଜାଣିଥିଲେ ଯେ ପ୍ରଜାପତିମାନେ ଅନ୍ଧକାର ରାତ୍ରିରେ ଆଲୋକ ପ୍ରତି ଆକର୍ଷିତ ହୁଅନ୍ତି ।

ଆଲୋକର ଅତି ନିକଟକୁ ଗଲେ ପ୍ରଜାପତିମାନଙ୍କର ଅବସ୍ଥା କ'ଣ ହୁଏ ବୋଲି ମୁଁ ପ୍ରଶ୍ନ କରିବାରୁ ସେମାନେ ଏକ ସଂଗେ ଉତ୍ତର ଦେଇଥିଲେ, ''ସେମାନେ ନିହତ ହୁଅନ୍ତି ।'' ଆଲୋକର ନିକଟକୁ ଗଲେ ସେମାନଙ୍କ ପ୍ରତି କି ବିପଦ ଘଟିବ, ସେ ସମ୍ବନ୍ଧରେ ସେମାନେ ସ୍ପଷ୍ଟ ଭାବରେ ଜାଣିଥିଲେ ।

ସେମାନଙ୍କ ପ୍ରଶ୍ନର ଉତ୍ତର ବୁଝିବାରେ ସାହାଯ୍ୟ କରିବା ପାଇଁ ମୁଁ ଅନ୍ୟ ଗୋଟିଏ ଦୃଷ୍ଟାନ୍ତ ଚିନ୍ତା କରିବାକୁ ଚେଷ୍ଟା କଲି । ମୋର ସମସ୍ତ ନୂତନ ବାଳକ ବନ୍ଧୁମାନେ ସେହି ଗୁଡ଼ାଇବା ବସ୍ତ୍ର ସମ୍ବନ୍ଧରେ ଜାଣିଥିଲେ, ଯେଉଁଥିରେ ସେମାନଙ୍କ ସାନ ସାନ ଭାଇ ଭଉଣୀମାନେ ଗୁଡ଼ା ହୋଇ ମାଆର ପ୍ରେମପୂର୍ଣ୍ଣ ହୃଦୟ ଓ ସୁକୋମଳ ଯତ୍ନର ଅତି ନିକଟରେ ସୁରକ୍ଷିତ ହୋଇ ରହନ୍ତି । ଏହାପରେ ମୁଁ ସେମାନଙ୍କୁ ସେହି ଗୁଡ଼ାଇବା ବସ୍ତ୍ର ସମ୍ବନ୍ଧରେ କହିଲି (ଆୟୁବ ୩୮:୯), ଯାହା ଈଶ୍ୱର ପୃଥିବୀର ଚତୁର୍ଦ୍ଦିଗରେ ଗୁଡ଼ାଇଛନ୍ତି ।

(ବୈଜ୍ଞାନିକମାନେ ଏହାକୁ ଓଜନ୍ ସ୍ତର ବୋଲି କହନ୍ତି । ଆଲୋଟ୍ରୋପିକ୍ ଅମ୍ଳଜାନର ଏହି କୋମଳ ସ୍ତର ସୂର୍ଯ୍ୟଠାରୁ ଆସୁଥିବା କ୍ଷତିକାରକ ଅତି ବାଇଗଣିଆ ରଶ୍ମିକୁ ପୃଥିବୀ ପୃଷ୍ଠକୁ ଆସିବାକୁ ଦିଏ ନାହିଁ । ଅବଶ୍ୟ, ସୂର୍ଯ୍ୟ ବିନା ପୃଥିବୀ ଗ୍ରହରେ କୌଣସି ଜୀବସତ୍ତା ନ ଥା'ନ୍ତା, ମାତ୍ର ଈଶ୍ୱରଙ୍କର କୋମଳ ଯତ୍ନ ଅତିରିକ୍ତ ସୂର୍ଯ୍ୟ ଶକ୍ତିରୁ ଓ ତାହାର କର୍କଟ ରୋଗ ସୃଷ୍ଟିକାରୀ ପ୍ରଭାବରୁ ଆମକୁ ସୁରକ୍ଷା ପ୍ରଦାନ କରିଛି ।)

ମୋର ବାଳକ ବନ୍ଧୁମାନେ ଈଶ୍ୱରଙ୍କର ସେହି ଗୁଡ଼ାଇବା ବସ୍ତ୍ର ବିଷୟରେ ଅଧିକ ଆଗ୍ରହୀ ଜଣାଗଲେ, ଯେତେବେଳେ ମୁଁ ସରଳ ଭାଷାରେ ବୁଝାଇବାକୁ ଚେଷ୍ଟା କଲି ଯେ ଏହା ଆମକୁ ସମସ୍ତ ପ୍ରକାର ଭୟଙ୍କର ପୋଡ଼ାଜଳାରୁ ରକ୍ଷା କରେ । ମୁଁ ଯାହା ସବୁ କହିଲି, ତାହା ସେମାନେ ବୁଝିଲେ କି ନାହିଁ, ତାହା ମୁଁ ଜାଣେ ନାହିଁ, ମାତ୍ର ସେମାନଙ୍କର ଛୋଟ ହୃଦୟ ଈଶ୍ୱରଙ୍କ ପ୍ରେମ ଓ ଗୌରବ ପ୍ରତି କୋମଳ ଭାବରେ ପ୍ରତିକ୍ରିୟା ଦେଖାଇଥିଲା ଓ ଆମେ ଏକତ୍ର ପ୍ରାର୍ଥନାରେ ବହୁମୂଲ୍ୟ ସମୟ କଟାଇଥିଲୁ । ସେମାନେ ଏକ ବ୍ୟକ୍ତିଗତ ଉପାୟରେ, ସ୍ପଷ୍ଟ ଭାବରେ ଏହା ଜାଣିଥିଲେ ଯେ, ସେମାନେ ମଧ୍ୟ ସେହି ସମାନ ସୁରକ୍ଷା ଉପଭୋଗ କରିଥିଲେ ଯାହା ଈଶ୍ୱରଙ୍କ ଅନ୍ୱେଷଣରେ ମୋଶାଙ୍କୁ ପ୍ରଦତ୍ତ ହୋଇଥିଲା । ଈଶ୍ୱର କିପରି ଅଟନ୍ତି–ଏହି ସମ୍ବନ୍ଧରେ ବାଇବଲ ଆମକୁ ଏହା କହେ ଯେ: ''ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱର **ଏକମାତ୍ର ସଦାପ୍ରଭୁ** ଅଟନ୍ତି'' (ଦ୍ୱିତୀୟ ବିବରଣ ୬:୪) । ତାଙ୍କ ବ୍ୟକ୍ତିତ୍ୱର ଅଭିନ୍ନତା ହେଉଛି ଏକ ମୌଳିକ ସତ୍ୟ ।

**କିନ୍ତୁ, ଈଶ୍ୱର କିପରି ଅଟନ୍ତି–ଏ ସମ୍ବନ୍ଧରେ ଆମକୁ ଏକ ସଂପୂର୍ଣ୍ଣ ଜ୍ଞାନ ପ୍ରଦାନ ନିମନ୍ତେ, ଈଶ୍ୱର ଆମକୁ ତାଙ୍କର ନାମଗୁଡ଼ିକ ମଧ୍ୟ କହିଛନ୍ତି ।**





ବାଇବଲରେ, ନାମଗୁଡ଼ିକୁ ସର୍ବଦା ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଏ । କାରଣ ସେଗୁଡ଼ିକର ଅର୍ଥ, ଧାରଣକାରୀର ଚରିତ୍ରର କିଛି ଦିଗକୁ ପ୍ରତିଫଳିତ କରିବା ପାଇଁ ଉଦ୍ଦିଷ୍ଟ ଅଟେ । ଈଶ୍ୱରଙ୍କୁ ସୂଚାଇବା ନିମନ୍ତେ ବ୍ୟବହୃତ ପ୍ରତ୍ୟେକଟି ନାମରେ ଏକ ଅତି ବିଶେଷ ଅର୍ଥ ରହିଛି ଓ ଏହା ତାଙ୍କ ସ୍ୱର୍ଗୀୟ ବ୍ୟକ୍ତିତ୍ୱର ଏକ ଅସାଧାରଣ ଦିଗକୁ ପ୍ରକାଶ କରେ ।

ପୁରାତନ ନିୟମରେ ତିନୋଟି ମୁଖ୍ୟ ନାମ ଅଛି, ଯେଉଁଗୁଡ଼ିକ ଈଶ୍ୱରଙ୍କ ନିମନ୍ତେ ବ୍ୟବହୃତ ହୋଇଛିଦ୍ଧ ଯଥା–ଯିହୋବାଃ, ଏଲୋହିମ୍ ଓ ଆଡ଼ୋନାଇ । ପ୍ରତ୍ୟେକଟିର ଏକ ବିଶେଷ ଗୁରୁତ୍ୱ ରହିଛି । ପ୍ରଥମ ବ୍ୟବହୃତ ନାମ ହେଉଛି ଏଲୋହିମ୍ । ଆଉ ଏହା ପ୍ରାୟ ୨୦୦୦ଥର ଉଲ୍ଲେଖ କରାଯାଇଛି । ଯଦିଓ ଯିହୋବାଃ ନାମଟି ସାର୍ବଭୌମ ଅଟେ, ତଥାପି ତାଙ୍କର ଏଲୋହିମ ନାମରେ ମଧ୍ୟ ସ୍ପଷ୍ଟତଃ, ଏକ ପ୍ରାଧାନ୍ୟ ଓ ଗୁରୁତ୍ୱ ରହିଛି ଯାହା ହରାଇବାକୁ ଈଶ୍ୱର ଚାହାଁନ୍ତି ନାହିଁ । ଏହା କଣ ହୋଇପାରେ ?

ଇଂରାଜୀ ଭାଷାରେ, ଯେତେବେଳେ ଆମେ ଏକବଚନରେ କଥା କହୁ, ସେତେବେଳେ ଗୋଟିଏ ବା ଜଣଙ୍କ ସମ୍ବନ୍ଧରେ କହୁ, ଆଉ ଯେତେବେଳେ ଆମେ ବହୁବଚନରେ କଥା କହୁ, ସେତେବେଳେ ଆମେ ଏକାଧିକ ବିଷୟ ପ୍ରତି ସୂଚନା ଦେଉ । କିନ୍ତୁ, ଯଦିଓ ଆମେ ଏକାଧିକଙ୍କ ବିଷୟ କହିବା ସମୟରେ ବହୁବଚନରେ କଥାବାର୍ତ୍ତା କରୁ, ସେତେବେଳେ ମୂଳ ହିବ୍ରୁ ଅଧିକ ସଠିକ୍ ହୁଏ । ଏହା 'ଦୁଇଟି ବିଷୟକୁ' ସୂଚାଇବା ସମୟରେ ''ଦ୍ୱିବଚନ'' ପ୍ରୟୋଗ କରେ ଓ ଦୁଇରୁ ଅଧିକ ସୂଚାଇବା ସମୟରେ ''ବହୁବଚନ'' ପ୍ରୟୋଗ କରେ । 'ଦ୍ୱିବଚନ' ଓ 'ବହୁବଚନ' (ଦୁଇ ଓ ତିନି କିମ୍ବା ଅଧିକ) ମଧ୍ୟରେ ପାର୍ଥକ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । 'ଏଲୋହିମ୍' ବାଇବଲରେ ଈଶ୍ୱରଙ୍କ ନିମନ୍ତେ ବ୍ୟବହୃତ ପ୍ରଥମ ନାମ ଅଟେ । ହିବ୍ରୁରେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ସୂଚାଉଥିବା 'ଏଲୋହିମ୍' ଶବ୍ଦଟି ଏକବଚନରେ ନାହିଁ କିମ୍ବା ଦ୍ୱିବଚନରେ ନାହିଁ, ମାତ୍ର ଏହା ବହୁବଚନରେ ଅଛି ।

*''ଆଦ୍ୟରେ ପରମେଶ୍ୱର (ଏଲୋହିମ୍) ଆକାଶମଣ୍ଡଳ ଓ ପୃଥିବୀ ସୃଷ୍ଟି କଲେ'' (ଆଦି ପୁସ୍ତକ ୧:୧)* । ସେଥିପାଇଁ, ଆମେ ଏହା ଦେଖୁ ଯେ, ବାଇବଲରେ ଈଶ୍ୱରଙ୍କ ନିମନ୍ତେ ବ୍ୟବହୃତ ସର୍ବପ୍ରଥମ ନାମ–ଯାହା ଈଶ୍ୱରଙ୍କର ମନୁଷ୍ୟ ନିକଟରେ ଆତ୍ମ ପ୍ରକାଶ ଅଟେ–ସେଥିରେ ଈଶ୍ୱରଙ୍କର ତିନିରେ–ଏକ ଓ ଏକରେ–ତିନି ହେବା ଧାରଣାର ଏକ ସୂଚନା ରହିଛି । ଏହି ତ୍ରି–ଏକତାକୁ ବେଳେବେଳେ ତ୍ରିତ୍ତ୍ୱବାଦ ବୋଲି କୁହାଯାଇଛି ।

ଈଶ୍ୱରଙ୍କର ତ୍ରି–ଏକତା ସମ୍ବନ୍ଧରେ ପ୍ରଥମ ସୂଚନା ପରେ ଆମେ ଈଶ୍ୱରଙ୍କର ମନୁଷ୍ୟ ସୃଷ୍ଟି ସମ୍ବନ୍ଧୀୟ ବିବରଣୀ ଦେଖିବାକୁ ପାଉ । *''ଏଥିଉତ୍ତାରେ ପରମେଶ୍ୱର କହିଲେ, 'ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦୃଶ୍ୟରେ ମନୁଷ୍ୟର ନିର୍ମାଣ କରୁ''*(ଆଦି ପୁସ୍ତକ ୧:୨୬) ।* ''ଆମ୍ଭେମାନେ'' ଓ ''ଆମ୍ଭମାନଙ୍କର'' (ଆପଣା) ଶବ୍ଦଗୁଡ଼ିକ ଯେ ବହୁବଚନ, ଏହା କେହି ଅସ୍ୱୀକାର କରିପାରିବ ନାହିଁ । କିନ୍ତୁ, ଆଶ୍ଚର୍ଯ୍ୟଜନକ ଭାବରେ, ପରବର୍ତ୍ତୀ ବାକ୍ୟରେ ଆମେ ପାଠ କରୁ: ''ପୁରୁଷ ଓ ସ୍ତ୍ରୀ କରି ସେ ସେମାନଙ୍କୁ ସୃଷ୍ଟି କଲେ'' (ଆଦି ପୁସ୍ତକ ୧:୨୭) । ଏଠାରେ, ଏହା ସ୍ପଷ୍ଟ ଅଟେ ''ସେ'' ଶବ୍ଦଟି ଗୋଟିଏ ମାତ୍ର ବ୍ୟକ୍ତିଙ୍କୁ ସୂଚିତ କରିପାରେ । ସେଥିପାଇଁ ''ଏକ'' ଓ ''ଏକାଧିକ'' ଭାବରେ ଈଶ୍ୱରଙ୍କ ପ୍ରତି ଏହି ପ୍ରତ୍ୟେକଟି ସୂଚନା ସେହି ଈଶ୍ୱରଙ୍କ ପ୍ରତି ଉଦ୍ଦିଷ୍ଟ ଅଟେ, ଯିଏ ନିଜକୁ ଏଲୋହିମ୍ ଭାବରେ ପରିଚିତ କରିସାରିଛନ୍ତି ।

ଏହିପରି ଜଣେ ଈଶ୍ୱରଙ୍କୁ ବୁଝିବା ମାନବ ଜ୍ଞାନର ସାଧ୍ୟାତୀତ ଅଟେ । ସେଥିପାଇଁ, ବୁଝିବାରେ ଆମକୁ ସାହାଯ୍ୟ କରିବାକୁ ଈଶ୍ୱର ଅନୁଗ୍ରହପୂର୍ବକ *''ଈଶ୍ୱରଙ୍କ ଆତ୍ମା ପ୍ରଦାନ କରିଛନ୍ତି, ଯେପରିକି ଆମ୍ଭେମାନେ ଈଶ୍ୱରଦତ୍ତ ବିଷୟଗୁଡ଼ିକୁ ଜାଣିପାରିବା''* (୧ କରିନ୍ଥୀୟ ୨:୧୨) । ଈଶ୍ୱର କିପରି ଅଟନ୍ତି–ଏହି ସମ୍ବନ୍ଧରେ ଏହି ପ୍ରାରମ୍ଭିକ ସୂଚନାରୁ ଆରମ୍ଭ କରି ବାଇବଲ ଧୀରେ ଧୀରେ ତାଙ୍କର ରହସ୍ୟମୟ ତ୍ରି–ଏକତ୍ୱ ରହସ୍ୟକୁ ଉନ୍ମୋଚିତ କରିଛି । ଈଶ୍ୱରଙ୍କର ଏହି 'ଏକରେ ତିନି' ଓ 'ତିନିରେ ଏକ' ବ୍ୟକ୍ତିତ୍ୱ ବୁଝିବା ଦ୍ୱାରା ତାହା ଆପଣମାନଙ୍କୁ ୭ ଅଧ୍ୟାୟ ପାଠ କରିବା ସମୟରେ ଆପଣଙ୍କ ନିମନ୍ତେ ତାଙ୍କର ଆଶ୍ଚର୍ଯ୍ୟଜନକ ପ୍ରେମକୁ ଆହୁରି ଉତ୍ତମ ରୂପେ ବୁଝିବାରେ ସାହାଯ୍ୟ କରିବ । ତାଙ୍କ ପ୍ରେମର ମହାନତା ସମ୍ବନ୍ଧରେ କିଛି ବୁଝିବାରେ ଆମକୁ ସାହାଯ୍ୟ କରିବା ପାଇଁ, ଈଶ୍ୱର, କ୍ରମଶଃ, ବାଇବଲର ଅବଶିଷ୍ଟ ସମଗ୍ର ଅଂଶରେ ନିଜକୁ ପ୍ରକାଶ କରିଛନ୍ତି । ସେଠାରେ ଆମେ ପିତା ଈଶ୍ୱର, ପୁତ୍ର ଈଶ୍ୱର ଓ ପବିତ୍ରାତ୍ମା ଈଶ୍ୱରଙ୍କ ସହିତ ପରିଚିତ ହୋଇଅଛୁ । ତଥାପି ସେ ଏକମାତ୍ର ଓ ଚିରନ୍ତନ, ଅଦ୍ୱିତୀୟ

*ଏହା ଲକ୍ଷ୍ୟ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ, ପୁରୁଷ ଓ ନାରୀଙ୍କ ସୃଷ୍ଟି, ଉଦ୍ଭିଦ ଜଗତର ସୃଷ୍ଟି ସହିତ ଆଦୌ ସମାନ ହୋଇ ନ ପାରେ କିମ୍ବା ପ୍ରାଣୀ ଜଗତର ବିବର୍ତ୍ତନମାନ ବିକାଶର ସର୍ବୋଚ୍ଚ ରୂପ ସହିତ ସୁଦ୍ଧା ସମାନ ହୋଇ ନ ପାରେ । ତେବେ, ପୁରୁଷ ଓ ନାରୀ ''ଈଶ୍ୱରଙ୍କ ସାଦୃଶ୍ୟରେ ସୃଷ୍ଟି ହୋଇଥିଲେ'', ଆଉ ସେଥିପାଇଁ ସେମାନେ ଈଶ୍ୱରଙ୍କ ସମସ୍ତ ଆଶ୍ଚର୍ଯ୍ୟଜନକ ସୃଜନାତ୍ମକ କାର୍ଯ୍ୟର ଶୀର୍ଷରେ ଏକ ଅସାଧାରଣ ସୃଷ୍ଟି ଅଟନ୍ତି । ପରେ, ଏହି ପୁସ୍ତକରେ, ଏହି ଅସାଧାରଣତା–ଆପଣ ବାସ୍ତବରେ କିଏ–ଏ ବିଷୟରେ ଆପଣଙ୍କୁ ନିଶ୍ଚୟତା ପ୍ରଦାନ କରିବ ।





ଈଶ୍ୱର ଭାବରେ ନିଜକୁ ପ୍ରକାଶ କରିଛନ୍ତି । ଆମର ମାନବିକ ଜ୍ଞାନ କେବଳ ଏହି ଧାରଣାର ସାମାନ୍ୟତମ ଅଂଶକୁ କେବଳ ବୁଝିପାରେ । ସେଥିପାଇଁ, ସତ୍ୟ ଓ ଜୀବିତ ଈଶ୍ୱରଙ୍କୁ ଆବିଷ୍କାର କରିବା ଓ ତାଙ୍କର ନିକଟବର୍ତ୍ତୀ ହେବା ମାନବ ପକ୍ଷରେ ଅସମ୍ଭବ ହୋଇଥିବାରୁ ସେ ନିଜେ ପଦକ୍ଷେପ ନେଇ ନିଜକୁ ମନୁଷ୍ୟ ନିକଟରେ ପରିଚିତ କରାଇଲେ ।

ଈଶ୍ୱରଙ୍କ ଗୌରବ ଓ ପବିତ୍ରତାର ସଂପୂର୍ଣ୍ଣ ପରିପ୍ରକାଶ ମୋଶାଙ୍କ ଚକ୍ଷୁରୁ ଲୁକ୍କାୟିତ ରଖାଯାଇଥିଲା । କିନ୍ତୁ, ପୁତ୍ର ଈଶ୍ୱରଙ୍କ ବ୍ୟକ୍ତିତ୍ୱରେ, ଏଲୋହିମ୍ ନିଜର ସେତିକି ଅଂଶ କେବଳ ପ୍ରକାଶ କରିଥିଲେ, ଯେତିକି ମନୁଷ୍ୟ ସହ୍ୟ କରିପାରିଥା'ନ୍ତା ।

> *ସେହି ଅନୁସାରେ, ନୂତନ ନିୟମରେ ଆମେ ପାଠ କରୁ–''ଯେଣୁ ଅନ୍ଧକାରରୁ ଦୀପ୍ତି ପ୍ରକାଶ ପାଉ ବୋଲି ଆଜ୍ଞା ଦେଇଥିଲେ ଯେଉଁ ଈଶ୍ୱର, ସେ ଖ୍ରୀଷ୍ଟଙ୍କ ମୁଖରେ ପ୍ରକାଶିତ ଈଶ୍ୱରଙ୍କ ଗୌରବମୟ ଜ୍ଞାନର ଆଲୋକ ଦେଖାଇବା ନିମନ୍ତେ ଆମ୍ଭମାନଙ୍କ ହୃଦୟରେ ଆଲୋକ ପ୍ରକାଶ କରିଅଛନ୍ତି'' (୨ କରିନ୍ଥୀୟ ୪:୬) ।*

ଏ ବିଷୟ ଟିକେ ଚିନ୍ତା କରନ୍ତୁ–ଯେତେବେଳେ ଯୋହନ ଯୀଶୁ ଖ୍ରୀଷ୍ଟଙ୍କ ମୁଖକୁ ଲକ୍ଷ୍ୟ କରୁଥିଲେ, ସେତେବେଳେ ସେ ଘୋଷଣା କରିଥିଲେ: *''ପିତାଙ୍କଠାରୁ ଆଗତ ଅଦ୍ୱିତୀୟ ପୁତ୍ରଙ୍କ ମହିମା ସଦୃଶ ଆମ୍ଭେମାନେ ତାହାଙ୍କ ମହିମା ଦେଖିଲୁ'' (ଯୋହନ ୧:୧୪) ।*

ପରେ, ଯୋହନ ଈଶ୍ୱରଙ୍କ ସହିତ ତାଙ୍କର ବ୍ୟକ୍ତିଗତ ସାକ୍ଷାତ୍ ସମ୍ବନ୍ଧରେ ଲେଖିଥିଲେ ଓ କେବଳ ସେ ଯୀଶୁଙ୍କ ବ୍ୟକ୍ତିତ୍ୱରେ ଏଲୋହିମ୍‌ଙ୍କ ସହିତ ସାକ୍ଷାତ୍ କରିଥିବାରୁ ସେହି କାହାଣୀ କହିବା ପାଇଁ ବଞ୍ଚିଥିଲେ । ଏହା ସତ୍ତ୍ୱେ, ସେ ଏହାକୁ ଅତି ସ୍ପଷ୍ଟ କରି ଦେଇଥିଲେ ଯେ ପ୍ରକୃତରେ, ଅନନ୍ତ ଈଶ୍ୱର, ସୃଷ୍ଟି କର୍ତ୍ତା ଈଶ୍ୱର, ତଥା ମୋଶାଙ୍କ ଈଶ୍ୱରଙ୍କ ସହିତ ହିଁ ସେ ସାକ୍ଷାତ୍ କରିଥିଲେ ।

ଏହା ଆଶ୍ଚର୍ଯ୍ୟଜନକ ହେଲେ ମଧ୍ୟ ଯୋହନ ଓ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ମଧ୍ୟରେ ହୋଇଥିବା ଏହି ବ୍ୟକ୍ତିଗତ ସାକ୍ଷାତ୍, ଶ୍ରାବ୍ୟ, ଦୃଶ୍ୟ ଓ ସ୍ପୃଶ୍ୟ ଥିଲା ।

> *''ଆଦ୍ୟରୁ ଯେ ଥିଲେ, ଯାହାଙ୍କ ବାକ୍ୟ ଆମ୍ଭେମାନେ ଶୁଣିଅଛୁ (ଶୁଣିବା ମାଧ୍ୟମରେ ସାକ୍ଷାତ୍), ଯାହାଙ୍କୁ ସ୍ୱଚକ୍ଷୁରେ ଦେଖିଅଛୁ (ଦେଖିବା ମାଧ୍ୟମରେ ସାକ୍ଷାତ୍) ଓ ସ୍ୱହସ୍ତରେ ସ୍ପର୍ଶ କରିଅଛୁ (ସ୍ପର୍ଶ ମାଧ୍ୟମରେ ସାକ୍ଷାତ୍)...'' (୧ ଯୋହନ ୧:୧) ।*

ଯୋହନ ଲିଖିତ ପତ୍ରରେ ଆମେ ଯେଉଁ ବିବରଣୀ ପାଠ କରୁ, ତାହା କୌଣସି ଅଜଣା ବ୍ୟକ୍ତିର ତତ୍ତ୍ୱ ଜ୍ଞାନ ନୁହେଁ । ଜୀବିତ ଈଶ୍ୱରଙ୍କ ସହିତ ତାଙ୍କ ସାକ୍ଷାତରୁ ହିଁ ଏହାର ଉତ୍ପତ୍ତି ହୋଇଅଛି ।

*''ଆଜି ଏହି ସମସ୍ତ ବିଷୟ କିପରି ମୋତେ ସାହାଯ୍ୟ କରୁଛି ?''* ଆପଣ ହୁଏତ ପ୍ରଶ୍ନ କରିପାରନ୍ତି । ଯୋହନ ଏଠାରେ ସେହି ପ୍ରଶ୍ନର ଉତ୍ତର ଦେଇଛନ୍ତି । *''ଆମ୍ଭମାନଙ୍କର ଆନନ୍ଦ ଯେପରି ପୂର୍ଣ୍ଣ ହୁଏ, ଏଥିନିମନ୍ତେ ଆମ୍ଭେମାନେ ଏହିସବୁ ଲେଖୁଅଛୁ''* (୧ ଯୋହନ ୧:୪) । ଆଉ, ସେହିପରି, ଏହି ଯେଉଁ ପୁସ୍ତକ ଆପଣମାନେ ବର୍ତ୍ତମାନ ପାଠ କରୁଛନ୍ତି, ତାହା ଆପଣମାନଙ୍କ ହସ୍ତରେ ଅଛି, କାରଣ ଜଣେ ବନ୍ଧୁ ଏହା ଇଚ୍ଛା କରନ୍ତି ଯେ, ଆପଣମାନେ ମଧ୍ୟ ଯେପରି ଜୀବିତ ଈଶ୍ୱରଙ୍କ ସହିତ ସାକ୍ଷାତ୍ କରିବା ସମୟରେ ଏହି ଆନନ୍ଦର ପରିପୂର୍ଣ୍ଣତା ପ୍ରାପ୍ତ ହୋଇପାରିବେ ।

ଯୋହନ ବୁଝାଇଛନ୍ତି:

*''ଯାହା ଆମ୍ଭେମାନେ ଦେଖିଅଛୁ ଓ ଶୁଣିଅଛୁ, ତାହା ତୁମ୍ଭମାନଙ୍କୁ ମଧ୍ୟ ଜଣାଉଅଛୁ, ଯେପରି ତୁମ୍ଭମାନଙ୍କର ମଧ୍ୟ ଆମ୍ଭମାନଙ୍କ ସହିତ ସହଭାଗିତା ହୋଇପାରେବ ଆଉ ଆମ୍ଭମାନଙ୍କର ସହଭାଗିତା ପିତା ଓ ତାହାଙ୍କର ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ସହିତ ଅଛି । ଆମ୍ଭମାନଙ୍କର ଆନନ୍ଦ ଯେପରି ପୂର୍ଣ୍ଣ ହୁଏ, ଏଥିନିମନ୍ତେ ଆମ୍ଭେମାନେ ଏହିସବୁ ଲେଖୁଅଛୁ'' (୧ ଯୋହନ ୧:୩,୪) ।*

ହଁ, ଗୋଟିଏ ଅନ୍ଧକାର ରାତ୍ରିରେ ଆଲୋକ ଯେପରି ଆକର୍ଷଣୀୟ ଅଟେ, ସେହିପରି ଈଶ୍ୱରଙ୍କ ଗୌରବର ଆଲୋକ ମନୁଷ୍ୟମାନଙ୍କୁ ତାଙ୍କ ନିକଟକୁ ଆକର୍ଷିତ କରେ । ଈଶ୍ୱର କିପରି ଅଟନ୍ତି–ଏହା ଜାଣିବା ପାଇଁ ଆଜି ଆପଣଙ୍କ ଇଚ୍ଛାରେ, ଆପଣ ମଧ୍ୟ ମୋଶାଙ୍କ ସଦୃଶ ପ୍ରାର୍ଥନା କରି ପାରିବେ, ''ମୋତେ ଆପଣଙ୍କର ଗୌରବ ଦେଖିବାକୁ ଦିଅନ୍ତୁ ।''





**ଅନୁଧ୍ୟାନ**

୧. ଈଶ୍ୱରଙ୍କ ଅନ୍ୱେଷଣରେ, ଆପଣ ଧ୍ୟାନର ସହିତ ବାଇବଲ ପାଠ କରିଛନ୍ତି କି ?

୨. ବାଇବଲ ପାଠ କରିବା ସମୟରେ ଆପଣଙ୍କ ନିକଟରେ ନିଜକୁ ପ୍ରକାଶ କରିବା ପାଇଁ ଈଶ୍ୱରଙ୍କୁ କହିବେ କି ?

ଗୋଟିଏ ପ୍ରସ୍ତାବିତ ପ୍ରାର୍ଥନା: ''ହେ ଈଶ୍ୱର, ଯଦି ଆପଣ ସେହି ଈଶ୍ୱର ଅଟନ୍ତି, ଯିଏ ଏହି ବିଶ୍ୱ ସୃଷ୍ଟି କରିଥିଲେ ଓ ଯିଏ ମୋତେ ପ୍ରେମ କରନ୍ତି, ତେବେ ଦୟା କରି ମୋ ନିକଟରେ ନିଜକୁ ପ୍ରକାଶ କରନ୍ତୁ ଓ ଯୀଶୁ ଖ୍ରୀଷ୍ଟ ଆପଣଙ୍କ ପୁତ୍ର ପ୍ରତିଜ୍ଞାତ ମସୀହ କିମ୍ବା ନୁହେଁ, ଏହା ମୋତେ ଦେଖାନ୍ତୁ !''

୩. ଆପଣ କ'ଣ ଏହା ଜାଣିଛନ୍ତି ଯେ, ଯଦି ଆପଣଙ୍କୁ ସତ୍ୟ ଭାବରେ ଈଶ୍ୱରଙ୍କ ଉପାସନା କରିବାକୁ ହେବ, ତେବେ ତାଙ୍କୁ–

ମାନବର ଅନୁସନ୍ଧାନ ଦ୍ୱାରା ଆବିଷ୍କାର କରିବା ନିମନ୍ତେ ରହିଥିବା ଆପଣଙ୍କ ଯୋଗ୍ୟତାଠାରୁ ମହତ୍ତର ହେବାକୁ ପଡ଼ିବବ ଆପଣଙ୍କ ମାନବିକ ମନରେ ସଂପୂର୍ଣ୍ଣ ଭାବେ ବୁଝିବା ପାଇଁ ରହିଥିବା ଆପଣଙ୍କ ଯୋଗ୍ୟତାଠାରୁ ଶ୍ରେଷ୍ଠତର ହେବାକୁ ପଡ଼ିବ ?

ମୁଁ ଭାବୁଛି ଯେ, ମାନବ ଚରିତ୍ରର କିଛି ଅଂଶ ମୁଁ ବୁଝିପାରେଙ୍କ ଆଉ ପ୍ରାଚୀନ କାଳର ସମସ୍ତ ବୀର ମନୁଷ୍ୟ ଥିଲେ ଓ ମୁଁ ଜଣେ ମନୁଷ୍ୟ ଅଟେ ବୋଲି ଆପଣମାନଙ୍କୁ କହୁଅଛିଙ୍କ ମାତ୍ର କେହି ତାଙ୍କ ସଦୃଶ ନୁହଁନ୍ତି: ଯୀଶୁ ଖ୍ରୀଷ୍ଟ ଜଣେ ମନୁଷ୍ୟଠାରୁ ଅଧିକ ମହାନ୍ ଅଟନ୍ତି ।

ନେପୋଲିୟନ

# ଅଧ୍ୟାୟ ୪

## ବାସ୍ତବରେ କେଉଁ ବିଷୟ ଲୋକମାନଙ୍କୁ ବିଭାଜିତ କରେ ?

ଆଜିର ଜଗତକୁ ଗୋଟିଏ ଆନ୍ତର୍ଜାତୀୟ ଗ୍ରାମ ଭାବରେ ବର୍ଣ୍ଣନା କରାଯାଇଛି । କିନ୍ତୁ, ଏହା ବିରୋଧୀ ପ୍ରତିବେଶୀମାନଙ୍କୁ ନେଇ ଗଠିତ ହୋଇଥିବାରୁ ଏହି ଆନ୍ତର୍ଜାତୀୟ ଗ୍ରାମ କ୍ରମଶଃ, ଏପରି ଏକ ବିପଜ୍ଜନକ ସ୍ଥାନରେ ପରିଣତ ହୋଇଛି, ଯେଉଁଠାରେ ଆମକୁ ବାସ କରିବାକୁ ପଡୁଛି ।

ଉପରୁ ଏହା ଏପରି ଦେଖାଯାଏ, ଯେପରି ମନୁଷ୍ୟ ଜାତିକୁ ବିଭାଜିତ କରୁଥିବା ସମସ୍ୟାଗୁଡ଼ିକ ରାଜନୈତିକ, ଅର୍ଥନୈତିକ, ଗୃହ ଓ ଏପରିକି ଶିକ୍ଷା ସମ୍ବନ୍ଧୀୟ ବିଷୟକୁ ନେଇ ଗଠିତ ହୋଇଛି । ଯଦିଓ ଏହି ସମସ୍ୟା–କ୍ଷେତ୍ରଗୁଡ଼ିକ ଲୋକମାନଙ୍କୁ କ୍ରମାଗତ ଭାବରେ ଓ ଦୁଃଖଦ ଭାବରେ ଖଣ୍ଡ ଖଣ୍ଡ କରୁଛି, ତଥାପି ବିଚ୍ଛେଦ ପାଇଁ ଏଗୁଡ଼ିକଠାରୁ ଅଧିକ ବଡ଼, ଅଥଚ ସହଜରେ ଚିହ୍ନି ହେଉ ନ ଥିବା କାରଣ ଆମ ଜଗତରେ ରହିଅଛି ।

ପ୍ରଥମରେ, ଆସନ୍ତୁ, ଆମେ ସଂକ୍ଷେପରେ, ଲୋକମାନଙ୍କ ମଧ୍ୟରେ ଥିବା ସ୍ପଷ୍ଟ କାରଣଗୁଡ଼ିକୁ ବିଚାର କରିବା, ଆଉ ଏହାପରେ ମୁଖ୍ୟ କାରଣ ଉପରେ ମନୋନିବେଶ କରିବା ।

### *ସ୍ପଷ୍ଟ ବିଭାଜନ*

**ରାଜନୈତିକ ଭାବରେ:** ରାଜନୀତିଜ୍ଞମାନେ ଭୟ ଓ ଅବିଶ୍ୱାସର ସହିତ ଏକ ଆରେକର ସମ୍ମୁଖୀନ ହୁଅନ୍ତି । ଅମିଳନର ଦୃଷ୍ଟିକୋଣ ନେଇ ସେମାନେ ଏହା ଆଶା କରନ୍ତି ଯେ, ସାମରିକ ଶକ୍ତି ସେମାନଙ୍କ ଦେଶର ଭବିଷ୍ୟଦ୍ ସୁରକ୍ଷାର ନିଶ୍ଚୟତା ପ୍ରଦାନ କରିବ ।

ଇତିମଧ୍ୟରେ,ସଂପୃକ୍ତ ନାଗରିକମାନେ ଶାନ୍ତି ଓ ପରମାଣୁ ନିରସ୍ତ୍ରୀକରଣ ସପକ୍ଷରେ ସ୍ୱର ଉତ୍ତୋଳନ କରୁଛନ୍ତି । ବ୍ୟଙ୍ଗର ବିଷୟ ଏହି ଯେ, ଯେଉଁ କେତେଜଣ ଦୂରଦର୍ଶନରେ

ଏହି ''ଶାନ୍ତିସ୍ଥାପନାର'' ପ୍ରଦର୍ଶନୀ ଦେଖିଛନ୍ତି, ସେମାନେ ଏହି ସାକ୍ଷ୍ୟ ଦେଇଛନ୍ତି ଯେ, ଅନେକ ସମୟରେ, ଅଂଶଗ୍ରହଣକାରୀମାନେ ଏପରି ଅତିରିକ୍ତ ଆବେଗ ଦେଖାନ୍ତି ଯେ, ଯଦ୍ୱାରା ଯୁଦ୍ଧ ସୃଷ୍ଟି ହୁଏ ।

**ଅର୍ଥନୈତିକ ଭାବରେ:** ମରୁଡ଼ି, ଦୁର୍ଭିକ୍ଷ, ଖାଦ୍ୟାଭାବ ଓ ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ, ନିର୍ଦ୍ଦିଷ୍ଟ ଭାବରେ ଅନୁନ୍ନତ ଦେଶଗୁଡ଼ିକରେ ଏକ କ୍ରମ-ବର୍ଦ୍ଧିଷ୍ଣୁ ସମସ୍ୟା ହୋଇଯାଇଛି । ଏହି ବିପର୍ଯ୍ୟୟଗୁଡ଼ିକ ଧନୀ ଓ ଦରିଦ୍ର ଦେଶଗୁଡ଼ିକ ମଧ୍ୟରେ ଥିବା ବୃହତ୍-ଅର୍ଥନୈତିକ ବିଭେଦ ଦ୍ୱାରା ସୃଷ୍ଟ ଯନ୍ତ୍ରଣା ସହିତ ସଂଯୁକ୍ତ ହୋଇଛନ୍ତି । ସାହାଯ୍ୟ କରିବାକୁ ଚାହୁଁଥିବା ଅନେକ ଲୋକଙ୍କର ସଦିଚ୍ଛା ଓ ସ୍ୱାର୍ଥତ୍ୟାଗ ସତ୍ତ୍ୱେ, ଦୁଃଖର ସହିତ ଏହା ଦେଖାଯାଇଛି ଯେ, ପ୍ରାୟତଃ ଧନୀମାନେ ଆହୁରି ଧନୀ ହେବାରେ ଏବଂ ଦରିଦ୍ରମାନେ ଆହୁରି ଦରିଦ୍ର ହେବାରେ ଲାଗିଛନ୍ତି ।

**ପାରିବାରିକ ଭାବରେ:** ଏହା କୌଣସି ଗୁପ୍ତ କଥା ନୁହେଁ ଯେ, ଆଜି ବିବାହ ଓ ପାରିବାରିକ ଜୀବନ ମହାମାରୀ ସଦୃଶ ବ୍ୟାପିଯାଇଛି । ନିଜ ଚକ୍ଷୁରେ ଅଶ୍ରୁ ସହିତ ଲେଟସୋଲ୍ କହିଥିଲେ: ''ମୋର ଗୃହ ଭାଂଗିଯାଇଛି ।'' ତାଙ୍କର ଚାରି କାନ୍ଥ ବିଶିଷ୍ଟ ଆଫ୍ରିକୀୟ କୁଟୀର ଧ୍ୱଂସ ହୋଇଯାଇଛି ବୋଲି ମୁଁ ଭାବିଲି, ମାତ୍ର ମୁଁ ଅତି ଶୀଘ୍ର ଏହା ଜାଣିପାରିଲି ଯେ, ଏହିପରି ଭଗ୍ନତା ସମ୍ୱନ୍ଧରେ କହିବା ଦ୍ୱାରା ତାଙ୍କ ସ୍ତ୍ରୀଙ୍କୁ ସେ ପରିତ୍ୟାଗ କରିଛନ୍ତି ବୋଲି ମୋତେ କୋମଳଭାବେ ସୂଚାଇଥିଲେ । ଆଜି, ସ୍ୱାର୍ଥପର ଜୀବନଶୈଳୀ ପ୍ରେମପୂର୍ଣ୍ଣ ସଂପର୍କକୁ ନଷ୍ଟ କରି ଦେଉଥିବାରୁ ଅନେକ 'ଗୃହ' ଭଗ୍ନ ହୋଇଯାଉଛି । (କିନ୍ତୁ, ଗୋଟିଏ ପରବର୍ତ୍ତୀ ଅଧ୍ୟାୟରେ ଆମେ ଏହା ଦେଖିବା ଯେ, ଈଶ୍ୱରଙ୍କ ପ୍ରେମ ଏପରି ଅନେକ ଦମ୍ପତ୍ତିଙ୍କ ପ୍ରତି ଉପଲଭ୍ୟ ଅଟେ ଯେଉଁମାନେ ଏକ ସ୍ଥାୟୀ ମିଳନରେ ସେମାନଙ୍କର ବିବାହକୁ ଯୋଡ଼ିବାକୁ ଇଚ୍ଛା କରନ୍ତି ।)

**ଶିଳ୍ପକ୍ଷେତ୍ରରେ:** କାର୍ଯ୍ୟସ୍ଥଳୀରେ ଅସନ୍ତୋଷ ଓ ଚାପ ବିଷୟରେ ଶୁଣିବାରେ ଆମେ ଅଭ୍ୟସ୍ତ ହୋଇଯାଇଛୁ । ୧୯୮୫ର ପ୍ରଥମ ଭାଗରେ, ବିଂଶ ଶତାବ୍ଦୀର ଅତିରିକ୍ତ ଶିଳ୍ପ-କଳହ ବ୍ରିଟେନ ଦ୍ୱାରା ଶେଷ ହୋଇଥିଲା । ଯଦିଓ ହରତାଳ ଓ ହିଂସାପୂର୍ଣ୍ଣ ରାସ୍ତା-ସଂଘର୍ଷ ସମାପ୍ତ ହୋଇଥିଲା, ତଥାପି ଦୀର୍ଘସ୍ଥାୟୀ ଆକ୍ରୋଶମୂଳକ ଓ ତିକ୍ତ ମନୋଭାବ ଶ୍ରମ-ପରିଚାଳନାରେ ଓ ଶିଳ୍ପ ସଂପ୍ରଦାୟ ମଧ୍ୟରେ ଏକ ଖୋଲା କ୍ଷତ





ସଦୃଶ ଅବ୍ୟାହତ ରହିଥିଲା । ଏହି ପରିସ୍ଥିତି ୧୯୦୪ର ସମାନ ପ୍ରକାର ଶିଳ୍ପ-ଅଶାନ୍ତି ପରେ ଘଟିଥିବା ୱେଲସସ୍ଥିତ କୋଇଲା ଖଣିଗୁଡ଼ିକରେ ଶ୍ରମ-ପରିଚାଳନା ଗଣ୍ଡଗୋଳର ଫଳାଫଳଠାରୁ କେତେ ଭିନ୍ନ ଅଟେ । ଜନ୍ ପ୍ୟାରୀ ତାଙ୍କର ପ୍ରଥମ ସ୍ତରର ଅନୁଭୂତିରୁ ମୋତେ କାହାଣୀଟିଏ କହିଥିଲେ ।

ଯେତେବେଳେ ମୁଁ ପ୍ରଥମେ ଯୋହନଙ୍କୁ ସାକ୍ଷାତ୍ କଲି, ସେତେବେଳେ ସେ ଥିଲେ ୯୧ବର୍ଷ ବୟସ୍କ ଅବସରପ୍ରାପ୍ତ କୋଇଲା ଖଣି ଶ୍ରମିକ,ସେ ସଂପୂର୍ଣ୍ଣ ଭାବରେ ଅନ୍ଧ ହୋଇ ଯାଇଥିଲେ ଓ ''ଖଣି ଶ୍ରମିକର ରୋଗ'' ନାମକ ଗୋଟିଏ ଦୀର୍ଘସ୍ଥାୟୀ ଫୁସ୍‌ଫୁସ୍ ଜନିତ ରୋଗ ଭୋଗୁଥିଲେ । ଯେତେବେଳେ ସମ୍ଭବ ହୁଏ, ସେତେବେଳେ ମୁଁ ଓ ମୋର ସ୍ତ୍ରୀ ଉତ୍ତର ୱେଲସ୍‌ରେ ଥିବା ତାଙ୍କ ଛୋଟ କୁଟୀରକୁ ଯାଉଥିଲୁ । ହୃଦୟ-ଖୋଲା ହସ ଓ ଅତି ଆନନ୍ଦ ସହିତ ୧୯୦୪ ଓ ୧୯୦୫ର ନବଜାଗରଣ ସମୟରେ ଈଶ୍ୱର ଦୃଢ଼ତା ଓ ଶକ୍ତିରେ ପରିଚାଳିତ ହୋଇ ଯାହା ୱେଲସ୍‌ରେ କରିଥିଲେ, ତାହା ଆମ ନିକଟରେ ବର୍ଣ୍ଣନା କରି ଜନ୍ ଖୁସି ହେଉଥିଲେ । ସେ ସମୟରେ ଉଭୟ ଖଣି-ଶ୍ରମିକ ଓ ସେମାନଙ୍କର ନିଯୋଗକର୍ତ୍ତାମାନେ ଜୀବିତ ଈଶ୍ୱରଙ୍କ ସହିତ ସାକ୍ଷାତ୍ କରିଥିଲେ । ଏକ ପ୍ରତ୍ୟକ୍ଷ ଫଳଭାବରେ, ସେମାନେ ବାସ୍ତବ ସହଭାଗିତା, ପାରସ୍ପରିକ ବିଶ୍ୱାସ ଓ ସମ୍ମାନଲାଭ କରିଥିଲେ । ୧୯୦୫ ଓ ୧୯୮୫ ମଧ୍ୟରେ କେତେ ପାର୍ଥକ୍ୟ ଥିଲା ।

ସେହି ଦିନଗୁଡ଼ିକୁ ସ୍ମରଣ କରି ଜନ୍ ଅତି ଆନନ୍ଦର ସହିତ କଥା କହୁଥିଲେ । ସେ ସମୟରେ ଅନେକ ସଂଖ୍ୟକ ''ସରକାରୀ ସଂସ୍ଥା''ର ବ୍ୟବସାୟ ବୁଡ଼ି ଯାଇଥିଲା । କାରଣ ହଠାତ୍ ମଦ୍ୟର ଚାହିଦା କମିଯାଇଥିଲା ବୋଲି ସେ ସ୍ମରଣ କରିଥିଲେ । ସେ ଓ ତାଙ୍କର ସହକର୍ମୀ ଖଣି ଶ୍ରମିକମାନେ ମିଳିତଭାବରେ ଈଶ୍ୱରଙ୍କର ପ୍ରଶଂସାଗାନ କରୁଥିବା ସମୟରେ ଗାତ ମଧ୍ୟକୁ ଚାଲିଯାଇଥିଲେ ବୋଲି ମଧ୍ୟ ସେ ସ୍ମରଣ କରିଥିଲେ । ସେ ଦିନର କଥା ସ୍ମରଣ କରି ସେ ହସିଉଠିଥିଲେ-''ଲୋକମାନେ ମୋତେ ଦେଖିବାକୁ ଆସି ପୁନର୍ଜାଗରଣ କେଉଁଠାରେ ହୋଇଛି ବୋଲି ପ୍ରଶ୍ନ କରିଥିଲେ ।'' ନିଜ ଛାତି ଉପରେ ଅଙ୍ଗୁଳି ଦେଇ ସେ ଉତ୍ତର ଦେଉଥିଲେ, ''ଏଠାରେ ଓ ଏହି ବର୍ତ୍ତମାନ ହିଁ ତାହା ରହିଛି ବୋଲି ମୁଁ ସେମାନଙ୍କୁ କହୁଥିଲି ।''

## *ପ୍ରକୃତ ବିଭାଜନ*

ଏହି ବିଭାଜନଗୁଡ଼ିକ ଯେତେ ଗଭୀର ହେଲେ ମଧ୍ୟ, ଏପରି କିଛି ବିଷୟ ରହିଛି ଯାହା ମନୁଷ୍ୟ ଜାତିକୁ ଅଧିକ ଆଶ୍ଚର୍ଯ୍ୟଜନକ ଓ ସ୍ଥାୟୀ ଭାବରେ ବିଭକ୍ତ କରିଛି । ଏହା ଏପରି ବିପଦ, ଯାହା ବର୍ତ୍ତମାନ ଅନେକ ଦେଶରେ ଶାନ୍ତି ନଷ୍ଟ କରିବାକୁ ଯାଉଛି । ଆପଣମାନେ ଦେଖନ୍ତୁ, ଲୋକମାନେ ଈଶ୍ୱର ସମ୍ବନ୍ଧୀୟ ସେମାନଙ୍କର ଦ୍ୱନ୍ଦପୂର୍ଣ୍ଣ ଧାରଣା ଦ୍ୱାରା ଏଣେ ତେଣେ ଘୁରି ବୁଲୁଛନ୍ତି ।

ମନୁଷ୍ୟ ଜାତି ନିକଟରେ ଆତ୍ମପ୍ରକାଶରେ ଈଶ୍ୱର ଆପଣାର ସ୍ୱର୍ଗୀୟ ସତ୍ତା ସମ୍ବନ୍ଧୀୟ ସତ୍ୟକୁ ସଂପୂର୍ଣ୍ଣ ଉନ୍ମୋଚିତ କରିଛନ୍ତି । ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ପୂର୍ବରୁ, ଈଶ୍ୱର ଏହି ପ୍ରତିଜ୍ଞା ପ୍ରଦାନ କରିଥିଲେ ଯେ, ସେ ବାସ୍ତବରେ ଯାହା ଅଟନ୍ତି, ତାହା ଯେପରି ଲୋକମାନେ ଜାଣିପାରିବେ, ଏଥିପାଇଁ ସେମାନଙ୍କୁ ସାହାଯ୍ୟ କରିବାକୁ ସେ ଗୋଟିଏ 'ମହା ଆଲୋକ' ପ୍ରେରଣ କରିବେ । ସେ କହିଥିଲେ: *''ଯେଉଁ ଗୋଷ୍ଠୀ ଅନ୍ଧକାରରେ ଭ୍ରମଣ କଲେ, ସେମାନେ ମହା ଆଲୁଅ ଦେଖିଅଛନ୍ତି'' (ଯିଶାଇୟ ୯:୨)* । ଏହି ଆଲୋକକୁ କିପରି ଚିହ୍ନି ହେବ, ଏ ବିଷୟରେ ଈଶ୍ୱର ବିଶଦ ତଥ୍ୟ ମଧ୍ୟ ପ୍ରଦାନ କରିଥିଲେ: *''କାରଣ ଆମ୍ଭମାନଙ୍କ ନିମନ୍ତେ ଏକ ବାଳକ ଜନ୍ମିଅଛନ୍ତି, ଆମ୍ଭମାନଙ୍କୁ ଏକ ପୁତ୍ର ଦତ୍ତ ହୋଇଅଛନ୍ତି'' (ଯିଶାଇୟ ୯:୬)* ।

ଯଦି ଈଶ୍ୱର କେବଳ ଏତିକି କହିଥା'ନ୍ତେ ଯେ ଜଣେ ଶିଶୁ ଜନ୍ମ ହେବ, ତେବେ ସେହି ଉକ୍ତି ବିଷୟରେ, ନିଶ୍ଚୟ, ସେପରି କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ନ ଥା'ନ୍ତା । କାରଣ, ପିଲାମାନେ ପ୍ରତିଦିନ ଜନ୍ମ ହୁଅନ୍ତି । ବାସ୍ତବରେ, ଜଣେ ପୁତ୍ର ପ୍ରଦତ୍ତ ହେବେ– ଏହି ପ୍ରତିଜ୍ଞା ସହିତ ସ୍ୱର୍ଗୀୟ ସତ୍ୟର ଯଦି କୌଣସି ସଂପର୍କ ନ ଥା'ନ୍ତା, ତେବେ ଗୋଟିଏ ଶିଶୁ ଜନ୍ମ ହେବେ ବୋଲି ଲିପିବଦ୍ଧ କରିବାରେ କୌଣସି ପ୍ରାଧାନ୍ୟ ରହି ନ ଥା'ନ୍ତା । ଆଉ ଦିନେ ଯାହା ଭାବବାଣୀ ଥିଲା, ତାହା ବର୍ତ୍ତମାନ ଇତିହାସ ହୋଇ ଯାଇଛି, କାରଣ ଯାହା ଘଟିବ ବୋଲି ଈଶ୍ୱର କହିଥିଲେ, ତାହା ଘଟିଥିଲା । ପୃଥିବୀରେ ଗୋଟିଏ ଶିଶୁ ଜନ୍ମଗ୍ରହଣ କରିଥିଲେଙ୍କ ସ୍ୱର୍ଗରୁ ଏକ ପୁତ୍ର ଦତ୍ତ ହୋଇଥିଲେ । ଯେଉଁ ଶିଶୁ ଏକ 'ପୁତ୍ରର ଉପହାର' ଥିଲେ, ତାଙ୍କ ଜନ୍ମ ମାଧ୍ୟମରେ ଈଶ୍ୱର ଅନ୍ଧକାରରେ ଭ୍ରମଣ କରୁଥିବା ଲୋକମାନଙ୍କ ନିକଟକୁ ଆଲୋକ ପ୍ରେରଣ କଲେ । ଏପରିକି ଆଜି ପର୍ଯ୍ୟନ୍ତ ସେହି ଆଲୋକ ସମସ୍ତ ପ୍ରକାରର ଅନ୍ଧକାର ଓ ସଂଦେହକୁ ଖଣ୍ଡନ କରୁଛି, ଯାହା ଆମ ଚକ୍ଷୁରୁ ଈଶ୍ୱରଙ୍କୁ ଲୁକ୍‌କାୟିତ ରଖିଥାଏ ।





ଈଶ୍ୱରଙ୍କର ଅସାଧାରଣ ପୁତ୍ରଙ୍କର ଜନ୍ମକୁ ଅନ୍ୟ ସମସ୍ତଙ୍କଠାରୁ ପୃଥକ୍ ରଖିବା ପାଇଁ, ଈଶ୍ୱର ଏହି ପ୍ରତିଜ୍ଞା କରିଥିଲେ ଯେ ତାଙ୍କ ପୁତ୍ରର ଜନ୍ମ ଏକ ଅଲୌକିକ ଚିହ୍ନ ଦ୍ୱାରା ଜଣାପଡ଼ିବ– *''ଦେଖ, ଏକ କନ୍ୟା ଗର୍ଭବତୀ ହୋଇ ଏକ ପୁତ୍ର ପ୍ରସବ କରିବ ଓ ତାହାର ନାମ ଇମ୍ମାନୁୟେଲ (ଆମ୍ଭମାନଙ୍କ ସହିତ ପରମେଶ୍ୱର) ରଖିବ'' (ଯିଶାଇୟ ୭:୧୪)* ।

ଏହା କିପରି ଆଶ୍ଚର୍ଯ୍ୟଜନକ ଯେ, ତାଙ୍କର 'ଇମ୍ମାନୁୟେଲ' ନାମର ଅର୍ଥ ''ଆମ୍ଭମାନଙ୍କ ସହିତ ଈଶ୍ୱର ।'' ଆଉ ତାଙ୍କ ନାମ ଦ୍ୱାରା ଯାହା ଜଣାଇ ଦିଆଯାଇଥିଲା, ତାହା ମାଧ୍ୟମରେ ବାଇବଲରେ ଲିପିବଦ୍ଧ ହୋଇଥିବା ଉତ୍ତମ ସମ୍ବାଦଟି ଯେ ଅନ୍ୟ ସମସ୍ତ ଧର୍ମର ଶିକ୍ଷାଠାରୁ ପୃଥକ୍ ଅଟେ, ତାହା ଆମେ ଗ୍ରହଣ କରିବାକୁ ଆରମ୍ଭ କରିପାରିବା । ମନୁଷ୍ୟକୁ ଈଶ୍ୱରଙ୍କ ନିକଟରେ କିପରି ପହଞ୍ଚିବାକୁ ହେବ, ତାହା ଦର୍ଶାଇବା ପାଇଁ ମିଥ୍ୟା ଧର୍ମ ସବୁ ଉଦ୍ୟମ କରୁଥିବା ବେଳେ ଈଶ୍ୱର କିପରି ମନୁଷ୍ୟ ନିକଟରେ ପହଞ୍ଚିଥିଲେ–ଏ ସମ୍ବନ୍ଧରେ ବାଇବଲରେ ଲେଖାଯାଇଛି ।

ବାଇବଲରେ ଲିପିବଦ୍ଧ ହୋଇଅଛି ଯେ, ଯେତେବେଳେ ଈଶ୍ୱର ପୃଥିବୀ ଗ୍ରହରେ ନିଜ ପାଇଁ ଏକ ସ୍ଥାନ ନିରୂପଣ କଲେ, ସେତେବେଳେ ଜଣେ କୁମାରୀ କନ୍ୟା ଏକ ଶିଶୁଙ୍କୁ ଜନ୍ମ ଦେଲେ । ଆଉ ସେହି ଦିନ ବିଶ୍ୱର ସୃଷ୍ଟିକର୍ତ୍ତା କାଳ ଓ ମହାଶୂନ୍ୟର ଏକ ଅଂଶବିଶେଷ ହେବା ପାଇଁ ନିଜକୁ ସଙ୍କୁଚିତ କରିଥିଲେ, ଆଉ ତାହା ବର୍ତ୍ତମାନ ଇତିହାସର ଏକ ବିଷୟ ହୋଇଯାଇଛି: *''ପ୍ରଭୁଙ୍କର ଜଣେ ଦୂତ ସ୍ୱପ୍ନରେ ତାଙ୍କୁ ଦର୍ଶନ ଦେଇ କହିଲେ, ହେ ଦାଉଦଙ୍କ ସନ୍ତାନ ଯୋଷେଫ, ତୁମ୍ଭର ଭାର୍ଯ୍ୟା ମରିୟମଙ୍କୁ ଗ୍ରହଣ କରିବାକୁ ଭୟ କର ନାହିଁ, କାରଣ ତାଙ୍କର ଗର୍ଭ ପବିତ୍ର ଆତ୍ମାଙ୍କ କର୍ତ୍ତୃକ ହୋଇଅଛି'' (ମାଥିଉ ୧:୨୦)* । ଆଉ, ଯୀଶୁ ଜନ୍ମ ହେବା ପରେ ଓ ପ୍ରାପ୍ତବୟସ୍କ ବ୍ୟକ୍ତିରେ ପରିଣତ ହେବା ପରେ, ସେ ପୁନର୍ବାର ଏହା କହି ବିରୋଧୀ ସଂଦେହୀ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ନିଜର ଈଶ୍ୱରତ୍ୱକୁ ସମର୍ଥନ କରିଥିଲେ: *''ମୁଁ ଓ ମୋର ପିତା ଏକ'' (ଯୋହନ ୧୦:୩୦)* ।

ଆପୋଲୋ–୧୫ ଯାନର ମହାକାଶଚାରୀ ଜିମ୍ ଇର୍‌ୱିନ୍ ଲେଖିଥିଲେ:''ମନୁଷ୍ୟ ଚନ୍ଦ୍ର ପୃଷ୍ଠରେ ଚାଲିବା ଅପେକ୍ଷା ଈଶ୍ୱରଙ୍କର ପୃଥିବୀ ପୃଷ୍ଠରେ ଚାଲିବା ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ ।'' ନିଶ୍ଚୟ, ମନୁଷ୍ୟ ମହାକାଶରେ ଦେଖାଇଥିବା ଯେ କୌଣସି କୃତିତ୍ୱକୁ

ସେହି ଅଲୌକିକ ମୁହୂର୍ତ୍ତ ସହିତ ତୁଳନା କରାଯାଇ ପାରିବ ନାହିଁ, ଯେତେବେଳେ ଈଶ୍ୱର ଅନନ୍ତ କାଳ ମଧ୍ୟରୁ ସୀମିତ କାଳ ମଧ୍ୟକୁ ଆଗମନ କରିଥିଲେ ।

ଜଣେ ଶିଶୁ ଜନ୍ମ ହେବେ ଓ ଜଣେ ପୁତ୍ର ପ୍ରଦତ୍ତ ହେବେ, ଏହି ଭାବବାଣୀ ପରେ ଏହି ଅସାଧାରଣ ବ୍ୟକ୍ତିଙ୍କ ସମ୍ବନ୍ଧରେ ଆହୁରି ଅନେକ ବିଶଦ ଭାବବାଣୀ ଲେଖାଯାଇଥିଲା : *''ପୁଣି ତାହାଙ୍କ ନାମ ଆଶ୍ଚର୍ଯ୍ୟ, ମନ୍ତ୍ରୀ, ପରାକ୍ରାନ୍ତ ପରମେଶ୍ୱର, ଅନନ୍ତକାଳୀନ ପିତା, ଶାନ୍ତି ରାଜା ହେବ । ତାହାଙ୍କ କର୍ତ୍ତୃତ୍ୱ ବୃଦ୍ଧି ଓ ଶାନ୍ତିର ସୀମା ରହିବ ନାହିଁ'' (ଯିଶାଇୟ ୯:୬,୭)* । ନିଶ୍ଚୟ, ଯେତେବେଳେ ଜଣେ ବ୍ୟକ୍ତି ଏକ ସଫଳ ଆନ୍ତର୍ଜାତୀୟ ନେତା ହେବାକୁ ଇଚ୍ଛା କରିବେ, ସେତେବେଳେ ଏହି ପ୍ରକାର ଏକ ଶକ୍ତି ଓ ଉଦ୍ଦେଶ୍ୟର ସମନ୍ୱୟ ଆବଶ୍ୟକ ହେବ । ଏପରିକି ଆଜିର ଜଗତରେ, ଆମେ ଏପରି ନେତାମାନଙ୍କୁ ଅନ୍ୱେଷଣ କରୁଛୁ, ଯେଉଁମାନଙ୍କଠାରେ ସଠିକ୍ କାର୍ଯ୍ୟ କରିବା ନିମନ୍ତେ ଯେ କେବଳ ଜ୍ଞାନ ଥାଏ, ତାହା ନୁହେଁ, ମାତ୍ର ତାହା କରିବା ପାଇଁ ଶକ୍ତି ମଧ୍ୟ ରହିଥାଏ । କେଉଁ ପଦକ୍ଷେପ ନିଆଯିବା ଉଚିତ୍–ଏହା ହୁଏତ କେତେକ ନେତା ଜାଣିଥାଇ ପାରନ୍ତି, ମାତ୍ର ଚିରନ୍ତନ ଶାନ୍ତିର ସ୍ଥିତି ସ୍ଥାପନ କରିବା ପାଇଁ ଇତିହାସର କୌଣସି ନେତାଙ୍କ ନିକଟରେ କେବେହେଲେ ଶକ୍ତି ଓ ଜ୍ଞାନ ନ ଥିଲା ।

କେବଳ ଶାନ୍ତିର ରାଜକୁମାରଙ୍କ ନିକଟରେ ଏହି ଜଗତ ପାଇଁ ଚିରନ୍ତନ ଶାନ୍ତି ଆଣିବାର ଉଭୟ ଜ୍ଞାନ ଓ ଶକ୍ତି ରହିଥିଲା । ଦିନେ ଯୀଶୁ ପୃଥିବୀ ଗ୍ରହ ଉପରେ ରାଜତ୍ୱ କରିବାକୁ ପ୍ରତ୍ୟାବର୍ତ୍ତନ କରିବେ । ଯେତେବେଳେ ସେହି ଦିନର ଉଦୟ ହେବ, ସେତେବେଳେ ପ୍ରତ୍ୟେକ ଅସ୍ତ୍ର–ନିର୍ମାଣ କାରଖାନା ବନ୍ଦ ହୋଇଯିବଷ୍ଡ ପ୍ରତ୍ୟେକ ପରମାଣୁ ବୋମାକୁ ଶୀତଳ କରାଯିବ, ଆଉ  ପ୍ରତ୍ୟେକ ସୀମାରକ୍ଷୀ ଓ ସୈନିକଙ୍କୁ ସେମାନଙ୍କ ଗୃହକୁ ପଠାଇ ଦିଆଯିବ ।

ମାନବ ଜାତିକୁ ଶାସନ କରିବା ପାଇଁ ମନୁଷ୍ୟ କିପରି ନୈରାଶ୍ୟଜନକ ଭାବରେ ଅଯୋଗ୍ୟ ଅଟେ, ତାହା ସେ ପ୍ରଦର୍ଶନ କରିସାରିଛି । ସମସ୍ତଙ୍କ ନିମନ୍ତେ ଶାନ୍ତି ଓ ନ୍ୟାୟ ସେହି ସମୟ ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିବ, ଯେତେବେଳ ପର୍ଯ୍ୟନ୍ତ ଶାନ୍ତିର ରାଜକୁମାର ନିଜେ ଏକ ସାର୍ବଜନୀନ ସାମ୍ରାଜ୍ୟର ରାଜଦଣ୍ଡ ଧରି ନାହାନ୍ତି । ଏହାପରେ ଲୋକମାନେ ''ଆପଣା ଖଡ଼ଗ ଭାଂଗି ଲଙ୍ଗଳର ଫାଳ କରିବେ ଓ ଆପଣା ଆପଣା ବର୍ଚ୍ଛା ଭାଙ୍ଗି ଦା' ନିର୍ମାଣ କରିବେଷ୍ଡ ଏକ ଦେଶୀୟ ଲୋକେ ଅନ୍ୟ ଦେଶୀୟ ଲୋକଙ୍କ





ବିରୁଦ୍ଧରେ ଖଡ଼ଗ ଉଠାଇବେ ନାହିଁ, କିଅବା ସେମାନେ ଆଉ ଯୁଦ୍ଧ ଶିଖିବେ ନାହିଁ'' (ଯିଶାଇୟ ୨:୪) । ସେହି ଶାନ୍ତିପୂର୍ଣ୍ଣ ଦିନରେ: ''ଜଳରାଶି ଯେପରି ସମୁଦ୍ରକୁ ଆବୃତ କରେ, ସେପରି ସଦାପ୍ରଭୁଙ୍କ ମହିମା ବିଷୟକ ଜ୍ଞାନରେ ପୃଥିବୀ ପରିପୂର୍ଣ୍ଣ ହେବ''(ହବକ୍କୂକ ୨:୧୪) । ଇତିହାସର ଆଉ ଅନ୍ୟ କୌଣସି ଉପସଂହାର ଅନନ୍ତ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବ ନାହିଁ ।

କିନ୍ତୁ ପ୍ରଭୁ ଯୀଶୁଙ୍କ ନିର୍ଦ୍ଦେଶାଧୀନରେ ସେହି ସାର୍ବଜନୀନ ଶାନ୍ତିର ଦିନ ପୂର୍ବରୁ ଲୋକମାନଙ୍କ ମଧ୍ୟରେ ଗଭୀର ଓ ପ୍ରକୃତ ବିଭାଜନ ସ୍ପଷ୍ଟ ଭାବରେ ଦେଖାଯିବ । ଆଉ ଆସନ୍ତା ସଂଘର୍ଷ ଯୀଶୁଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱକୁ କେନ୍ଦ୍ରକରି ଦେଖାଦେବ ।

**ସେଥିପାଇଁ ଏହା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ଯୀଶୁ କିଏ, ସେ କାହିଁକି ଆସିଥିଲେ ଓ ସେ ଏଠାରେ ଥିବା ସମୟରେ ଆପଣଙ୍କ ନିମନ୍ତେ କ'ଣ କରିଥିଲେ, ତାହା ଆପଣମାନେ ସୁନିଶ୍ଚିତ ଭାବରେ ଜାଣିବା ଉଚିତ୍ ।**

ଆଦି ପୁସ୍ତକ ଓ ଯୋହନଙ୍କ ପୁସ୍ତକ ସମାନ ପ୍ରକାରେ ଆରମ୍ଭ ହୋଇଛି । ଆଦି ପୁସ୍ତକରେ ଆମେ ପାଠ କରୁ: *''ଆଦ୍ୟରେ ପରମେଶ୍ୱର ଆକାଶମଣ୍ଡଳ ଓ ପୃଥିବୀ ସୃଷ୍ଟି କଲେ'' (ଆଦି ପୁସ୍ତକ ୧:୧)* । ଯୋହନ ପୁସ୍ତକରେ ଆମେ ପାଠ କରୁ: ''ଆଦ୍ୟରେ ବାକ୍ୟ ଥିଲେ... ଆଉ ସେହି ବାକ୍ୟ ଈଶ୍ୱର ଥିଲେ... ସମସ୍ତ ବିଷୟ ତାହାଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା'' (ଯୋହନ ୧:୧,୩) । ଯେଉଁ ଈଶ୍ୱରଙ୍କୁ ଆଦି ପୁସ୍ତକରେ ଏଲୋହିମ୍ କୁହାଯାଇଛି, ତାଙ୍କୁ ଯୋହନ ସୁସମାଚାରରେ ''ବାକ୍ୟ'' ଭାବରେ ଉଲ୍ଲେଖ କରାଯାଇଛି । ଏଲୋହିମ୍ 'ବାକ୍ୟ' ଅଟନ୍ତି, ଆଉ ସେ ନିଜର ସୃଷ୍ଟି ମଧ୍ୟରେ ଗମନାଗମନ କରିବା ପାଇଁ ମାଂସ ଦ୍ୱାରା ନିଜକୁ ଆଚ୍ଛାଦିତ କରିଥିଲେ । ବାକ୍ୟ ଦେହ ଧାରଣ କରି ଆମ୍ଭମାନଙ୍କ ମଧ୍ୟରେ ବାସ କଲେ । ସଂପୂର୍ଣ୍ଣ ଶାସ୍ତ୍ରାଂଶଟି ଏହିପରି ଭୀତିପ୍ରଦ ଉକ୍ତିରେ ଲିପିବଦ୍ଧ ହୋଇଛି–

> ''ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସହିତ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ । ସେ ଆଦ୍ୟରେ ଈଶ୍ୱରଙ୍କ ସହିତ ଥିଲେ । ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟ ହେଲାଷ୍ଡ ଆଉ ଯେ ସମସ୍ତ ସୃଷ୍ଟ ହୋଇଅଛି, ସେଥିମଧ୍ୟରୁ ଗୋଟିଏ ସୁଦ୍ଧା ତାହାଙ୍କ ବିନା ସୃଷ୍ଟ ହୋଇନାହିଁ...ସେ ଜଗତରେ ଥିଲେ ଓ

ଜଗତ ତାହାଙ୍କ ଦ୍ୱାରା ସୃଷ୍ଟ ହେଲା, ତଥାପି ଜଗତ ତାହାଙ୍କୁ ଚିହ୍ନିଲା ନାହିଁ । ସେ ଆପଣା ରାଜ୍ୟକୁ ଆସିଲେ, ତଥାପି ତାହାଙ୍କର ନିଜ ଲୋକମାନେ ତାହାଙ୍କୁ ଗ୍ରହଣ କଲେ ନାହିଁ । ମାତ୍ର ଯେତେ ଲୋକ ତାହାଙ୍କୁ ଗ୍ରହଣ କଲେ, ଅର୍ଥାତ୍, ଯେଉଁମାନେ ତାହାଙ୍କ ନାମରେ ବିଶ୍ୱାସ କଲେ, ସେ ସମସ୍ତଙ୍କୁ ସେ ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତେ ଅଧିକାର ଦେଲେ... ଆଉ ସେହି ବାକ୍ୟ ଦେହବନ୍ତ ହେଲେ, ପୁଣି ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ହୋଇ ଆମ୍ଭମାନଙ୍କ ମଧ୍ୟରେ ବାସ କଲେ, ଆଉ ପିତାଙ୍କଠାରୁ ଆଗତ ଅଦ୍ୱିତୀୟ ପୁତ୍ରଙ୍କ ମହିମା ସଦୃଶ ଆମ୍ଭେମାନେ ତାହାଙ୍କ ମହିମା ଦେଖିଲୁ...'' (ଯୋହନ ୧:୧-୩ଦ୍ଧ ୧୦-୧୨,୧୪) ।

ଅନେକ ଶତାବ୍ଦୀ ପୂର୍ବେ ମୋଶାଙ୍କ ସଦୃଶ ଓ ସମସ୍ତ ଯୁଗରେ ଥିବା ଲୋକମାନଙ୍କ ସଦୃଶ ଶିଷ୍ୟ ଫିଲିପ୍ପ ମଧ୍ୟ ଈଶ୍ୱର କିପରି ଅଟନ୍ତି-ତାହା ଜାଣିବାକୁ ଇଚ୍ଛା କରିଥିଲେ ।

ଫିଲିପ୍ପ ଯୀଶୁଙ୍କୁ ଏକ ବିଶେଷ ଅନୁରୋଧ କରି କହିଥିଲେ *''ପ୍ରଭୋ, ଆମ୍ଭମାନଙ୍କୁ ପିତାଙ୍କୁ ଦର୍ଶନ କରାଉନ୍ତୁ'' (ଯୋହନ ୧୪:୮)* । ଅତି ଆଶ୍ଚର୍ଯ୍ୟଜନକ ଭାବରେ, ଯୀଶୁ ଉତ୍ତର ଦେଇଥିଲେ: *''ଯେ ମୋତେ ଦର୍ଶନ କରିଅଛି, ସେ ପିତାଙ୍କୁ ଦର୍ଶନ କରିଅଛି'' (ଯୋହନ ୧୪:୯)* । ଯଦି ଯୀଶୁ ଈଶ୍ୱର ହୋଇ ନ ଥା'ନ୍ତେ, ତେବେ ଏହିପ୍ରକାର ଏକ ଆଶ୍ଚର୍ଯ୍ୟଜନକ ଉତ୍ତର ଯୋଗୁ ଯୀଶୁ ଏକ ମୂର୍ଖ କିମ୍ବା ପ୍ରତାରକ ଭାବରେ ଦେଖାଯାଇଥା'ନ୍ତେ । କେହି ତାଙ୍କୁ ଏହି ଦୁଇଟି କଥା ନିମନ୍ତେ ନିନ୍ଦା କରି ନ ଥିଲେ । ଯଦି ସେ ଈଶ୍ୱର ହୋଇ ନ ଥା'ନ୍ତେ, ତେବେ ଜଗତର ସବୁଠାରୁ ବଡ଼ ପ୍ରତାରକ ହୋଇଥା'ନ୍ତେ । ସେଥିପାଇଁ, ଆମକୁ ଏହା ସ୍ୱୀକାର କରିବାକୁ ହେବ ଯେ ଯୀଶୁଙ୍କୁ ଦେଖିବା ସମୟରେ ଆମେ ଈଶ୍ୱରଙ୍କୁ ଦେଖିଥାଉ ।

ଏହି ସ୍ଥାନରେ-ଯୀଶୁ କିଏ, ତାହା ଘୋଷଣା କରିବା ସମୟରେ ଲୋକମାନେ ପରସ୍ପରଠାରୁ ବିଚ୍ଛିନ୍ନ ହେବାକୁ ଆରମ୍ଭ କରନ୍ତି । ଗୋଟିଏ ଅର୍ଥରେ, ଯୀଶୁ ଏହା କହିବା କିଛି ଆଶ୍ଚର୍ଯ୍ୟଜନକ ନୁହେଁ ଯେ, ''ମୁଁ ଓ ପିତା ଏକ'' (ଯୋହନ ୧୦:୩୦), ସେତେବେଳେ କେତେ ଜଣ ଈଶ୍ୱରଙ୍କ ନିମନ୍ତେ ଥିବା ସେମାନଙ୍କର ଅନ୍ୱେଷଣର ଉତ୍ତର ପାଇଥିଲେ । କିନ୍ତୁ, ଈଶ୍ୱରଙ୍କର ନିଜକୁ ଏପରି ନମ୍ର କରିବାର ସମ୍ଭାବନାକୁ ଯେଉଁମାନେ କଳ୍ପନା କରିପାରି ନ ଥିଲେ, ସେମାନେ ଶତ୍ରୁତା ଆଚରଣ କରିଥିଲେ ।





ଯୀଶୁ କେତେ ଜଣଙ୍କୁ ଆକର୍ଷିତ କରିଥିଲେ, ମାତ୍ର ସେ ଅନ୍ୟମାନଙ୍କଠାରୁ ବିଚ୍ଛିନ୍ନ ହୋଇଥିଲେଦ୍ଧ ଯଦିଓ କେତେ ଜଣ ତାଙ୍କର ଅନୁଗାମୀ ହୋଇଥିଲେ, ଆଉ କେତେ ଜଣ ତାଙ୍କର ମୃତ୍ୟୁର ଷଡ଼ଯନ୍ତ୍ର କରିଥିଲେ ।

ଏପରିକି ନିଜ ଜୀବନ କାଳରେ ଯୀଶୁ ଲୋକମାନଙ୍କୁ ବିଭାଜିତ କରିଥିଲେ । ସେ ସ୍ପଷ୍ଟ ଭାବରେ କହିଥିଲେ-

*''ଯେ ମୋହର ସପକ୍ଷ ନୁହେଁ, ସେ ମୋହର ବିପକ୍ଷ'' (ମାଥିଉ ୧୨:୩୦)* ।

**କିନ୍ତୁ, ଏକ ପ୍ରାରମ୍ଭିକ ପ୍ରତିକ୍ରିୟା ଏକ ସ୍ଥାୟୀ ପ୍ରତିକ୍ରିୟା ହେବା ଜରୁରୀ ନୁହେଁ ।**

ଆସନ୍ତୁ, ଆମେ ଏପରି ଜଣେ ବ୍ୟକ୍ତିଙ୍କ ବିଷୟ ବିଚାର କରିବା, ଯିଏ ଯୀଶୁଙ୍କର ଶତ୍ରୁରୁ ତାଙ୍କର ଅନୁଗାମୀରେ ପରିଣତ ହୋଇଥିଲେ । ନିଜର ପ୍ରାରମ୍ଭିକ ଦିନଗୁଡ଼ିକରେ, ଜଣେ ଯିହୁଦୀ ରାବ୍ବୀ (ଗୁରୁ), ଶାଉଲ ଯୀଶୁଙ୍କର ଅନୁଗାମୀମାନଙ୍କୁ ଏତେ ଘୃଣା କରୁଥିଲେ ଯେ, ସେମାନଙ୍କ ପ୍ରତି ତାଡ଼ନା କରୁଥିଲେ ଓ ସେମାନଙ୍କ ମୃତ୍ୟୁରେ ସମ୍ମତ ଥିଲେ । କିନ୍ତୁ, ପରିବର୍ତ୍ତିତ ହେବା ପରେ, ସେ ନିଜର ଅବଶିଷ୍ଟ ବର୍ଷଗୁଡ଼ିକ ଯୀଶୁଙ୍କୁ ନିଜର ପ୍ରଭୁ ଓ କର୍ତ୍ତା ଭାବରେ ସମ୍ମାନ ଦେଇ ବଞ୍ଚିଥିଲେ । ଘଟଣା କ୍ରମେ, ଖ୍ରୀଷ୍ଟଙ୍କ ପ୍ରତି ନିଜର ଆନୁଗତ୍ୟ ଯୋଗୁ ସେ ଆନନ୍ଦର ସହିତ ବହୁ କଷ୍ଟ ଭୋଗ କରିଥିଲେ । କେଉଁ ବିଷୟ ଏପରି ଭିନ୍ନତା ଆଣିଦେଲା ?

ଶାଉଲ ଦମ୍ମେଶକକୁ ଯାତ୍ରା କରୁଥିବା ସମୟରେ, ଗୋଟିଏ ''ମହା ଆଲୋକ'' ଦେଖିଲେ । ସେହି ଆଲୋକ ଏତେ ଉଜ୍ଜ୍ୱଳ ଥିଲା ଯେ, ସେ କିଛି କ୍ଷଣ ପାଇଁ ଅନ୍ଧ ହୋଇଗଲେ । ଶାଉଲ, କିନ୍ତୁ, ଆନ୍ତରିକ ଭାବରେ ଏହା ଜାଣିଥିଲେ ଯେ, ସେ ଈଶ୍ୱରଙ୍କ ଉପସ୍ଥିତିରେ ଅଛନ୍ତି ।

'ଯିହୋବାଃ' ଶବ୍ଦର ଗ୍ରୀକ୍ ରୂପ ବ୍ୟବହାର କରି ସେ ପ୍ରଶ୍ନ କରିଥିଲେ, *''ପ୍ରଭୋ, ଆପଣ କିଏ ?''* ଈଶ୍ୱର ଉତ୍ତର ଦେଇଥିଲେ- *''ଯାହାଙ୍କୁ ତୁମ୍ଭେ ତାଡ଼ନା କରୁଅଛ, ଆମ୍ଭେ ସେହି ଯୀଶୁ'' (ପ୍ରେରିତ ୯:୫)* । ସେହିଦିନ ଶାଉଲ ଏହା ଜାଣି ପାରିଥିଲେ ଯେ ଯିହୋବାଃ ଓ ଯୀଶୁ ଏକ ଅଟନ୍ତି ।

ଏହି ପ୍ରକାଶ ଶାଉଲଙ୍କୁ ଯୀଶୁଙ୍କର ଶତ୍ରୁରୁ ପ୍ରେରିତ ପାଉଲରେ ପରିଣତ କରିଥିଲା । ସେହି ଦିନଠାରୁ ସେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପ୍ରତି ନିଜ ଜୀବନ ସଂପୂର୍ଣ୍ଣ ଭାବେ ସମର୍ପଣ

କରିଥିଲେ । ଯଦିଓ ସେ ନିଜର ବିଶ୍ୱାସ ନିମନ୍ତେ ବହୁ କଷ୍ଟ ଭୋଗ କରିଥିଲେ, ତଥାପି ଈଶ୍ୱର ଯେ ପୃଥିବୀ ଗ୍ରହକୁ ଆସିଥିଲେ, ଏହି ସୁସମ୍ବାଦ ପ୍ରସାରରେ ସେ ନିଜର ଅବଶିଷ୍ଟ ଜୀବନ କ୍ଷେପଣ କରିଥିଲେ । ପାଉଲଙ୍କ ଜୀବନରେ ଯୀଶୁ ଖ୍ରୀଷ୍ଟଙ୍କର ବାସ୍ତବତା ତାଙ୍କୁ ସର୍ବଶ୍ରେଷ୍ଠ ମିଶନାରୀରେ ରୂପାନ୍ତରିତ କରିଥିଲା । ସମସ୍ତ ବିଷୟ ଯେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନିମନ୍ତେ ସୃଷ୍ଟି ହୋଇଥିଲା- ଏହି ବିଶ୍ୱାସ ତାଙ୍କର ପତ୍ରାବଳୀରେ ପରିପୂର୍ଣ୍ଣ ହୋଇ ରହିଛି *(କଲସୀୟ ୧:୧୬)* ।

ଆମେ ଯେପରି ଦେଖିଛୁ, ସେହିପରି ନାଜରୀତର ଯୀଶୁ ମର୍ମନ, ଯିହୋବା ୱିଟ୍‌ନେସ୍ ଓ ଅନ୍ୟ କେତେକଙ୍କ ବିଶ୍ୱାସ ଭଳି-ଈଶ୍ୱରଙ୍କର କେବଳ **ଜଣେ** ପୁତ୍ର ନୁହଁନ୍ତି, ମାତ୍ର ଈଶ୍ୱରଙ୍କର **ଅଦ୍ୱିତୀୟ** ପୁତ୍ର ଅଟନ୍ତି ବୋଲି ବାଇବଲ ଘୋଷଣା କରିଛି । ଇସଲାମର ଶିକ୍ଷାନୁଯାୟୀ ସେ କେବଳ ଈଶ୍ୱରଙ୍କର **ଜଣେ** ଭାବବାଦୀ ନୁହଁନ୍ତି । ଏହିପରି କେତେକ ଦଳରେ ମିଥ୍ୟା ଶିକ୍ଷାକୁ ଗ୍ରହଣ କରିବା ଚେଷ୍ଟାରେ ଅନେକେ ଈଶ୍ୱରଙ୍କର ସେହି ପ୍ରକାଶକୁ ଏଡ଼ାଇ ଦିଅନ୍ତି, ଯାହା ଈଶ୍ୱର ନିଜ ସମ୍ବନ୍ଧରେ ପ୍ରଦାନ କରିଛନ୍ତି । ଏହାକୁ ଇଂରାଜୀରେ 'ସିନ୍‌କ୍ରେଟିଜିମ୍' (syncretism) ବୋଲି କୁହାଯାଏ ଓ ୱେବଷ୍ଟର ଶବ୍ଦକୋଷ ଏହାକୁ *''ବିଭିନ୍ନ ବିଶ୍ୱାସ ମତକୁ ଏକତ୍ରୀକରଣ କରିବାର ଏକ ଉଦ୍ୟମ''* ବୋଲି ନାମିତ କରେ ।

ଉଦାହରଣ ସ୍ୱରୂପ, ହିନ୍ଦୁମାନେ ସେମାନଙ୍କର ଅନେକ ''ଦେବତା'' ସହିତ ଯୀଶୁଙ୍କୁ ଯୋଗ କରିବା ଦ୍ୱାରା ତାଙ୍କୁ ସ୍ୱୀକାର କରନ୍ତି । ଆମେ ଉତ୍ତମ ଭାବେ ଏହା ସ୍ମରଣ କରିପାରୁ ଯେ, ଯେତେବେଳେ ଏଲିୟଙ୍କର ସତ୍ୟ ଓ ଜୀବିତ ଈଶ୍ୱର ବିଧର୍ମ 'ବାଲ୍' ଦେବତାର ସମ୍ମୁଖୀନ ହେଲେ, ସେତେବେଳେ ସେ ନିଜ ସମ୍ମୁଖରେ ସେଗୁଡ଼ିକୁ ଧ୍ୱଂସ କରିଥିଲେ । ସେହିପରି ଭାବରେ, ପ୍ରତ୍ୟେକ ମନୁଷ୍ୟ-ସୃଷ୍ଟ ଓ ମନୁଷ୍ୟ-ଜନ୍ମିତ ଦେବତାକୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସମ୍ମୁଖରେ ପତିତ ହେବାକୁ ପଡ଼ିବ, କାରଣ ସେ ପୁତ୍ର ଈଶ୍ୱର ଅଟନ୍ତି, ଯିଏ ଅନନ୍ତ କାଳ ପିତା ଓ ପବିତ୍ର ଆତ୍ମା ସହିତ ସମାନ ଅଟନ୍ତି ।

ଯୀଶୁ ଖ୍ରୀଷ୍ଟ ଯେ ଈଶ୍ୱର ଅଟନ୍ତି, ଏହା ଥରେ ବୁଝିବା ପରେ ତାଙ୍କର କୁମାରୀ ଗର୍ଭରୁ ଜନ୍ମ, ତାଙ୍କର ଅନେକ ଆଶ୍ଚର୍ଯ୍ୟ କର୍ମ, ତାଙ୍କର ମୃତ୍ୟୁ ଓ ପୁନରୁତ୍ଥାନ, ତାଙ୍କ ସ୍ୱର୍ଗାରୋହଣ ଓ ପୃଥିବୀକୁ କ୍ଷମତା ଓ ଗୌରବରେ ତାଙ୍କର ଶୀଘ୍ର ପ୍ରତ୍ୟାବର୍ତ୍ତନ- ଇତ୍ୟାଦି ବିଷୟରେ ବିଶ୍ୱାସ କରିବା ଆମ ପାଇଁ କଷ୍ଟକର ହେବ ନାହିଁ । ଯୀଶୁ ଖ୍ରୀଷ୍ଟ





'ନିଜେ ଈଶ୍ୱର', ବିଶ୍ୱର ସମସ୍ତ ନିୟମ ଓ ଜୀବନ ସହାୟକ ପ୍ରଥା ସହିତ ଏହାର ସୃଷ୍ଟିକର୍ତ୍ତା ହୋଇଥିବାରୁ ନିଜର ପ୍ରେମ ଓ ଉଦ୍ଧାରକାରୀ ଗୁଣ ନିମନ୍ତେ ସେ ନିଜେ ସୃଷ୍ଟି କରିଥିବା ସମସ୍ତ ନିୟମର ଊର୍ଦ୍ଧ୍ୱରେ ଥାଆନ୍ତି ।

ନାଜରୀତର ଯୀଶୁଙ୍କ ବ୍ୟକ୍ତିତ୍ୱ ଚତୁର୍ଦ୍ଦିଗରେ ଜଗତ ବିଭାଜିତ ହୋଇଛି । ପୃଥକ୍ ଦଳଗୁଡ଼ିକ 'ଥିବା' ଓ 'ନ ଥିବା' ଭିତ୍ତିରେ କିମ୍ବା ରାଜନୈତିକ ଭାବରେ ବଳିଷ୍ଠ ଓ ରାଜନୈତିକ ଭାବରେ ଦୁର୍ବଳ ଭିତ୍ତିରେ କିମ୍ବା ବିଭିନ୍ନ ଆଦର୍ଶବାଦ ଧାରଣ କରିଥିବା ଦେଶ ଭିତ୍ତିରେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ନାହାନ୍ତି । ଯେଉଁ ପ୍ରକୃତ ବିଭାଜନ ରହିଛି, ତାହା ଈଶ୍ୱର ଏହି ପୃଥିବୀକୁ ଆସିଥିବା ସମୟରେ ସୃଷ୍ଟି ହୋଇଥିଲା, ଆଉ ତାହା ମନୁଷ୍ୟ ଜାତିକୁ ବିଭାଜିତ କରୁଥିବା ଅନ୍ୟ ସମସ୍ତ ସମସ୍ୟା ଅପେକ୍ଷା ଅତ୍ୟଧିକ ମୌଳିକ ଅଟେ ।

ଏହି ଉକ୍ତିର ସତ୍ୟତା ଅତି ନାଟକୀୟତା ନୁହେଁ, କାରଣ ପ୍ରଭୁ ଯୀଶୁ ନିଜେ କହିଥିଲେ :

> *''ଈଶ୍ୱର ଯଦି ତୁମ୍ଭମାନଙ୍କର ପିତା ହୋଇଥାଆନ୍ତେ, ତାହା ହେଲେ ତୁମ୍ଭେମାନେ ମୋତେ ପ୍ରେମ କରନ୍ତ, କାରଣ ମୁଁ ଈଶ୍ୱରଙ୍କଠାରୁ ଆସିଅଛି, ମୁଁ ନିଜଠାରୁ ଆସିନାହିଁ, କିନ୍ତୁ ସେ ମୋତେ ପ୍ରେରଣ କଲେ । ତୁମ୍ଭେମାନେ କାହିଁକି ମୋହର କଥା ବୁଝୁ ନାହଁ ? ତୁମ୍ଭେମାନେ ତ ମୋହର ବାକ୍ୟ ଶୁଣି ପାରୁ ନାହଁ । ତୁମ୍ଭେମାନେ ତୁମ୍ଭମାନଙ୍କର ପିତା ଶୟତାନଠାରୁ ଉତ୍ପନ୍ନ, ଆଉ ତୁମ୍ଭମାନଙ୍କ ପିତାର କାମନା ସାଧନ କରିବା ତୁମ୍ଭମାନଙ୍କର ଇଚ୍ଛା । ସେ ଆଦ୍ୟରୁ ନରଘାତକ, ଆଉ ସେ ସତ୍ୟରେ ରହେ ନାହିଁ, କାରଣ ତାହାଠାରେ ସତ୍ୟ ନାହିଁ । ଯେତେବେଳେ ସେ ମିଥ୍ୟା କହେ, ସେତେବେଳେ ସେ ନିଜଠାରୁ କହେଵ କାରଣ ସେ ମିଥ୍ୟାବାଦୀ ଓ ମିଥ୍ୟାବାଦୀର ପିତା'' (ଯୋହନ ୮:୪୨-୪୪) ।*

ଏହା ଜାଣିବା କ'ଣ ଆଶ୍ଚର୍ଯ୍ୟର ବିଷୟ ଯେ, ଠିକ୍ ଯେପରି ଈଶ୍ୱର ହେଉଛନ୍ତି ବିଶ୍ୱାସୀମାନଙ୍କ ପରିବାରର ପିତା, ସେହିପରି ଅନ୍ୟ ଏକ ଅବିଶ୍ୱାସୀମାନଙ୍କ ପରିବାର ଅଛି, ଯାହାର ପିତା ଶୟତାନ ଅଟେ ? ପ୍ରତ୍ୟେକ ଜଣ ଈଶ୍ୱରଙ୍କ ସନ୍ତାନ ନୁହଁନ୍ତି ।

ଈଶ୍ୱରଙ୍କ ପରିବାରରେ ରହିବା କିମ୍ୱା ଶୟତାନର ପରିବାରରେ ରହିବା–ଏହା ଆପଣଙ୍କ ନିମନ୍ତେ ଓ ମୋ' ନିମନ୍ତେ ଅନନ୍ତକାଳୀନ ବିକଳ୍ପ ଅଟେ ।

ଈଶ୍ୱରଙ୍କ ସମ୍ୱନ୍ଧରେ ଆପଣଙ୍କ ବିଶ୍ୱାସ ଯେତେ ବିଶ୍ୱସ୍ତ ହୋଇଥିଲେ ସୁଦ୍ଧା ଆପଣ 'ବିଶ୍ୱସ୍ତ ଭାବରେ' ଭୁଲ୍ କରୁଥାଇ ପାରନ୍ତି । ଜଣେ ବ୍ୟକ୍ତି ବିଶ୍ୱସ୍ତ ଥିଲେ, ସେ ଯାହା ବିଶ୍ୱାସ କରେ, ସେଥିରେ କୌଣସି ଗୁରୁତ୍ୱ ନ ଥାଏ ବୋଲି କହିବା ଏକ ମିଥ୍ୟା ଅଟେ । ସେହିପରି ଭାବରେ, ବିଷକୁ ଔଷଧ ଭାବରେ ବିଶ୍ୱାସ କରି ଆପଣ ଖାଇଲେ ହେଁ ମୃତ୍ୟୁବରଣ କରିବେ ।

ପ୍ରକୃତରେ ମାନବ ଜାତି ଦୁଇଟି ପରିବାରରେ ବିଭକ୍ତ ହୋଇଛି । ପ୍ରତ୍ୟେକ ବ୍ୟକ୍ତି ଏହି ଦୁଇ ପରିବାର ମଧ୍ୟରୁ ଗୋଟିଏ କିମ୍ୱା ଅନ୍ୟଟିର ଅଟନ୍ତି: ଈଶ୍ୱରଙ୍କ ପରିବାର କିମ୍ୱା ଶୟତାନର ପରିବାରର । ଆପଣ କେଉଁ ପରିବାରର, ଏହା ଜାଣିବା ଅତି ଗୁରୁତ୍ୱପୂର୍ଣ୍ଣ । ଆଉ ଈଶ୍ୱରଙ୍କ ପରିବାରର ଜଣେ ସଦସ୍ୟ ହେବାର ପ୍ରଥମ ପଦକ୍ଷେପ ହେଉଛି, ଈଶ୍ୱର କିଏ ଓ ନିଜ ପୁତ୍ର, ଯୀଶୁଙ୍କୁ ଦେବାରେ ସେ କ'ଣ କରିଛନ୍ତି, ଏ ସମ୍ୱନ୍ଧରେ ଜାଣିବା ।

'ଯୀଶୁ' ନାମର ଅର୍ଥ ହେଉଛି ''ଯିହୋବାଃ ପରିତ୍ରାଣ ଅଟନ୍ତି ।'' ସେଥିପାଇଁ ସ୍ୱର୍ଗଦୂତ ଯୋଷେଫଙ୍କୁ କହିଥିଲେ: *''...ତୁମ୍ଭେ ତାହାଙ୍କ ନାମ **ଯୀଶୁ** ଦେବ, କାରଣ ସେ ଆପଣା ଲୋକଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବେ'' (ମାଥିଉ ୧:୨୧) ।*





**ଅନୁଚିନ୍ତା**

୧. ଆପଣ ବିଶ୍ୱସ୍ତ ଥିବା ପର୍ଯ୍ୟନ୍ତ, ଈଶ୍ୱରଙ୍କ ବିଷୟରେ ଯାହା କିଛି ବିଶ୍ୱାସ କରନ୍ତି, ତାହା ବାସ୍ତବରେ ଗୁରୁତ୍ୱପୂର୍ଣ୍ଣ ଅଟେ କି ?

୨. ଲୋକମାନଙ୍କ ମଧ୍ୟରେ ବିଭାଜନର ଚରମ କାରଣ କଣ ? ଏହା କ'ଣ ରାଜନୈତିକ, ଅର୍ଥନୈତିକ, ପାରିବାରିକ କିମ୍ୱା ଶିକ୍ଷ ସମ୍ୱନ୍ଧୀୟ ? କିମ୍ୱା ଏହା କ'ଣ ଆତ୍ମିକ ଓ ଚିରନ୍ତନ ?

୩. ପ୍ରଭୁ ଯୀଶୁ ବର୍ଣ୍ଣନା କରିଥିବା ଦୁଇଟି ପରିବାର ମଧ୍ୟରୁ କେଉଁଟିରେ ଆପଣ ରହିବାକୁ ଇଚ୍ଛା କରନ୍ତି ?

ଈଶ୍ୱରଙ୍କର ତ୍ରାଣକାରୀ ଜ୍ଞାନ ନୈତିକ ମନ୍ଦତା ସମ୍ବନ୍ଧୀୟ ଏକ ଗଭୀର ଅନୁଭବରେ (ସଚେତନତାରେ), ଅନ୍ୟ ଯେ କୌଣସି ବିଷୟ ଅପେକ୍ଷା ବୋଧହୁଏ ଅଧିକ ବାସ କରେ ।

ଡଃ ଆର୍ନୋଲ୍ଡ଼

(ରଗ୍‌ବୀ ପବ୍ଲିକ୍ ସ୍କୁଲ୍‌ର ପ୍ରଧାନ ଶିକ୍ଷକ) ।



# ବାସ୍ତବ ସମସ୍ୟା କ'ଣ ?

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଅନେକ ଲୋକ ଏହି ଜଗତର ଭବିଷ୍ୟତ୍ ବିଷୟରେ ଅତି ଆଶାବାଦୀ ଥିଲେ । ସେମାନେ ଏହା ବିଶ୍ୱାସ କରୁଥିଲେ ଯେ, ଶାନ୍ତି ଓ ସମୃଦ୍ଧିର ଏକ ସୁବର୍ଣ୍ଣ ଯୁଗ ମଧ୍ୟକୁ ଏହା ପ୍ରବେଶ କରିବାକୁ ଯାଉଥିଲା । ଏହି ନୂତନ ଯୁଗର ଆଶୀର୍ବାଦ ପ୍ରତ୍ୟେକ ଦେଶରେ, ଏପରିକି ସେହି ଦେଶଗୁଡ଼ିକରେ ମଧ୍ୟ ଦେଖାଯିବ, ଯେଉଁଠାରେ ନୈରାଶ୍ୟ, ରୋଗ ଓ ଅତିରିକ୍ତ ଦାରିଦ୍ର୍ୟ ଅବର୍ଣ୍ଣନୀୟ ଦୁଃଖ ଆଣିଥାଏ ବୋଲି ଅନେକେ ଚିନ୍ତା କରୁଥିଲେ । କିନ୍ତୁ ୧୯୧୪ରେ ଯୁଦ୍ଧର ତୂରୀଧ୍ୱନୀ ସମଗ୍ର ୟୁରୋପରେ ପ୍ରତିଧ୍ୱନିତ ହୋଇଥିଲା ।

ଆଉ ଆଜି, ଏକବିଂଶ ଶତାବ୍ଦୀର ଆରମ୍ଭରେ, ଅବିଶ୍ୱସନୀୟ ବୈଜ୍ଞାନିକ କୃତିତ୍ୱ ସତ୍ତ୍ୱେ ଲୋକମାନେ ଆଉ ଗୋଟିଏ ଉଜ୍ଜ୍ୱଳ ଭବିଷ୍ୟତ୍ ବିଷୟରେ କଥାବାର୍ତ୍ତା ହେବା ପରି ମନେ ହେଉନାହିଁ । ଏହା ପରିବର୍ତ୍ତେ, ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ବନ୍ଧରେ ପୃଥିବୀର ଅତିରିକ୍ତ ସାମରିକ ସମାର୍ଥ୍ୟ ବିଷୟରେ ଲୋକମାନେ ଚିନ୍ତିତ ହେଉଛନ୍ତି । ଉଭୟ ଆନ୍ତର୍ଜାତୀୟ ଆତଙ୍କବାଦ ଓ ଜାତୀୟ ସମସ୍ୟା, ଅନେକ ଚିନ୍ତାଶୀଳ ବ୍ୟକ୍ତିଙ୍କୁ ଏହି ସିଦ୍ଧାନ୍ତରେ ଉପନୀତ କରିଛି ଯେ, ଆମେ ମାନବ ଇତିହାସର ଜଟିଳତମ ଓ ବିପଜ୍ଜନକ ବର୍ଷଗୁଡ଼ିକରେ ବାସ କରୁଛୁ । ଆଜିର ଜଗତରେ ଲୋକମାନଙ୍କର ବିଭାଜନ ବିଷୟରେ ବିଚାର ଆମେ କରିସାରିଛୁ । ଗୋଟିଏ ସଭ୍ୟ ସମାଜ, ବିପଦ ଅଧୀନରେ ରହିଛି । କ'ଣ ଭୁଲ୍ ହେଲା ?

ଏହି ପ୍ରଶ୍ନର ଉତ୍ତର ଦେବା ଚେଷ୍ଟାରେ, ପୃଥିବୀର ମୁଖ୍ୟ ନେତାମାନେ ଏକତ୍ରିତ ହୋଇ କଥାବାର୍ତ୍ତା କରୁଛନ୍ତି । ସମସ୍ୟାଗୁଡ଼ିକ ସମ୍ମୁଖକୁ ଆଣି ପରସ୍ପରର ମତାମତ ଓ ପ୍ରସ୍ତାବ ଶୁଣିବା ସମୟରେ, ପୃଥିବୀ ଗୋଟିଏ ସମସ୍ୟାରୁ ଅନ୍ୟ ସମସ୍ୟାକୁ ଗତି

କରୁଛି । ଯେତେ ପରିମାଣର ଶକ୍ତି ଓ ଅର୍ଥ ବିନିଯୋଗ ହେଲେ ମଧ୍ୟ ପୃଥିବୀ ଯେଉଁ ଦିଗରେ ଅଗ୍ରସର ହେଉଛି, ତାକୁ ପରିବର୍ତ୍ତନ କରିବା ପାଇଁ କେହି ସମର୍ଥ ବୋଲି ମନେ ହେଉନାହିଁ । ପ୍ରତିଭାବାନ୍ ପ୍ରଶାସକ ଓ ରାଜନୀତିଜ୍ଞମାନେ, ଜ୍ଞାନୀ ବୈଜ୍ଞାନିକ ଓ ବିଦ୍ୱାନ୍‌ମାନେ, ଚତୁର ବ୍ୟବସାୟୀ ଓ ପୁଞ୍ଜିପତିମାନେ, ସମ୍ମାନଯୋଗ୍ୟ ଡାକ୍ତର ଓ ସମାଜତତ୍ତ୍ୱବିଦ୍‌ମାନେ ସମସ୍ତେ ସେମାନଙ୍କର ନିଜ ନିଜ କ୍ଷେତ୍ରରେ କିଛି କିଛି ଅବଦାନ ଦେଇଛନ୍ତି । ତଥାପି, ଉତ୍ତର ମିଳୁନାହିଁ ।

ଆଉ ଏହି ବିଦ୍ୱାନ୍ ବ୍ୟକ୍ତିମାନଙ୍କଠାରୁ, କ୍ୱଚିତ୍, ସେହି ବିଷୟର ଏକ ସୂଚନା ମିଳେ, ଯାହାକୁ ଈଶ୍ୱର ମନୁଷ୍ୟର ବାସ୍ତବ ସମସ୍ୟା–ମୌଳିକ ସମସ୍ୟା ବୋଲି ଘୋଷଣା କରିଛନ୍ତି । ଆଉ ସମାଧାନ ଖୋଜିବା ପୂର୍ବରୁ ପ୍ରଥମେ ସେହି ସମସ୍ୟାକୁ ଚିହ୍ନଟ କରିବା ଆବଶ୍ୟକ, କେବଳ ଈଶ୍ୱର ଆମର ବାସ୍ତବ ସମସ୍ୟା ସମ୍ବନ୍ଧରେ ଆମକୁ ସଚେତନ କରିପାରନ୍ତି । ଆଉ ଏହି ସ୍ଥିତିରେ ହିଁ ଈଶ୍ୱରଙ୍କୁ କିଏ ବାସ୍ତବରେ ଅନ୍ୱେଷଣ କରେ ଓ କାହାର କେବଳ ଏକ ଧାର୍ମିକ କୌତୁହଳ ଅଛି–ଏହା ମଧ୍ୟରେ ଥିବା ପାର୍ଥକ୍ୟକୁ ଆମେ ପ୍ରାୟ ଚିହ୍ନିପାରୁ ।

ଈଶ୍ୱର କହିଲେ: *''ଆମ୍ଭେ ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟର ନିର୍ମାଣ କରୁ'' (ଆଦି ପୁସ୍ତକ ୧:୨୬)* । ଆପଣ ହୁଏତ ପ୍ରଶ୍ନ କରି ପାରନ୍ତି: ''ମନୁଷ୍ୟ କିପରି ଭାବରେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି ହୋଇଛି ?'' ନିଶ୍ଚୟ, ଶାରୀରିକ ସାଦୃଶ୍ୟରେ ନୁହେଁ, କାରଣ ପ୍ରଭୁ ଯୀଶୁ କହିଥିଲେ: *''ଈଶ୍ୱର ଆତ୍ମା ଅଟନ୍ତି'' (ଯୋହନ ୪:୨୪)* । ଈଶ୍ୱରଙ୍କର ଆମ ପରି ହାତ, ଗୋଡ଼ ଓ ଚକ୍ଷୁ ନାହିଁ । ଆଉ ଏହି ଈଶ୍ୱର *''ଅଗମ୍ୟ ଜ୍ୟୋତିର୍ନିବାସୀ, ଯାହାଙ୍କୁ କୌଣସି ମର୍ତ୍ତ୍ୟ ଦେଖିନାହିଁ କିମ୍ବା ଦେଖିପାରେ ନାହିଁ'' (୧ ତିମଥି ୬:୧୬)* । ଜଣେ ଅଦୃଶ୍ୟ ମାନବର ଆଦୌ ସ୍ଥିତି ନାହିଁ । ସେଥିପାଇଁ, ମନୁଷ୍ୟ ଯେଉଁ ଶରୀରରେ ବାସ କରେ, ତଦପେକ୍ଷା ସେମାନଙ୍କର କିଛି ମୂଲ୍ୟବାନ୍ ବିଷୟ ରହିଥିବ ! ଶରୀର ପରିତ୍ୟାଗ କରିବା ସମୟରେ, ଯାହା ବଞ୍ଚି ରହେ, ତାହାହିଁ ବାସ୍ତବ ବ୍ୟକ୍ତିତ୍ୱ–'ସେହି ବ୍ୟକ୍ତି' ଯାହା ଈଶ୍ୱରଙ୍କ ସାଦୃଶ୍ୟରେ ସୃଷ୍ଟି ହୋଇଥିଲା ।

ଈଶ୍ୱରଙ୍କର ମନ, ଆବେଗ ଓ ଇଚ୍ଛା ରହିଛି ବୋଲି ବାଇବଲ ପ୍ରକାଶ କରେ । ଆଉ ଏହି ତିନୋଟି କ୍ଷେତ୍ରରେ ମନୁଷ୍ୟ ଈଶ୍ୱରଙ୍କ ସାଦୃଶ୍ୟରେ ନିର୍ମିତ ହୋଇଥିଲା। କିନ୍ତୁ, ସେ ଈଶ୍ୱର ହୋଇଥିବାରୁ ତାଙ୍କର ବୁଦ୍ଧିମତ୍ତା, ଆବେଗ ଓ ଇଚ୍ଛା ଅସୀମ





ଅଟେଵ ଅନ୍ୟ ଭାଷାରେ, ଏହା ସୀମାହୀନ ଅଟେ । ତାଙ୍କର ସ୍ୱଭାବ ଏହି ପ୍ରକାର ଅଟେ । କିନ୍ତୁ, ଏହାର ବିପରୀତରେ, ମନୁଷ୍ୟ ସୀମିତ ଅଟେ । ଏପରିକି ବିଦ୍ୱାନ୍ ଆଇନ୍‌ଷ୍ଟାଇନ୍‌ଙ୍କ ନିକଟରେ ମଧ୍ୟ ଏକ ସସୀମ ମନ ଥିଲା । କୌଣସି ମନୁଷ୍ୟ ସବୁ କିଛି ଜାଣିପାରେ ନାହିଁ, କୌଣସି ମନୁଷ୍ୟ ଅସୀମ ପ୍ରେମ କରିପାରେ ନାହିଁ, ନିଶ୍ଚୟ ମନୁଷ୍ୟର ଇଚ୍ଛା ବିଶ୍ୱରେ ସାର୍ବଭୌମ ନୁହେଁ । ସେ ନିଜ ଭାଗ୍ୟର ପ୍ରଭୁ ନୁହେଁ କିମ୍ବା ନିଜ ଭାଗ୍ୟର ଚାଳକ ନୁହେଁ ।

ଅନ୍ୟ ପକ୍ଷରେ, ମନୁଷ୍ୟର ବ୍ୟକ୍ତିତ୍ୱରେ ଏକ ଆତ୍ମିକ ସାମର୍ଥ୍ୟ ରହିଛି, ଯେପରିକି ସେ ଈଶ୍ୱରଙ୍କୁ ଜାଣିପାରିବ ଓ ତାଙ୍କ ସହିତ ସହଭାଗିତା ରଖିପାରିବ । ସେଥିପାଇଁ, ବାଇବଲ ଏହା ସ୍ପଷ୍ଟ କରିଦେଇଛି ଯେ, ମନୁଷ୍ୟ ହେଉଛି *' 'ଆତ୍ମା, ପ୍ରାଣ ଓ ଶରୀର'' (୧ ଥେସଲନୀକୀୟ ୫:୨୩)* ।

ନିଜର ଆତ୍ମା ମାଧ୍ୟମରେ, ନିଜ ସୃଷ୍ଟିକର୍ତ୍ତାଙ୍କ ସହିତ ଆନ୍ତରିକ ସଂପର୍କରେ ରହିବା ପାଇଁ ମନୁଷ୍ୟଠାରେ ଈଶ୍ୱର–ପ୍ରଦତ୍ତ ସମ୍ଭାବନା ରହିଅଛି । ନିଜ ଶରୀର ମାଧ୍ୟମରେ, ମନୁଷ୍ୟର ବ୍ୟକ୍ତିତ୍ୱ (କିମ୍ବା ପ୍ରାଣ, ଅର୍ଥାତ୍, କିମ୍ବା ଚିନ୍ତା କରିବା ପାଇଁ, ମନୋନୟନ କରିବା ପାଇଁ ଓ ପ୍ରେମ କରିବା ପାଇଁ ତାର ସାମର୍ଥ୍ୟ) ଭୌତିକ ଜଗତ ସହିତ ସଂପୃକ୍ତ ଅଟେ ।

ଯେ ପର୍ଯ୍ୟନ୍ତ ଆମେ ବାଇବଲର ପ୍ରାଧାନ୍ୟ ସମ୍ବନ୍ଧୀୟ ଲେଖାକୁ ଲକ୍ଷ୍ୟ କରୁ, ଯାହା ପ୍ରଥମେ ଆତ୍ମାକୁ, ଦ୍ୱିତୀୟରେ ପ୍ରାଣକୁ ଓ ତୃତୀୟରେ ଶରୀରକୁ ରଖେ, ସେତେବେଳେ ସବୁ ଠିକ୍ ଥାଏ ।

କିନ୍ତୁ କିଛି ଭୁଲ୍ ହୋଇଥିଲା । ଏହା ଫଳରେ, ଅନେକ ଲୋକଙ୍କ ନିମନ୍ତେ କ୍ରମଟି ବିପରୀତ ହୋଇଯାଇଛି: ଶରୀର ପ୍ରଥମ ସ୍ଥାନରେ, ପ୍ରାଣ ଦ୍ୱିତୀୟ ସ୍ଥାନରେ ଓ ଆତ୍ମା ତୃତୀୟ ସ୍ଥାନରେ ରହିଯାଇଛି । ଦୁର୍ଭାଗ୍ୟବଶତଃ, ଆଜିର ଜଗତରେ, ଅନେକ ଲୋକଙ୍କର ଶାରୀରିକ, ଭୌତିକ ଓ ଇନ୍ଦ୍ରିୟ ଆଗ୍ରହ ସେମାନଙ୍କର ଚିନ୍ତା, ସେମାନଙ୍କର ନିଷ୍ପତ୍ତି ଓ ସେମାନଙ୍କର ପ୍ରେମ ଉପରେ ପ୍ରାଧାନ୍ୟ ବିସ୍ତାର କରୁଥିବାବେଳେ ଆତ୍ମିକ ସାମର୍ଥ୍ୟ ନିଷ୍କ୍ରିୟ ଓ ମୃତ ହୋଇ ରହିଛି । ସେଥିପାଇଁ, ଈଶ୍ୱର ସୃଷ୍ଟି କରିଥିବା ଏହି ବ୍ୟକ୍ତି ଆତ୍ମିକ ଜୀବନର ପୁନଃସ୍ଥାପନ ଓ ନିୟନ୍ତ୍ରଣ ପାଇଁ କୌଣସି ସୁଯୋଗ ପାଇବା ପରିବର୍ତ୍ତେ ଏତେ ନ୍ୟୁନୀକୃତ, କିମ୍ବା ବହିଷ୍କୃତ ହୋଇଯାଆନ୍ତି ଯେ, ଏହି ଭୁଲ୍–

ପରିଚାଳିତ ବ୍ୟକ୍ତି ଓ ଈଶ୍ୱରଙ୍କ ମଧ୍ୟରେ ଆଉ କୌଣସି ଯୋଗାଯୋଗ ହୋଇପାରେ ନାହିଁ ।

ଯେଉଁ ବ୍ୟକ୍ତି ପାଇଁ ଈଶ୍ୱର ଦୂରବର୍ତ୍ତୀ ଓ ଅବାସ୍ତବ ଅଟନ୍ତି, ସେ ପ୍ରକୃତରେ ଆତ୍ମିକ ଭାବରେ ମୃତ ଅଟେ । ଅନ୍ୟ ପକ୍ଷରେ, ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ସହଭାଗିତା ଉପଭୋଗ କରେ, ସେ ପ୍ରକୃତରେ ଓ ସଂପୂର୍ଣ୍ଣ ଭାବରେ ଜୀବିତ ଅଟେ ।

> *"ମାତ୍ର ଏପରି ଅପରାଧରେ ମୃତ ହେଲେ ହେଁ ଦୟାସାଗର ଯେ ଈଶ୍ୱର, ସେ ଆମ୍ଭମାନଙ୍କୁ ଯେଉଁ ମହା ପ୍ରେମରେ ପ୍ରେମ କଲେ, ସେଥିସକାଶେ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ସହିତ ସଜୀବ କରାଇ ଅଛନ୍ତି" (ଏଫିସୀୟ ୨:୪,୫) ।*

ଏହି ଜଗତର ସମସ୍ୟାଗୁଡ଼ିକ ମନୁଷ୍ୟର ଇଚ୍ଛାରେ ଆରମ୍ଭ ହୁଏ । ଲୋକମାନେ ଯେପରି କଣ୍ଢେଇ ଭଳି ଅନ୍ୟର ଇଚ୍ଛା ବିନା ଗତିଶୀଳ ହେବା ନିମନ୍ତେ ଅସମର୍ଥ ହେବେ–ଏଥିପାଇଁ ଈଶ୍ୱର ସେମାନଙ୍କୁ ସୃଷ୍ଟି କରି ନ ଥିଲେ । ତାରକୁ ଟାଣିବା ଦ୍ୱାରା କଣ୍ଢେଇ ଖେଳ ଦେଖାଉଥିବା ବ୍ୟକ୍ତିମାନେ କଣ୍ଢେଇର ପ୍ରତ୍ୟେକଟି ଚଳପ୍ରଚଳକୁ ନିୟନ୍ତ୍ରଣ କରନ୍ତି । ଅନ୍ୟ ପକ୍ଷରେ, ଈଶ୍ୱର ଆମ ଇଚ୍ଛାନୁସାରେ ବ୍ୟବହାର ପ୍ରଦର୍ଶନ କରିବାକୁ ଆମକୁ ଏକ ସ୍ୱାଧୀନ ଇଚ୍ଛା ପ୍ରଦାନ କରିଛନ୍ତି । କିନ୍ତୁ, ସେହି ଇଚ୍ଛାର ଦାନକୁ ନେଇ ଆମେ ମଧ୍ୟ ନିଜର ନିଷ୍ପତ୍ତି ପାଇଁ ନୈତିକ ଭାବେ ଉତ୍ତରଦାୟୀ ହୋଇଥାଉ । (ବାଇବଲର ସତ୍ୟକୁ ଅବଜ୍ଞା କରୁଥିବା ଅନେକ ମନସ୍ତତ୍ତ୍ୱବିଦ୍‌ମାନଙ୍କଠାରୁ ଆପଣ, ପ୍ରାୟ ତାହା ହିଁ ଶୁଣିବେ) ।

ମନୁଷ୍ୟ ସୃଷ୍ଟି ପରେ ମନୁଷ୍ୟ ଜାତିରେ ପ୍ରଥମ କ୍ରମର ଦୁଃଖାବସ୍ଥା ଘଟିଥିଲା । ଏଦନ ଉଦ୍ୟାନରେ ବୃକ୍ଷଗୁଡ଼ିକ ମଧ୍ୟରେ ଦୁଇଟି ବିଶେଷ ବୃକ୍ଷ ଥିଲା । ଗୋଟିକୁ *"ଜୀବନଦାୟକ ବୃକ୍ଷ", ଅନ୍ୟଟିକୁ, "ସଦ୍‌ଅସତ୍ ଜ୍ଞାନଦାୟକ ବୃକ୍ଷ" ବୋଲି କୁହାଯାଉଥିଲା । (ଆଦି ପୁସ୍ତକ ୨:୯) ।* ଈଶ୍ୱର ଆଦମ ଓ ହବାଙ୍କୁ ଏହା କହିଥିଲେ ଯେ, ସେମାନେ ସଦ୍‌ଅସତ୍ ଜ୍ଞାନଦାୟକ ବୃକ୍ଷ ବ୍ୟତୀତ ଅନ୍ୟ ସମସ୍ତ ବୃକ୍ଷର ଫଳ ଖାଇ ପାରିବେ । ସେମାନଙ୍କୁ ଏହି ମନୋନୟନ, ଅର୍ଥାତ୍, ବାଧ୍ୟତା ଓ ଅବାଧ୍ୟତା ମଧ୍ୟରେ ଏକ ମନୋନୟନ ଦେବା ଦ୍ୱାରା ଈଶ୍ୱର ଏହା ଅତି ସ୍ପଷ୍ଟ କରି ଦେଇଥିଲେ ଯେ, ସେ ମନୁଷ୍ୟକୁ, ଅର୍ଥାତ୍, ପୁରୁଷ ଓ ନାରୀକୁ ଏକ ସ୍ୱାଧୀନ ଇଚ୍ଛା ଦେଇ ସୃଷ୍ଟି





କରିଛନ୍ତି । ସେମାନେ ଈଶ୍ୱରଙ୍କର ଆଜ୍ଞାପାଳନ କରିବେ କିମ୍ବା କରିବେ ନାହିଁ, ତାହା ସେମାନଙ୍କ ଉପରେ ନିର୍ଭର କରୁଥିଲା । ଏହା ସେମାନଙ୍କର ନିଜସ୍ୱ, ବ୍ୟକ୍ତିଗତ ନିଷ୍ପତ୍ତି ଥିଲା ।

ଦୁଃଖର ବିଷୟ ଯେ, ଆଦମ ଓ ହବା ସେହି ସର୍ବୋତ୍ତମ ବିଷୟ ବିରୁଦ୍ଧରେ ବିଦ୍ରୋହ କରିଥିଲେ, ଯାହା ଈଶ୍ୱର ମନୁଷ୍ୟ ଜାତି ପାଇଁ ଉପଲଭ୍ୟ କରିଥିଲେ । ଈଶ୍ୱର ପୂର୍ବରୁ ଏହା ଜାଣିଥିଲେ ଯେ, ଅବାଧ୍ୟତା ହେବା ପାଇଁ ସେମାନଙ୍କର ନିଷ୍ପତ୍ତି ତାଙ୍କ ପ୍ରତି ଅବର୍ଣ୍ଣନୀୟ ଦୁଃଖ ଆଣିଦେବ । ଆଉ ତାହା ସମସ୍ତ ମନୁଷ୍ୟ ଜାତି ପ୍ରତି ଯନ୍ତ୍ରଣା ଆଣିବ । କିନ୍ତୁ, ତାଙ୍କ ସୃଷ୍ଟି ନିମନ୍ତେ ଥିବା ତାଙ୍କର ପ୍ରେମ ଓ ପରେ ଉତ୍ତମ ମନୋନୟନ କରିଥିବା ଲୋକମାନଙ୍କ ପ୍ରତି ଉପଲବ୍ଧ ହେବାକୁ ଥିବା ଗୌରବ ସମ୍ବନ୍ଧରେ ଜାଣି ଈଶ୍ୱର ପ୍ରତ୍ୟେକ ବ୍ୟକ୍ତିକୁ ମନୋନୟନ କରିବାର ସ୍ୱାଧୀନତା ପ୍ରଦାନ କରିଛନ୍ତି ।

ମିଥ୍ୟାବାଦୀ, ଶୟତାନ ଭୁଲ୍ ମନୋନୟନ କରିବା ପାଇଁ ଆଦମ ଓ ହବାଙ୍କୁ ପ୍ରଲୁବ୍ଧ କରିବାକୁ ନିଜର ପ୍ରରୋଚନାକାରୀ ପ୍ରଭାବ ବ୍ୟବହାର କରିଥିଲା । ସେ ଏହା କହି ମନାଫଳର ସୁନ୍ଦରତା ବର୍ଣ୍ଣନା କରିଥିଲା ଯେ, ଯଦି ସେମାନେ ଏହାକୁ ଖାଇବେ, ତେବେ ଈଶ୍ୱରଙ୍କ ସଦୃଶ ହେବେ । (ମନୁଷ୍ୟ ନିଜେ ନିଜର ଦେବତା ହୋଇପାରିବ ବୋଲି ଶୟତାନ ଏ ପର୍ଯ୍ୟନ୍ତ କହିଚାଲିଛି । ମାତ୍ର ଈଶ୍ୱର ଯେପରି ଈଶ୍ୱର ଅଟନ୍ତି ଓ ଈଶ୍ୱର ଅପେକ୍ଷା କମ୍ ହୋଇ ନ ପାରନ୍ତି, ସେହିପରି ମନୁଷ୍ୟ ମନୁଷ୍ୟ ଅଟେ ଓ ତା'ଠାରୁ ଅଧିକ ହୋଇପାରେ ନାହିଁ) । କିନ୍ତୁ, ଈଶ୍ୱରଙ୍କ ଇଚ୍ଛା ବିରୁଦ୍ଧରେ ସେମାନଙ୍କ ଇଚ୍ଛା ପ୍ରୟୋଗ କରିବା ପାଇଁ ଶୟତାନ ଆଦମ ଓ ହବାଙ୍କୁ ପ୍ରରୋଚିତ କରିଥିଲା । ଏହା ଫଳରେ, ପ୍ରତ୍ୟେକ ନୂତନ ଯୁଗର ଲୋକମାନେ ସୃଷ୍ଟିକର୍ତ୍ତାଙ୍କର ଏକ ମୁଖ୍ୟ, ବ୍ୟକ୍ତିଗତ ଓ ଘନିଷ୍ଠ ସହଭାଗିତାରୁ ବିଚ୍ଛିନ୍ନ ହୋଇଛନ୍ତି, କାରଣ ସମସ୍ତେ ଆଦମଙ୍କର ବଂଶଧର ଅଟନ୍ତି । ଆଉ : *"ଯେପରି ଜଣେ ଲୋକ ଦ୍ୱାରା ପାପ ଓ ପାପ ଦ୍ୱାରା ମୃତ୍ୟୁ ଜଗତରେ ପ୍ରବେଶ କଲା, ଆଉ ସେହିପ୍ରକାରେ ମୃତ୍ୟୁ ସମସ୍ତ ଲୋକଙ୍କ ପ୍ରତି ଘଟିଲା, ଯେଣୁ ସମସ୍ତେ ତ ପାପ କରିଅଛନ୍ତି"* (ରୋମୀୟ ୫:୧୨) ।

ପୃଥିବୀର ସେହି ପ୍ରତ୍ୟେକ ସମାଧି, ପ୍ରତ୍ୟେକ ଡାକ୍ତରଖାନା, ପ୍ରତ୍ୟେକ ସୈନ୍ୟବାହିନୀ ଓ ପ୍ରତ୍ୟେକ କାରାଗାର ସୃଷ୍ଟିର ଆରମ୍ଭରେ ମନୁଷ୍ୟ କରିଥିବା ଭୁଲ୍ ମନୋନୟନର ଫଳ ଅଟେ । ମାନବ ଜାତିରେ ଏହି ମାରତ୍ମକ ଦୁଷ୍ଟତା, ଯାହାକୁ

ଆମେ ପାପ କହୁ, ତାହା ସମସ୍ତ ମନୁଷ୍ୟ ଜାତି ଉପରେ ପ୍ରଭାବ ପକାଉଥିବା ଏକ ସହଜାତ ରୋଗ ଅଟେ । ପାପ କେବଳ ଈଶ୍ୱରଙ୍କ ସହିତ ମନୁଷ୍ୟର ପ୍ରକୃତ ସହଭାଗିତାକୁ ନଷ୍ଟ କରିଥିଲା, ତା'ନୁହେଁଦ୍ଧ ମାତ୍ର ଏହା ତାର ନିଜର ସହଭାଗୀ ମନୁଷ୍ୟଠାରୁ ମଧ୍ୟ ତାକୁ ବିଚ୍ଛିନ୍ନ କରିଅଛି ।

**କିନ୍ତୁ, ଆପଣ ଓ ମୁଁ ଜନ୍ମରୁ କେବଳ ପାପୀ, ତା'ନୁହେଁଦ୍ଧ ଆମେ କର୍ମ ଦ୍ୱାରା ମଧ୍ୟ ପାପୀ ଅଟୁ ।**

ଆମର ଜନ୍ମ ସଂପର୍କରେ ଗୀତରଚକ ଆମ ସମସ୍ତଙ୍କ ନିମନ୍ତେ କହିଥିଲେ : *''ଦେଖ, ଅପରାଧରେ ମୁଁ ନିର୍ମିତ ହେଲି ଓ ପାପରେ ମୋ' ମାତା ମୋତେ ଗର୍ଭରେ ଧାରଣ କଲା''* (ଗୀତସଂହିତା ୫୧:୫) । କିନ୍ତୁ ସେହି ଉତ୍ତରାଧିକାର ସ୍ୱରୂପେ ପ୍ରାପ୍ତ ପାପ ଅବସ୍ଥା, ପାପ କରିବା ପାଇଁ ଏକ କାରଣ ଯୋଗାଏ ନାହିଁ ଯାହା ଆମେ ସମସ୍ତେ କରିଅଛୁ । ବାଇବଲ ଏହା ମଧ୍ୟ ବ୍ୟକ୍ତ କରିଛି ଯେ, ଆମ୍ଭେମାନେ *''ଅନାଜ୍ଞାବହ ସନ୍ତାନ ଅଟୁ–...ଶାରୀରିକ ଓ ମାନସିକ କାମନା ପୂର୍ଣ୍ଣ କରୁଥିଲୁ, ପୁଣି ଅନ୍ୟମାନଙ୍କ ପରି ସ୍ୱଭାବତଃ, କ୍ରୋଧର ପାତ୍ର ଥିଲୁ''* (ଏଫିସୀୟ ୨:୨,୩) ।

ହଁ, ଆମର ଅବାଧ୍ୟତା ଯୋଗୁ ଆମେ ଈଶ୍ୱରଙ୍କ ସାକ୍ଷାତ୍‌ରେ ଅପରାଧୀ ଅଟୁ । କାହାରିକୁ ଦୋଷ ଦିଆଯାଇ ନ ପାରେ, ଅର୍ଥାତ୍, କୌଣସି ପତ୍ନୀ, କିମ୍ବା କୌଣସି ବନ୍ଧୁ, ପିତା କି ମାତାଙ୍କୁ ଦୋଷ ଦିଆଯାଇ ନ ପାରେ । ଏପରିକି ଆମେ ଯେଉଁ ପୃଷ୍ଠଭୂମିରୁ ଆସିଛୁ ଓ ଯେଉଁ ପରିବେଶରେ ବାସ କରୁଛୁ, ତାହା ଦୋଷଯୁକ୍ତ ହୋଇପାରେ । ଆପଣଙ୍କର ପାପ ପାଇଁ ଆପଣ ଦାୟୀ ଅଟନ୍ତି, ଯେପରିକି ମୁଁ ମୋର ପାପ ନିମନ୍ତେ ଦାୟୀ ଅଟେ ।

ଲୋକମାନଙ୍କ ମଧ୍ୟରେ ଏତେ ସଂଘର୍ଷ ଓ ବିଭେଦର ବାସ୍ତବ କାରଣ ହେଉଛି ଯେ, ପାପ ହିଁ ଆମ ସମସ୍ତଙ୍କର ସାଧାରଣ ବିଭେଦକ । ପାପ ଜଣେ ନାସ୍ତିକକୁ ଗୋଟିଏ ବିଶ୍ୱାସୀ ସହିତ ଓ ଗୋଟିଏ ଆରବୀୟକୁ ଜଣେ ଯିହୁଦୀ ସହିତ ବାନ୍ଧିଥାଏ । ପାପ ଅନୁନ୍ନତ ଅଞ୍ଚଳର ଲୋକମାନଙ୍କ ସହିତ ଶିଳ୍ପାଞ୍ଚଳର ଲୋକମାନଙ୍କୁ ବାନ୍ଧିଥାଏ । ପାପ ଗୋଟିଏ ପୁଞ୍ଜିପତି ସହିତ ଜଣେ ସାମ୍ୟବାଦୀକୁ ବାନ୍ଧିଥାଏ, ଜଣେ ପୋଲିସ କର୍ମଚାରୀକୁ ଜଣେ ଅପରାଧୀ ସହିତ ଓ ମହିଳା–ଅଧିକାର ପାଇଁ ଆନ୍ଦୋଳନ କରୁଥିବା ଜଣେ ବ୍ୟକ୍ତି ସହିତ ପୁରୁଷ ପ୍ରାଧାନ୍ୟକୁ ଅଗ୍ରାଧିକାର ଦେଉଥିବା ଜଣେ ବ୍ୟକ୍ତି ସହିତ





ବାନ୍ଧିଥାଏ । ଲୋକମାନେ ବେଶ୍ୟା ହୁଅନ୍ତୁ କିମ୍ବା ପ୍ରଚାରକ ହୁଅନ୍ତୁ, ସେମାନେ ବିଳାସର ସର୍ବୋଚ୍ଚ ସ୍ଥାନରେ ବାସ କରନ୍ତୁ କିମ୍ବା ଦାରିଦ୍ର୍ୟର ଗଭୀରତା ମଧ୍ୟରେ ବାସ କରନ୍ତୁ, ସେମାନେ ଶିକ୍ଷିତ ହୁଅନ୍ତୁ କିମ୍ବା ଅଶିକ୍ଷିତ ହୁଅନ୍ତୁ, *''ସମସ୍ତେ ପାପ କରିଅଛନ୍ତି, ଆଉ ଈଶ୍ୱରଙ୍କ ଗୌରବରୁ ଊଣା ପଡ଼ିଛନ୍ତି''* (ରୋମୀୟ ୩:୨୩) । ଆଉ ପାପ ହେଉଛି ମନୁଷ୍ୟମାନଙ୍କ ମଧ୍ୟରେ ରହିଥିବା ସମସ୍ତ ପ୍ରକାର ଉଦ୍‌ବେଗର ମୌଳିକ କାରଣ ।

କିନ୍ତୁ, ଯୀଶୁ ପାପୀର ଭରସା ଅଟନ୍ତି ! ସେ କହିଥିଲେ: *''ମୁଁ ଧାର୍ମିକମାନଙ୍କୁ ଆହ୍ୱାନ କରିବାକୁ ଆସିନାହିଁ, ମାତ୍ର ପାପୀମାନେ ଯେପରି ମନଃପରିବର୍ତ୍ତନ କରନ୍ତି, ଏଥିପାଇଁ ମୁଁ ଆସିଅଛି'' (ମାଥିଉ ୯:୧୩) ।* ଅଳ୍ପ ଦୂରତା ହେଉ କିମ୍ବା ବେଶୀ ଦୂରତା ହେଉ, ଆପଣ ଓ ମୁଁ ଈଶ୍ୱରଙ୍କ ପବିତ୍ରତାର ସେହି ଲକ୍ଷ୍ୟସ୍ଥଳ ହରାଇଅଛୁ । 'ପାପ' ଶବ୍ଦର ସରଳ ଅର୍ଥ ହେଉଛି ''ଲକ୍ଷ୍ୟ ହରାଇବା ।'' ଆମେ ନିଜେ ତାହା ସଜାଡ଼ି ନେବା ପାଇଁ କିଛି କରିପାରିବା ନାହିଁ । ଏହା ଚିନ୍ତା କରିବା ଏକ ବୃଥା ଆଶା ଯେ, ଆମେ ଉତ୍ତମ ହେବା ଦ୍ୱାରା କିମ୍ବା ଉତ୍ତମ କାର୍ଯ୍ୟ କରିବା ଦ୍ୱାରା ଈଶ୍ୱରଙ୍କ ସହିତ ପୁନର୍ମିଳିତ ହୋଇପାରିବା । ଏହା– *''କ୍ରିୟାକର୍ମରୁ ନୁହେଁ, ଯେପରି କେହି ଦର୍ପ ନ କରେ'' (ଏଫିସୀୟ ୨:୯) ।* ସେଥିପାଇଁ ପରିତ୍ରାଣ ସମ୍ବନ୍ଧରେ କଥାବାର୍ତ୍ତା କରି ଯୀଶୁ କହିଥିଲେ– *''ଆମ୍ଭେ ବଳିଦାନ ଭଲ ନ ପାଇ ଦୟା ଭଲ ପାଉ'' (ମାଥିଉ ୯:୧୩) ।*

ଈଶ୍ୱରଙ୍କ ଦୟା ସମ୍ବନ୍ଧରେ ଏକ ପ୍ରକୃତ ଜ୍ଞାନ ବ୍ୟକ୍ତିଗତ ପାପର ଗାମ୍ଭୀର୍ଯ୍ୟ ଦ୍ୱାରା ଧୃତ ହୋଇଥିବା ଲୋକମାନଙ୍କୁ ଅତିରିକ୍ତ ଆଶ୍ୱସ୍ତି ପ୍ରଦାନ କରେ ।

ଈଶ୍ୱର 'ଦୟା ସାଗର' ହୋଇଥିବାରୁ (ଏଫିସୀୟ ୨:୪), ଆପଣମାନେ ଯେପରି ପରିତ୍ରାଣକୁ ତାଙ୍କର ମୁକ୍ତ ଅବଦାନ ଭାବରେ ଗ୍ରହଣ କରିବେ, ଏହା କେବଳ ସେ କହନ୍ତି । *''କାରଣ ଅନୁଗ୍ରହରେ ବିଶ୍ୱାସ ଦ୍ୱାରା ତୁମ୍ଭେମାନେ ପରିତ୍ରାଣ ପାଇଅଛଦ୍ଧ ତାହା ତୁମ୍ଭମାନଙ୍କ ନିଜଠାରୁ ହୋଇନାହିଁ,* ***ତାହା ଈଶ୍ୱରଙ୍କ ଦାନ****'' (ଏଫିସୀୟ ୨:୮) ।* ଯୀଶୁ ନିଜେ ଈଶ୍ୱରଙ୍କ ପବିତ୍ର ଉପସ୍ଥିତିରେ ପ୍ରବେଶ କରିବା ପାଇଁ ପାପୀ ନିମନ୍ତେ ଦ୍ୱାର ଉନ୍ମୁକ୍ତ କରିବାକୁ ମହା ବଳିଦାନ ଦେଇଥିଲେ ।

ଦୟା ସାଗର ଈଶ୍ୱର ବର୍ତ୍ତମାନ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ବିନାମୂଲ୍ୟରେ ଉପଲବ୍ଧ ପ୍ରଚୁର ଜୀବନ ପ୍ରଦାନ କରିଛନ୍ତି । କିନ୍ତୁ, ସେ ଆପଣଙ୍କୁ ଏକ ଇଚ୍ଛା

ପ୍ରଦାନ କରିଥିବାରୁ ସେହି ଜୀବନରେ ଅଂଶଗ୍ରହଣ କରିବାକୁ ସେ ବାଧ୍ୟ କରିବେ ନାହିଁ । ଈଶ୍ୱରଙ୍କର ମୁକ୍ତ ଦାନ ପ୍ରତି ଆପଣ କିପରି ପ୍ରତିକ୍ରିୟା ଦେଖାନ୍ତି, ତାହା ଏକ ଅତି ଜରୁରୀ ବିଷୟ ଅଟେ । ଈଶ୍ୱର କହନ୍ତି: *''ଦେଖ, ଏବେ ମହା ଅନୁଗ୍ରହର ସମୟ, ଦେଖ, ଏବେ ପରିତ୍ରାଣର ଦିନ'' (୨ କରିନ୍ଥୀୟ ୬:୨) ।* ଆପଣ ନିଜେ ଆପଣଙ୍କ ଜୀବନକୁ ସଳଖ କରିବା ପାଇଁ ଚେଷ୍ଟା କରିବା ପରେ ଭବିଷ୍ୟତ୍‌ର କୌଣସି ସମୟରେ ନୁହେଁ, ମାତ୍ର ବର୍ତ୍ତମାନ ହିଁ ସେହି ସମୟ ଅଟେ । ଯୀଶୁ ଯାହା କହିଥିଲେ, ସ୍ମରଣ କରନ୍ତୁ: *''ମୁଁ ଧାର୍ମିକମାନଙ୍କୁ ନୁହେଁ, ମାତ୍ର ପାପୀମାନଙ୍କୁ ଆହ୍ୱାନ କରିବାକୁ ଆସିଅଛି'' (ମାଥିଉ ୯:୧୩) ।*

ଆପଣଙ୍କର ବାସ୍ତବ ସମସ୍ୟା, ପାପ ସମ୍ବନ୍ଧୀୟ ବାସ୍ତବ ସମସ୍ୟା ବିଷୟରେ ସାଧୁତା ଅବଲମ୍ବନ କରିବା ହେଉଛି ଏହାର ସମାଧାନ ଦିଗରେ ପ୍ରଥମ ପଦକ୍ଷେପ । ଆପଣ ଯେଉଁଠାରେ ଥାଆନ୍ତୁ, ଯେଉଁ ଅବସ୍ଥା କିମ୍ବା ସ୍ଥିତିରେ ଥାଆନ୍ତୁ, ଯୀଶୁଙ୍କର ବାହୁ ଆଜି ଆପଣଙ୍କୁ ଗ୍ରହଣ କରିବା ପାଇଁ ଉନ୍ମୁକ୍ତ ଅଟେ । ସେ ଆପଣଙ୍କଠାରୁ କେବଳ ଏତିକି ଶୁଣିବାକୁ ଚାହାଁନ୍ତି: *''ହେ ଈଶ୍ୱର, ମୁଁ ପାପୀ, ମୋତେ ଦୟା କରନ୍ତୁ'' (ଲୂକ ୧୮:୧୩) ।*



### 'C' MAX କାରାଗାରରୁ ଏକ ପତ୍ର...

ନିମ୍ନଲିଖିତ ଲେଖାଟି ଦକ୍ଷିଣ ଆଫ୍ରିକାର କଡ଼ା ସୁରକ୍ଷା ମଧ୍ୟରେ ଥିବା ଏକ କାରାଗାରରୁ ଜଣେ ବନ୍ଦୀ ଲେଖିଥିଲେ–

*''ଈଶ୍ୱରଙ୍କ ନିମନ୍ତେ ଆପଣଙ୍କର ଅନ୍ୱେଷଣ'' ପୁସ୍ତକଟି... ଈଶ୍ୱରଙ୍କ ବାକ୍ୟ ବୁଝିବାରେ ମୋତେ ସାହାଯ୍ୟ କରେ । ଜୀବନର ପ୍ରକୃତ ମାର୍ଗ ଖୋଜି ପାଇବାରେ ଏହି ପୁସ୍ତକଟି ଆମକୁ ସାହାଯ୍ୟ କରିବ ବୋଲି ମୁଁ ଭାବୁଛି । ଆପଣ ମୋ' କଥା ବୁଝୁଛନ୍ତି ବୋଲି ମୁଁ ବିଶ୍ୱାସ କରେ । ମୋର ବନ୍ଧୁ ମୋତେ ଏହି ପୁସ୍ତକଟି ଦେଇଥିଲେ... ଈଶ୍ୱର ସୃଷ୍ଟିକର୍ତ୍ତା ଅଟନ୍ତି ଓ ସେ ସମସ୍ତ ବିଶ୍ୱ ସୃଷ୍ଟି କରିଛନ୍ତି ବୋଲି ମୁଁ ବିଶ୍ୱାସ କରେ । ମୁଁ ବର୍ତ୍ତମାନ କାରାଗାରରେ ଥିବା ଈଶ୍ୱର ମୋତେ ସାହାଯ୍ୟ କରିବେ ବୋଲି ମୁଁ ବିଶ୍ୱାସ କରେ... ।''*

–ଟ୍ରାନ୍‌ସ ୱର୍ଲଡ ରେଡିଓ ଦ୍ୱାରା ପ୍ରଦତ୍ତ ସମ୍ବାଦ–





**ଅନୁଚିନ୍ତା**

୧. ଆଜି ସମାଜରେ କିଛି ବିଷୟ ଦୁଃଖଦ ଭାବରେ ଭୁଲ୍ ବୋଲି ଆପଣ ଲକ୍ଷ୍ୟ କରିଛନ୍ତି କି ?

୨. ଆପଣ ଅସୁସ୍ଥ ଥିବା ସମୟରେ, ଆପଣଙ୍କ ଡାକ୍ତର ଆପଣଙ୍କୁ ଔଷଧ ଦେବା ପୂର୍ବରୁ ଠିକ୍‌ଭାବେ ଆପଣଙ୍କ ରୋଗକୁ ଚିହ୍ନିବା ଅନିବାର୍ଯ୍ୟ କି ?

୩. ବାଇବଲ କିପରି: ଆପଣଙ୍କ ସମସ୍ୟାକୁ ଚିହ୍ନଟ କରେ ? ଆପଣଙ୍କ ସମସ୍ୟାର ପ୍ରତିକାର ଜଣାଏ ?

''କିନ୍ତୁ ଶିମୋନ ନାମକ ଜଣେ ଲୋକ ଏଥିପୂର୍ବେ ସେହି ନଗରରେ କୁହୁକ କର୍ମ କରି ନିଜକୁ ଜଣେ ମହାପୁରୁଷ ବୋଲି କହି ଶମିରୋଣୀୟ ଜାତିକୁ ଆଚମ୍ଭିତ କରୁଥିଲାନ୍ଧ ଈଶ୍ୱରଙ୍କର ଯେଉଁ ଶକ୍ତିକୁ ମହାନ୍ ବୋଲି କୁହାଯାଏ, ସାନଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଏ ସେହି ବୋଲି କହି ତାହାଙ୍କୁ ମାନ୍ୟ କରୁଥିଲେ'' ।

ଡାକ୍ତର ଲୂକ

ଅଧ୍ୟାୟ ୬

# ଲୋକମାନେ କାହିଁକି ଭ୍ରାନ୍ତ ଭାବରେ ପରିଚାଳିତ ହୁଅନ୍ତି

ଜଣେ ବାଳକ ଥିବା ସମୟରେ, ମୁଁ ବ୍ରିଟିଶ ଦ୍ୱୀପର ଏକ ଭାଗରେ ବାସ କରୁଥିଲି, ଯାହା ଉପର ଦେଇ ଶତ୍ରୁ ବୋମା ବର୍ଷଣକାରୀ ଯାନ ନିରନ୍ତର ଉଡୁଥିଲେ । ଏହା ଯୁଦ୍ଧ ସମୟ ଥିଲା, ଆଉ ଏହି ବୋମା ବର୍ଷଣକାରୀ ବିମାନଗୁଡ଼ିକ ସେମାନଙ୍କର ଲକ୍ଷ୍ୟସ୍ଥଳ ମିଡ୍‌ଲ୍ୟାଣ୍ଡ ଓ ଉତ୍ତର ଇଂଲଣ୍ଡର ଶିଳ୍ପାଞ୍ଚଳକୁ ଯାତ୍ରା କରୁଥିଲେ । ମୋର ବନ୍ଧୁ ଓ ମୁଁ ଶତ୍ରୁର ବିମାନ ଗର୍ଜ୍ଜନକୁ ଆମର ନିଜସ୍ୱ ଯୁଦ୍ଧ ବିମାନ ଗର୍ଜ୍ଜନଠାରୁ ପୃଥକ୍ କରିବା ପାଇଁ ଶିକ୍ଷା କରିଥିଲୁ । ଯେତେବେଳେ ଆକାଶରେ ଗୋଟିଏ ଶତ୍ରୁ–ବିମାନର ଅନୁସନ୍ଧାନୀ ଆଲୋକ ଆଲୋକିତ ହେବାର ଆମେ ଦେଖୁ, ସେତେବେଳେ ଆମେ ଖୁବ୍ ଖୁସି ହୋଇଯାଉ । ଭୂମିରୁ ''ଆକ୍–ଆକ୍'' ବନ୍ଧୁକ କିମ୍ବା ଆକାଶରେ ''ଲଢ଼େଇ'' କୌଣସି ଏକ ସମୟରେ ଗୋଟିଏ ବୋମା ବର୍ଷଣକାରୀ ବିମାନକୁ ତଳକୁ ଖସାଇ ଦେବ ବୋଲି ଆମେ ଜାଣିଥିଲୁ ।

ଗୋଟିଏ ଶତ୍ରୁ ବିମାନକୁ ଗୁଳି କରି ତଳକୁ ଖସାଇବା ସହିତ କେତେକ ବିମାନବାହିନୀ ନିରାପତ୍ତା ନିମନ୍ତେ ପାରାଚ୍ୟୁଟ୍ ସାହାଯ୍ୟରେ ଅବତରଣ କରିବେ ବୋଲି ସର୍ବଦା ଏକ ସମ୍ଭାବନା ଥିଲା । ବଞ୍ଚିଯାଇଥିବା ଲୋକମାନେ ଯେପରି ସେମାନଙ୍କର ପଥ ଖୋଜି ନ ପାଇବେ ଓ ଖସି ପଳାୟନ କରି ଅନ୍ୟ ଏକ ବୋମା ଭର୍ତ୍ତି ବିମାନକୁ ଫେରି ନ ଯିବେ, ଏଥିପାଇଁ ସରକାରୀ କର୍ତ୍ତୃପକ୍ଷ ରାସ୍ତା କଡ଼ରେ ଥିବା ସୂଚନା ପ୍ରଦାନକାରୀ ଖୁଣ୍ଟଗୁଡ଼ିକୁ ଭାଙ୍ଗି ଦେଉଥିଲେ । ଏହିପରି ଭାବରେ ରାସ୍ତା ଉପରେ ଆଉ କୌଣସି ସୂଚନା ପ୍ରଦାନକାରୀ ଖୁଣ୍ଟ ରହୁ ନ ଥିଲା ।

କିନ୍ତୁ, ଆମେ ପିଲାମାନେ ଏହା ଜାଣିଥିଲୁ ଯେ, ସହର ବାହାରେ, ଉଟେନ ଜଙ୍ଗଲରେ, ଗୋଟିଏ ଅତି ଗୁରୁତ୍ୱହୀନ ଛକ ନିକଟରେ ଗୋଟିଏ ଛୋଟ ସୂଚନା–

ଖୁଣ୍ଟ ରହିଥିଲା । ଯେତେବେଳେ ଆମେ ସେହି ସଙ୍କେତ-ଖୁଣ୍ଟକୁ ଘୁରାଇ ଭୁଲ୍ ଦିଗରେ ଏହାକୁ ରଖିଲୁ, ସେତେବେଳେ ଆମେ ଯୁଦ୍ଧ ଉଦ୍ୟମକୁ ସାହାଯ୍ୟ କରୁଥିଲୁ ବୋଲି ଭାବିଲୁ । ଆମେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସଦୃଶ ଆମ କୂଳକୁ ଆସୁଥିବା ଯେ କୌଣସି ଅବାଞ୍ଛନୀୟ ଅତିଥିଙ୍କୁ ଦ୍ୱନ୍ଦ୍ୱଗ୍ରସ୍ତ କରିବାକୁ ଇଚ୍ଛା କରୁଥିଲୁ ।

ଅବଶ୍ୟ, ଏପ୍ରକାର ଜଣେ ବ୍ୟକ୍ତି ଯଦି ନିଜ ହସ୍ତରେ ଗୋଟିଏ ନିର୍ଭରଯୋଗ୍ୟ ମାନଚିତ୍ର ଧରୁଥିଲେ, ତେବେ କୌଣସି ସଙ୍କେତ-ଖୁଣ୍ଟ ନ ଥିଲେ ସୁଦ୍ଧା କୌଣସି ସମସ୍ୟା ଆସୁ ନ ଥିଲା । ଏପରିକି ସଙ୍କେତ-ଖୁଣ୍ଟକୁ ଘୁରାଇଦେବା ସମ୍ବନ୍ଧରେ ଆମର ପିଲାଳିଆ ଧାରଣା ଶତ୍ରୁକୁ ଦ୍ୱନ୍ଦ୍ୱଗ୍ରସ୍ତ କରିପାରୁ ନ ଥିଲା, ଯଦି ସେ ନିଜ ମାନଚିତ୍ରର ତଥ୍ୟକୁ ଅବଜ୍ଞା କରୁ ନ ଥିଲା ।

ଈଶ୍ୱର ଆମକୁ ସେହିପ୍ରକାର ଲୋକମାନଙ୍କ ବିଷୟରେ କହନ୍ତି, ଯେଉଁମାନେ ଈଶ୍ୱରଙ୍କ ଅନ୍ୱେଷଣରେ ଗୋଟିଏ ଭୁଲ୍ ସଙ୍କେତ- ଖୁଣ୍ଟ ଦ୍ୱାରା ଭ୍ରାନ୍ତ ଭାବେ ପରିଚାଳିତ ହୋଇଯାଆନ୍ତି ।

ଯେଉଁ ବ୍ୟକ୍ତି ସେହି ସତ୍ୟକୁ ଅବଜ୍ଞା କରିବାକୁ ଇଚ୍ଛା କରେ ଯେ ଏହି ଆଶ୍ଚର୍ଯ୍ୟ ଓ ସୁନ୍ଦର ବିଶ୍ୱର ସ୍ଥିତି ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ପ୍ରତି ନିର୍ଦ୍ଦେଶ କରେନ୍ଧ ସେହି ବ୍ୟକ୍ତି ବାସ୍ତବରେ ଦ୍ୱନ୍ଦ୍ୱଗ୍ରସ୍ତ ହୋଇଯିବ !

*''ନିଜ ନିଜକୁ ଜ୍ଞାନୀ ବୋଲି ମନେକରି ସେମାନେ ମୂର୍ଖ ହେଲେ...ଆଉ ଯେପରି ସେମାନେ ଈଶ୍ୱର ବିଷୟକ ଜ୍ଞାନ ଗ୍ରହଣ କରିବାକୁ ଅସ୍ୱୀକୃତ ହେଲେ, ସେହିପରି ଈଶ୍ୱର ଅନୁଚିତ କର୍ମ କରିବା ନିମନ୍ତେ ସେମାନଙ୍କୁ ଭ୍ରଷ୍ଟ ମତିରେ ସମର୍ପଣ କଲେ...'' (ରୋମୀୟ ୧:୨୨,୨୮) ।*

ଆଉ ସେହି ଭ୍ରଷ୍ଟ ମନ ସୃଷ୍ଟିକର୍ତ୍ତାଙ୍କୁ ପୂଜା କରିବା ପରିବର୍ତ୍ତେ, ସୃଷ୍ଟିର କାର୍ଯ୍ୟକୁ ପୂଜା କରିବ । ସ୍ୱଚ୍ଛ ଚିନ୍ତା କରୁଥିବା ଜଣେ ବ୍ୟକ୍ତି, ଅନ୍ୟ ପକ୍ଷରେ, ନିଜ ସୃଷ୍ଟିକର୍ତ୍ତାଙ୍କୁ ପୂଜା କରିବ । ଏହିପରି ଭାବରେ, ଏହା ବିଶ୍ୱାସ କରିବାରେ ଯଦି ଆପଣ ଅସମ୍ମତ ହେବେ ଯେ ଈଶ୍ୱର ବିଶ୍ୱ ସୃଷ୍ଟି କରିଥିଲେ, ତେବେ ଈଶ୍ୱର ଆପଣଙ୍କୁ ଏକ କ୍ଷୟ ମନ ନିକଟରେ ସମର୍ପଣ କରିବେ ଓ ବିଶ୍ୱ କିପରି ଉତ୍ପନ୍ନ ହୋଇଛି, ଏ ବିଷୟରେ କିଛି ଅବାନ୍ତର ଧାରଣାରେ ଆପଣମାନଙ୍କୁ ବିଶ୍ୱାସ କରିବାକୁ ଦେବେ । ଗୋଟିଏ ଭ୍ରଷ୍ଟ ମନ ହେଉଛି, ଏକ ଛଳନାପୂର୍ଣ୍ଣ ମନ !





ଈଶ୍ୱର ଏହା ମଧ୍ୟ ଚାହାଁନ୍ତି ଯେ, ଯେଉଁ ଲୋକମାନେ ଈଶ୍ୱରଙ୍କ ବାକ୍ୟକୁ ସତ୍ୟ ଭାବରେ ଗ୍ରହଣ କରିବାକୁ ଅସମ୍ମତ ହେବେ, ସେମାନେ ଏକ ପ୍ରତାରଣା ପୂର୍ଣ୍ଣ ପଥ ସଙ୍ଗେ ସଙ୍ଗେ ଅନୁସରଣ କରିବେ, ସେହି ପଥ ଧ୍ୱଂସ ଦିଗକୁ ପରିଚାଳିତ କରିବ । ପ୍ରକୃତରେ, ଈଶ୍ୱରଙ୍କ ବାକ୍ୟର ସତ୍ୟତାକୁ ସକରାତ୍ମକ ଓ ସକ୍ରିୟ ଭାବେ ପ୍ରେମ କରିବାକୁ ମନୋନୀତ କରୁ ନ ଥିବା ବ୍ୟକ୍ତି ନିଜକୁ ଏକ ଅତି ବିପଜ୍ଜନକ ସ୍ଥିତିରେ ରଖିଥାଏ ।

*''କାରଣ ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ସେମାନେ ସତ୍ୟ ପ୍ରତି ଶ୍ରଦ୍ଧାଭାବ ବହି ନାହାନ୍ତି... ଆଉ, ଏଥିସକାଶେ ସେମାନେ ଯେପରି ମିଥ୍ୟାରେ ବିଶ୍ୱାସ କରନ୍ତି, ସେଥିନିମନ୍ତେ ଈଶ୍ୱର ସେମାନଙ୍କ ନିକଟକୁ ଭ୍ରାନ୍ତିଜନକ ଶକ୍ତି ପ୍ରେରଣ କରନ୍ତି...'' (୨ ଥେସଲନୀକୀୟ ୨:୧୦,୧୧) ।*

ଥରେ ଜଣେ ବ୍ୟକ୍ତି ସତ୍ୟକୁ ଅବଜ୍ଞା କଲେ କିମ୍ବା ଅଗ୍ରାହ୍ୟ କଲେ, ସେ ସହଜରେ ମିଥ୍ୟାକୁ ଜାବୁଡ଼ି ଧରିବ ।

ଥରେ ଲଣ୍ଡନର ଘନ କୁହୁଡ଼ି ମଧ୍ୟ ଦେଇ ମୁଁ ଘରକୁ ଫେରିବାର ରାସ୍ତା ଖୋଜୁଥିଲି ବୋଲି ମୋର ମନେ ଅଛି । ରାସ୍ତାକଡ଼କୁ ଆସିବା ପାଇଁ ମୁଁ ଯଥାସାଧ୍ୟ ସମସ୍ତ ସାହାଯ୍ୟ ଆବଶ୍ୟକ କରୁଥିଲି । ଏପରିକି ମୋ ଟର୍ଚ୍ଚର ଆଲୋକକୁ ହାତେ ଲମ୍ୱ ଦୂରତାରେ ଟେକି ଧରିଲେ ମଧ୍ୟ କିଛି ଦେଖାଯାଉ ନ ଥିଲା । ଈଶ୍ୱର ମୋତେ ଏହା କହିଛନ୍ତି ଯେ ଗୋଟିଏ ଶକ୍ତ ଭ୍ରାନ୍ତ ଧାରଣା, ବାସ୍ତବରେ ଏକ ମାନସିକ କୁହୁଡ଼ି ସଦୃଶ ଅଟେ ଓ ତାହା ପୃଥିବୀ ଗ୍ରହର ଏହି ଶେଷ ପର୍ଯ୍ୟନ୍ତ ତାହା ସହିତ ରହିବ । ଯୀଶୁଙ୍କର ଶିଷ୍ୟମାନେ ତାଙ୍କୁ ପ୍ରଶ୍ନ କରିଥିଲେ, ''ଆପଣଙ୍କ ଆଗମନ ଓ ଯୁଗାନ୍ତର ଲକ୍ଷଣ କଅଣ, ତାହା ଆମ୍ଭମାନଙ୍କୁ କହନ୍ତୁ ।'' ଅନ୍ୟାନ୍ୟ କଥା ସହିତ ସେ ଉତ୍ତର ଦେଇଥିଲେ-

*''କାରଣ ଭଣ୍ଡ ଖ୍ରୀଷ୍ଟମାନେ ଓ ଭଣ୍ଡ ଭାବବାଦୀମାନେ ଉଠି ଏପରି ମହା ମହା ଚିହ୍ନ ଓ ଅଦ୍ଭୁତ କର୍ମମାନ ଦେଖାଇବେ ଯେ, ଯଦି ସମ୍ଭବ ହୁଏ, ତେବେ ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରିବେ''(ମାଥିଉ ୨୪:୨୪) ।*

ଏପରିକି ବର୍ତ୍ତମାନ ଆପଣ ନିଜକୁ ଏହା କହିପାରନ୍ତିନ୍ଧ ''ମୁଁ ପ୍ରତାରକ ନୁହେଁ ।'' ଏପରିକି ଆପଣ ଏହି କଥାରେ ଗର୍ବ କରିପାରନ୍ତି ଯେ, ଆପଣ ସହଜରେ ଜଣେ

ଭଣ୍ଡ ଖ୍ରୀଷ୍ଟ କିମ୍ବା ଜଣେ ଭଣ୍ଡ ଭାବବାଦୀକୁ ଚିହ୍ନିପାରିବେ । କିନ୍ତୁ କିଛିକ୍ଷଣ ନିମନ୍ତେ ଆପଣଙ୍କ ସିଦ୍ଧାନ୍ତ ବିଷୟରେ ଚିନ୍ତା କରନ୍ତୁ । ଯଦି ଆପଣ ସତ୍ୟକୁ ପ୍ରେମ କରି ନ ଥିବାରୁ ଆପଣଙ୍କ ମନକୁ ପ୍ରତାରିତ କରିବା ପାଇଁ ଈଶ୍ୱର ଶୟତାନକୁ ଅନୁମତି ଦେଇଛନ୍ତି, ତେବେ ଆପଣ ନିଶ୍ଚୟ ଏ ସମ୍ବନ୍ଧରେ ସଚେତନ ହୋଇ ନ ଥିବେ । ଯଦି ଆପଣ ପ୍ରକୃତରେ ଏହା ଜାଣିଥିଲେ ଯେ, କୌଣସି ଭଣ୍ଡ ଭାବବାଦୀ ଆପଣଙ୍କୁ ପ୍ରଭାବିତ କରିଛି, ତେବେ ବାସ୍ତବରେ ଆପଣ ଆଦୌ ପ୍ରତାରିତ ହୋଇନାହାନ୍ତି । ସମସ୍ତ ଛଳନା ମନ ମଧ୍ୟରେ  ରହିବ, ଆଉ ଯେଉଁ ବ୍ୟକ୍ତି ଗର୍ବୀ, ସେ ଏହା ଗ୍ରହଣ କରିବାରେ କଷ୍ଟ ଅନୁଭବ କରିବ ଯେ, ତା'ର ମନକୁ ଗୋଟିଏ ମିଥ୍ୟା ବିଶ୍ୱାସ କରିବା ପାଇଁ ଫାନ୍ଦରେ ପକାଯାଇଛି ।

ବାସ୍ତବରେ ଦୁଇପ୍ରକାର ଲୋକ ଅଛନ୍ତି, ଯେଉଁମାନେ ବାଇବଲ ପାଠ କରିବା ସମୟରେ ସତ୍ୟର ପ୍ରତିରୋଧ କରିଥାନ୍ତି ଓ ଏହାଦ୍ୱାରା ଜଗତ ଦ୍ୱାରା ଶିକ୍ଷା ଦେଇଥିବା ପ୍ରତାରଣା ପ୍ରତି ନିଜ ନିଜକୁ ଉନ୍ମୁକ୍ତ କରିଥାନ୍ତି । ଯେଉଁ ବ୍ୟକ୍ତି ବୌଦ୍ଧିକଭାବରେ ଅହଙ୍କାରୀ ଓ ନିଜେ ଯେମିତି ଜାଣିଛି, ସେତିକି ଯଥେଷ୍ଟ ବୋଲି ମନେକରେ, ସେ ଗୋଟିଏ ପ୍ରକାରର ବ୍ୟକ୍ତି ଅଟେ । ଅନ୍ୟ ପ୍ରକାର ବ୍ୟକ୍ତି ହେଉଛି, ଯିଏ ନୈତିକ ଭାବରେ ଅବାଧ ଅଟେ । କିନ୍ତୁ ସେହି ପ୍ରତ୍ୟେକ ବ୍ୟକ୍ତି, ଯିଏ ବାସ୍ତବରେ ଈଶ୍ୱରଙ୍କ ଇଚ୍ଛା ସାଧନ କରିବାକୁ ଇଚ୍ଛା କରେ, ତା' ପ୍ରତି ପ୍ରଭୁ ଯୀଶୁଙ୍କର ଏକ ବିଶେଷ ପ୍ରତିଜ୍ଞା ରହିଅଛି: *''କେହି ଯଦି ତାହାଙ୍କର ଇଚ୍ଛା ସାଧନ କରିବାକୁ ଇଚ୍ଛୁକ ହୁଏ, ତାହା ହେଲେ ଏହି ଶିକ୍ଷା ଈଶ୍ୱରଙ୍କଠାରୁ ଉତ୍ପନ୍ନ, ନା ମୁଁ ଆପଣାଠାରୁ କହୁଅଛି, ତାହା ସେ ଜାଣିବ...''* (ଯୋହନ ୭:୧୭) ।

ଯଦି ବାସ୍ତବରେ ଆପଣ ଈଶ୍ୱରଙ୍କ ଇଚ୍ଛା ସାଧନ କରିବାକୁ ଇଚ୍ଛା କରନ୍ତି, ତେବେ ଆପଣ ଏ ବିଷୟରେ ସୁନିଶ୍ଚିତ ହୋଇପାରିବେ ଯେ, କ'ଣ ବିଶ୍ୱାସ କରିବାକୁ ହେବ ଓ କଣ ବିଶ୍ୱାସ କରିବାକୁ ହେବ ନାହିଁ କିପରି ବ୍ୟବହାର ଦେଖାଇବାକୁ ହେବ ଓ କିପରି ବ୍ୟବହାର ଦେଖାଇବାକୁ ଅନୁଚିତ୍, ଏ ବିଷୟରେ ବାଇବଲ ଆପଣଙ୍କୁ ଶିକ୍ଷା ଦେବ ।

କିନ୍ତୁ, ସେହି ଆତ୍ମ-ନିଯୁକ୍ତ ଧର୍ମଗୁରୁମାନଙ୍କର ବାକ୍ୟ ଅଗ୍ରାହ୍ୟ କରିବା ବିଷୟରେ ଆମକୁ ସତର୍କ ହେବାକୁ ପଡ଼ିବ । ଯେଉଁମାନେ ଈଶ୍ୱରଙ୍କ ସତ୍ୟ ବାକ୍ୟ ଶିକ୍ଷା ଦିଅନ୍ତି





ନାହିଁ, ମାତ୍ର ଏହା ପରିବର୍ତ୍ତେ, ଆପଣ ଯେପରି ଭୁଲ୍ ବିଷୟ ବିଶ୍ୱାସ କରିବେ ଓ ଭୁଲ୍ କାର୍ଯ୍ୟ କରିବେ, ଏହି ଚେଷ୍ଟା କରନ୍ତି ।

ଏହି ଯୁଗରେ, ଶୟତାନର ଯେଉଁ କେତେକ ପ୍ରତିନିଧି ଲୋକମାନଙ୍କୁ ଭୁଲ୍ ଦିଗରେ ନିର୍ଦ୍ଦେଶିତ କରନ୍ତି, ସେମାନେ କୃତ୍ରିମ ଖ୍ରୀଷ୍ଟିଆନ ସଂପ୍ରଦାୟର ସଦସ୍ୟ ଅଟନ୍ତି । ଯେଉଁ ବ୍ୟକ୍ତି ପିତା ଈଶ୍ୱର, ପୁତ୍ର ଈଶ୍ୱର ଓ ପବିତ୍ର ଆତ୍ମା ଈଶ୍ୱରଙ୍କ ବିଷୟକ ସତ୍ୟ-ଅର୍ଥାତ୍, ଏକରେ ତିନି ଓ ତିନିରେ ଏକ ସମ୍ବନ୍ଧୀୟ ସତ୍ୟ ଅଗ୍ରାହ୍ୟ କରେ । ସେ ଜଣେ ଭଣ୍ଡ ଭାବବାଦୀ । ଯଦିଓ ଏହିପ୍ରକାର ବ୍ୟକ୍ତିମାନେ ବାଇବଲରୁ ଅଳ୍ପ କେତୋଟି ପଦ ଉଦ୍ଧାର କରି ପାରନ୍ତି, ତଥାପି ସେମାନେ ଶାସ୍ତ୍ରାଂଶକୁ ଏହା ପରିସର ବହିର୍ଭୂତ କରନ୍ତି ଓ ଏହିପରି ଭାବରେ ଏକ ବାଇବଲ-ବିହୀନ ଧର୍ମର ବିକାଶ କରନ୍ତି ।

---

* ଫ୍ରିମାସୋନରୀ (Freemasonry) ହେଉଛି ପୃଥିବୀର ବୃହତ୍ତମ ଆନ୍ତର୍ଜାତୀୟ ଗୁପ୍ତ ସଂଘ, ଏଥିରେ ବର୍ତ୍ତମାନ ସମଗ୍ର ପୃଥିବୀରୁ ପ୍ରାୟ ୧ଲକ୍ଷ ଲୋକ ସଦସ୍ୟ ଅଛନ୍ତି । ଯଦିଓ ଏହାର ନିୟମ ''ଭ୍ରାତୃପ୍ରେମ, ସହାୟତା ଓ ସତ୍ୟ'' ଅନେକଙ୍କୁ ଆକର୍ଷଣୀୟ ମନେ ହୁଏ, ତଥାପି ମାସୋନରୀ ଏଥିରେ ଅନ୍ତର୍ଭୁକ୍ତ ନ ଥିବା ଲୋକମାନଙ୍କୁ  ଏତେ କ୍ଷତିକାରକ ମନେହୁଏ ନାହିଁ । ମାସୋନ୍ ହେବା ପାଇଁ, ପ୍ରତ୍ୟେକ ସଦସ୍ୟଙ୍କୁ ଏହା ସ୍ୱୀକାର କରିବାକୁ ହୁଏ ଯେ, ଆଲୋକକୁ ପାଇବା ଚେଷ୍ଟାରେ ସେ ବର୍ତ୍ତମାନ ଅନ୍ଧକାରରେ ଅଛି । ଯୀଶୁଙ୍କର ଜଣେ ଅନୁଗାମୀ ଏହା ବିଶ୍ୱାସ କରିସାରିଥାଏ ଯେ, ସେ ଆଲୋକ ପାଇସାରିଛି । ଯୀଶୁ କହିଥିଲେ: ମୁଁ ଜଗତର ଜ୍ୟୋତିଃ ଯେ ମୋହର ଅନୁଗମନ କରେ, ସେ ଅନ୍ଧକାରରେ ଭ୍ରମଣ କରିବ ନାହିଁ, ମାତ୍ର '*ଜୀବନର ଜ୍ୟୋତି*'' ପାଇବ (ଯୋହନ ୮:୧୨) । ମାସୋନିକ୍ ଗୁପ୍ତ ସଂଘ ମଧ୍ୟକୁ ପ୍ରବେଶ କରିବାର ବିଧି ଅତି ନାଟକୀୟ ଓ ପ୍ରତୀକରେ ପରିପୂର୍ଣ୍ଣ ଅଟେ । ସେହି ସମୟରେ ମାସୋନିକ୍ ପ୍ରାର୍ଥୀ ଈଶ୍ୱର ସମ୍ବନ୍ଧୀୟ ବାଇବଲ ଚିନ୍ତାଧାରା ଦ୍ୱାରା ଶିକ୍ଷିତ ହୁଏ ଏବଂ ସେ 'ଗୌତ' ନାମ ସହିତ ପରିଚିତ ହୁଏ । 'ଗୌତ' 'ଈଶ୍ୱରଙ୍କର ହଜିଯାଇଥିବା ନାମ' ଓ ସେହି ଗୌତ ''ବିଶ୍ୱର ବଡ଼ କାରିଗର'' ଅଟନ୍ତି । ବୌଦ୍ଧ, ହିନ୍ଦୁ, ମୁସଲମାନ, ଯିହୁଦୀ କିମ୍ବା ଖ୍ରୀଷ୍ଟିୟାନ-ଈଶ୍ୱରଙ୍କର ଯେ କୌଣସି ବିଶ୍ୱାସୀ ହୁଅନ୍ତୁ, ସେ ଜଣେ ଫ୍ରିମାସୋନ୍ ହୋଇପାରିବ । ସେଥିପାଇଁ 'ଗୌତ' (ଈଶ୍ୱର ସମ୍ବନ୍ଧୀୟ ଏକ ମନୁଷ୍ୟ-କୃତ ଧାରଣା) ସେହି ଯୀଶୁଙ୍କଠାରୁ ପ୍ରାର୍ଥୀର ଚିନ୍ତାଧାରାକୁ ପ୍ରଭାବିତ କରେ, ଯାହାଙ୍କୁ ବାଇବଲ 'ସତ୍ୟ ଜ୍ୟୋତି' ବୋଲି ଘୋଷଣା କରେ (ଯୋହନ ୧:୯) । ପରେ, ଯେତେବେଳେ ଜଣେ ମାସୋନ୍ ଜଣେ ଦକ୍ଷ ମାସୋନ୍‌ରେ ପରିଣତ ହୁଏ, ସେତେବେଳେ ତାକୁ ଈଶ୍ୱରଙ୍କର ଅନ୍ୟ ଏକ ନାମ ଶିକ୍ଷା ଦିଆଯାଏ-'ଯାବୁଲନ୍' । ଏହି ନାମ ବାସ୍ତବରେ ଈଶ୍ୱରଙ୍କର ଯିହୁଦୀ ଓ ମଧ୍ୟପ୍ରାଚ୍ୟ ନାମର ଏକ ସମ୍ମିଶ୍ରଣ । ଏହା 'ଯିହୋବା' ନାମରେ ଥିବା 'ଯାଃ, ବୁଲ୍ ('ବାଲ୍'ର ଏକ ରୂପ) ଏବଂ ଅନ୍, (ମିସରୀୟ ସୂର୍ଯ୍ୟଦେବତାକୁ ସୂଚୀତ କରେ)-ଏହି ତିନୋଟି ଶବ୍ଦରୁ ସୃଷ୍ଟି ହୋଇଛି । ଏହା ହେଉଛି ମିଶ୍ରିତ ଧର୍ମର ଏକ ଉଦାହରଣ, ଯାହା ବିଭିନ୍ନ ବିଶ୍ୱାସ ମତକୁ ଏକତ୍ରୀକରଣ କରିବାର ଏକ ଅପଚେଷ୍ଟା ଅଟେ । ଯୀଶୁ ନିଜେ କହିଥିଲେ: ''ଅତଏବ, ତୁମ୍ଭ ଅନ୍ତରସ୍ଥ ଜ୍ୟୋତି ଯେବେ ଅନ୍ଧକାର ହୁଏ, ତେବେ ସେହି ଅନ୍ଧକାର କେଡ଼େ ଘୋରତର'' (ମାଥିଉ ୬:୨୩) ।

ଆପଣ ସର୍ବଦା ଏହି ପ୍ରଶ୍ନ ଦ୍ୱାରା ଜଣେ ଭଣ୍ଡ ଶିକ୍ଷକକୁ ପରୀକ୍ଷା କରିପାରିବେ: ''ଯୀଶୁ ଖ୍ରୀଷ୍ଟ କିଏ ?'' ତାହା ହେଉଛି–'ଯୀଶୁ କିଏ'–ଏହା ଜାଣିବା କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ, ଏହାର କାରଣର ଏକ ଅଂଶବିଶେଷ ।

ଯେତେବେଳେ ଆପଣ ବାସ୍ତବରେ ଯୀଶୁଙ୍କୁ ଈଶ୍ୱରଙ୍କ ପୁତ୍ର ଭାବରେ ଜାଣନ୍ତି, ସେତେବେଳେ ପରସ୍ପରକୁ ସାହାଯ୍ୟ କରିବାର ମହାନ୍ ବନ୍ଧୁତା ରଖିଥିବା ଗୁପ୍ତ ସଂଘଗୁଡ଼ିକ ଯେ ଆତ୍ମିକ ପ୍ରତାରଣା ବ୍ୟତୀତ ଆଉ କିଛି ନୁହେଁ, ତାହା ଆପଣ ଜାଣି ପାରିବେ ।* ଏହି ପ୍ରକାର ସଂଘଗୁଡ଼ିକରେ ଈଶ୍ୱରଙ୍କୁ ଉଲ୍ଲେଖ କରାଯାଉଥିବା ସମୟରେ, ଯୀଶୁ ଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ ଶିକ୍ଷାକୁ ଅବଜ୍ଞା କରାଯାଏ, ଯିଏ କହିଥିଲେ :

> *''ମୋ ଦେଇ ନ ଗଲେ କେହି ପିତାଙ୍କ ନିକଟକୁ ଯାଏ ନାହିଁ'' (ଯୋହନ ୧୪:୬) । ଈଶ୍ୱରଙ୍କ ବିରୁଦ୍ଧରେ ଭ୍ରାନ୍ତ ବିଶ୍ୱାସ ରଖିଥିବା ବ୍ୟକ୍ତିମାନଙ୍କ ସମ୍ବନ୍ଧରେ ବାଇବଲ କଠୋର ବାକ୍ୟ ଲିପିବଦ୍ଧ କରିଛି– ''ଈଶ୍ୱର ଯେ ଏକମାତ୍ର, ଏହା ତୁମ୍ଭେ ବିଶ୍ୱାସ କରୁଅଛ଼ ଭଲ କଥା, ଭୂତମାନେ ମଧ୍ୟ ବିଶ୍ୱାସ କରି ଥରହର ହୁଅନ୍ତି'' (ଯାକୁବ ୨:୧୯) ।*

ଆଜି ଆମେ ମଧ୍ୟ ମୁଖ୍ୟ ଧର୍ମରୁ ଉତ୍ପନ୍ନ କାର୍ଯ୍ୟକଳାପର ଏପରି ଏକ ବିପଜ୍ଜନକ ବୃଦ୍ଧି ଦେଖୁ, ଯାହା ବାଇବଲର ଈଶ୍ୱରଙ୍କୁ ଅସ୍ୱୀକାର କରେ । ହିନ୍ଦୁ ଧର୍ମର ବିଭିନ୍ନ ସଂପ୍ରଦାୟ ଅନେକ ନୂତନ ଲୋକଙ୍କର ଆଗ୍ରହ ଓ ସଦସ୍ୟତା ଆକର୍ଷଣ କରୁଅଛି । ଯେଉଁ ଦେଶଗୁଡ଼ିକ ଦିନେ ସେମାନଙ୍କର ବାଇବଲ ସଂସ୍କୃତି ପାଇଁ ପରିଚିତ ଥିଲେ, ସେହି ଦେଶଗୁଡ଼ିକରେ ମୌଳିକ ହିନ୍ଦୁ ଦର୍ଶନକୁ ଧ୍ୟାନ କିମ୍ବା ଯୋଗ ଓ ସନ୍ନ୍ୟାସ ଭଳି ପ୍ରାଚ୍ୟ ରହସ୍ୟବାଦକୁ ବିଭିନ୍ନ ରୂପରେ ଉପସ୍ଥାପିତ କରାଯାଉଛି । ହିନ୍ଦୁ ଧର୍ମରୁ ଉଦ୍ଭବ ହୋଇଥିବା ବିଭିନ୍ନ ସଂପ୍ରଦାୟ ମୂର୍ଖ ଭାବରେ, ସୃଷ୍ଟିର ଈଶ୍ୱରଙ୍କୁ ପୂଜା କରିବା ପରିବର୍ତ୍ତେ ସୃଷ୍ଟିରେ ଥିବା ଅନେକ ଦେବତାଙ୍କୁ ପୂଜା କରନ୍ତି । ଆଉ, ଦୁଃଖର ସହିତ କହିବାକୁ ହୁଏ ଯେ, ଅନେକ ଛଳନାପୂର୍ଣ୍ଣ ମନ ସେହି ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ପ୍ରତି ଏତେ ଆକର୍ଷିତ ହୁଅନ୍ତି ନାହିଁ, ଯିଏ ପୃଥିବୀ ଗ୍ରହକୁ ଆସିବା ପାଇଁ ନିଜକୁ ନମ୍ର କରିଥିଲେନ୍ଧି ମାତ୍ର ଏହା ପରିବର୍ତ୍ତେ ସେମାନେ ସ୍ୱୟଂ–ପ୍ରତିଷ୍ଠିତ ''ଗୁରୁ'' ଦ୍ୱାରା ଅଧିକ ପ୍ରଭାବିତ ହୁଅନ୍ତି ।

ମୁସଲମାନ ଜଗତ ମଧ୍ୟ ଏହାର ବିଶ୍ୱାସ ପ୍ରସାର କରିବାରେ ପ୍ରବଳ ଆଗ୍ରହ ପ୍ରଦର୍ଶନ କରୁଛନ୍ତି । ସେମାନଙ୍କର ତୈଳରୁ ଆୟ ଅର୍ଥ ଓ ସେମାନଙ୍କର କ୍ରମବର୍ଦ୍ଧିଷ୍ଣୁ ରାଜନୈତିକ ପ୍ରତିପତ୍ତି ସେମାନଙ୍କର ସୀମାକୁ ଏତେ ପରିମାଣରେ ବୃଦ୍ଧି କରିବାରେ





ସେମାନଙ୍କୁ ସକ୍ଷମ କରିଛି, ଯାହା କିଛି ବର୍ଷ ପୂର୍ବେ ଅସମ୍ଭବ ମନେ ହେଉଥିଲା । 'ଶୈଳ ଗମ୍ବୁଜ' ନାମକ ସେମାନଙ୍କର ଅତି 'ପବିତ୍ର' ସ୍ଥଳ, ଯାହା ଯିରୂଶାଲମସ୍ଥ ମନ୍ଦିର ପର୍ବତରେ ଅବସ୍ଥିତ, ସେହିଠାରେ ହିଁ ସେମାନେ ସାହସର ସହିତ ଈଶ୍ୱରଙ୍କ ସୁସମ୍ବାଦର ମୁଖ୍ୟ ବାର୍ତ୍ତାକୁ ଅସ୍ୱୀକାର କରନ୍ତି । 'ଶୈଳ ଗମ୍ବୁଜ'ର ଚତୁର୍ଦ୍ଦିଗରେ ଲେଖାଯାଇଥିବା ଆରବୀୟ ଉକ୍ତି ଏହା ବ୍ୟକ୍ତ କରେ ଯେ: ''ଈଶ୍ୱର ଜନ୍ମ ହୁଅନ୍ତି ନାହିଁ, କିମ୍ବା କେହି ତାଙ୍କୁ ଜନ୍ମ କରିପାରେ ନାହିଁ ।'' କିନ୍ତୁ ବାଇବଲ କହିଛି–

> *''କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତଜୀବନ ପ୍ରାପ୍ତ ହୁଏ'' (ଯୋହନ ୩:୧୬) ।*

ଆଉ ଆତ୍ମିକ ପ୍ରତାରଣା ଧର୍ମ ଜଗତ ମଧ୍ୟରେ ସୀମିତ ନୁହେଁ । ଧର୍ମ ବିହୀନ ଜଗତ ଏପରି ଏକ ମାନବବାଦୀ ଦର୍ଶନକୁ ଜାବୁଡ଼ି ଧରିଛି, ଯାହା ଏହି ମତପୋଷଣ କରେ ଯେ, ମନୁଷ୍ୟ ବିଶ୍ୱର କେନ୍ଦ୍ର ଅଟେ ଓ ସମାଜର ସର୍ବୋଚ୍ଚ ଲକ୍ଷ୍ୟ ହେଉଛି ମନୁଷ୍ୟର ଉନ୍ନତି, ମାନବ ବାଦ ବିଶ୍ୱବିଦ୍ୟାଳୟରେ, ସମ୍ବାଦପତ୍ରରେ, ବହୁ–ଜାତୀୟ ସମ୍ମିଳନୀରେ, ଲୋକପ୍ରିୟ ପତ୍ରିକାରେ ଓ ରେଡିଓ ତଥା ଦୂରଦର୍ଶନରେ ଘୋଷିତ ହେଉଛି । *''ନିଜକୁ ପ୍ରଶଂସା କର''*, ଏହା ହେଉଛି ବିଜ୍ଞାପନ ଜଗତ ଦ୍ୱାରା ଲୋକପ୍ରିୟ କରାଯାଉଥିବା ସ୍ୱାର୍ଥପର ବିଷୟ ବସ୍ତୁ ।

ମାନବବାଦ, ଯାହା ମନୁଷ୍ୟକୁ ପୂଜା କରିବା ଅପେକ୍ଷା ଅଧିକ କିଛି ନୁହେଁ, ତାହା ବାସ୍ତବରେ, ଏକ ନୂତନ ଦର୍ଶନ ନୁହେଁ । ପାଉଲଙ୍କ ସମୟକୁ ଫେରି ଚାଲନ୍ତୁ, ଯେତେବେଳେ ଈଶ୍ୱର କହିଥିଲେ: *''...ସେମାନେ ଈଶ୍ୱରଙ୍କ ସତ୍ୟ ପରିବର୍ତ୍ତେ ମିଥ୍ୟା ଗ୍ରହଣ କଲେ...'' (ରୋମୀୟ ୧:୨୫)* । ପ୍ରଭୁ ମାନବବାଦୀଙ୍କୁ ଏକ ଅତି ସରଳ ପ୍ରଶ୍ନ ପଚାରନ୍ତି: *''ଯେତେବେଳେ ଆମେ ପୃଥିବୀର ଭିତ୍ତିମୂଳ ସ୍ଥାପନ କଲୁ, ସେତେବେଳେ ତୁମ୍ଭେ କେଉଁଠାରେ ଥିଲ ? ବୁଦ୍ଧି ଥିଲେ, ବୁଝାଇ ଦିଅ'' (ଆୟୁବ ୩୮:୪)* । ଏହା ଏକ ପୁରାତନ କାହାଣୀ । ଯେତେବେଳେ ଶୟତାନ ହବାଙ୍କ ନିକଟକୁ ଆସିଲା, ସେତେବେଳେ ସେ ଏହା କହି ଏକ ଅସମ୍ଭବକୁ ସମ୍ଭବ ଭାବରେ ଦେଖାଇଥିଲା : *''ତୁମ୍ଭେମାନେ ପରମେଶ୍ୱରଙ୍କ ଭଳି... ହେବ'' (ଆଦି ପୁସ୍ତକ ୩:୫)* । ଆମ ସମୟରେ ଶୟତାନ ଧର୍ମବିହୀନ ମାନବବାଦ ସମ୍ବନ୍ଧୀୟ ପ୍ରତାରଣା ମୂଳକ ଶିକ୍ଷା ଦ୍ୱାରା ତା'ର ଦୁଷ୍ଟ କାର୍ଯ୍ୟ ଅବ୍ୟାହତ ରଖିଅଛି ।

ଆପଣ ହୁଏତ ଜଣେ ଆଧୁନିକ ଯୁବକ ଅଟନ୍ତି, ଯିଏ ରାଜନୀତି କିମ୍ୱା ଧର୍ମ ଦ୍ୱାରା 'ପରିଚାଳିତ' ହୁଅନ୍ତି । ଆପଣଙ୍କ ପାଇଁ, ରାଜନୀତିଜ୍ଞମାନେ ସଂଦେହଯୁକ୍ତ ଓ କୌଣସି ଧର୍ମ ସମୟୋପଯୋଗୀ ନୁହେଁ । ଆପଣ ନିଜ ବନ୍ଧୁ ପରିଜନଙ୍କ ମେଳରେ ରହିବାକୁ ଭଲପାଆନ୍ତି ଓ ଅନ୍ୟ ସ୍ଥାନରେ ବ୍ୟକ୍ତିଗତ ସଫଳତା ପାଇଁ ଅନ୍ୱେଷଣ କରନ୍ତି । ଆପଣ ହୁଏତ ଏହା ଚିନ୍ତା କରି ପାରନ୍ତି ଯେ, ପାଶ୍ଚାତ୍ୟ ସଙ୍ଗୀତର ଲେଖାରେ ବର୍ଣ୍ଣିତ ଜୀବନ ଶୈଳୀ କିମ୍ୱା ଦୃଶ୍ୟପଟରେ ଥିବା ଅନ୍ୟ କିଛି ଆପଣଙ୍କୁ ସେହି ନିଃସଙ୍ଗ ଜଗତରୁ ମୁକ୍ତି ପ୍ରଦାନ କରିବ, ଯେଉଁଠାରେ ଆପଣ ନିଜକୁ ଆବିଷ୍କାର କରନ୍ତି ।

ଅବଶ୍ୟ, ଆପଣ ଯେଉଁ କଥା ଶୁଣନ୍ତି ଓ ଯାହା ଅନୁସାରେ ପରିଚାଳିତ ହୁଅନ୍ତି, ସେହି ବାକ୍ୟ ସମ୍ୱନ୍ଧରେ ସଚେତନ ଅଟନ୍ତି । ଯଦିଓ, ଆପଣ ଏହିପରି ଭାବରେ ତାହାକୁ ବର୍ଣ୍ଣନା କରିବାକୁ ଇଚ୍ଛା ନ କରନ୍ତି, ତଥାପି ଆପଣ ନିଶ୍ଚୟ ଏ ବିଷୟରେ ସମ୍ମତ ହେବେ ଯେ, ତାହାର ଅଧିକାଂଶ ଅଂଶ ହେଉଛି ଶୟତାନିକ, ନୃଶଂସ ଓ ଯୌନ ସଂପର୍କିତ ବିଷୟର ଏକ ସମ୍ମିଶ୍ରଣ । ନର୍କର ଭୟାବହତାକୁ ଏକ ଅର୍ଥହୀନ ସ୍ଥିତିର ଏକ ଆକର୍ଷଣୀୟ ବିକଳ୍ପ ଭାବରେ ସେହି ସଂଗୀତରେ ଉପସ୍ଥାପିତ କରାଯାଇଛି । ଉତ୍ତେଜନାପୂର୍ଣ୍ଣ ହିଂସାର ପରିବେଶରେ, ଯେଉଁ ପତାକା ତଳେ ଏହି ଯୁବକମାନେ ମିଳିତ ହୁଅନ୍ତି, ତାହା ନିଜ ନିଜକୁ ଓ ଏକ ଆରେକକୁ ଧ୍ୱଂସ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରିଥାଏ ।

ମୁଁ ଆପଣମାନଙ୍କୁ ଲସ୍‌ଏଞ୍ଜେଲ୍‌ସରେ ଥିବା ଏକ ସ୍ଥାନ ବିଷୟରେ କହୁଛି । ଏହା ହେଉଛି ''ରେଫ୍ରିଜିରେଟର୍'' ନାମକ ଏକ ମୃତ ଶରୀର ସଂରକ୍ଷଣ ସ୍ଥାନ । ସେଠାରେ, ୬୦୦ ମୃତ ଶରୀରକୁ, (ସେମାନଙ୍କ ମଧ୍ୟରେ ଅଧିକାଂଶ ଯୁବକ) ୩ ମାସ ଧରି ଏହି ଆଶାରେ ସଂରକ୍ଷିତ ରଖାଯାଇଥାଏ ଯେ, କେହି ସେମାନଙ୍କୁ ଚିହ୍ନିବାକୁ ସକ୍ଷମ ହେବ । ''ଅଜ୍ଞାତ'' ନାମକ 'ସୂତା' ସେମାନଙ୍କର ପାଦ ଅଙ୍ଗୁଳିରେ ବନ୍ଧାଯାଇଥାଏ । ଏହି ଦୁର୍ଭାଗ୍ୟମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଶେଷରେ ''ଅଚିହ୍ନଟ'' ଭାବରେ ସର୍ବସାଧାରଣଙ୍କ କବରରେ ସମାଧିସ୍ଥ କରାଯାଏ । ସେମାନଙ୍କ ମଧ୍ୟରୁ ଅଧିକାଂଶ ନିଶାସେବନ ପୃଷ୍ଠଭୂମିରୁ ଆସିଥାନ୍ତି୍ଧ ବର୍ତ୍ତମାନ କୋଟି କୋଟି ଜନତା ନିଜ ଗୃହରେ ଥିବା CD Players ଓ ଡିସ୍‌କୋ ଘୋଷଣା କରୁଥିବା ବାର୍ତ୍ତା ଅନୁସାରେ କାର୍ଯ୍ୟ କରିଥାନ୍ତି । ସେମାନେ ଭୁଲ୍ ସୂଚନା ସ୍ତମ୍ଭର ଅନୁଗାମୀ ହୋଇଥାନ୍ତି । ବର୍ତ୍ତମାନ, ପଥ ଶେଷରେ, ପରିବର୍ତ୍ତିତ ହେବା ବିଳମ୍ବ ହୋଇଯାଏ । ଯଦି ସେମାନେ ପ୍ରଭୁ ଯୀଶୁଙ୍କର ଏହି ବାକ୍ୟ ଶୁଣିଥାନ୍ତେ ଓ ସେହି ଅନୁସାରେ କାର୍ଯ୍ୟ କରିଥା'ନ୍ତେ, ତେବେ ରକ୍ଷା





ପାଇଥାନ୍ତେ୍ଧ ଯଥା– *''ସେମାନେ ଯେପରି ଜୀବନ ପାଆନ୍ତି ଓ ପ୍ରଚୁର ଭାବରେ ପାଆନ୍ତି, ଏଥିପାଇଁ ମୁଁ ଆସିଅଛି'' (ଯୋହନ ୧୦:୧୦) ।*

ଆଉ ବର୍ତ୍ତମାନ ଏହି ସମସ୍ତ ଦ୍ୱନ୍ଦ ସହିତ ସଂଯୁକ୍ତ ହୋଇ ରହିଛି 'ଯାଦୁ କଳା' (black art)ରେ ଅତିରିକ୍ତ ଆଗ୍ରହର ବୃଦ୍ଧି । ନିର୍ଭରଯୋଗ୍ୟ ତଥ୍ୟ ଏହା ସୂଚିତ କରେ ଯେ, ଗଣକତାରେ ସକ୍ରିୟ ଆଗ୍ରହ, ଅନ୍ଧକାର ଯୁଗରେ ଯେପରି ଭାବରେ ପ୍ରଚଳିତ ଥିଲା, ଆଜି ମଧ୍ୟ ସେହିଭଳି ପ୍ରଚଳିତ ଅଛି । ଆଉ ଆଜିର ତଥାକଥିତ ''ବିଜ୍ଞାନ ସମ୍ୱନ୍ଧୀୟ ଜ୍ଞାନ'' ସତ୍ତ୍ୱେ ଏହା ଘଟୁଅଛି ।

ଆଶା କରାଯାଉ ନ ଥିବା ସ୍ଥାନଗୁଡ଼ିକରେ ଶୟତାନର ପୂଜକମାନଙ୍କ ସଂଖ୍ୟା ବୃଦ୍ଧି ପାଉଅଛି । ଲଣ୍ଡନରୁ ସହରରୁ ଆସିଥିବା ପେଷାଦାର ଜ୍ୟୋତିଷମାନେ ''ଯାଦୁ ବିଦ୍ୟାର ଏକ ପର୍ବ'' (Black Mass) ପାଳନ କରିବା ପାଇଁ କେସିଙ୍ଗଟନ୍‌ଠାରେ ଏକତ୍ରିତ ହୁଅନ୍ତି । ତନ୍ତ୍ରକାରିଣୀ ସ୍ତ୍ରୀମାନଙ୍କର ସଂଘ ଇଉରୋପରେ ତଥା ସୁନ୍ଦର ଭାଙ୍କୋଭର ଦ୍ୱୀପ ଭଳି ଅତି ଦୂରବର୍ତ୍ତୀ ଅଞ୍ଚଳରେ ସୁଦ୍ଧା ଅତି ଦ୍ରୁତ ବେଗରେ ବୃଦ୍ଧି ପାଇଅଛି । ଆଫ୍ରିକାରୁ ପୂର୍ବପୁରୁଷମାନଙ୍କର ପୂଜା ସମ୍ୱନ୍ଧୀୟ କୁପ୍ରଥାଗୁଡ଼ିକ ସମଗ୍ର ଜଗତରେ ''ଆତ୍ମା ସହିତ ଯୋଗାଯୋଗ ସ୍ଥାପନ ସ୍ଥାନଗୁଡ଼ିକରେ'' ଅନୁକରଣ କରା ଯାଉଅଛି । ବିଭିନ୍ନ ଗୃହାଭ୍ୟନ୍ତର ଖେଳ, ଯଥା 'ଡଞ୍ଜିଅନ୍ ଓ ଡ୍ରାଗନ୍' ଏବଂ 'ଆଉଜା ବୋର୍ଡ' ଦୁଷ୍ଟତା ଓ ଅତି ପ୍ରାକୃତିକ ବିଷୟରେ ଲୋକମାନଙ୍କର କ୍ରମବର୍ଦ୍ଧିଷ୍ଣୁ ଆକର୍ଷଣକୁ ଆହୁରି ଉତ୍ସାହିତ କରୁଛନ୍ତି । ଏହିପରି ବୃଦ୍ଧି ପାଉଥିବା ଅସାଧାରଣ ଘଟଣା ହେଉଛି ଏକ କୃତ୍ରିମ ଆତ୍ମିକ କୌତୁହଳର ଫଳ । ଈଶ୍ୱରଙ୍କ ପାଇଁ ସେମାନଙ୍କର ଭୁଲ୍ ଭାବରେ ପରିଚାଳିତ ଅନ୍ୱେଷଣରେ, ଅନେକେ ଲୋକ, କେବଳ ଈଶ୍ୱରଙ୍କ ଆଲୋକରୁ ଯେ ବିମୁଖ ହୁଅନ୍ତି, ତା'ନୁହେଁ୍ଧ ମାତ୍ର ସେମାନେ କିଛି କ୍ଷଣର ଭୁଲ୍ ଓ ଶୂନ୍ୟ ଆତ୍ମିକ ପରିତୃପ୍ତି ପାଇଁ ଗଣକ ବିଦ୍ୟାର ଅନ୍ଧକାର ପ୍ରତି ଫେରି ଯାଆନ୍ତି । ଆଉ, ଯାହାକୁ ଆମେ ଏପର୍ଯ୍ୟନ୍ତ ସଭ୍ୟ ଜଗତ କହୁ, ସେହି ସ୍ଥାନରେ ସୁଦ୍ଧା ଏହି ସମସ୍ତ ଘଟଣା ଘଟେ ।

ଶେଷ ଦିନ ବିଷୟରେ ଈଶ୍ୱର ଯାହା କହନ୍ତି, ତାହା ଆମେ ସ୍ମରଣ କରିବା । ସେ ଆମକୁ ଭଣ୍ଡ ଭାବବାଦୀ ଓ ନକଲି 'ଚିହ୍ନ' ଓ 'ଅଦ୍ଭୁତ କର୍ମ' ସମ୍ୱନ୍ଧରେ ସତର୍କ କରି ଦେଇଛନ୍ତି, ଯାହା ଶେଷ ଦିନରେ ମହାପ୍ରତାରଣା ସହିତ ଦେଖାଦେବ । ପ୍ରକୃତରେ, ଈଶ୍ୱର ଆମକୁ କହିଛନ୍ତି ଯେ, ଗୋଟିଏ ବଡ଼ ପ୍ରତାରକ ଦେଖାଦେବ, ଯାହାର *''କୁଟିଳ କାର୍ଯ୍ୟ' ଶୟତାନର ଶକ୍ତି ଅନୁସାରେ ସମସ୍ତ ପ୍ରକାର ମିଥ୍ୟା, ଶକ୍ତି, ଚିହ୍ନ ଓ ଅଦ୍ଭୁତ କର୍ମ, ପୁଣି ବିନାଶ ପାତ୍ରମାନଙ୍କ ନିକଟରେ ସମସ୍ତ ପ୍ରକାର ଅଧର୍ମର ଛଳନା ସହିତ ହେବ । କାରଣ ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ସେମାନେ ସତ୍ୟ ପ୍ରତି ଶ୍ରଦ୍ଧାଭାବ ବହିନାହାନ୍ତି'' (୨ ଥେସଲନୀକୀୟ ୨:୯,୧୦) ।*

ମିଥ୍ୟା ଶିକ୍ଷା ଓ ମନ୍ଦ ପ୍ରଥାରେ ଏହି ତ୍ୱରାନ୍ୱିତ ଆଗ୍ରହ ଯୋଗୁ, କାହିଁକି ଏତେ ସଂଖ୍ୟକ ଦେଶ ଓ ସଂପ୍ରଦାୟ ସଂଦେହ, ବୃଥା ସନ୍ୟାସ ଓ ନୈରାଶ୍ୟରୂପକ ଅତ୍ୟାଚାରୀ ଶକ୍ତି ଦ୍ୱାରା ଆଚ୍ଛାଦିତ ହୋଇଛନ୍ତି, ତାହା ବୁଝିବା କଷ୍ଟକର ନୁହେଁ । ଶୟତାନର ଅନେକ ସୂଚନା ସ୍ତମ୍ଭ ରହିଛି, ମାତ୍ର ଆପଣ ଏ ବିଷୟରେ ସୁନିଶ୍ଚିତ ହୋଇପାରିବେ ଯେ, ସେଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ମନୁଷ୍ୟମାନଙ୍କର ଏକମାତ୍ର ତ୍ରାଣକର୍ତ୍ତା ଭାବରେ ଦର୍ଶାଏ ନାହିଁ ।

ଜୀବନ ସମ୍ବନ୍ଧରେ ଜଗତର ନୈରାଶ୍ୟଜନକ ପ୍ରଦର୍ଶନର ବିପରୀତରେ, ଈଶ୍ୱରଙ୍କ ବାର୍ତ୍ତା ନିଶ୍ଚୟ ଦୁଃଖ, ଦ୍ୱନ୍ଦ୍ୱ ଓ ମୃତ୍ୟୁ ସମ୍ବନ୍ଧୀୟ ନୁହେଁ । ଯୀଶୁ ଖ୍ରୀଷ୍ଟଙ୍କଠାରେ ଯେପରି ଆମେ ଜୀବନ ପାଇଛୁ ସେହିପରି ତାଙ୍କର ବାର୍ତ୍ତା ହେଉଛି ଆଶା, ଭରସା ଓ ଉଜ୍ଜ୍ୱଳ ଜୀବନର ବାର୍ତ୍ତା । ଈଶ୍ୱରଙ୍କ ଅନ୍ୱେଷଣରେ, ଆପଣ ବାଇବଲ ପାଠ କରୁଥିବା ସମୟରେ ପବିତ୍ର ଆତ୍ମା ସର୍ବଦା ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ନିର୍ଦ୍ଦେଶ କରିବେ, ଯିଏ କହିଥିଲେ: ''ମୁଁ ପଥ, ସତ୍ୟ ଓ ଜୀବନ ।'' ଆଉ ତାଙ୍କ ବିନା କେହି ରହି ନ ପାରେ, କାରଣ ଯୀଶୁ ପୁଣି କହିଛନ୍ତି: *''ମୋ' ବିନା କେହି ଈଶ୍ୱରଙ୍କ ନିକଟକୁ ଆସିପାରେ ନାହିଁ'' (ଯୋହନ ୧୪:୬) ।*

ଈଶ୍ୱର ଆମକୁ ପ୍ରତାରଣାମୂଳକ ସୂଚକ ସ୍ତମ୍ଭ ବିଷୟରେ ସତର୍କ କରିଦେଇଛନ୍ତି ଯେପରି ଆମେ ଭ୍ରାନ୍ତ ଭାବରେ ପରିଚାଳିତ ହେବା ନାହିଁ । ସେ ସେହି କ୍ରମବର୍ଦ୍ଧିଷ୍ଣୁ ପ୍ରତାରଣା ସମ୍ବନ୍ଧରେ ମଧ୍ୟ ଆମକୁ ଜଣାଇ ଦେଇଛନ୍ତି, ଯାହା ଆପଣଙ୍କ ଚିନ୍ତାକୁ ଅନ୍ଧକାରାଚ୍ଛନ୍ନ କରିପାରେ । ବର୍ତ୍ତମାନ ସେ ଆପଣଙ୍କୁ ଏହି ପ୍ରତିଜ୍ଞା ଦିଅନ୍ତି:

> *''ତୁମ୍ଭମାନଙ୍କ ପକ୍ଷରେ ଆମ୍ଭେ ଯେ ସକଳ ସଙ୍କଳ୍ପ କରିଅଛୁ, ତାହା ଆମ୍ଭେ ଜାଣୁ...ତୁମ୍ଭମାନଙ୍କୁ ଭରସା ଦେବା ନିମନ୍ତେ ସେସବୁ ଅମଙ୍ଗଳକର ନୁହେଁ, ମଙ୍ଗଳର ସଂକଳ୍ପ ଅଟେ । ପୁଣି, ତୁମ୍ଭେମାନେ ଆମ୍ଭଙ୍କୁ ଆହ୍ୱାନ କରିବ ଓ ଯାଇ ଆମ୍ଭ ନିକଟରେ ପ୍ରାର୍ଥନା କରିବ, ତହିଁରେ ଆମ୍ଭେ ତୁମ୍ଭମାନଙ୍କ କଥାରେ ମନୋଯୋଗ କରିବା । ଆଉ, ତୁମ୍ଭେମାନେ ଆମ୍ଭକୁ ଅନ୍ୱେଷଣ କରିବ ଓ ସର୍ବାନ୍ତଃକରଣ ସହିତ ଆମ୍ଭକୁ ଖୋଜିଲେ, ଆମ୍ଭର ଉଦ୍ଦେଶ୍ୟ ପାଇବ । ସଦାପ୍ରଭୁ କହନ୍ତି, ଆମ୍ଭେ ତୁମ୍ଭମାନଙ୍କୁ ଆମ୍ଭର ଉଦ୍ଦେଶ୍ୟ ପାଇବାକୁ ଦେବା'' (ଯିରିମିୟ ୨୯:୧୧-୧୪) ।*





**ଅନୁଚିନ୍ତା**

୧. କେଉଁପ୍ରକାର ମନ ସୃଷ୍ଟିକର୍ତ୍ତାଙ୍କୁ ଛାଡ଼ି ସୃଷ୍ଟିକୁ ପୂଜା କରିବ ? (ରୋମୀୟ ୧:୨୨-୨୮ ପାଠ କରନ୍ତୁ) ।

୨. ଈଶ୍ୱରଙ୍କ ଅନ୍ୱେଷଣରେ, କେଉଁ ଚାବି ଆପଣଙ୍କଠାରେ ଥିବା କୌଣସି ବୌଦ୍ଧିକ ସମସ୍ୟାକୁ ଖୋଲି ଦେବ । (ଯୋହନ ୭:୧୭ ପାଠ କରନ୍ତୁ) ।

ଏହା କ'ଣ ଆପଣଙ୍କ ମନ ?

ଏହା କ'ଣ ଆପଣଙ୍କର ଅଭିଳାଷ ଓ ଇଚ୍ଛା ?

୩. ଈଶ୍ୱର ଆପଣଙ୍କୁ ନିଜ ନିକଟକୁ କଢ଼ାଇ ନେବା ପାଇଁ ଏକ ସ୍ୱଚ୍ଛ ''ସୂଚନା ସ୍ତମ୍ଭ'' ପ୍ରଦାନ କରିଛନ୍ତି କି ? (ଯୋହନ ୮:୧୨ ପାଠ କରନ୍ତୁ) ।

ଅନେକ ବର୍ଷ ପୂର୍ବେ ଇଂଲଣ୍ଡରେ ଗୋଟିଏ ସଣ୍ଡେସ୍କୁଲରେ ଗୋଟିଏ ବାଳକ ତା'ର ସଣ୍ଡେସ୍କୁଲ ଶିକ୍ଷକଙ୍କୁ ପ୍ରଶ୍ନ କରିଥିଲା, ''ଈଶ୍ୱର ଦୁଷ୍ଟ ପିଲାମାନଙ୍କୁ ପ୍ରେମ କରନ୍ତି କି?'' ଆଉ ଶିକ୍ଷକ ଉତ୍ତର ଦେଲେ, ''ନା, ଆଦୌ ନୁହେଁ।'' ଓଃ, ବାଳକକୁ ତାହା କହିବା ଦ୍ୱାରା ଉଦ୍ଦେଶ୍ୟବିହୀନ ଭାବରେ କିପରି ଏକ ଈଶ୍ୱର ନିନ୍ଦା ହେଲା! ଯଦି ଈଶ୍ୱର ଦୁଷ୍ଟ ପିଲାମାନଙ୍କୁ ପ୍ରେମ କରି ନ ଥିଲେ, ତେବେ ସେ ମୋତେ ଆଦୌ ପ୍ରେମ କରି ନ ଥା'ନ୍ତେ! ସେକ୍ସପିୟର କହିଥିଲେ: ''ପରିବର୍ତ୍ତନ ଆସିବା ସମୟରେ ଯେଉଁ ପ୍ରେମ ପରିବର୍ତ୍ତିତ ହୁଏ, ତାହା ପ୍ରେମ ନୁହେଁ।''

–ଜି. କ୍ୟାମ୍ପବେଲ୍ ମୋର୍ଗାନ୍–

ଅଧ୍ୟାୟ ୭

# ଈଶ୍ୱର କ'ଣ ପ୍ରକୃତରେ ମୋତେ ପ୍ରେମ କରନ୍ତି?

ଆପଣ କେବେ ଏପରି କୌଣସି ବ୍ୟକ୍ତିଙ୍କର ପ୍ରେମକୁ ସଂଦେହ କରିଛନ୍ତି, ଯିଏ ଆପଣଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ଅଟନ୍ତି ? କିମ୍ବା ଏହା ପ୍ରମାଣ କରିବା ପାଇଁ ଆପଣ କେବେ ଚେଷ୍ଟା କରିଛନ୍ତି ଯେ, ଆପଣ ଏପରି କୌଣସି ବ୍ୟକ୍ତିକୁ ପ୍ରେମ କରନ୍ତି, ଯିଏ ତାହା ବିଶ୍ୱାସ କରନ୍ତି ନାହିଁ? ଯେ କୌଣସି କ୍ଷେତ୍ରରେ, ଆପଣ ଏହା ଜାଣିବେ ଯେ, ଏପରି ସମୟ ଆସିବ, ଯେତେବେଳେ ପ୍ରକୃତ ପ୍ରେମ ବାକ୍ୟ ଅପେକ୍ଷା କାର୍ଯ୍ୟ ଦ୍ୱାରା ଅଧିକ ଉତ୍ତମ ଭାବେ ପ୍ରକାଶିତ ହୋଇପାରିବ।

କାର୍ଯ୍ୟଗୁଡ଼ିକ ବାକ୍ୟ ଅପେକ୍ଷା ଅତ୍ୟଧିକ ଶକ୍ତିପୂର୍ଣ୍ଣ ହୋଇଥିବାରୁ, ଯୀଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବା ସମୟରେ ଯାହା କରିଥିଲେ, ତାହା ଦ୍ୱାରା ଆପଣଙ୍କ ନିମନ୍ତେ ଥିବା ତାଙ୍କର ପ୍ରେମକୁ ପ୍ରଦର୍ଶନ କରିଥିଲେ। ଯେତେବେଳେ ଆପଣ ଏହି ବିଷୟର ଗୁରୁତ୍ୱ ବୁଝିବେ, ସେତେବେଳେ ଈଶ୍ୱର ଯେ ବାସ୍ତବରେ ଆପଣଙ୍କ ପ୍ରେମ କରନ୍ତି, ଏହା ବୁଝିବାରେ ଆପଣ ଅନ୍ୟ କୌଣସି ସ୍ପଷ୍ଟୀକରଣ ଆବଶ୍ୟକ କରିବେ ନାହିଁ।

ଠିକ୍ ଖ୍ରୀଷ୍ଟଙ୍କ ପ୍ରତି ଫେରିବା ପରେ, ମୁଁ ଗୋଟିଏ ତୂରୀବାଦକ ବାଳକ ଓ ଗୋଟିଏ ସୈନିକ ସମ୍ବନ୍ଧରେ ଏକ ସତ୍ୟ କାହାଣୀ ପାଠ କରିଥିଲି। ବୋଏର୍ ଯୁଦ୍ଧ ସମୟରେ ସେମାନେ ଉଭୟ ସୈନ୍ୟବାହିନୀରେ କାର୍ଯ୍ୟ କରୁଥିଲେ। ତୂରୀବାଦକ ବାଳକ, ୱିଲୀ ହୋଲ୍ଟ ୧୨ ବର୍ଷ ବୟସ୍କ ଥିବା ସମୟରେ ତାକୁ ସାତଜଣ ନାସ୍ତିକ ସୈନ୍ୟ ସହିତ ରହିବାକୁ ଦିଆଯାଇଥିଲା। ଏମାନଙ୍କ ମଧ୍ୟରୁ ଜଣଙ୍କୁ 'ବିଲ୍' କୁହାଯାଉଥିଲା। କିନ୍ତୁ, ବିଲ୍‌ଙ୍କ ବିପରୀତରେ, ୱିଲୀ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଜଣେ ସମର୍ପିତ ବିଶ୍ୱାସୀ ଥିଲେ। ପ୍ରତ୍ୟେକ ରାତ୍ରି ପ୍ରାର୍ଥନା କରିବାକୁ ଓ ନିଜର ବାଇବଲ ପାଠ କରିବାକୁ ସେ ନୀରବରେ ନିଜ ଶଯ୍ୟା ପାର୍ଶ୍ୱରେ ଆଣ୍ଠୁ ଭାଙ୍ଗୁଥିଲେ। ତାହା

କରିବା ସମୟରେ, ଅନ୍ୟ ସୈନିକମାନେ ତାଙ୍କୁ ଉପହାସ କରୁଥିଲେ ଓ ନିନ୍ଦା କରୁଥିଲେ । ସେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଏକ ସମର୍ପିତ ବିଶ୍ୱାସୀ ଥିଲେ । ପ୍ରତ୍ୟେକ ରାତ୍ରି, ସେ ନିଜ ଶଯ୍ୟା ପାର୍ଶ୍ୱରେ ନୀରବରେ ପ୍ରାର୍ଥନା କରୁଥିଲେ ଓ ନିଜର ବାଇବଲ ଅଧ୍ୟୟନ କରୁଥିଲେ । ତାହା କରିବା ସମୟରେ, ଅନ୍ୟ ସୈନିକମାନେ ଉପହାସ କରି ତାଙ୍କୁ ଭର୍ତ୍ସନା କରୁଥିଲେ ।

ଦିନେ ଦାୟିତ୍ୱରେ ଥିବା ସେନାଧକ୍ଷ ସମସ୍ତଙ୍କୁ ଧାଡ଼ିରେ ଠିଆ ହେବା ପାଇଁ କହିଲେ । ଯେଉଁ ଶିବିରରେ ବିଲ୍ ଓ ୱିଲୀ ରହୁଥିଲେ, ସେଠାରେ ଗୋଟିଏ ଚୋରକୁ ଚିହ୍ନଟ କରାଯାଇଥିଲା । ଅପରାଧୀକୁ ଚିହ୍ନଟ କରିବା ପାଇଁ ଏକ ନୈରାଶ୍ୟଜନକ ଉଦ୍ୟମରେ, ସେନାଧକ୍ଷ ସମଗ୍ର ସୈନ୍ୟବାହିନୀକୁ ତାଙ୍କର ଚରମ ପତ୍ର ପ୍ରଦାନ କରି କହିଲେ, ‘‘ମୋର ପୂର୍ବର ସତର୍କ ବାଣୀ ବୃଥା ହୋଇଅଛି । ଗତ ରାତ୍ରି ପୁନର୍ବାର ଚୋରି ହୋଇଛି । ଆଜି, ନିଜର ପରିଚୟ ଦେବା ପାଇଁ ମୁଁ ଅପରାଧୀକୁ ଶେଷ ସୁଯୋଗ ଦେବି ଓ ଗୋଟିଏ ମନୁଷ୍ୟ ସଦୃଶ ତା’ର ଦଣ୍ଡବିଧାନ କରିବି । ଯଦି ସେ ଏହା ନ କରିବ, ତେବେ ସୈନ୍ୟବାହିନୀର ପ୍ରତ୍ୟେକ ବ୍ୟକ୍ତିକୁ ଖୋଲା ପିଠିରେ ଚାବୁକ ଦଶ ଥର ପ୍ରହାର କରାଯିବ । କିନ୍ତୁ ଯଦି ତୁମ୍ଭମାନଙ୍କ ମଧ୍ୟରୁ ଜଣେ କେହି ଏହି ଦଣ୍ଡ ନେବା ପାଇଁ ଆଗକୁ ଆସିବ, ତେବେ ଅବଶିଷ୍ଟ ରକ୍ଷା ପାଇଯିବେ ।’’

କିଛି କ୍ଷଣର ନୀରବତା ପରେ, ୱିଲୀ ସିଧା ହୋଇ ଠିଆ ହେଲେ ଓ ଆଗକୁ ଆସି କହିଲେ, ‘‘ମହାଶୟ, ଆପଣ ବର୍ତ୍ତମାନ କହିଛନ୍ତି ଯେ, ଯଦି କୌଣସି ବ୍ୟକ୍ତି ଦଣ୍ଡ ଗ୍ରହଣ କରିବା ପାଇଁ ଇଚ୍ଛୁକ ହେବ, ତେବେ ଅନ୍ୟମାନେ ରକ୍ଷା ପାଇବେ । ମହାଶୟ, ମୁଁ ସେହି ଦଣ୍ଡ ଗ୍ରହଣ କରିବି ।’’ କ୍ରୋଧର ସହିତ, ସେନାଧକ୍ଷ ସେହି ଅଜ୍ଞାତ ଭୀରୁ ପ୍ରତି ଚିତ୍କାର କଲେ, ‘‘ତୁମେ କିପରି ଗୋଟିଏ ନିରୀହ ଯୁବକକୁ ତୁମର ଦଣ୍ଡ ଗ୍ରହଣ କରିବାକୁ ଦେଉଛ ?’’ କେହି ହଲ୍‌ଚଲ୍ ହେଲେ ନାହିଁ । ସେନାଧକ୍ଷ କହିଲେ, ‘‘ତେବେ ଗୋଟିଏ ନିରୀହ ଯୁବକ ଅପରାଧୀର ଦଣ୍ଡ ଗ୍ରହଣ କରିବାର ଶୋଚନୀୟ ଦୃଶ୍ୟ ବର୍ତ୍ତମାନ ତୁମ୍ଭେମାନେ ଦେଖିବ ।’’

ନିଜ ବାକ୍ୟାନୁସାରେ ସେନାଧକ୍ଷ ୱିଲୀର ପୃଷ୍ଠଭାଗକୁ ଅନାବୃତ୍ତ କରିବା ପାଇଁ ଆଦେଶ ଦେଇଥିଲେ ଓ ଏହାପରେ ଚାବୁକରେ ନିଷ୍ଠୁର ପ୍ରହାର ଆରମ୍ଭ ହେଲା । ୱିଲୀ ଭୟଙ୍କର ଆଘାତ ମଧ୍ୟରେ ମୂର୍ଚ୍ଛିତ ହେବାକୁ ଲାଗିଲେଢ ହଠାତ୍, ଏହି ଦୃଶ୍ୟକୁ





ସହ୍ୟ କରି ନ ପାରି ବିଲ୍ ଆଗକୁ ଦୌଡ଼ି ଆସି ଚିତ୍କାର କଲେ, ‘‘ବନ୍ଦ କରନ୍ତୁଢ ମୁଁ ହେଉଛି ଚୋର । ମୁଁ ମୋର ଦଣ୍ଡ ନିଜେ ଗ୍ରହଣ କରିବି ।’’ ଚେତା ଫେରି ପାଇବା ପରେ ୱିଲୀ ଧୀରେ ଧୀରେ ଚକ୍ଷୁ ଉନ୍ମୁକ୍ତ କରି ବିଲ୍‌ଙ୍କୁ ଚାହିଁଲେ ଓ କହିଲେ, ‘‘ଠିକ୍ ଅଛି ବିଲ୍, ସେନାଧକ୍ଷ ନିଜ କଥା ଭାଙ୍ଗି ପାରିବେ ନାହିଁ । ମୁଁ ତୁମର ସମସ୍ତ ଦଣ୍ଡ ନେବି ।’’ ଆଉ ସେ ତାହା କରିଥିଲେ ।

ଯୁବକ ୱିଲୀ ସେହି ପ୍ରହାରର ପ୍ରଭାବରୁ ଆଉ ସୁସ୍ଥ ହୋଇପାରି ନ ଥିଲେ । କିନ୍ତୁ ସ୍ୱର୍ଗକୁ ଯିବା ପୂର୍ବରୁ, ବର୍ତ୍ତମାନ ସଂପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ବିଲ୍ ତାଙ୍କ ଶଯ୍ୟା ପାର୍ଶ୍ୱରେ କ୍ରନ୍ଦନ କରି ଏହି ପ୍ରଶ୍ନ କରିଥିଲେ, ‘‘କାହିଁକି ୱିଲୀ ? ତୁମେ ମୋ’ ପାଇଁ କାହିଁକି ତାହା କଲ ? ମୁଁ ଏହାର ଯୋଗ୍ୟ ନ ଥିଲି ।’’ ୱିଲୀ ସରଳ ଭାବରେ ଉତ୍ତର ଦେଇଥିଲେ– ‘‘ବିଲ୍, ଈଶ୍ୱର ତୁମକୁ କେତେ ପ୍ରେମ କରନ୍ତି, ତାହା ମୁଁ ତୁମକୁ କହିବା ପାଇଁ କେତେ ଥର ଚେଷ୍ଟା କରିଛି, ମାତ୍ର ତୁମେ ସର୍ବଦା ଉପହାସ କରିଛଢ ମୁଁ ଭାବିଲି, ଯଦି ମୁଁ ତୁମର ଦଣ୍ଡ ଗ୍ରହଣ କରିବି, ତେବେ ତୁମ ସ୍ଥାନରେ ତୁମ ପାପ ନିମନ୍ତେ କ୍ରୁଶ ଉପରେ ମୃତ୍ୟୁବରଣ କରିବା ସମୟରେ ଯୀଶୁ ତୁମକୁ କେତେ ଭଲ ପାଉଥିଲେ, ତାହା ତୁମେ ବୁଝିପାରିବ ।’’ ୱିଲୀ ସ୍ୱର୍ଗକୁ ଯିବା ପୂର୍ବରୁ, ଜଣେ ପ୍ରେମମୟ ଖ୍ରୀଷ୍ଟଙ୍କ ଦ୍ୱାରା ବିନା ମୂଲ୍ୟରେ ପ୍ରଦତ୍ତ ପରିତ୍ରାଣକୁ ବିଲ୍ ଗ୍ରହଣ କରିଥିଲେ ।

ଖ୍ରୀଷ୍ଟଙ୍କଠାରେ ସ୍ୱର୍ଗ, ବିନଷ୍ଟ ମାନବ ଜାତି ପାଇଁ ବିଜୟୀ ଉଦ୍ଧାର କାର୍ଯ୍ୟ ପ୍ରେରଣ କରିଥିଲା । ଆଉ, ଆମ ପ୍ରତ୍ୟେକଙ୍କ ନିମନ୍ତେ ଈଶ୍ୱରଙ୍କ ପ୍ରେମ ହିଁ ଖ୍ରୀଷ୍ଟଙ୍କର ଅବିଶ୍ୱସନୀୟ ବଳିଦାନ ଓ ଦୁଃଖର କାର୍ଯ୍ୟକୁ ପ୍ରୋତ୍ସାହିତ କରିଥିଲା ।

### ସିଦ୍ଧ ବ୍ୟକ୍ତି

ଗଲ୍‌ଗଥା ପର୍ବତ ଉପରେ ତିନୋଟି କ୍ରୁଶକୁ ଠିଆ କରାଯାଇଥିଲା । ସେଗୁଡ଼ିକ ମଧ୍ୟରୁ ଦୁଇଟିରେ, ଚୋରମାନେ କ୍ରୁଶାର୍ପିତ ହୋଇଥିଲେ ।ଏହି ଦୁଇ ଅପରାଧୀଙ୍କ ମଧ୍ୟ ଭାଗରେ, ପ୍ରଭୁ ଯୀଶୁଙ୍କୁ କଣ୍ଟାବିଦ୍ଧ କରାଯାଇଥିଲା, ଆଉ ସେଠାରେ ସେ ମୃତ୍ୟୁବରଣ କରିଥିଲେ ।

ତାଙ୍କ ଦୁଃଖଭୋଗର ଶେଷ ସମୟରେ, ଗୋଟିଏ ଚୋର ସେହି ବିଚାର–ପଦ୍ଧତି ସମ୍ବନ୍ଧରେ ନିଜର ମତ ପ୍ରକାଶ କରିଥିଲା, ଯାହା ଅଧୀନରେ ଏହି ତିନିଜଣ ମୃତ୍ୟୁ ଦଣ୍ଡରେ ଦଣ୍ଡିତ ହୋଇଥିଲେ । ଏହା ଆଶ୍ଚର୍ଯ୍ୟ ମନେ ହେଲେ ସୁଦ୍ଧା, ତା’ର ମୁଖ୍ୟ

ଚିନ୍ତା ନିଜର ଯନ୍ତ୍ରଣା-ଜର୍ଜରିତ ଓ ଅତ୍ୟାଚାରିତ ଶରୀର ନିମନ୍ତେ ନ ଥିଲା । ଏହା ପରିବର୍ତ୍ତେ, ରୋମୀୟ ବିଚାର ବିଭାଗ ଦୁଇଟି ଚୋର ସଦୃଶ ଯୀଶୁଙ୍କୁ ସମାନ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିବାରେ କିପରି ଅନ୍ୟାୟ କରିଥିଲା, ଏହି ବିଷୟ ସେ ଚିନ୍ତା କରିଥିଲା । ଏହି ଆଖିଦୃଶିଆ ଅନ୍ୟାୟ ତାକୁ ବିଚଳିତ କରିବା ପରି ମନେ ହୋଇଥିଲା । ସ୍ପଷ୍ଟ ଭାବରେ ଓ ନମ୍ର ଭାବରେ ମୃତ୍ୟୁବରଣ କରିବାକୁ ଯାଉଥିବା ଚୋରଟି ନିଜର ଶେଷ ମୁହୂର୍ତ୍ତରେ ପହଞ୍ଚିବା ସମୟରେ, ତିନୋଟି ଜ୍ଞାନପୂର୍ଣ୍ଣ ମତାମତ ପ୍ରଦାନ ପ୍ରଦାନ କରିଥିଲା ।

ପ୍ରଥମରେ: *''ଆମ କାର୍ଯ୍ୟ ପାଇଁ ଯାହା ଯୋଗ୍ୟ, ତାହା ଆମେ ପାଉଅଛୁ ।''* ସେହି ସଂକ୍ଷିପ୍ତ ଓ ନମ୍ରତାପୂର୍ଣ୍ଣ ବାକ୍ୟରେ, ମୃତ୍ୟୁବରଣ କରିବାକୁ ଯାଉଥିବା ଚୋରଟି ନିଜ ଅପରାଧ ପାଇଁ ନିଜର ବ୍ୟକ୍ତିଗତ ଦାୟିତ୍ୱକୁ ସ୍ୱୀକାର କରିଥିଲା । ଆଉ, ସେଥିପାଇଁ ନିଜର ଅପରାଧକୁ ମାନି ନେଇଥିଲା ।''

ଦ୍ୱିତୀୟରେ: *''ଆଉ, ଆମେ ପ୍ରକୃତରେ ନ୍ୟାୟ ଭାବରେ ମୃତ୍ୟୁଭୋଗ କରୁଅଛୁ ।''* ଆମ ସମୟରେ, ଛୋଟ ଛୋଟ ଚୋରୀ ଓ ହିଂସାତ୍ମକ ଡକାୟତି ସୁଦ୍ଧା ସାଧାରଣ ବିଷୟ ଅଟେ । କିନ୍ତୁ, ପ୍ରଥମ ଶତାବ୍ଦୀରେ ଏହିପ୍ରକାର ଅପରାଧଗୁଡ଼ିକ କେତେ ଗୁରୁତର ଭାବରେ ବିଚାର କରାଯାଉଥିଲା, ତାହା ବୁଝିବା କଷ୍ଟକର ହୋଇପାରେ । କିନ୍ତୁ ତିନୋଟି ସଂକ୍ଷିପ୍ତ ପଦରେ, ମୃତ୍ୟୁବରଣ କରୁଥିବା ଚୋରଟି ନିଜର ଦୋଷ ପ୍ରକାଶ କରି ଏହା କହିଥିଲା ଯେ ତା'ସମୟରେ, ତାର ମୃତ୍ୟୁ ଉଭୟ ଆଇନ ସମ୍ମତ ଓ ନ୍ୟାୟୋଚିତ ଥିଲା । ''ଆମେ...ନ୍ୟାୟ ଭାବରେ ମୃତ୍ୟୁଭୋଗ କରୁଅଛୁ ।''

ତୃତୀୟରେ: *''ଏହି ବ୍ୟକ୍ତି କିଛି ଦୋଷ କରି ନାହାନ୍ତି ।''* ଚୋରଟି ଯେପରି ଭାବରେ ନିଜର ବ୍ୟକ୍ତିଗତ ଅପରାଧ ସ୍ୱୀକାର କରିଥିଲା ଓ ନିଜ ନିମନ୍ତେ ସମୁଚିତ ଦଣ୍ଡକୁ ଗ୍ରହଣ କରିଥିଲା, ତାହା ଉଲ୍ଲେଖ ଯୋଗ୍ୟ ଅଟେ, ତଥାପି ତା'ର ପାର୍ଶ୍ୱରେ ଝୁଲି ରହିଥିବା ଯୀଶୁଙ୍କ ନିମନ୍ତେ ତା'ର ମନୋଯୋଗ ସଂପୂର୍ଣ୍ଣ ଆଶ୍ଚର୍ଯ୍ୟଜନକ ଥିଲା । ମୃତ୍ୟୁବରଣ କରୁଥିବା ଚୋରଟି 'ଏହି ବ୍ୟକ୍ତି'-ଅର୍ଥାତ୍, ଯୀଶୁ ନିର୍ଦ୍ଦୋଷ ଥିଲେ ଓ ଅନ୍ୟାୟ ଭାବରେ ମୃତ୍ୟୁଦଣ୍ଡ ପାଉଥିଲେ ବୋଲି ଲକ୍ଷ୍ୟ କରିଥିଲା ।

ନିଜ ପାପ ପାଇଁ ଦୋଷୀ ସାବ୍ୟସ୍ତ ହୋଇ କ୍ରୁଶ ଉପରେ ଝୁଲୁଥିବା ସମୟରେ ଯୀଶୁଙ୍କ ପ୍ରତି ଫେରିବା ବ୍ୟତୀତ ଚୋରର ଅନ୍ୟ କୌଣସି ଉପାୟ ନଥିଲା । ସେଥିପାଇଁ,





ସେ ଆଗ୍ରହର ସହିତ ନିବେଦନ କରିଥିଲା: *''ହେ ଯୀଶୁ, ଆପଣ ନିଜ ରାଜ୍ୟରେ ପ୍ରବେଶ କରିବା ସମୟରେ ମୋତେ ସ୍ମରଣ କରିବେ ।''* ଏପରି ଏକ ସାଧୁତାପୂର୍ଣ୍ଣ ସ୍ୱୀକାର ଓ ଆବଶ୍ୟକତା ପ୍ରତି ଯେପରି ସର୍ବଦା ସେ ପ୍ରତିକ୍ରିୟା ଦେଖାଇଥାନ୍ତି, ସେହିପରି ପ୍ରତିକ୍ରିୟା ଦେଖାଇ ପ୍ରଭୁ ଯୀଶୁ ସଙ୍ଗେ ସଙ୍ଗେ ପ୍ରତିଜ୍ଞା କରିଥିଲେ- *''ଆଜି ତୁମ୍ଭେ ମୋ' ସହିତ ପାରଦୀଶରେ ଉପସ୍ଥିତ ହେବ''* (ଲୂକ ୨୩:୩୯-୪୩) ।

ସେହିଦିନ, ମୃତ୍ୟୁବରଣ କରୁଥିବା ଚୋରଟି, ପ୍ରଭୁଙ୍କ ପ୍ରତି ଫେରୁଥିବା ସମସ୍ତ ଅନୁତପ୍ତ ପାପୀଙ୍କ ସଦୃଶ ଅନନ୍ତ ଜୀବନର ଭରସା ପାଇଥିଲା । ସେ ଯଥାର୍ଥ ବ୍ୟକ୍ତି-ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ଫେରିଥିଲା ଓ ଯଥାର୍ଥ ସ୍ଥାନରେ, ଅର୍ଥାତ୍, ଯୀଶୁ ମୃତ୍ୟୁବରଣ କରିଥିବା କ୍ରୁଶ ନିକଟରେ ତାଙ୍କର ଦୟା ଭିକ୍ଷା କରିଥିଲା ।

ହଁ, ସେହି ଭୟଙ୍କର ଦିନରେ, ମୃତ୍ୟୁବରଣ କରୁଥିବା ଗୋଟିଏ ଚୋରର ଚକ୍ଷୁରେ ପ୍ରଭୁ ଯୀଶୁ ବାସ୍ତବରେ ''ନିର୍ଦ୍ଦୋଷ'' ଥିଲେ । ମାତ୍ର, ପରବର୍ତ୍ତୀ ସମୟରେ ଦୁଇଜଣ ଶିଷ୍ୟ ସେମାନଙ୍କ ପର୍ଯ୍ୟବେକ୍ଷଣରେ ଆହୁରି ଅଧିକ ନିର୍ଦ୍ଦିଷ୍ଟ ଥିଲେ । ଯୀଶୁ ଯେ 'ନିଷ୍ପାପ' ଥିଲେ-ସେମାନେ ଏହି ସାକ୍ଷ୍ୟ ପ୍ରଦାନ କରିଥିଲେ । ଏହି ଶିଷ୍ୟମାନେ, ପାଉଲଙ୍କ ସହିତ, ଯୀଶୁଙ୍କ ପାପଶୂନ୍ୟତା ସମ୍ବନ୍ଧରେ ନିଜର ବ୍ୟକ୍ତିଗତ ସାକ୍ଷ୍ୟ ଲିପିବଦ୍ଧ କରିଥିଲେ ।

**ପିତର**, ପ୍ରଭୁ ଯୀଶୁଙ୍କର ଜଣେ ଘନିଷ୍ଠ ବନ୍ଧୁ, ଅତ୍ୟନ୍ତ ଶକ୍ତି ଓ ତେଜରେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତି ଭାବରେ ପରିଚିତ ଥିଲେ । ସେଥିପାଇଁ, ଯେତେବେଳେ ସେ ଯୀଶୁଙ୍କର ପାପ ଶୂନ୍ୟତାର ସାକ୍ଷ୍ୟ ଦେଲେ, ସେ ତାଙ୍କ ବ୍ୟକ୍ତିତ୍ୱ ଅନୁସାରେ ଗୋଟିଏ ସକ୍ରିୟ ଶବ୍ଦର ପ୍ରୟୋଗ କଲେ: *''ସେ (ପ୍ରଭୁ ଯୀଶୁ) କୌଣସି ପାପ କଲେ ନାହିଁ'' (୧ ପିତର ୨:୨୨) ।*

**ଯୋହନଙ୍କର** ମଧ୍ୟ ପ୍ରଭୁ ଯୀଶୁଙ୍କ ସହିତ ବିଶେଷ ବନ୍ଧୁତା ରହିଥିଲା । ଫଳରେ, ତାଙ୍କର ପ୍ରଭୁ ଜନସମୂହର ସମାଲୋଚନାଠାରୁ ଦୂରରେ ଥିବା ସମୟରେ ତାଙ୍କୁ ଲକ୍ଷ୍ୟ କରିବାର ସୁଯୋଗ ସେ ବାରମ୍ବାର ପାଉଥିଲେ । ଏହା ଲକ୍ଷ୍ୟ କରି ଯୋହନ ସ୍ପଷ୍ଟ ଭାବରେ ଏହି ସାକ୍ଷ୍ୟ ଦେଇଥିଲେ ଯେ: *''ତାଙ୍କଠାରେ (ପ୍ରଭୁ ଯୀଶୁଙ୍କଠାରେ) କୌଣସି ପାପ ନାହିଁ'' (୧ ଯୋହନ ୩:୫) ।*

ଅନ୍ୟ ପକ୍ଷରେ, **ପାଉଲ** ଜଣେ ଅସାଧାରଣ ବିଦ୍ୱାନ ବ୍ୟକ୍ତି ଭାବରେ ପରିଚିତ ଥିଲେ । ସେଥିପାଇଁ, ପାଉଲଙ୍କ ଭଳି ଜଣେ ଶିକ୍ଷିତ ଓ ଜ୍ଞାନୀ ବ୍ୟକ୍ତି ପ୍ରଭୁ ଯୀଶୁଙ୍କ

ସମ୍ୱନ୍ଧରେ ଏହି ଘୋଷଣା କରିବା କିଛି ଆଶ୍ଚର୍ଯ୍ୟଜନକ ନ ଥିଲା : *''ତାହାଙ୍କଠାରେ ପାପର ଲେଶମାତ୍ର ନ ଥିଲା'' (୨ କରିନ୍ଥୀୟ ୫:୨୧)* । ଖ୍ରୀଷ୍ଟଙ୍କର ନିଷ୍ପାପ ଜୀବନ ସମ୍ୱନ୍ଧରେ ଏହିପ୍ରକାର ତିନୋଟି ଅଖଣ୍ଡ ସାକ୍ଷ୍ୟ ଅତି ଆକର୍ଷଣୀୟ ଅଟେ ।

କିନ୍ତୁ କେତେକ ଲୋକ ଏହା କହି ଏହି ଜ୍ଞାନଯୁକ୍ତ ମତାମତକୁ ଅଗ୍ରାହ୍ୟ କରିବାକୁ ଇଚ୍ଛା କରି ପାରନ୍ତି, ''ମୃତ୍ୟୁବରଣ କରୁଥିବା ଚୋର କିମ୍ୱା **ପ୍ରେରିତ ପିତର, ଯୋହନ କିମ୍ୱା ପାଉଲ**ଙ୍କୁ ପ୍ରକୃତ ସାକ୍ଷୀ ଭାବରେ ବର୍ଣ୍ଣନା କରାଯାଇ ନ ପାରେ । ମୃତ୍ୟୁବରଣ କରୁଥିବା ଚୋରଟି ଅତ୍ୟନ୍ତ ଅସହାୟ ଥିଲା ଓ ପ୍ରଭୁଯୀଶୁଙ୍କ ପ୍ରତି ଅତିରିକ୍ତ ଅନୁରାଗ ଓ ଭକ୍ତି ହେତୁ ପ୍ରେରିତମାନେ ତାଙ୍କ ସପକ୍ଷରେ ଏପରି ମତାମତ ପ୍ରଦାନ କରିଛନ୍ତି ।'' ଠିକ୍ ଅଛି, ତେବେ ଯିହୁଦାର ରୋମୀୟ ଶାସନକର୍ତ୍ତା ପନ୍ତିୟ ପିଲାତଙ୍କ ମତ ସମ୍ୱନ୍ଧରେ କ'ଣ କୁହାଯିବ ? ସେ ତ ଯୀଶୁଙ୍କର ଜଣେ ବନ୍ଧୁ ନ ଥିଲେ । ଏହା ସତ୍ତ୍ୱେ, ଯୀଶୁଙ୍କର ମୃତ୍ୟୁ କାମନାରେ ତାଙ୍କ ବିରୁଦ୍ଧରେ ଏକ ମିଥ୍ୟା ଅଭିଯୋଗ ଆଗତ କରିଥିବା ତାଙ୍କର ନିନ୍ଦୁକମାନଙ୍କୁ ଉତ୍ତର ଦେବା ସମୟରେ ପିଲାତ ଏହା ଘୋଷଣା କରିଥିଲେ–

> *''ଦେଖ, ଆମ୍ଭେ ତୁମ୍ଭମାନଙ୍କ ସାକ୍ଷାତରେ ଏହାକୁ ପ୍ରଶ୍ନ କରି, ତାହା ବିରୁଦ୍ଧରେ ତୁମ୍ଭେମାନେ ଯେସମସ୍ତ ଅଭିଯୋଗ କରୁଅଛ, ସେପରି କୌଣସି ଦୋଷ ଏହାଠାରେ ପାଇଲୁ ନାହିଁ'' (ଲୂକ ୨୩:୧୪)* ।

କିନ୍ତୁ ସ୍ୱର୍ଗ ସିଂହାସନରୁ ପିତା ଈଶ୍ୱରଙ୍କର ଘୋଷଣା ସମ୍ମୁଖରେ ଏହି ସମସ୍ତ ମାନବିକ ସାକ୍ଷ୍ୟ କେତେ ମୂଲ୍ୟହୀନ ! ଜଣେ ବ୍ୟକ୍ତି ଗୋଟିଏ ସର୍ବସାଧାରଣ ସମାବେଶରେ କହିବା ପାଇଁ ଉଦ୍ୟତ ଥିବା ସମୟରେ, ନିଜକୁ ନମ୍ର ଭାବରେ ପରିଚିତ କରାଇବା ସଠିକ୍ ଓ ଯଥାର୍ଥ ବିଷୟ ବୋଲି ବିଚାର କରାଯାଏ । ସେହିପରି, ଯୀଶୁ ନିଜର ସର୍ବସାଧାରଣ କାର୍ଯ୍ୟ ଆରମ୍ଭ କରିବାକୁ ଉଦ୍ୟତ ଥିବା ସମୟରେ, ପିତା ଈଶ୍ୱର ନିଜ ପ୍ରିୟ ପୁତ୍ରଙ୍କୁ ପରିଚିତ କରିବାର ଅଧିକାର ନିଜେ ଗ୍ରହଣ କରିଥିଲେ । ସ୍ୱର୍ଗରୁ ଏକ ସ୍ପଷ୍ଟ ସ୍ୱରରେ ପିତା ଘୋଷଣା କରିଥିଲେ: *''ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କଠାରେ ଆମ୍ଭର ପରମ ସନ୍ତୋଷ'' (ମାଥିଉ ୩:୧୭)* ।

ଯେପରି ଭାବରେ ବଞ୍ଚିବା ପାଇଁ ଈଶ୍ୱର ମନୁଷ୍ୟକୁ ସୃଷ୍ଟି କରିଥିଲେ, ସେହିପରି ଭାବରେ ଯୀଶୁ ଏହି ଜଗତରେ ମନୁଷ୍ୟ ରୂପରେ ବଞ୍ଚି ରହିବେ ବୋଲି ପିତା





ଜାଣିଥିଲେ । ପ୍ରତ୍ୟେକ ବ୍ୟକ୍ତି *''ଈଶ୍ୱରଙ୍କ ଗୌରବରୁ ଊଣା ପଡ଼ିଛନ୍ତି'' (ରୋମୀୟ ୩:୨୩)* । କିନ୍ତୁ ଯୀଶୁ ନୁହେଁ ! ସେ ପ୍ରତ୍ୟେକ ମାର୍ଗରେ ଯଥାର୍ଥ ଥିଲେ । ସେଥିପାଇଁ, ଯୀଶୁ ନିଜର ପ୍ରକାଶ୍ୟ କାର୍ଯ୍ୟ ଆରମ୍ଭ କରିବାକୁ ଉଦ୍ୟତ ଥିବା ସମୟରେ ପିତା ତାଙ୍କର ପରିଚୟ ଦେଇଥିଲେ, ଆଉ ସେ ଥିଲେ ତାଙ୍କର 'ପବିତ୍ର ପିତା' (ଯୋହନ ୧୭:୧୧), ଯିଏ ତାଙ୍କ ପ୍ରିୟ ପୁତ୍ରଙ୍କର ବଞ୍ଚିବା ଶୈଳୀରେ ଅତି ସନ୍ତୋଷ ପ୍ରକାଶ କରିଥିଲେ ।

ଆମେ ବର୍ଣ୍ଣନା କରିସାରିଛୁ ଯେ, ପ୍ରଭୁ ଯୀଶୁ କେବେହେଲେ ଈଶ୍ୱରଙ୍କଠାରୁ ଊଣା ନ ଥିଲେ । ସେଥିପାଇଁ, ଏହା ଉପଲବ୍ଧି କରିବା କଷ୍ଟକର ଅଟେ ଯେ, ଈଶ୍ୱର ନିଜକୁ ନମ୍ର କରିଥିଲେ ଓ ଗୋଟିଏ କୁମାରୀ ମାତା ଗର୍ଭ ମାଧ୍ୟମରେ ଜନ୍ମ ହେବାକୁ ନିଜକୁ ସଙ୍କୁଚିତ କରି ନିଜେ ଗୋଟିଏ ମନୁଷ୍ୟର ରୂପ ଧାରଣ କରିଥିଲେ । କିନ୍ତୁ, ଯୀଶୁ ଯଦି ଜଣେ ମନୁଷ୍ୟ ଭାବରେ ନିଜର ସ୍ୱର୍ଗୀୟ ପିତାଙ୍କ ପ୍ରତି ସଂପୂର୍ଣ୍ଣ ବଶୀଭୂତ ହୋଇ ନଥା'ନ୍ତେ, ତେବେ ସେ ନିଜ ପିତାଙ୍କୁ ବିଶୁଦ୍ଧ ସନ୍ତୋଷ ଆଦୌ ପ୍ରଦାନ କରିପାରି ନ ଥାନ୍ତେ । ତଥାପି, ନିଜର ପାର୍ଥିବ ଯାତ୍ରା ମଧ୍ୟରେ ଯୀଶୁ ସର୍ବଦା ନିଜ ପିତାଙ୍କର ବାଧ୍ୟ ଥିଲେ ଓ ତାଙ୍କ ଉପରେ ନିର୍ଭରଶୀଳ ଥିଲେ । ଏହିପରି ଭାବରେ, ଦୁଃଖ, ସ୍ୱାର୍ଥପରତା ଓ ପାପ ରୂପକ ଜଗତରେ ସ୍ୱର୍ଗସ୍ଥ ପିତାଙ୍କର ପବିତ୍ରତା, ପ୍ରେମ ଓ ଉଦ୍ଦେଶ୍ୟ ଯୀଶୁଙ୍କର ମାନବିକତା ଦ୍ୱାରା ପାର୍ଥିବରୂପେ ପ୍ରକାଶ ଲାଭ କଲା ।

ହଁ, ମନୁଷ୍ୟ ଭାବରେ, ଯୀଶୁ ଈଶ୍ୱରଙ୍କ ସୃଷ୍ଟ ଗ୍ରହରେ ଚଳପ୍ରଚଳ ହେଲେ । ଯଦିଓ ପ୍ରଭୁ ଯୀଶୁ ଆଦୌ ଈଶ୍ୱରଙ୍କଠାରୁ ଊଣା ନ ଥିଲେ, ତଥାପି ମନୁଷ୍ୟ କିପରି ଭାବରେ ବଞ୍ଚୁ ବୋଲି ଈଶ୍ୱର ଇଚ୍ଛା କରନ୍ତି, ତାହା ସେ ୩୩ ବର୍ଷ ଧରି ମନୁଷ୍ୟକୁ ଦେଖାଇଥିଲେ । ଈଶ୍ୱର ମନୁଷ୍ୟକୁ ଯାହା ହେବା ପାଇଁ ନିର୍ମାଣ କରିଥିଲେ, ଯୀଶୁଙ୍କର ମାନବିକତା ସେଥିରେ କୌଣସି ବିଷୟକୁ ଉଲ୍ଲଙ୍ଘନ କରି ନ ଥିଲା । ସେହି ବର୍ଷଗୁଡ଼ିକରେ, ସେ ସର୍ବଦା ତାଙ୍କ ସ୍ୱର୍ଗସ୍ଥ ପିତାଙ୍କ ପ୍ରତି ସଂପୂର୍ଣ୍ଣ ଉପଲବ୍ଧ ଥିଲେ । ସେଥିପାଇଁ ମନୁଷ୍ୟମାନଙ୍କ ମଧ୍ୟରେ **ସିଦ୍ଧ** ବ୍ୟକ୍ତି ଭାବରେ ଜୀବନ କାଟିଥିବା ନିଜର ପ୍ରିୟ ପୁତ୍ରଙ୍କ ପ୍ରତି ଦୃଷ୍ଟିପାତ କରିବା ସମୟରେ ପିତା ''ଅତି ସନ୍ତୁଷ୍ଟ'' ହୋଇଥିଲେ ।

ନିର୍ଦ୍ଦୋଷ ! ନିଷ୍ପାପ ! ସିଦ୍ଧ ! ମୃତ୍ୟୁବରଣ କରୁଥିବା ଚୋର ଓ ପନ୍ତିୟ ପିଲାତଙ୍କ ପାଇଁ ଯୀଶୁ ନିର୍ଦ୍ଦୋଷ ଥିଲେ । ପିତର, ଯୋହନ ଓ ପାଉଲଙ୍କ ପାଇଁ ଯୀଶୁ ନିଷ୍ପାପ

ଥିଲେ । ସ୍ୱର୍ଗସ୍ଥ ପବିତ୍ର ପିତାଙ୍କ ପାଇଁ ଯୀଶୁ ସିଦ୍ଧ ଥିଲେ । ନିର୍ଦ୍ଦୋଷ ! ନିଷ୍ପାପ ! ସିଦ୍ଧ ! –ଆଉ ତଥାପି ସେ ମୃତ୍ୟୁବରଣ କରିଥିଲେ: ଆମ ପ୍ରତ୍ୟେକଙ୍କ ନିମନ୍ତେ ତାଙ୍କର ମହା ପ୍ରେମ ଯୋଗୁ ସେ ଆମ ନିମନ୍ତେ ମୃତ୍ୟୁବରଣ କରିଥିଲେ ।

## *ଅସୀମ ପ୍ରେମ*

ବର୍ତ୍ତମାନ, ଆପଣଙ୍କ କଳ୍ପନାରେ, ସେହି ଦେଖଣାହାରୀମାନଙ୍କ ସହିତ ଯୋଗ ଦେବାକୁ ଚେଷ୍ଟା କରନ୍ତୁ, ଯେଉଁମାନେ ସେହି ପ୍ରଥମ ''ଶୁଭ ଶୁକ୍ରବାର''ର ଭୟଙ୍କର ଘଟଣାଗୁଡ଼ିକ ଦେଖିଥିଲେ । କ୍ରୁଶର ଚତୁର୍ଦ୍ଦିଗରେ, ଜନତା ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲେ । ଆଉ ସେମାନେ ସେହି ଭୟଙ୍କର ଦୃଶ୍ୟ ଦେଖୁଥିବା ସମୟରେ ଆଘାତଦାୟକ ରକ୍ତାକ୍ତ ଦୃଶ୍ୟର ଏକ ବିପରୀତ ବିଷୟର ସମ୍ମୁଖୀନ ହୋଇଥିଲେ ।

ଯୀଶୁଙ୍କର ଉଭୟ ପାର୍ଶ୍ୱରେ ଜଣେ ଲେଖାଏଁ ଅପରାଧୀ ଝୁଲୁଥିଲେ । ସେମାନଙ୍କର ସହଭାଗୀ–ମନୁଷ୍ୟମାନଙ୍କ ସମ୍ମୁଖରେ ଉଭୟ ଦୋଷୀ ଥିଲେ, ଆଉ ସେମାନଙ୍କର ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ସମ୍ମୁଖରେ ମଧ୍ୟ ଉଭୟ ଦୋଷୀ ଥିଲେ । ସେମାନଙ୍କ ଉଭୟଙ୍କ ନିମନ୍ତେ ଦେଶର ଆଇନ୍ ଦ୍ୱାରା ମୃତ୍ୟୁଦଣ୍ଡ ଆବଶ୍ୟକ ଥିଲା ।

ଏହି ଦୁଇ ବ୍ୟକ୍ତିଙ୍କ ମଧ୍ୟରେ, ଯୀଶୁ ନିଜ କ୍ରୁଶ ଉପରେ ଝୁଲି ରହିଥିଲେ । ଚୋରମାନଙ୍କର ସଂପୂର୍ଣ୍ଣ ବିପରୀତରେ, ଯୀଶୁ ଲୋକମାନଙ୍କ ସମ୍ମୁଖରେ କେବଳ ଯେ ନିର୍ଦ୍ଦୋଷ ଓ ନିଷ୍ପାପ ଥିଲେ, ତା'ନୁହେଁ, ମାତ୍ର ସେ ତାଙ୍କର ପବିତ୍ର ପିତାଙ୍କ ସମ୍ମୁଖରେ ସିଦ୍ଧ ମଧ୍ୟ ଥିଲେ । ହଁ, *''ଖ୍ରୀଷ୍ଟଙ୍କଠାରେ... ଈଶ୍ୱର'' (୨ କରିନ୍ଥୀୟ ୫:୧୯) ''ନିଖୁନ୍ତ ଓ ନିଷ୍କଳଙ୍କ ମେଷଶାବକ ଭାବରେ'' (୧ ପିତର ୧:୧୯)* କ୍ରୁଶ ନିକଟକୁ ଯାଇଥିଲେ । ଆଉ ପାପୀମାନଙ୍କର ବଦଳରେ ଖ୍ରୀଷ୍ଟଙ୍କ ମୃତ୍ୟୁ ଈଶ୍ୱରଙ୍କ ପ୍ରେମମୟ ହୃଦୟର ଇଚ୍ଛାରେ ହିଁ ଘଟିଥିଲା ।

ଚୋରମାନଙ୍କୁ ମୃତ୍ୟୁବରଣ କରିବାକୁ ଥିଲା, ମାତ୍ର ପ୍ରଭୁ ଯୀଶୁଙ୍କୁ ନୁହେଁ । ପୂର୍ବରୁ, ଯୀଶୁ ନିଜର ସମାଲୋଚକମାନଙ୍କୁ ଏହା କହିଥିଲେ– *''...ମୁଁ ମୋହର ପ୍ରାଣ ପୁନର୍ବାର ଗ୍ରହଣ କରିବା ନିମନ୍ତେ ଦାନ କରେ । କେହି ମୋ'ଠାରୁ ତାହା ନେଇ ଯାଇନାହିଁ, ମାତ୍ର ମୁଁ ଆପେ ତାହା ଦାନ କରେ । ତାହା ଦାନ କରିବାକୁ ମୋହର ଅଧିକାର ଅଛି ଓ ତାହା ପୁନର୍ବାର ଗ୍ରହଣ କରିବାକୁ ମୋହର ଅଧିକାର ଅଛି'' (ଯୋହନ ୧୦:୧୭,୧୮) ।* ତାଙ୍କର ପ୍ରେମ କେତେ ଚୂଡ଼ାନ୍ତ ହୋଇପାରେ, ଏହା ନିଜର





ଶିଷ୍ୟମାନଙ୍କୁ ବୁଝାଇବା ସମୟରେ ସେ କହିଥିଲେ– *''ଆପଣା ବନ୍ଧୁମାନଙ୍କ ନିମନ୍ତେ ନିଜ ପ୍ରାଣ ଦାନ କରିବା ଅପେକ୍ଷା କାହାରି ଆଉ ଅଧିକ ଶ୍ରେଷ୍ଠ ପ୍ରେମ ନାହିଁ'' (ଯୋହନ ୧୫:୧୩) ।*

ପ୍ରଭୁ ଯୀଶୁଙ୍କର ମୃତ୍ୟୁ ଓ ପୁନରୁତ୍ଥାନ ପରେ ପ୍ରେରିତ ପାଉଲ ପୁଣି ଥରେ ଗୁରୁତ୍ୱାରୋପ କରି କହିଥିଲେ– *''ଯାହାଙ୍କଠାରେ ପାପର ଲେଶମାତ୍ର ନ ଥିଲା, ତାହାଙ୍କୁ (ଖ୍ରୀଷ୍ଟଙ୍କୁ) ସେ (ଈଶ୍ୱର) ଆମ୍ଭମାନଙ୍କ ନିମନ୍ତେ ପାପସ୍ୱରୂପ କଲେ, ଯେପରି ଆମ୍ଭେମାନେ ତାହାଙ୍କ ଦ୍ୱାରା ଈଶ୍ୱରଙ୍କର ଧାର୍ମିକତା ସ୍ୱରପ ହେଉ'' (୨କରିନ୍ଥୀୟ ୫:୨୧) ।* ଅନେକ ଶତାବ୍ଦୀ ପରେ, ଆମ ପାପ ପାଇଁ ଆମ ପରିବର୍ତ୍ତେ ଖ୍ରୀଷ୍ଟଙ୍କର ମୃତ୍ୟୁ ଅର୍ଥପୂର୍ଣ୍ଣ ଭାବରେ ଏହି ବାକ୍ୟରେ ପ୍ରକାଶିତ ହୋଇଥିଲା:

ତୁମେ ମୋର ଧାର୍ମିକତା,
ମୁଁ ତୁମର ପାପ,
ମୋର ଯାହା, ତାହା ତୁମେ ନେଇଅଛ
ଆଉ ତୁମର ଯାହା, ତାହା ମୋତେ ଦେଇଅଛ,
ତୁମେ ଯାହା ନ ଥିଲ, ତାହା ହୋଇଥିଲ
ଯେପରିକି ମୁଁ ଯାହା ନ ଥିଲି, ତାହା ହୋଇପାରିବି ।

## *ଗହମ ବୀଜ*

ନିଜର ଆସନ୍ନ ମୃତ୍ୟୁ ସମ୍ବନ୍ଧରେ ଅତି ସଚେତନ ହୋଇ ପ୍ରଭୁ ଯୀଶୁ ନିଜର ଶିଷ୍ୟମାନଙ୍କ ନିକଟରେ ନିଜର ହୃଦୟ ଉନ୍ମୁକ୍ତ କରି କହିଥିଲେ–

> *''ଏବେ ମୋହର ପ୍ରାଣ ଉଦ୍‌ବିଗ୍ନ ହୋଇଅଛି, ଆଉ ମୁଁ କଅଣ କରିବି ? ପିତଃ, ମୋତେ ଏହି ସମୟଠାରୁ ରକ୍ଷା କର ? କିନ୍ତୁ, ଏଥିସକାଶେ ତ ମୁଁ ଏହି ସମୟ ମଧ୍ୟକୁ ଆସିଅଛି । ପିତଃ, ଆପଣା ନାମ ମହିମାନ୍ୱିତ କର ।'' ଈଶ୍ୱରଙ୍କ ଗୌରବ ପ୍ରତି, ଏହି ସଂପୂର୍ଣ୍ଣ–ହୃଦୟର ସମର୍ପଣ ପ୍ରତି, ତାଙ୍କର ପିତା କୋମଳ ଭାବରେ ଉତ୍ତର ଦେଇଥିଲେ–''ଆମ୍ଭେ ତାହା ମହିମାନ୍ୱିତ କରିଅଛୁ, ଆଉ ପୁନର୍ବାର ମହିମାନ୍ୱିତ କରିବୁ'' (ଯୋହନ ୧୨:୨୭,୨୮) ।*

**କିନ୍ତୁ, ଆପଣ ହୁଏତ ଏହା ଭାବି ଆଶ୍ଚର୍ଯ୍ୟ ହେଉଥିବେ ଯେ, ପିତା କିପରି ରୋମୀୟ କ୍ରୁଶାର୍ପଣ ଭଳି ଏକ ରକ୍ତାକ୍ତ ଦୃଶ୍ୟ ଦେଖି ଗୌରବାନ୍ୱିତ ହୋଇପାରିଥିଲେ ?**

ପ୍ରଭୁ ଯୀଶୁ ପିତାଙ୍କୁ ପ୍ରାର୍ଥନା କରିବା ପୂର୍ବରୁ ନିଜର ଶିଷ୍ୟମାନଙ୍କୁ ଏହା ସ୍ମରଣ କରାଇ ସାରିଥିଲେ ଯେ, ଫସଲ ଉତ୍ପନ୍ନ ହେବା ପୂର୍ବରୁ ଗୋଟିଏ ବୀଜକୁ ପ୍ରଥମେ ମୃତ୍ତିକାରେ ମୃତ୍ୟୁବରଣ କରିବାକୁ ହୁଏ ।

*"ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ଗହମ ବୀଜ ଯଦି ମୃତ୍ତିକାରେ ପଡ଼ି ନ ମରେ, ତାହାହେଲେ ତାହା ଏକମାତ୍ର ଥାଏ, କିନ୍ତୁ ଯଦି ମରେ, ତାହାହେଲେ ବହୁତ ଫଳ ଫଳେ" (ଯୋହନ ୧୨:୨୪) ।*

ଜଣେ ନିଷ୍ପାପ ମନୁଷ୍ୟ ଭାବରେ, ଯୀଶୁଙ୍କ ଉପରେ ମୃତ୍ୟୁ କୌଣସି ଦାବୀ ନଥିଲା । କିନ୍ତୁ, ସେ ମୃତ୍ୟୁକୁ ମନୋନୀତ କରିଥିଲେ୍ଦ ଆପଣଙ୍କର ଓ ମୋର ପାପ ପାଇଁ ଏକ ପ୍ରତିବଦଳ ଭାବରେ ଏକ ନିଷ୍ଠୁର ମୃତ୍ୟୁକୁ ବରଣ କରିଥିଲେ । ଆଉ, ଏହିପରି ଭାବରେ, ସେ ଉଦ୍ଧାର ପ୍ରାପ୍ତ ଲୋକମାନଙ୍କର ଏକ ଅନନ୍ତକାଳୀନ ଫସଲ ଅମଳ କରିବେ । ସେଥିପାଇଁ, ପ୍ରଭୁ ଯୀଶୁ ଉଭୟ ନିଜର ଯୋଜନା ସମ୍ବନ୍ଧରେ କହିଛନ୍ତି ଓ ପ୍ରତ୍ୟେକ ସତ୍ୟ ବିଶ୍ୱାସୀକୁ ନିଜର ପ୍ରତିଜ୍ଞା ମଧ୍ୟ ପ୍ରଦାନ କରିଛନ୍ତି ।

*(ତାଙ୍କର ଯୋଜନା)–"ମୁଁ ପିତାଙ୍କ ନିକଟରୁ ଜଗତକୁ ଆସିଅଛି, ପୁନର୍ବାର ମୁଁ ଜଗତ ପରିତ୍ୟାଗ କରି ପିତାଙ୍କ ନିକଟକୁ ଯାଉଅଛି ।" (ତାଙ୍କର ପ୍ରତିଜ୍ଞା)– "ମୁଁ...ପୁନର୍ବାର ଆସିବି, ଆଉ ମୁଁ ଯେଉଁ ସ୍ଥାନରେ ଥାଏ, ତୁମ୍ଭେମାନେ ମଧ୍ୟ ଯେପରି ସେହି ସ୍ଥାନରେ ରହିବ, ସେଥିନିମନ୍ତେ ତୁମ୍ଭମାନଙ୍କୁ ଆପଣା ନିକଟକୁ ଘେନିଯିବି" (ଯୋହନ ୧୬:୨୮ଦ୍ଧ ୧୪:୩) ।*

ଏହା ଆଶ୍ଚର୍ଯ୍ୟଜନକ, ମାତ୍ର ଅବିଶ୍ୱସନୀୟ ମନେ ହୁଏ ଯେ, ସେମାନଙ୍କ ପାଇଁ ତ୍ରାଣକର୍ତ୍ତାଙ୍କର ଆଶ୍ଚର୍ଯ୍ୟଜନକ ପ୍ରେମ ସତ୍ତ୍ୱେ, କେତେକ ଲୋକ ସେ ଯାଚୁଥିବା କ୍ଷମାକୁ ଅଗ୍ରାହ୍ୟ କରିବାକୁ ଇଚ୍ଛା କରନ୍ତି । ଅନ୍ୟମାନେ ତାଙ୍କ ମୃତ୍ୟୁ ସମ୍ବନ୍ଧରେ ନିଷ୍କ୍ରିୟ ଓ ନିରପେକ୍ଷ ରହିବେ । କିନ୍ତୁ, ଲୋକମାନେ ତ୍ରାଣକର୍ତ୍ତାଙ୍କୁ ସକ୍ରିୟ ଭାବରେ





ଅଗ୍ରାହ୍ୟ କରନ୍ତୁ କିମ୍ବା ନିଷ୍କ୍ରିୟ ଭାବରେ ତାଙ୍କୁ ଅବଜ୍ଞା କରନ୍ତୁ, ତଥାପି ଫଳ ସମାନ ରହିବ–ଅନନ୍ତ ଜୀବନ, ଅନନ୍ତ ଆଲୋକ ଓ ଅନନ୍ତ ପ୍ରେମର ଏକମାତ୍ର ଉତ୍ସରୁ ସେମାନେ ଚିରଦିନ ପାଇଁ ବିଚ୍ଛିନ୍ନ ରହିବେ । ଏହି ଭୟଙ୍କର ଅବସ୍ଥାକୁ ଏହି ବାକ୍ୟରେ ବର୍ଣ୍ଣନା କରାଯାଇଛି–

"ତୁମେ ଯେଉଁ ମୃତ୍ୟୁବରଣ କରିବ,
ତାହା ଏକ ଚିରନ୍ତନ ମୃତ୍ୟୁ ହେବ,
ଅନନ୍ତ କାଳ ନିମନ୍ତେ ମୃତ୍ୟୁବରଣ କରିବ,
ମୃତ୍ୟୁବରଣ କରୁଥିବ, ତଥାପି ଆଦୌ ମୃତ ହେବ ନାହିଁ ।"

**କିନ୍ତୁ, ଆପଣମାନଙ୍କୁ କେବଳ ଯେ ନର୍କରୁ ଉଦ୍ଧାର କରି ସ୍ୱର୍ଗରେ ପ୍ରବେଶ କରାଇବା ପାଇଁ ପ୍ରଭୁ ଯୀଶୁ ମୃତ୍ୟୁବରଣ କରିଥିଲେ, ତା'ନୁହେଁ, ମାତ୍ର ଈଶ୍ୱରଙ୍କୁ ମଧ୍ୟ ସ୍ୱର୍ଗରୁ ଆପଣମାନଙ୍କୁ ମଧ୍ୟକୁ ଆଣିବା ପାଇଁ ସେ ତାହା କରିଥିଲେ ।**

ନା, ଅନନ୍ତ ଜୀବନ ଯେ ସ୍ୱର୍ଗରେ କେବଳ ମୋର ଭବିଷ୍ୟତ୍‌ର ଭରସା, ତା'ନୁହେଁ । ବାଇବଲ ପ୍ରକୃତ ବିଶ୍ୱାସୀମାନଙ୍କୁ ଏହି ଭରସା ମଧ୍ୟ ପ୍ରଦାନ କରେ ଯେ, ଅନନ୍ତ ଜୀବନ ଏକ ଗୌରବମୟ, ଓ ଜୀବନ୍ତ ବାସ୍ତବତା ଅଟେ, ଯାହା ଏହି ବର୍ତ୍ତମାନ ଜୀବନରେ ଆମେ ଲାଭ କରିପାରୁ ।

*"ଈଶ୍ୱର ଆମ୍ଭମାନଙ୍କୁ ଅନନ୍ତ ଜୀବନ ଦେଇଅଛନ୍ତି, ପୁଣି ସେହି ଜୀବନ ତାହାଙ୍କ ପୁତ୍ରଙ୍କଠାରେ ଅଛି । ଯେ ପୁତ୍ରଙ୍କୁ ପାଇଅଛି, ସେ ଜୀବନ ପାଇଅଛି, ଯେ ଈଶ୍ୱରଙ୍କ ପୁତ୍ରଙ୍କୁ ପାଇନାହିଁ, ସେ ଜୀବନ ହିଁ ପାଇନାହିଁ" (୧ ଯୋହନ ୫:୧୧,୧୨) ।*

ଅନନ୍ତ ଜୀବନ ଏକ ବ୍ୟକ୍ତି–ଅର୍ଥାତ୍, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ଅଛି । ଆଉ, ସେ ମାନବ ହୃଦୟରେ ନିଜର ବାସସ୍ଥାନ ଗ୍ରହଣ କରିବା ସମୟରେ ହିଁ ଅନନ୍ତ ଜୀବନ ଆରମ୍ଭ ହୁଏ ।

### *ବହୁ ପରିମାଣର ମୂଲ୍ୟ*

ଖ୍ରୀଷ୍ଟଙ୍କ କ୍ରୁଶ ନିକଟରେ: ଈଶ୍ୱରଙ୍କର ପବିତ୍ରତା, ଈଶ୍ୱରଙ୍କର ନ୍ୟାୟ ଓ ଈଶ୍ୱରଙ୍କ ପ୍ରେମ ସବୁ କିଛି ବଳିଦାନର ଏକ ସର୍ବଶ୍ରେଷ୍ଠ କାର୍ଯ୍ୟରେ ଏକତ୍ରିତ ହୋଇଥିଲା ।

ସେଠାରେ ତାଙ୍କର ପବିତ୍ରତା ପ୍ରମାଣିତ ହୋଇଥିଲାଦ୍ଧ ତାଙ୍କର ନ୍ୟାୟ ପରିତୃପ୍ତ ହୋଇଥିଲାଦ୍ଧ ଆଉ ସେଠାରେ, ଈଶ୍ୱରଙ୍କ ପ୍ରେମ ଆପଣ ଓ ମୋ'ପରି ପାପୀ ଲୋକମାନଙ୍କୁ ଆଲିଙ୍ଗନ କରିଥିଲା । କିନ୍ତୁ ତାଙ୍କୁ ସେଥିପାଇଁ ବହୁ ପରିମାଣର ମୂଲ୍ୟ ଦେବାକୁ ପଡ଼ିଲା ।

*''ତାଙ୍କର ସର୍ବୋଚ୍ଚ ନିମନ୍ତେ ମୋର ସର୍ବଶ୍ରେଷ୍ଠ''*–ନାମକ ନିଜର ଦୈନିକ ଭକ୍ତିମୂଳକ ପୁସ୍ତକରେ, ଓସୱାଲ୍ଡ୍ ଚାମ୍ବର୍ସ ଏହି ସ୍ୱାଗତଯୋଗ୍ୟ ସତର୍କ ବାଣୀ ପ୍ରଦାନ କରିଥିଲେ–

> ''ଈଶ୍ୱରଙ୍କର ପିତୃତ୍ୱର ସେହି ଆନନ୍ଦଦାୟକ ଦୃଶ୍ୟ ବିଷୟରେ ସାବଧାନ ହୁଅନ୍ତୁ, ଯାହା କହେ, ଈଶ୍ୱର ଏତେ ଦୟାଳୁ ଓ ପ୍ରେମମୟ ଯେ, ସେ ଆମକୁ ଅବଶ୍ୟ କ୍ଷମା କରିବେ ।' ନୂତନ ନିୟମରେ ଏହି ମନୋଭାବର କୌଣସି ସ୍ଥାନ ନାହିଁ । କେବଳ ଯେଉଁ ଭୂମି ଉପରେ ଈଶ୍ୱର ପାପ କ୍ଷମା କରିପାରନ୍ତି ଓ ତାଙ୍କ ଦୟାରେ ଆମକୁ ପୁନଃସ୍ଥାପନ କରିପାରନ୍ତି, ତାହା ଅନ୍ୟ କୌଣସି ମାଧ୍ୟମ ନୁହେଁ, ମାତ୍ର ଖ୍ରୀଷ୍ଟଙ୍କ କ୍ରୁଶ ମାଧ୍ୟମରେ ହିଁ ସମ୍ଭବ ଅଟେ । ଯଦିଓ ଏହା ସତ୍ୟ ବୋଲି ଆମେ ବୁଝୁ, ତଥାପି ବିଶ୍ୱାସର ସରଳତାରେ ପାପକ୍ଷମା ଗ୍ରହଣ କରିବା ଓ ଏହାପରେ ଈଶ୍ୱରଙ୍କୁ ଏଥିନିମନ୍ତେ କେତେ ପରିମାଣର ମୂଲ୍ୟ ଦେବାକୁ ପଡ଼ିଥିଲା – ତାହା ଭୁଲିଯିବା ସମ୍ଭବ ଅଟେ ।''

ଯଦିଓ, ପୂର୍ବରୁ ୱିଲୀ ହୋଲ୍‌ଟଙ୍କର ନିଃସ୍ୱାର୍ଥପର କାର୍ଯ୍ୟ ବିଷୟରେ ଆମେ ଉଲ୍ଲେଖ କରିଥିଲୁ, ତଥାପି ଆମ ନିମନ୍ତେ ଈଶ୍ୱରଙ୍କ ପ୍ରେମକୁ ତୁଳନା କରିବା ପାଇଁ ଏପରି କୌଣସି ଦୃଷ୍ଟାନ୍ତ ନାହିଁଦ୍ଧ ବାସ୍ତବରେ କାଲଭରୀରେ ଈଶ୍ୱର ସହ୍ୟ କରିଥିବା ଦୁଃଖ ସହିତ କୌଣସି ମାନବିକ ଦୁଃଖ ସମାନ୍ତର ହୋଇ ନ ପାରେ । ଆଉ ଆତ୍ମା–ନିଃଶ୍ୱସିତ ବାକ୍ୟ ମାଧ୍ୟମରେ, ଅର୍ଥାତ୍, ଯାହାକୁ ଆମେ ପବିତ୍ର ବାଇବଲ କହୁ, ତା'ମାଧ୍ୟମରେ ଈଶ୍ୱର ଏହିପରି ସ୍ୱାର୍ଥତ୍ୟାଗଯୁକ୍ତ ପ୍ରେମର ଏକ ସଂପୂର୍ଣ୍ଣ ଆଭାସ ଆମକୁ ପ୍ରଦାନ କରିବା ପାଇଁ ନିଜର ପର୍ଦ୍ଦାକୁ ନିଜେ ଦୂରେଇ ଦେଇଛନ୍ତି । ତଥାପି ସୁଦ୍ଧା, ତାଙ୍କ ପ୍ରେମର ପରିମାପ ଆମର ସୀମିତ ଜ୍ଞାନର ସାମର୍ଥ୍ୟକୁ ଅତିକ୍ରାନ୍ତ କରିଥାଏ । କିନ୍ତୁ ପ୍ରେମର ଏହିପ୍ରକାର ଏକ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ବିଷୟରେ ଚିନ୍ତା କରିବା





ଦ୍ୱାରା ଆମେ ଈଶ୍ୱରଙ୍କ ପ୍ରେମର ଦୈର୍ଘ୍ୟ, ପ୍ରସ୍ଥ, ଉଚ୍ଚତା ଓ ଗଭୀରତା ସମ୍ବନ୍ଧରେ କିଞ୍ଚିତ ବୁଝିବାକୁ ଆରମ୍ଭ କରିପାରିବା ।

**ଯେତେବେଳେ ଯୀଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିଥିଲେ, ସେତେବେଳେ ଏକ ତ୍ରି–ସ୍ତରୀୟ ଭାବରେ ସେ ଆମ ପାପ ନିମନ୍ତେ ଦୁଃଖଭୋଗ କରିଥିଲେ ।**

କ୍ରୁଶରେ ଯୀଶୁଙ୍କର ଶରୀର ଯନ୍ତ୍ରଣାରେ ଛଟପଟ ହୋଇଥିଲା । କ୍ରୁଶ ଉପରେ, ତାଙ୍କ ପ୍ରେମ ଚରମ ସ୍ଥିତିକୁ ସଂପ୍ରସାରିତ ହୋଇଥିଲା, ଆହୁରି ଅଧିକ ଦୁଃଖର ବିଷୟଦ୍ଧ କ୍ରୁଶରେ ଯୀଶୁ ସେହି ଆଲୋକ ଓ ଗୌରବ ଓ ଶାନ୍ତିଠାରୁ ବିଚ୍ଛିନ୍ନ ହୋଇଥିଲେ, ଯାହା ସେ ପିତାଙ୍କ ସହିତ ନିଜର ଏକତାରେ ଚିରଦିନ ପାଇଁ ଉପଭୋଗ କରିଥିଲେ । ହଁ, ଯୀଶୁ ସହ୍ୟ କରିଥିବା ଦୁଃଖ ବାସ୍ତବରେ ମାନବବୋଧ ଶକ୍ତିର ଊର୍ଦ୍ଧ୍ୱ ଅଟେ ।

କିନ୍ତୁ, ତାଙ୍କର ଶାରୀରିକ ଦୁଃଖ, ତାଙ୍କର ମାନସିକ ଦୁଃଖ ଓ ବିଶେଷ ଭାବରେ, ତାଙ୍କର ଆତ୍ମିକ ଦୁଃଖ ସମ୍ବନ୍ଧରେ ଚିନ୍ତା କରିବା ସମୟରେ ପାପୀ ଲୋକମାନଙ୍କ ନିମନ୍ତେ ତାଙ୍କ ପ୍ରେମର ପରିମାଣକୁ ଆମେ ଏକ ନୂତନ ଉପାୟରେ ଗ୍ରହଣ କରିବା ।

**ଶାରୀରିକ ଦୁଃଖଭୋଗ :** ଖଣ୍ଡେ ବାଲି କାଗଜ ସାହାଯ୍ୟରେ ଗୋଟିଏ ଅମୂଲ୍ୟ ରେମବ୍ରାଣ୍ଡ ତୈଳଚିତ୍ରକୁ ଧ୍ୱଂସ କରିବା ସହିତ ଏହାକୁ ସମାନ କରିବା ବାସ୍ତବରେ ସଂପୂର୍ଣ୍ଣ ଅସମ୍ଭବ ଅଟେ । ଆହୁରି ଅଧିକ, ଜଣେ ସିଦ୍ଧ ବ୍ୟକ୍ତି, ଅର୍ଥାତ୍, ଯୀଶୁ ଖ୍ରୀଷ୍ଟଙ୍କର ମୃତ୍ୟୁକୁ ଅନ୍ୟ କୌଣସି ମନୁଷ୍ୟର ମୃତ୍ୟୁ ସହିତ ଆଦୌ ସମାନ କରାଯାଇ ପାରିବ ନାହିଁ କିମ୍ବା ଯଥାର୍ଥ ଭାବରେ ତୁଳନା ମଧ୍ୟ କରାଯାଇ ପାରିବ ନାହିଁ ।

ପୁରାତନ ନିୟମରେ ଆମେ ଏପରି ଏକ ଭାବବାଣୀ ଦେଖୁ, ଯାହା ସଠିକ୍ ଭାବରେ ସେହି ଶାରୀରିକ ବିକୃତିର ଆଭାସ ଦେଇଥିଲା, ଯାହା ଯୀଶୁ ପରେ ସହ୍ୟ କରିଥିଲେ । ସେଠାରେ ଆମକୁ କୁହାଯାଇଛି ଯେ, ''ମନୁଷ୍ୟ ଅପେକ୍ଷା ତାଙ୍କର ଆକୃତି... ଅଧିକ ବିକୃତ ହୋଇଥିଲା'' (ଯିଶାଇୟ ୫୨:୧୪) । କିନ୍ତୁ, ଏହି ପଦର ଇଂରାଜୀ ଅନୁବାଦ ମୂଳ ହିବ୍ରୁ ଶାସ୍ତ୍ରାଂଶର ସଂପୂର୍ଣ୍ଣ ଶକ୍ତିକୁ ଜଣାଉନାହିଁ । ସେହି ଉକ୍ତିରେ, ଈଶ୍ୱର ଏହା ବୁଝାଇଥିଲେ ଯେ, ତାଙ୍କର ପ୍ରିୟ ପୁତ୍ର ଏପରି ଅତ୍ୟାଚାରିତ ହେବେ ଯେ ଆଉ ମନୁଷ୍ୟ ସଦୃଶ ଦେଖାଯିବେ ନାହିଁ । ଖ୍ରୀଷ୍ଟଙ୍କ ଶାରୀରିକ ରୂପ ଏପରି ବିକୃତ ହେବ ବୋଲି ଯୀଶୁ ନିଜେ ମଧ୍ୟ ଭବିଷ୍ୟବାଣୀ କରିଥିଲେ–

*“ସେ କହିଲେ, ଦେଖ, ଆମ୍ଭେମାନେ ଯିରୂଶାଲମକୁ ଯାତ୍ରା କରୁଅଛୁ଼ ମନୁଷ୍ୟପୁତ୍ର ପ୍ରଧାନ ଯାଜକ ଓ ଶାସ୍ତ୍ରୀମାନଙ୍କ ହସ୍ତରେ ସମର୍ପିତ ହେବେ, ଆଉ ସେମାନେ ତାହାଙ୍କୁ ପ୍ରାଣ ଦଣ୍ଡାଜ୍ଞା ଦେଇ ବିଜାତିମାନଙ୍କ ହସ୍ତରେ ସମର୍ପଣ କରିବେ, ପୁଣି ସେମାନେ ତାହାଙ୍କୁ ପରିହାସ କରିବେ, ତାହାଙ୍କ ଉପରେ ଛେପ ପକାଇବେ, ତାହାଙ୍କୁ କୋରଡ଼ା ମାରିବେ ଓ ବଧ କରିବେ...” (ମାର୍କ ୧୦:୩୩,୩୪) ।*

ଆଉ ଠିକ୍ ତାହା ହିଁ ଘଟିଥିଲା ! ପରେ ଚାକ୍ଷୁଷ ସାକ୍ଷୀମାନେ ଯାହା ଦେଖିଥିଲେ, ତାହା ମାର୍କ ବର୍ଣ୍ଣନା କରିଥିଲେ– *“ପ୍ରଥମେ ସେମାନେ ତାଙ୍କୁ* ***ମାରିଲେ*** *ଓ ଏହାପରେ ତାହାଙ୍କ ଉପରେ* ***ଛେପ ପକାଇଲେ଼*** *ଏହାପରେ ତାଙ୍କୁ* ***ପରିହାସ କଲେ*** *ଓ ଶେଷରେ ସେମାନେ ତାହାଙ୍କୁ କ୍ରୁଶରେ ଚଢ଼ାଇଲେ” (ମାର୍କ ୧୫:୧୯,୨୦) ।*

ତ୍ରାଣକର୍ତ୍ତାଙ୍କ ଶରୀରକୁ ପ୍ରହାରିତ କରିଥିବା ରୋମୀୟ ଚାବୁକ ଚମଡ଼ା ଦଉଡ଼ିରେ ନିର୍ମିତ ହୋଇଥିଲା ଓ ସେଥିରେ ତୀକ୍ଷ୍ଣ କଣ୍ଟା କିମ୍ୱା ଦସ୍ତା ସଂଯୁକ୍ତ ହୋଇଥିଲା । ଏଗୁଡ଼ିକ ନିଷ୍ଠୁରଭାବେ ତାଙ୍କର ପୃଷ୍ଠ ଓ ଛାତିର ମାଂସକୁ ଚିରି ପକାଉଥିଲା । ସେଥିପାଇଁ ଗୀତସଂହିତାରେ ଏହି ଭାବବାଣୀ କରାଯାଇଥିଲା ଯେ ମସୀହ କହିବେ– “...ସେମାନେ ମୋହର ହସ୍ତ ପାଦ ବିଦ୍ଧ କରିଅଛନ୍ତି । ମୁଁ ଆପଣା ଅସ୍ଥିସବୁ ଗଣିପାରେ଼ ସେମାନେ ମୋତେ ଅନାଇ ଚାହିଁ ରହିଥାନ୍ତି (ଗୀତସଂହିତା ୨୨:୧୬,୧୭) । ହଁ, ପ୍ରଭୁ ଯୀଶୁ ପ୍ରତ୍ୟେକ ମାର୍ଗରେ ସିଦ୍ଧ ଥାଇ ସୁଦ୍ଧା ଅତି ଯନ୍ତ୍ରଣାପୂର୍ଣ୍ଣ ଓ ଦୁଃଖପୂର୍ଣ୍ଣ ମୃତ୍ୟୁ ଭୋଗ କରିଥିଲେ । ସେ ସହ୍ୟ କରିଥିବା ନିଷ୍ଠୁର ଶାରୀରିକ ନିର୍ଯ୍ୟାତନା ଆକ୍ଷରିକ ଭାବରେ ତାଙ୍କର ଶାରୀରିକ ରୂପକୁ ବିକୃତ (ଅମାନବୀୟ) କରି ଦେଇଥିଲା ।

ଈଶ୍ୱର ଆପଣଙ୍କୁ କେତେ ପ୍ରେମ କରନ୍ତି, ତାହା ବୁଝିବାରେ ଏହି ବିଷୟ ଆପଣଙ୍କୁ ଅଧିକ ଉତ୍ତମ ଭାବେ ସାହାଯ୍ୟ କରେ କି ?

**ମାନସିକ ଦୁଃଖ:** ଯଦିଓ କ୍ରୁଶାର୍ପିତ ପ୍ରଭୁ ଯୀଶୁଙ୍କର ଶାରୀରିକ ଦୁଃଖ ଆମ ମାନବ ବୋଧ ଶକ୍ତିର ଉର୍ଦ୍ଧ୍ୱ ଅଟେ, ତଥାପି ତାଙ୍କ ବାସ୍ତବ ଦୁଃଖର ଏହା କେବଳ ଏକ ଅଂଶମାତ୍ର ଥିଲା । ତାଙ୍କର ଶାରୀରିକ ଯନ୍ତ୍ରଣା ତାଙ୍କ ଗଭୀର ଦୁଃଖର କେବଳ ଉପରି ଭାଗକୁ ସ୍ପର୍ଶ କରିଥିଲା ।





କ୍ରୁଶ ଉପରେ ଯୀଶୁ ଅତି ମାନସିକ ଯନ୍ତ୍ରଣା ମଧ୍ୟ ଅନୁଭବ କରିଥିଲେ । ଯୋହନ ଆମ ପାଇଁ ସେହି ଭୟଙ୍କର ସମୟର ଘଟଣାଗୁଡ଼ିକୁ ଲିପିବଦ୍ଧ କରିଥିଲେ–

*“ମାତ୍ର ସେମାନେ ଯୀଶୁଙ୍କ ନିକଟକୁ ଆସି ସେ ମରିଗଲାଣି ବୋଲି ଦେଖି ତାହାଙ୍କ ଗୋଡ଼ ଭାଙ୍ଗିଲେ ନାହିଁ । କିନ୍ତୁ ସୈନ୍ୟମାନଙ୍କ ମଧ୍ୟରୁ ଜଣେ ବର୍ଚ୍ଛାରେ ତାହାଙ୍କ କକ୍ଷ ଦେଶ ବିନ୍ଧିଲା, ଆଉ ତତ୍‌କ୍ଷଣାତ୍ ରକ୍ତ ଓ ଜଳ ବାହାର ହେଲା” (ଯୋହନ ୧୯:୩୩,୩୪) ।*

ଡାକ୍ତରମାନେ ଏହା ବିଶ୍ୱାସ କରନ୍ତି ବୋଲି ମୁଁ ଶୁଣିଛି ଯେ, ଉଭୟ ରକ୍ତ ଓ ଜଳର ଉପସ୍ଥିତି ଏହି ସୂଚନା ଦେଇଥିଲା ଯେ, ଯୀଶୁ ଏକ ଭଗ୍ନ–ହୃଦୟ ଯୋଗୁ ମୃତ୍ୟୁବରଣ କରିଥିଲେ । କେତେକ ହୃଦ୍–ବିଶେଷଜ୍ଞ ଏହି ଘଟଣାକୁ ଆହୁରି ବୁଝାଇବାକୁ ଯାଇ କହନ୍ତି ଯେ, “ଯେତେବେଳେ ଯୀଶୁଙ୍କର ହୃଦୟ ପ୍ରକୃତରେ ଫାଟିଗଲା, ସେତେବେଳେ ହୃଦୟ ଚତୁଃପାର୍ଶ୍ୱରେ ଥିବା ରସ ମଧ୍ୟରେ ମିଶିଗଲା । ଏହା ଏହି ସତ୍ୟକୁ ବୁଝାଉଛି ଯେ, ସୈନିକ ତ୍ରାଣକର୍ତ୍ତାଙ୍କର କକ୍ଷ ଦେଶକୁ ବିନ୍ଧିବା ସମୟରେ ଉଭୟ ରକ୍ତ ଓ ଜଳ ନିର୍ଗତ ହୋଇଥିଲା । ଗୀତସଂହିତା ୬୯ ରେ, ଖ୍ରୀଷ୍ଟଙ୍କ ମୃତ୍ୟୁ ସମ୍ୱନ୍ଧୀୟ ଅନ୍ୟାନ୍ୟ ସଠିକ୍ ଭାବବାଣୀ ମଧ୍ୟରୁ ଆମେ ତାଙ୍କ ହୃଦୟର ଯନ୍ତ୍ରଣା ସମ୍ୱନ୍ଧରେ ପ୍ରାକ୍–ଆଭାସ ପ୍ରଦାନ କରିଥିବା ଏକ ଭାବବାଣୀ ପାଠ କରୁ: *“ନିନ୍ଦା ମୋହର ହୃଦୟ ଭଗ୍ନ କରିଅଛି ଓ ମୁଁ ସଂପୂର୍ଣ୍ଣ ଭାରକ୍ରାନ୍ତ ହୋଇଅଛି...” (ଗୀତସଂହିତା ୬୯:୨୦) ।* ହଁ, ଯୀଶୁଙ୍କର ମାନସିକ ଦୁଃଖ ପ୍ରକୃତରେ ତାଙ୍କର ପ୍ରେମମୟ ହୃଦୟକୁ ଭଗ୍ନ କରିଥିଲା ।

ଯେତେବେଳେ ତାଙ୍କ ପ୍ରେମର ହୃଦୟ ମଧ୍ୟରେ ମାନବ ଜାତିର ସମଗ୍ର ଦୁଃଖ ଏକତ୍ରିତ ହୋଇଥିଲା଼ ଆଉ ଯେତେବେଳେ ତାଙ୍କର ନିର୍ଦ୍ଦାଗ ପ୍ରାଣରେ– ପାପୀମାନଙ୍କଠାରୁ ବିଚ୍ଛିନ୍ନ ହୋଇଥିବା ତାଙ୍କ ପ୍ରାଣରେ (ଏବ୍ରୀ ୭:୨୬) ନର୍କର ଅଚିନ୍ତନୀୟ, ଅପ୍ରକାଶ୍ୟ ଆବର୍ଜ୍ଜନା ଜମା ହେଲା, ସେତେବେଳେ ପ୍ରଭୁ ଯୀଶୁଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା ଓ ଏକ ଭଗ୍ନ ହୃଦୟ ଯୋଗୁ ସେ ମୃତ୍ୟୁବରଣ କଲେ ।

ଈଶ୍ୱର ଆପଣଙ୍କୁ କେତେ ପ୍ରେମ କରନ୍ତି, ତାହା ବୁଝିବାରେ ଆପଣଙ୍କୁ ଏହା ଅଧିକ ଉତ୍ତମ ଭାବେ ସାହାଯ୍ୟ କରିବ କି ?

**ଆତ୍ମିକ ଦୁଃଖ :** ଅଧିକାଂଶ ଲୋକ ପ୍ରଭୁଯୀଶୁଙ୍କର ଶାରୀରିକ ଓ ମାନସିକ ଦୁଃଖକୁ ଯେପରି ଭାବରେ ବୁଝିପାରନ୍ତି, ସେହିପରି ଭାବରେ ତାଙ୍କର ଆତ୍ମିକ ଦୁଃଖକୁ ବୁଝିପାରନ୍ତି ନାହିଁ । ତଥାପି, ନିଶ୍ଚିତ ଭାବରେ, ଯୀଶୁ ସହ୍ୟ କରିଥିବା ସବୁଠାରୁ ବଡ଼ ଦୁଃଖ ସେହି ସମୟରେ ଘଟିଥିଲା, ଯେଉଁ ସମୟରେ ପିତା ଓ ପବିତ୍ର ଆତ୍ମାଙ୍କ ସହିତ ତାଙ୍କର ଅନନ୍ତକାଳୀନ ସହଭାଗିତା ଭଗ୍ନ ହୋଇଥିଲା ।

ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ ପର୍ଯ୍ୟନ୍ତ ତିନି ଘଣ୍ଟା ଧରି ନୀରବ ଅନ୍ଧକାର ମଧ୍ୟରେ ଯୀଶୁ ପିତା ଈଶ୍ୱର ଓ ପବିତ୍ର ଆତ୍ମା ଈଶ୍ୱରଙ୍କ ଦ୍ୱାରା ପରିତ୍ୟକ୍ତ ହୋଇଥିଲେ । ସେହି ସମୟ ମଧ୍ୟରେ, ଯୀଶୁ, ଅର୍ଥାତ୍, ପୁତ୍ର ଈଶ୍ୱର ଉଚ୍ଚ ସ୍ୱରରେ ଚିତ୍କାର କରି ଉଠିଲେ : *''ହେ ମୋହର ଈଶ୍ୱର, ହେ ମୋହର ଈଶ୍ୱର, ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ ?'' (ମାଥିଉ ୨୭:୪୬) ।*

ସେହି ଆଶ୍ଚର୍ଯ୍ୟ ଦିନରେ, ଈଶ୍ୱରଙ୍କ ଏକତାର ଅନନ୍ତକାଳୀନ ତ୍ରିତ୍ତ୍ୱ (ଯାହା ଅବର୍ଣ୍ଣନୀୟ ଆଲୋକକୁ ଅନନ୍ତକାଳ ପାଇଁ ଆଲିଙ୍ଗନ କରିଥିଲା) କଠିନ ହୋଇଯାଇଥିଲା । ଆପଣଙ୍କର ଓ ମୋର ପାପ ଦ୍ୱାରା କଠିନ ହୋଇଯାଇଥିଲା । ଫଳରେ, ଯୀଶୁ କ୍ରୁଶ ଉପରେ ଝୁଲିବା ସମୟରେ ଈଶ୍ୱର ସେହି ପାପ ସହିତ, ସେ ଧାରଣ କରିଥିବା ପାପ ଶରୀର ସହିତ ଏକତ୍ର ତିଷ୍ଠି ପାରି ନ ଥିଲେ, କାରଣ *''ଯାହାଙ୍କଠାରେ ପାପର ଲେଶମାତ୍ର ନଥିଲା, ତାହାଙ୍କୁ ସେ (ଈଶ୍ୱର) ଆମ୍ଭମାନଙ୍କ ନିମନ୍ତେ ପାପ ସ୍ୱରୂପ କଲେ...'' (୨ କରିନ୍ଥୀୟ ୫:୨୧) ।*

ସେଥିପାଇଁ, ଏହା ଆଶ୍ଚର୍ଯ୍ୟଜନକ ନୁହେଁ ଯେ, ଯୀଶୁ ମୃତ୍ୟୁବରଣ କରିବା ସମୟରେ ଏହି ଦୁଷ୍ଟ ଜଗତ ତିନି ଘଣ୍ଟାର ନୀରବ ଓ ଭୟଙ୍କର ଅନ୍ଧକାରରେ ଆଚ୍ଛନ୍ନ ହୋଇଥିଲା ।

ହଁ, ସୂର୍ଯ୍ୟ ଅନ୍ଧକାରରେ ଲୁକ୍କାୟିତ ହେଲା
ଆଉ, ସୃଷ୍ଟ ମନୁଷ୍ୟର ପାପ ନିମନ୍ତେ
ଖ୍ରୀଷ୍ଟ, ଶକ୍ତିଶାଳୀ ନିର୍ମାତାଙ୍କ ମୃତ୍ୟୁ ସମୟରେ
ନିଜର ଗୌରବକୁ ସ୍ଥଗିତ କରିଥିଲା ।

ଆଇଜାକ୍ ୱାଟ୍‌ସ (୧୬୭୪-୧୭୪୮)

*''ଈଶ୍ୱର ଜ୍ୟୋତିଃସ୍ୱରୂପ, ଆଉ ତାହାଙ୍କଠାରେ ଅନ୍ଧକାରର ଲେଶମାତ୍ର ନାହିଁ'' (୧ ଯୋହନ ୧:୫) ।* ଈଶ୍ୱରଙ୍କ ପବିତ୍ରତାର ଜ୍ୟୋତି ଓ ମନୁଷ୍ୟର ପାପପୂର୍ଣ୍ଣତାର





ଅନ୍ଧକାର ଏକତ୍ର ରହିପାରି ନ ଥିଲା । ଯେତେବେଳେ ଆଲୋକ ଆସେ, ସେତେବେଳେ ଯେପରି ଅନ୍ଧକାର ଅଦୃଶ୍ୟ ହୋଇଯାଏ, ସେହିପରି ଆଲୋକ ନିର୍ବାପିତ କରିବା ସମୟରେ ଅନ୍ଧକାର ଘୋଟିଯାଏ । ଯୀଶୁ ବିନଷ୍ଟ ମାନବ ଜାତିର ପାପଧାରଣ କରିବା ସମୟରେ ସେହି ଅନ୍ଧକାର ଘୋଟି ଯାଇଥିଲା ।

ଦୁଃଖର ବିଷୟ, ଏହି ଆତ୍ମିକ ଅନ୍ଧକାର ସେହି ପ୍ରତ୍ୟେକ ବ୍ୟକ୍ତିର ଅନନ୍ତକାଳୀନ ସ୍ଥିତି ମଧ୍ୟ ହେବ, ଯିଏ ଈଶ୍ୱରଙ୍କର ଉଦ୍ଧାରକାରୀ ପ୍ରେମର ଆଲୋକରୁ ଦୂରେଇ ଯିବ । ସେହି ଅନ୍ଧକାର ମଧ୍ୟରାତ୍ରିଠାରୁ ଘନତରଦ୍ଧ ନିର୍ଜ୍ଜନ ବନ୍ଦୀତ୍ୱଠାରୁ ଅଧିକ ନିଃସଙ୍ଗଦ୍ଧ ଆଉ ସମୟ ଅପେକ୍ଷା ଅଧିକ ଦୀର୍ଘତର ହେବ । କାରଣ: *''ସେହି ବିଚାର ଏହି, ଜଗତର ଜ୍ୟୋତିଃ ପ୍ରକାଶିତ ହୋଇଅଛି, ଆଉ ଲୋକମାନେ ଜ୍ୟୋତିଃ ଅପେକ୍ଷା ବରଂ ଅନ୍ଧାକରକୁ ଭଲ ପାଇଲେ, ଯେଣୁ ସେମାନଙ୍କର କର୍ମ ସବୁ ମନ୍ଦ'' (ଯୋହନ ୩:୧୯) ।* ଯୀଶୁଙ୍କଠାରୁ ବିମୁଖ ହେବାର ଫଳ ହେବ, ଆତ୍ମିକ ଅନ୍ଧକାର ଓ ମୃତ୍ୟୁ-ଆତ୍ମିକ ଅନ୍ଧକାର ଓ ଅନନ୍ତ ମୃତ୍ୟୁ । ଯୀଶୁଙ୍କ ପ୍ରତି ଫେରିବାର ଫଳ ହେବ ଜୀବନ-ଆତ୍ମିକ ଜୀବନ ଓ ଅନନ୍ତ ଜୀବନ ।

### *ବିଜେତାଙ୍କ ଚିତ୍କାର*

ସୁସମ୍ବାଦ ହେଉଛି, ଯେ ସେହି ତିନି ଘଣ୍ଟାର ନିର୍ଜ୍ଜନ ଅନ୍ଧକାର ଏହି ଉପସଂହାର ଆଣିଥିଲା, ଯୀଶୁ ଦୁଃଖରେ ଚିତ୍କାର କରି ନ ଥିଲେ, ''ମୁଁ ଶେଷ ହୋଇଗଲି ।'' ନା, ଆଦୌ ନୁହେଁ । ପ୍ରେମର ଉଦ୍ଧାରକାରୀ କାର୍ଯ୍ୟ ସାଧିତ ହୋଇଥିଲା । ସେଥିପାଇଁ ବର୍ତ୍ତମାନ ସେ ବିଜୟୀ ଭାବରେ ଏହି ଘୋଷଣା କରିଥିଲେ, *''ସମାପ୍ତ ହେଲା ।'' (ଯୋହନ ୧୯:୩୦) ।*

### ଆପଣଙ୍କର ଓ ମୋର ପାପ ନିମନ୍ତେ ସଂପୂର୍ଣ୍ଣ ଭାବରେ ମୂଲ୍ୟ ପରିଶୋଧ ହୋଇଅଛି !

ଏହାପରେ, ତାଙ୍କର ଉଦ୍ଧାରକାରୀ କାର୍ଯ୍ୟ ସମାପ୍ତ କରି ପ୍ରଭୁଯୀଶୁ ତ୍ରି-ଈଶ୍ୱରଙ୍କଠାରେ ଚିରଦିନ ପାଇଁ ଉପଭୋଗ କରିଥିବା ଆଲୋକର ସହଭାଗିତା ଅନନ୍ତକାଳ ନିମନ୍ତେ ସଂରକ୍ଷିତ ହୋଇ ରହିଥିଲା (ଯୋହନ ୧୭:୫) । ବର୍ତ୍ତମାନ ପାପ ନିମନ୍ତେ କିଛି ପରିଶୋଧ କରିବାକୁ ଆପଣଙ୍କ ପାଇଁ କିମ୍ବା ମୋ ପାଇଁ ଆଉ

କିଛି ଅବଶିଷ୍ଟ ନାହିଁ । ଆପଣଙ୍କ ପକ୍ଷରୁ ଯୀଶୁଙ୍କର ସଂପୂର୍ଣ୍ଣ କାର୍ଯ୍ୟକୁ ଖଣ୍ଡନ କରିବା ପାଇଁ ଶୟତାନ ଆଦୌ କିଛି କରିପାରିବ ନାହିଁ । ଶୟତାନର ନାହୁଡ଼, ବିଷ, କାଟି ଦିଆଯାଇଅଛି ।

### *ମୃତ୍ୟୁ, ମୃତ୍ୟୁର ରାଜାକୁ ଜୟ କରିଛି*

ଈଶ୍ୱର ନିଜକୁ ''ମାଂସ ଓ ରକ୍ତରେ'' ଆଚ୍ଛାଦିତ କରିବାର କାରଣ କେବଳ ଆପଣଙ୍କର ଓ ମୋର ପାପ ନିମନ୍ତେ ଯେ ମୃତ୍ୟୁବରଣ କରିବା ଥିଲା, ତା'ନୁହେଁ, ମାତ୍ର ଏହା ମଧ୍ୟ ଥିଲା, *''ଯେପରି ମୃତ୍ୟୁ ଦ୍ୱାରା ମୃତ୍ୟୁର ଅଧିକାରୀକୁ, ଅର୍ଥାତ୍ ଶୟତାନକୁ ବିନାଶ କରନ୍ତି'' (ଏବ୍ରୀ ୨:୧୪) ।*

ସ୍ତମ୍ଭୀଭୂତ ଗଲିୟାତ୍‌କୁ ଧ୍ୱଂସ କରିବା ପାଇଁ ଦାଉଦ ଯେପରି ଗଲିୟାତ୍‌ର ନିଜର ଖଡ୍‌ଗ ବ୍ୟବହାର କରିଥିଲେ, ସେହିପରି ଯୀଶୁ ଶୟତାନର ନିଜସ୍ୱ ଅସ୍ତ୍ର–ମୃତ୍ୟୁକୁ ନେଇ ତାକୁ ସଂପୂର୍ଣ୍ଣ ପରାସ୍ତ କରିବା ପାଇଁ ଏହାକୁ ବ୍ୟବହାର କରିଥିଲେ । ଯୀଶୁ ମନୁଷ୍ୟର– ଉଭୟ ପୁରୁଷ ଓ ସ୍ତ୍ରୀଙ୍କର ପ୍ରକୃତ ମୁକ୍ତିଦାତା ଅଟନ୍ତି । ସେ ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ ଉଦ୍ଧାରକାରୀ ଅଟନ୍ତି–ସେ ହିଁ ଏକମାତ୍ର, ଯିଏ ଅନନ୍ତ ମୃତ୍ୟୁ ଓ ଆତ୍ମିକ ବନ୍ଧନରୁ, ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଶୟତାନ ଇଚ୍ଛା କରିଥିବା ବନ୍ଧନରୁ, ଲୋକମାନଙ୍କୁ ମୁକ୍ତ କରିବା ପାଇଁ ସମର୍ଥ ଅଟନ୍ତି । ଯେଉଁ ଈଶ୍ୱର ନିଜର ସାଦୃଶ୍ୟରେ ମନୁଷ୍ୟଜାତିକୁ ନିର୍ମାଣ କରିଥିଲେ, ତାଙ୍କ ବିରୁଦ୍ଧରେ ବିଦ୍ରୋହ କରି ଶୟତାନ ଏହି ବନ୍ଧନ ଆଣିଥିଲା ।

ବାସ୍ତବ ମାଂସ ଓ ବାସ୍ତବ ଅସ୍ଥିର ମାନବ ଶରୀରରରେ ହିଁ ଯୀଶୁ ଶୟତାନକୁ ପରାସ୍ତ କରିଥିଲେ, ମୃତ୍ୟୁକୁ ଜୟ କରିଥିଲେ ଓ କବରରୁ ଉଠିଥିଲେ । ଏହାପରେ, ଆମେ ତାଙ୍କର ସ୍ୱର୍ଗାରୋହଣ ସମ୍ବନ୍ଧରେ ପାଠ କରୁ, *''ଯେଉଁଠାରେ ଯୀଶୁ ଆମ୍ଭମାନଙ୍କର ଅଗ୍ରଗାମୀ ରୂପେ ପ୍ରବେଶ କରିଅଛନ୍ତି'' (ଏବ୍ରୀ ୬:୨୦) ।* ପ୍ରଥମ ଥର ପାଇଁ–ଏକ ନିର୍ଦ୍ଦୋଷ, ନିଷ୍ପାପ, ସିଦ୍ଧ ମନୁଷ୍ୟ–ସ୍ୱର୍ଗରେ ପ୍ରବେଶ କରିଥିଲେ । କ୍ରୁଶ ଉପରେ ତାଙ୍କର ମୃତ୍ୟୁ ଯୋଗୁ ସେ ବର୍ତ୍ତମାନ ଅନ୍ୟମାନଙ୍କ ପାଇଁ ମାର୍ଗ ଉନ୍ମୁକ୍ତ କରିଛନ୍ତି ।

**ଚାର୍ଲସ ୱେସ୍‌ଲୀ ଏହି ବିଶ୍ୱାସ କରୁଥିଲେ ଯେ, ଈଶ୍ୱର ବାସ୍ତବରେ ତାଙ୍କୁ ପ୍ରେମ କରୁଥିଲେ, ତେଣୁ ସେ ଏହା ଲେଖିଲେ, ''ଆଶ୍ଚର୍ଯ୍ୟଜନକ ପ୍ରେମ: ଏହା କିପରି ହୋଇପାରେଦ୍ଧ ହେ ମୋହର ଈଶ୍ୱର, ତୁମ୍ଭେ ମୋ' ନିମନ୍ତେ ମୃତ୍ୟୁବରଣ କଲ ?''**





### *କିନ୍ତୁ, ବର୍ତ୍ତମାନ ଖ୍ରୀଷ୍ଟ ଉଠି ଅଛନ୍ତି !*

*''କିନ୍ତୁ ପ୍ରକୃତରେ ଖ୍ରୀଷ୍ଟ ମହା ନିଦ୍ରାପ୍ରାପ୍ତ (ମୃତ) ଲୋକମାନଙ୍କର ପ୍ରଥମ ଫଳ ସ୍ୱରୂପେ ମୃତମାନଙ୍କ ମଧ୍ୟରୁ ଉତ୍‌ଥିତ ହୋଇ ଅଛନ୍ତି । କାରଣ ମନୁଷ୍ୟ ଦ୍ୱାରା ମୃତ୍ୟୁ ଉପସ୍ଥିତ ହୋଇ ଥିବାରୁ ମନୁଷ୍ୟ ଦ୍ୱାରା ମଧ୍ୟ ମୃତମାନଙ୍କର ପୁନରୁତ୍ଥାନ ଉପସ୍ଥିତ ହୋଇଅଛି (ଆସିଅଛି)'' (୧ କରିନ୍ଥୀୟ ୧୫:୨୦–୨୧) ।*

ସ୍ୱର୍ଗତ ଡାକ୍ତର ସାଙ୍ଗଷ୍ଟର ଜଣେ ପ୍ରତିଭାବାନ୍ ବକ୍ତା ଥିଲେ । ସେ ନିଜର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ସମ୍ବନ୍ଧରେ ଉତ୍ତମ କଥା କହିବା ପାଇଁ ନିଜର ବାଗ୍ମୀ ଜିହ୍ୱାକୁ ବ୍ୟବହାର କରି ଆନନ୍ଦିତ ହେଉଥିଲେ । ବିଡ଼ମ୍ବନାର ବିଷୟ, ନିଜ ମୃତ୍ୟୁ ପୂର୍ବରୁ, ପାଟିରେ କର୍କଟ ରୋଗ ଯୋଗୁ ଡାକ୍ତର ସାଙ୍ଗଷ୍ଟର କଥାବାର୍ତ୍ତା କରିବାକୁ ସଂପୂର୍ଣ୍ଣ ଅସମର୍ଥ ହୋଇଗଲେ । ସ୍ୱର୍ଗକୁ ପ୍ରସ୍ଥାନ କରିବାର ଅବ୍ୟବହିତ ପୂର୍ବରୁ ଗୋଟିଏ ପେନ୍‌ସିଲ ଓ ଖଣ୍ଡେ କାଗଜ ଆଣିବାକୁ ସେ ନିଜର କନ୍ୟାଙ୍କୁ ଇଙ୍ଗିତ ଦେଲେ । ପୁନରୁତ୍ଥାନ ରବିବାର ପ୍ରଭାତରେ ସେ ଲେଖିଥିଲେ : ଜିହ୍ୱା ଥାଇ ଖ୍ରୀଷ୍ଟଙ୍କ ନିମନ୍ତେ କଥା କହିବାର ଲାଳସା ନ ଥିବା ଅପେକ୍ଷା ଜିହ୍ୱା ନ ଥାଇ ''ଖ୍ରୀଷ୍ଟ ଉଠିଅଛନ୍ତି'' ବୋଲି ଚିତ୍କାର କରିବାକୁ ପ୍ରବଳ ଇଚ୍ଛା କରିବା ବରଂ ଶ୍ରେୟସ୍କର ଅଟେ ।''

ମିଥ୍ୟା ଅଭିଯୋଗ ବିରୁଦ୍ଧରେ ନିଜର ପକ୍ଷ ସମର୍ଥନ କରିବା ପାଇଁ ଯେତେବେଳେ ପ୍ରେରିତ ପାଉଲ ରାଜା ଆଗ୍ରିପ୍ପାଙ୍କ ସମ୍ମୁଖରେ ଉପସ୍ଥିତ ହେଲେ, ସେତେବେଳେ ସେ ଖ୍ରୀଷ୍ଟଙ୍କର ଉଭୟ ଦୁଃଖ ଓ ପୁନରୁତ୍ଥାନ ପ୍ରତି ସେମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ: *''ଖ୍ରୀଷ୍ଟ ନିଶ୍ଚୟ ଦୁଃଖଭୋଗ କରି ପୁଣି ପ୍ରଥମେ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ ହୋଇ ସ୍ୱଜାତି ଓ ବିଜାତିମାନଙ୍କ ନିକଟରେ ଆଲୋକ ପ୍ରକାଶ କରିବେ'' (ପ୍ରେରିତ ୨୬:୨୩) ।*

କିନ୍ତୁ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ପୁନରୁତ୍ଥାନ ପୂର୍ବରୁ ନୂତନ ନିୟମରେ ଏହା ଲିପିବଦ୍ଧ ହୋଇଛି ଯେ, ଅନ୍ୟ ଲୋକମାନେ ଶାରୀରିକ ଭାବରେ ମୃତ୍ୟୁରୁ ଉଠିଥିଲେ । ଉଦାହରଣ ସ୍ୱରୂପ, ଲାଜାର, ଯାଈରସଙ୍କ କନ୍ୟା ଓ ନାଇନର ବିଧବାର ପୁତ୍ର । ଯଦିଓ ଯୀଶୁ ଆଶ୍ଚର୍ଯ୍ୟଜନକ ଭାବରେ, ଏହି ଲୋକମାନଙ୍କୁ ଶାରୀରିକ ଜୀବନ ମଧ୍ୟକୁ ଫେରାଇ

ଆଣିଥିଲେ, ତଥାପି ସେମାନେ ସମସ୍ତେ ଅଳ୍ପ ବର୍ଷ ପରେ ପୁନର୍ବାର ମୃତ୍ୟୁବରଣ କରିଥିଲେ । କିନ୍ତୁ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ଏପରି ଘଟି ନଥିଲା । ଆଜି, ସେ କେବଳ ଯେ ଶାରୀରିକ ଭାବରେ ଜୀବିତ ଅଟନ୍ତି, ତା'ନୁହେଁନ୍ଧ ମାତ୍ର ଆତ୍ମିକ ଓ ଅନନ୍ତକାଳୀନ ଭାବରେ ମଧ୍ୟ ଜୀବିତ ଅଟନ୍ତି । ସେ ପ୍ରକୃତରେ ମୃତ୍ୟୁରୁ ପୁନରୁତ୍ଥିତ ହେବାକୁ ଥିବା ଲୋକମାନଙ୍କ ମଧ୍ୟରେ ପ୍ରଥମ ଜାତ ଅଟନ୍ତି !

ମୃତ୍ୟୁ ଓ କ୍ଷୟର ସମାଧି କିପରି ଭାବେ ଜୀବନର ସୃଷ୍ଟିକର୍ତ୍ତାଙ୍କୁ ବନ୍ଦୀ କରିପାରିଥାନ୍ତା ? କାରଣ ପ୍ରଭୁ ଯୀଶୁ ଖ୍ରୀଷ୍ଟ ସୃଷ୍ଟିକର୍ତ୍ତା ଈଶ୍ୱର ଅଟନ୍ତି, ସେ ଶୂନ୍ୟରୁ ଜୀବନ ଉତ୍ପନ୍ନ କରିଥିଲେ । କାରଣ, ସିଦ୍ଧ ମନୁଷ୍ୟ ଭାବରେ, ଯୀଶୁ ତ୍ରାଣକର୍ତ୍ତା ଈଶ୍ୱର ହୋଇଥିବାରୁ ସେ କବର ମଧ୍ୟରୁ ଜୀବନ ଆଣିଥିଲେ ଓ ବିଶ୍ୱାସରେ ତାଙ୍କୁ ଗ୍ରହଣ କରୁଥିବା ପ୍ରତ୍ୟେକ ବ୍ୟକ୍ତି ପାଇଁ ସ୍ୱର୍ଗକୁ ଯିବାର ରାସ୍ତା ଉନ୍ମୋଚିତ କରିଥିଲେ । ସେମାନଙ୍କୁ ଏହି ପ୍ରତିଜ୍ଞା ଦିଆଯାଇଛି–

> *''ମାତ୍ର ଏପରି ଅପରାଧରେ ମୃତ ହେଲେ ହେଁ ଦୟାସାଗର ଯେ ଈଶ୍ୱର, ସେ ଆମ୍ଭମାନଙ୍କୁ ଯେଉଁ ମହା ପ୍ରେମରେ ପ୍ରେମ କଲେ, ସେଥିସକାଶେ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ସହିତ ସଜୀବ କରିଅଛନ୍ତି–ଅନୁଗ୍ରହରେ ତୁମ୍ଭେମାନେ ପରିତ୍ରାଣ ପାଇଅଛ–ପୁଣି ତାହାଙ୍କ ସହିତ ଆମ୍ଭମାନଙ୍କୁ ଉତ୍‌ଥାପିତ କରି ଖ୍ରୀଷ୍ଟ ଯୀଶୁଙ୍କଠାରେ ଆମ୍ଭମାନଙ୍କୁ ତାହାଙ୍କ ସହିତ ସ୍ୱର୍ଗରେ ଉପବେଶନ କରାଇ ଅଛନ୍ତି'' (ଏଫିସୀୟ ୨:୪–୬) ।*

କରିନ୍ଥ ସହରର ବିଶ୍ୱାସୀମାନଙ୍କ ନିକଟକୁ ଲେଖି ସେମାନଙ୍କୁ ପ୍ରେରିତ ପାଉଲ ଏହା ସ୍ମରଣ କରାଇ ଦେଇଥିଲେ ଯେ, ସେମାନେ ସେମାନଙ୍କର ପାପର ପରିଣତିରୁ ରକ୍ଷା ପାଇଛନ୍ତି, କାରଣ ସେମାନେ ଏହା ଗ୍ରହଣ କରିଛନ୍ତି (ବିଶ୍ୱାସ ଓ ଭରସା କରିଛନ୍ତି) ଯେ, ''ଖ୍ରୀଷ୍ଟ ଶାସ୍ତ୍ର ଅନୁସାରେ ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁଭୋଗ କଲେ, ସମାଧି ପ୍ରାପ୍ତ ହେଲେ, ଶାସ୍ତ୍ର ଅନୁସାରେ ତୃତୀୟ ଦିବସରେ ଉତ୍‌ଥିତ ହେଲେ'' (୧ କରିନ୍ଥୀୟ ୧୫:୩,୪) । ଆଜି ପ୍ରତ୍ୟେକ ସତ୍ୟ ବିଶ୍ୱାସୀ ଏହି ଗୌରବମୟ ସତ୍ୟ ଉପରେ ନିର୍ଭର କରେ ଯେ ''ଖ୍ରୀଷ୍ଟ ମୋର ପାପ ନିମନ୍ତେ ମୃତ୍ୟୁବରଣ କରିଥିଲେ, ପୁନର୍ବାର ଉଠିଥିଲେ ଓ ମୋତେ ତାଙ୍କଠାରେ ନୂତନ ଜୀବନ ପ୍ରଦାନ କରିଛନ୍ତି ।''





## ପ୍ରଥମ ଦିନଠାରୁ ତୃତୀୟ ଦିନ ପର୍ଯ୍ୟନ୍ତ

ବର୍ତ୍ତମାନ, ଆପଣ ହୁଏତ ଭାବୁଥିବେ, ''କ୍ରୁଶାର୍ପିତ ହେବା ଓ ତିନି ଦିନ ପରେ କବର ମଧ୍ୟରୁ ଉଠିବା ମଧ୍ୟରେ ଥିବା ସମୟ ଭିତରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି କ'ଣ ଘଟିଥିଲା ?'' ଏହିପ୍ରକାର ଏକ ପ୍ରଶ୍ନ ଆଶା କରି ଈଶ୍ୱର ଏହି ଉତ୍ତର ପ୍ରକାଶ କରିଥିଲେ:

> *''ସେ ଆରୋହଣ କଲେ ବୋଲି କହିଲେ ଅର୍ଥ କଅଣ ? ନା' ସେ ମଧ୍ୟ ନୀଚସ୍ଥ ପୃଥିବୀକୁ ଅବତରଣ କରିଥିଲେ । ଯେ ଅବତରଣ କରିଥିଲେ, ସେ ଯେପରି ସମସ୍ତ ବିଷୟ ପୂର୍ଣ୍ଣ କରନ୍ତି, ଏଥିପାଇଁ ସେ ମଧ୍ୟ ସମସ୍ତ ସ୍ୱର୍ଗର ଊର୍ଦ୍ଧ୍ୱକୁ ଆରୋହଣ କଲେ'' (ଏଫିସୀୟ ୪:୯,୧୦) ।*

ହଁ, ବାଇବଲ ଆମକୁ ଏହା କହିଛି ଯେ, ସ୍ୱର୍ଗକୁ ଆରୋହଣ କରିବା ପୂର୍ବରୁ ପ୍ରଭୁ ଯୀଶୁ ଖ୍ରୀଷ୍ଟ ପ୍ରକୃତରେ 'ନିମ୍ନତର ଅଞ୍ଚଳ'କୁ ଅବତରଣ କରିଥିଲେ । ତାହାପରେ, ପୁରାତନ ନିୟମର ସାଧୁ(ବିଶ୍ୱାସ କରି ମୃତ୍ୟୁବରଣ କରିଥିବା ବ୍ୟକ୍ତି)ମାନଙ୍କ ନେତୃତ୍ୱ ନେଇ ନିଜ ବିଜୟ ଯାତ୍ରାରେ ସ୍ୱର୍ଗକୁ ଆରୋହଣ କରିଥିଲେ । ଆଜି ପ୍ରତ୍ୟେକ ସତ୍ୟ ବିଶ୍ୱାସୀ ଆନନ୍ଦର ସହିତ ଏହି ଭରସା ପାଇଛନ୍ତି ଯେ, ମୃତ୍ୟୁର ଦ୍ୱାର ବାସ୍ତବରେ ଗୌରବ ନିକଟକୁ ତାଙ୍କର ଦ୍ୱାର ଅଟେ । ଆଶ୍ଚର୍ଯ୍ୟଜନକ ଭାବରେ, ଖ୍ରୀଷ୍ଟ ନିଜେ ଆମ ପକ୍ଷରୁ ଉଭୟ ଶାରୀରିକ ଓ ଆତ୍ମିକ ମୃତ୍ୟୁ ଉପରେ ବିଜୟ ପ୍ରାପ୍ତ ହୋଇଅଛନ୍ତି ।

> *''ଜୟ ମୃତ୍ୟୁକୁ ଗ୍ରାସ କରିଅଛି ।'' ''ରେ ମୃତ୍ୟୁ, କାହିଁ ତୋର ଜୟ ? ରେ ମୃତ୍ୟୁ, କାହିଁ ତୋର ନାହୁଡ଼ ? ମୃତ୍ୟୁର ନାହୁଡ଼ ପାପ, ଆଉ ପାପର ବଳ ବ୍ୟବସ୍ଥା, କିନ୍ତୁ ଯେଉଁ ଈଶ୍ୱର ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କୁ ଜୟ ପ୍ରଦାନ କରନ୍ତି, ତାହାଙ୍କର ଧନ୍ୟବାଦ ହେଉ'' (୧ କରିନ୍ଥୀୟ ୧୫:୫୫–୫୭) ।*

## ପରିଶିଷ୍ଟ–ତାଙ୍କ ପ୍ରେମର ସଂପତ୍ତି (ମୃତ୍ୟୁ ପରବର୍ତ୍ତୀ)

ଏହା ଜାଣିବା ଆଶ୍ଚର୍ଯ୍ୟର ବିଷୟ ଯେ, ପ୍ରଭୁ ଯୀଶୁ ସ୍ୱର୍ଗକୁ ଯିବାର ପଥ ଉନ୍ମୋଚିତ କରିଥିଲେ ଓ ବର୍ତ୍ତମାନ ଆମେ ତାଙ୍କ ବିଜୟ ଯାତ୍ରାରେ ତାଙ୍କର ଅନୁସରଣ କରିପାରିବା ।

ଏହା ଜାଣିବା ସମାନ ଭାବରେ ଆଶ୍ଚର୍ଯ୍ୟର ବିଷୟ ଯେ ତାଙ୍କ ମୃତ୍ୟୁ ପୂର୍ବରୁ, ତାଙ୍କ ନିଜ ନିମନ୍ତେ, ପ୍ରେମରେ ଯୀଶୁ ଏହି ପ୍ରତିଜ୍ଞା କରିଥିଲେ ଯେ, ସ୍ୱର୍ଗକୁ ତାଙ୍କର

ଆରୋହଣ ପରେ ସେ ପୃଥିବୀରେ ଥିବା ବିଶ୍ୱାସୀମାନଙ୍କ ନିକଟକୁ ପବିତ୍ର ଆତ୍ମାଙ୍କୁ ପ୍ରେରଣ କରିବେ ।

ନିଜର ଶିଷ୍ୟମାନଙ୍କୁ ସେ କହିଥିଲେ:

*''ଯେ ମୋ'ଠାରେ ବିଶ୍ୱାସ କରେ, ଧର୍ମଶାସ୍ତ୍ରର ଉକ୍ତି ପ୍ରମାଣେ ତାହାର ଅନ୍ତରରୁ ଜୀବନ୍ତ ଜଳସ୍ରୋତ ପ୍ରବାହିତ ହେଉଥିବ । ତାହାଙ୍କଠାରେ ବିଶ୍ୱାସକାରୀମାନେ ଯେଉଁ ଆତ୍ମା ପାଇବାକୁ ଯାଉଥିଲେ, ତାହାଙ୍କ ବିଷୟରେ ସେ ଏହା କହିଲେ, କାରଣ ଯୀଶୁ ସେ ପର୍ଯ୍ୟନ୍ତ ମହିମାପ୍ରାପ୍ତ ହୋଇ ନ ଥିବାରୁ ଆତ୍ମା ପ୍ରଦତ୍ତ ହୋଇ ନ ଥିଲେ'' (ଯୋହନ ୭:୩୮-୩୯) ।*

*''କିନ୍ତୁ ବର୍ତ୍ତମାନ ମୁଁ ମୋହର ପ୍ରେରଣକର୍ତ୍ତାଙ୍କ ନିକଟକୁ ପ୍ରୟାଣ କରୁଅଛି... ଆଉ, ମୁଁ ପିତାଙ୍କୁ ଅନୁରୋଧ କରିବି, ପୁଣି ତୁମ୍ଭମାନଙ୍କ ସାଙ୍ଗରେ ଚିରକାଳ ରହିବା ନିମନ୍ତେ ସେ ତୁମ୍ଭମାନଙ୍କୁ ଆଉ ଜଣେ ସାହାଯ୍ୟକାରୀଙ୍କୁ, ଅର୍ଥାତ୍, ସେହି ସତ୍ୟମୟ ଆତ୍ମାଙ୍କୁ ଦେବେ । ... ମୋହର ପ୍ରସ୍ଥାନ କରିବାରେ ତୁମ୍ଭମାନଙ୍କର ମଙ୍ଗଳହିଁ କାରଣ ମୁଁ ପ୍ରସ୍ଥାନ ନ କଲେ ସେହି ସାହାଯ୍ୟକରୀ ତୁମ୍ଭମାନଙ୍କ ନିକଟକୁ ଆସିବେ ନାହିଁ, ମାତ୍ର ମୁଁ ଗଲେ ତାହାଙ୍କୁ ତୁମ୍ଭମାନଙ୍କ ନିକଟକୁ ପଠାଇଦେବି...ସେ ମୋତେ ଗୌରବାନ୍ୱିତ କରିବେ'' (ଯୋହନ ୧୬:୫ହିଁ ୧୪:୧୬,୧୭ହିଁ ୧୬:୭,୧୪) ।*

ଈଶ୍ୱର କିପରି ତାଙ୍କ ପୁତ୍ରଙ୍କ ମୃତ୍ୟୁରେ ଗୌରବାନ୍ୱିତ ହୋଇଥିଲେ, ତାହା ଆମେ ଲକ୍ଷ୍ୟ କରିସାରିଛୁ । ବର୍ତ୍ତମାନ ଆପଣ ଅନ୍ୟ ଗୋଟିଏ ପ୍ରଶ୍ନ ପଚାରି ପାରନ୍ତି- ''ଆପଣ ଓ ମୋ' ନିକଟକୁ ପବିତ୍ର ଆତ୍ମାଙ୍କୁ ପ୍ରେରଣ କରିବା ଦ୍ୱାରା ଯୀଶୁ କିପରି ଗୌରବାନ୍ୱିତ ହୋଇପାରିବେ ?''

ଏହି ପ୍ରଶ୍ନର ଉତ୍ତର ଏହି ସତ୍ୟ ଦ୍ୱାରା ଆଂଶିକ ଭାବରେ ଦିଆଯାଇଛି ଯେ, ଯୀଶୁ ସେହି ପ୍ରତ୍ୟେକ ବିଶ୍ୱାସୀର ଜୀବନରେ ଗୌରବାନ୍ୱିତ ହୁଅନ୍ତି, ଯାହା ମାଧ୍ୟମରେ ଈଶ୍ୱରଙ୍କ ପ୍ରେମ ପ୍ରବାହିତ ହେଉଥାଏ । ଆମେ ପାଠ କରିଛୁ: *''ଆମ୍ଭମାନଙ୍କୁ ପ୍ରଦତ୍ତ ପବିତ୍ର ଆତ୍ମାଙ୍କ ଦ୍ୱାରା ଆମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ପ୍ରେମ ପରିବ୍ୟାପ୍ତ ହୋଇଅଛି''*





*(ରୋମୀୟ ୫:୫)* । ଈଶ୍ୱରଙ୍କର ବାସକାରୀ ପ୍ରେମ-ଯାହା ପବିତ୍ର ଆତ୍ମାଙ୍କ ଦ୍ୱାରା ବାସ୍ତବ ହୋଇଅଛି-ତାହା ମାନବିକ ଆକର୍ଷଣ କିମ୍ବା ଶ୍ରଦ୍ଧାର ସର୍ବୋଚ୍ଚ ସୀମାର ବହୁ ଉର୍ଦ୍ଧ୍ୱକୁ ଅତିକ୍ରମ କରିଅଛି । ଯେତେବେଳେ ବିଶ୍ୱାସ ଦ୍ୱାରା ଆପଣ କ୍ରୁଶରେ ସାଧିତ ତାଙ୍କର ସଂପୂର୍ଣ୍ଣ କାର୍ଯ୍ୟ ପ୍ରତି ପ୍ରତିକ୍ରିୟା ଦେଖାଇବେ, ସେତେବେଳେ ପ୍ରଭୁ ଯୀଶୁ ପବିତ୍ରାତ୍ମାଙ୍କ ବ୍ୟକ୍ତିତ୍ୱରେ ଆପଣଙ୍କ ମାଧ୍ୟମରେ ଅନ୍ୟ ଲୋକମାନଙ୍କୁ ପ୍ରେମ କରିବାକୁ ଆରମ୍ଭ କରିବେ । ଆଶ୍ଚର୍ଯ୍ୟ !

ଖ୍ରୀଷ୍ଟ ଆପଣଙ୍କ ନିମନ୍ତେ ମୃତ୍ୟୁବରଣ କରିଥିଲେ ବୋଲି ବିଶ୍ୱାସ କରିବା ଓ ସେହି ସତ୍ୟ ନିମନ୍ତେ ଆପଣଙ୍କ ହୃଦୟରୁ ଧନ୍ୟବାଦ ଦେବା ଦ୍ୱାରା ଆପଣ ଈଶ୍ୱରଙ୍କ ପ୍ରେମ ଓ କ୍ଷମାର ବ୍ୟକ୍ତିଗତ ଭରସାକୁ ଉପଭୋଗ କରିପାରିବେ ।

ଏହାପରେ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ବାସକାରୀ ଉପସ୍ଥିତି ପ୍ରତି ଆପଣଙ୍କର ଜୀବନକୁ ସଦା ଉପଲବ୍ଧ କରିବା ଦ୍ୱାରା ଆପଣ ଏକ ପ୍ରେମଶୂନ୍ୟ ଜଗତରେ ତାଙ୍କର ପ୍ରେମର ମାଧ୍ୟମ ହୋଇପାରିବେ ।

ଜଣେ ଜର୍ମାନ ଧର୍ମତତ୍ତ୍ୱବିଦ୍, ଯିଏ ନିଜର ଜ୍ଞାନ ପାଇଁ ପ୍ରସିଦ୍ଧ ଥିଲେ, ତାଙ୍କୁ ଥରେ ପ୍ରଶ୍ନ କରାଗଲା- *''ଈଶ୍ୱରଙ୍କ ବିଷୟରେ ଆପଣଙ୍କର ବଳିଷ୍ଠତମ ଚିନ୍ତା କଣ ?''* ଆଶ୍ଚର୍ଯ୍ୟ ହୋଇ ସେ ଗୋଟିଏ ପିଲାଳିଆ ଭାଷାରେ ଉତ୍ତର ଦେଲେ: ''ଯୀଶୁ ମୋତେ ପ୍ରେମ କରନ୍ତିହିଁ ଏହା ମୁଁ ଜାଣେ, କାରଣ ବାଇବଲ ମୋତେ ସେହିପରି କହିଅଛି ।''

**ହଁ, ଈଶ୍ୱର ମୋତେ ପ୍ରକୃତରେ ପ୍ରେମ କରନ୍ତି ! ଆଉ ହଁ, ଈଶ୍ୱର ସତ୍ୟ ଭାବରେ ଆପଣଙ୍କୁ ପ୍ରେମ କରନ୍ତି !**

ଓଃ, ପରିତ୍ରାଣର ଯୋଜନାକୁ ଆଣିଥିବା ପ୍ରେମ,
ଓଃ, ମନୁଷ୍ୟ ନିକଟକୁ ଏହା ଆଣିଥିବା ଅନୁଗ୍ରହ,
ଓଃ, କାଲ୍‌ବରୀରେ ଈଶ୍ୱର ସୃଷ୍ଟି କରିଥିବା କ୍ଷମାର ମହାସାଗର !
ସେଠାରେ ମହା ଦୟା ଥିଲା, ଆଉ ବିନାମୂଲ୍ୟରେ ଅନୁଗ୍ରହ ଥିଲା,
ମୋ' ପ୍ରତି କ୍ଷମା ବହୁଗୁଣିତ ହୋଇଥିଲା ।
ସେଠାରେ କାଲବରୀରେ ମୋର ଭାରଗ୍ରସ୍ତ ପ୍ରାଣ ମୁକ୍ତି ପାଇଥିଲା ।



## ଇରାକ୍‌ରୁ ଏକ ପତ୍ର...

*"ମୁଁ ଗୋଟିଏ ମୁସଲମାନ (ସ୍କେଲ୍‌ଟୀ) ଗୃହରେ ଥିଲି । ଜଣେ ମୁସଲମାନ ଭାବରେ କିପରି ପ୍ରାର୍ଥନା କରିବାକୁ ହୁଏ ଓ ଉପବାସ କରିବାକୁ ହୁଏ, ତାହା ମୋତେ ମୋର ପରିବାର ଶିକ୍ଷା ଦେଇଥିଲେ । ମୁଁ ଗୋଟିଏ ମୁସଲମାନ ମହିଳା ସଦୃଶ ମୋର ମୁଖକୁ ଏପରି ଆଚ୍ଛାଦନ କରି ପୋଷାକ ପିନ୍ଧୁଥିଲି, ଯେପରି କୌଣସି ପୁରୁଷ ମୋର ମୁଖକୁ ଦେଖି ପାପ କରିବ ନାହିଁ ।*

*ଏହି ସମସ୍ତ ବିଷୟ ଯୋଗୁ , କିଛି କାର୍ଯ୍ୟ ନ କରି ମୋ' ପାଖରେ ବହୁତ ସମୟ ରହୁଥିଲା । ସେଥିପାଇଁ ଅନେକ ରେଡ଼ିଓ କାର୍ଯ୍ୟକ୍ରମ ଓ ଅନେକ ବାଇବଲ ବାର୍ତ୍ତା ଶୁଣି ମୁଁ ମୋର ଖାଲି ସମୟ କାଟୁଥିଲି । ଦିନେ ମୁଁ ସୁନ୍ଦର ରଂଗ ଲାଗିଥିବା କେତୋଟି ଭଲ ଷ୍ଟିକର ମୋର ନଣନ୍ଦଙ୍କ ହାତରେ ଦେଖିଲି । ଏହାପରେ ମୁଁ ମୋର ନଣନ୍ଦଙ୍କ ଠିକଣାରେ ମୋର ପ୍ରଥମ ପତ୍ର ଆପଣଙ୍କ ନିକଟକୁ ଲେଖିଲି । ଆପଣଙ୍କ ଉତ୍ତରରେ ରହିଥିଲା, "ଈଶ୍ୱରଙ୍କ ନିମନ୍ତେ ଆପଣଙ୍କର ଅନ୍ୱେଷଣ" ପୁସ୍ତକ ।*

*ଈଶ୍ୱରଙ୍କ ଅନ୍ୱେଷଣର ଅର୍ଥ କ'ଣ, ଏହା ମୁଁ ବୁଝିବାକୁ ଚେଷ୍ଟା କରୁଥିଲି । ୭ ଅଧ୍ୟାୟରେ, ଗୋଟିଏ ପ୍ରଶ୍ନ ରହିଛି, "ଈଶ୍ୱର ବାସ୍ତବରେ ମୋତେ ପ୍ରେମ କରନ୍ତି କି ?" ନିର୍ଦ୍ଦିଷ୍ଟ ଭାବରେ, ସେହି ଅଧ୍ୟାୟରେ ଅଟକି ଗଲି, ଯାହା କହିଛି, "ଈଶ୍ୱର କ୍ରୁଶରେ ଆପଣଙ୍କ ନିମନ୍ତେ ଯାହା କହିଥିଲେ, ତଦ୍ୱାରା ସେ ଆପଣଙ୍କ ନିମନ୍ତେ ତାଙ୍କ ପ୍ରେମ ପ୍ରଦର୍ଶନ କରିଛନ୍ତି । ଯେତେବେଳେ ଆପଣ କ୍ରୁଶର ଅର୍ଥ ବୁଝିବେ, ସେତେବେଳେ ଈଶ୍ୱର ଯେ ଆପଣଙ୍କୁ ପ୍ରେମ କରନ୍ତି, ଏଥିପାଇଁ ଆପଣ ଆଉ ଅଧିକ ପ୍ରମାଣ ଆବଶ୍ୟକ କରିବେ ନାହିଁ ।"*

*"ମୁଁ ଏହି ଅଧ୍ୟାୟକୁ ୧୦୦ରୁ ଅଧିକ ଥର ପାଠ କରିଛି । ଏହା ପରେ କୌଣସି ସଂଦେହ ବିନା ଏହା ବୁଝିବାକୁ ଆରମ୍ଭ କରିଛି ଯେ, କ୍ରୁଶ ମୋ' ନିମନ୍ତେ ଏକମାତ୍ର ମାର୍ଗ ଅଟେ ।"*

*–ଟ୍ରାନ୍ସ ୱାର୍ଲ୍ଡ଼ ରେଡ଼ିଓ ଦ୍ୱାରା ପ୍ରଦତ୍ତ ସମ୍ବାଦ–*





**ଅନୁଚିନ୍ତା**

୧. ଆପଣ ଯେ କୌଣସି ବ୍ୟକ୍ତିଙ୍କୁ ପ୍ରେମ କରୁଛନ୍ତି, ଏହା ପ୍ରମାଣ କରିବାର ସର୍ବୋତ୍ତମ ଉପାୟ କ'ଣ ?

ଯାହା କହନ୍ତି, ତଦ୍ୱାରା କି ?

ଯାହା କରନ୍ତି, ତଦ୍ୱାରା କି ?

୨. ଆପଣଙ୍କ ନିମନ୍ତେ ଥିବା ତାଙ୍କର ପ୍ରେମକୁ ଈଶ୍ୱର କିପରି ପ୍ରମାଣ କରିଥିଲେ ?

୩. ଈଶ୍ୱରଙ୍କ ପ୍ରେମ ପ୍ରତି ଆପଣ ବ୍ୟକ୍ତିଗତ ଭାବରେ କିପରି ପ୍ରତିକ୍ରିୟା ଦେଖାଇବେ ?

## ଅଧ୍ୟାୟ ୮

# ମୁଁ କେଉଁଠାରେ ଜୀବନ ପାଇପାରେ ?

ଅସ୍ତ୍ରୋପଚାର କକ୍ଷର ଇଲେକ୍ଟ୍ରୋନିକ୍ ପରିବେଶରେ ପ୍ରତ୍ୟେକ ଡାକ୍ତର ଜୀବନ ସହିତ ରକ୍ତକୁ ଚିହ୍ନିବା ଶିକ୍ଷା କରନ୍ତି । ଦୁଇଟି ବିଷୟ ଅବିଚ୍ଛିନ୍ନ ଅଟେ : ଏଣୁ ଆପଣ ଗୋଟିଏ ହରାଇଲେ, ଉଭୟକୁ ହରାଇଥାନ୍ତି ।

ଡଃ. ପଲ୍. ବ୍ରାଣ୍ଡ

ଅତି ଶୀଘ୍ର ମଧ୍ୟରାତ୍ରି ଆସୁଥିଲା । ୧୮ ଘଣ୍ଟାର ଅତି କ୍ଲାନ୍ତିକର ରେଳଯାତ୍ରାର ମଧ୍ୟ ଭାଗରେ, ମୋର ସ୍ତ୍ରୀ ଓ ମୁଁ ପ୍ୟାରିସର ‘‘ଗେୟାର ସେଣ୍ଟ ଲାଜାରେ’’ ନାମକ ରେଳଷ୍ଟେସନଠାରେ ଶହ ଶହ ସହଯାତ୍ରୀମାନଙ୍କ ସହିତ ଥିଲୁ । ଟିକେଟ ଅଫିସକୁ ରେଳ ଅଫିସର ଖୋଲିବା ପରେ, ଆମ ଟ୍ରେନ ଆଡ଼କୁ ଯିବା ପାଇଁ ଆମକୁ ଅନୁମତି ଦେବାକୁ ସମସ୍ତେ ଧୈର୍ଯ୍ୟର ସହିତ ଅପେକ୍ଷା କରି ରହିଥିଲୁ ।

ଆମ ଚତୁଃପାର୍ଶ୍ୱରେ ଥିବା ଅଧିକାଂଶ ବ୍ୟକ୍ତି ଯୁବକ ଥିଲେ । ମୁଁ ଓ ଡରୋଥି ସେମାନଙ୍କ ମଧ୍ୟରେ ମିଶିଯିବା ସମୟରେ, ମନେ ହେଉଥିଲା ଯେପରି ୟୁରୋପର ପ୍ରତ୍ୟେକ ଦେଶ ସେହି ଭିଡ଼ ମଧ୍ୟରେ ପ୍ରତିନିଧିତ୍ୱ କରୁଥିଲା । କେତେକ ବ୍ୟକ୍ତି ଓ ବାଳିକାମାନେ ଗୋଟିଏ ଆରାମଦାୟକ ତକିଆ ବଦଳରେ ସେମାନଙ୍କର କାନ୍ଧଝୁଲା ମୁଣା ବ୍ୟବହାର କରି ଟିକେ ଶୋଇବା ପାଇଁ ଚେଷ୍ଟା କରୁଥିଲେ । ସେମାନେ ଚଟାଣରେ ଗଡୁଥିବା ସମୟରେ ସେମାନଙ୍କ ବନ୍ଧୁମାନେ ଠିଆ ହୋଇ ଜଗୁଥିଲେ ଓ କିଛି ଖାଦ୍ୟ ଚୋବାଉଥିଲେ କିମ୍ୱା ବୋତଲରୁ ପାଣି ପିଉଥିଲେ । ଅପେକ୍ଷା କରି ରହିଥିବା ସମୟରେ, ଆମେ ଅନେକ ଯୁବା ଯୁବତୀ ସହିତ କଥାବାର୍ତ୍ତା ଓ ଖୁସିଗପ କରୁଥିଲୁ । ସେମାନଙ୍କର ଯୁବସୁଲଭ ଆନନ୍ଦ ସତ୍ତ୍ୱେ, ହସ ହସ ମୁଖର ଆବରଣ ତଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଏ ବିଷୟରେ ସଚେତନ ଥିଲେ ଯେ ସେମାନେ ଅନ୍ୱେଷଣ କରୁଥିବା ସେହି ସ୍ୱପ୍ନିଳ ‘ଜୀବନ’ ସେମାନେ ଏ ପର୍ଯ୍ୟନ୍ତ ପାଇ ନାହାନ୍ତି । ଅତି ଅଳ୍ପ ସମୟ ମଧ୍ୟରେ, ଆମର ବାର୍ତ୍ତାଳାପ ସେହି ବ୍ୟକ୍ତିଙ୍କ ଉପରେ କେନ୍ଦ୍ରୀଭୂତ ହେଲା, ଯିଏ ମୋ ସହିତ ଓ ଡରୋଥି ସହିତ ଯାତ୍ରା କରୁଥିଲେ, ଅର୍ଥାତ୍, ପ୍ରଭୁ ଯୀଶୁ ଖ୍ରୀଷ୍ଟ !

ଆମେ କଥାବାର୍ତ୍ତା କରୁଥିବା ସମୟରେ, ଏହି ଅସ୍ଥିର ଓ ରୋମାଞ୍ଚକର ଯୁବଗୋଷ୍ଠୀ ନିଜନିଜକୁ ଉନ୍ମୁକ୍ତ କଲେ ଓ ‘ବାସ୍ତବ’ ଜୀବନ ପାଇବା ପାଇଁ ସେମାନେ ଯେ ଇଚ୍ଛା

କରୁଅଛନ୍ତି, ତାହା ଆମକୁ ଜଣାଇଲେ । ଏହା ଅନ୍ୟ ସହରରେ ମିଳିବ ବୋଲି କେତେକ ଆଶା କରୁଥିଲେଦ୍ଧ ଅନ୍ୟମାନେ ଏହା ବିଶ୍ୱାସ କରୁଥିଲେ ଯେ ସେମାନେ ଆସନ୍ତା ନିଶା ସେବନ କିମ୍ବା ଆମୋଦ ଭୋଜରେ ସେମାନଙ୍କର ଜୀବନାନୁଭୂତିକୁ ସଂପ୍ରସାରିତ କରିବେ । କେତେକଙ୍କୁ ବଡ଼ ଚିନ୍ତା ଥିଲା – ଗୋଟିଏ ମାରାତ୍ମକ ରୋଗରେ ଆକ୍ରାନ୍ତ ହେବାର ଭୟ ।

ଅତି ଅଭ୍ୟନ୍ତରରେ ଥିବା ଆଫ୍ରିକୀୟ ଗ୍ରାମଗୁଡ଼ିକରେ, ସେମାନେ ଏହି ଭୟ – ମହାମାରୀକୁ ‘‘କ୍ଷୀଣଲୋକର ରୋଗ’’ ବୋଲି କହନ୍ତି । ଚିକିତ୍ସା କ୍ଷେତ୍ରରେ ଏହାକୁ HIV ଆକ୍ରାନ୍ତ ଭାବରେ ଚିହ୍ନଟ କରାଯାଇଛି । ଯେତେବେଳେ ଗୋଟିଏ ପୁରୁଷ, ମହିଳା, ବାଳକ କିମ୍ବା ବାଳିକାଠାରେ ଏହା ସଂପୂର୍ଣ୍ଣ ଭାବରେ ବିକଶିତ ହୋଇଯାଏ, ସେତେବେଳେ ଏହା ‘ଏଡ୍‌ସ୍’ ଭାବରେ ପରିଚିତ ହୁଏ । ଏହି ରୋଗ ସଂକ୍ରମିତ ହେବାର ଭୟଙ୍କର ସମ୍ବାଦ ସର୍ବଦା ସମାନଦ୍ଧ ତାତ୍‌କ୍ଷଣିକ ଓ ସଂପୂର୍ଣ୍ଣ ଧ୍ୱଂସ ! ସମଗ୍ର ପୃଥିବୀରେ ଲୋକମାନେ ଏହା ଜାଣନ୍ତି ଯେ, ଭୟଙ୍କର ଏଡ୍‌ସ୍ ରୋଗ ଏକ ‘‘ରକ୍ତଜନିତ ଅସୁସ୍ଥତା’’ ଅଟେ । ରକ୍ତଝରଣା ଜୀବନର ଏକ ବିଶୁଦ୍ଧ ନଦୀ ହେବା ସ୍ଥଳେ ଏହା ମୃତ୍ୟୁର ଏକ ସଂକ୍ରମିତ ନଦୀରେ ପରିଣତ ହୋଇଯାଏ ।

କିନ୍ତୁ, ମୋତେ ଏହା ସ୍ୱୀକାର କରିବାକୁ ହେବ ଯେ, ଯଦିଓ ରକ୍ତ ଏକ ଅତ୍ୟାବଶ୍ୟକୀୟ ଜୀବନ ପ୍ରଦାନକାରୀ ଝରଣା ଅଟେ, ତଥାପି ମୋ’ ପାଇଁ ରକ୍ତର ଦୃଶ୍ୟ ସର୍ବଦା ଭୟଜନକ ହୋଇରହିଛି । ପ୍ରକୃତରେ, ମୋର ଭୟ ଦୂର କରିବା ପାଇଁ ଏକ ସାହସିକ ପ୍ରଚେଷ୍ଟାରେ, ମୁଁ ଥରେ ଲଣ୍ଡନର ଏକ ଡାକ୍ତରଖାନାରେ ଗୋଟିଏ ପର୍ଯ୍ୟବେକ୍ଷଣ ମୀନାର ଉପରୁ ଏକ ଅସ୍ତ୍ରୋପଚାରର ଦୃଶ୍ୟ ଦେଖିବାର ନିମନ୍ତ୍ରଣ ଗ୍ରହଣ କରିଥିଲି । ରୋଗୀର ଚର୍ମ ମଧ୍ୟ ଦେଇ ଛୁରୀ କାଟି ଭେଦ କରିବା ସମୟରେ ମୁଁ ପୁଣି ଥରେ ମୂର୍ଚ୍ଛାପ୍ରାୟ ହୋଇଗଲି । ମୁଁ ଝାଳରେ ବୁଡ଼ିଯାଇଥିବା ଓ ଶେଥା ପଡ଼ିଯାଇଥିବା ଲକ୍ଷ୍ୟ କରି ମୋର ଡାକ୍ତର ବନ୍ଧୁ ମୋତେ ସେହି କକ୍ଷ ମଧ୍ୟରୁ ବାହାରି ଆସିବା ପାଇଁ ପରାମର୍ଶ ଦେଲେ । ମୁଁ ଅଧିକ ପ୍ରରୋଚନା ଆବଶ୍ୟକ କରି ନ ଥିଲି !

କିନ୍ତୁ, ରକ୍ତର ଦୃଶ୍ୟ ପ୍ରତି ଜଣେ ବ୍ୟକ୍ତିର ପ୍ରତିକ୍ରିୟା ଯାହା ହେଉ ନା’ କାହିଁକି, ଜୀବନ ଓ ସ୍ୱାସ୍ଥ୍ୟ ସେହି ବ୍ୟକ୍ତି ପ୍ରତି ଫେରିଆସିପାରେ, ଯିଏ ଗୁରୁତର ଭାବରେ





ରକ୍ତକ୍ଷରଣ ଭୋଗୁଥିବା ସମୟରେ ରକ୍ତ ଦାନ ଦ୍ୱାରା ଶରୀର ମଧ୍ୟକୁ ରକ୍ତ ଗ୍ରହଣ କରିପାରେ । ଆଜି, ଆଧୁନିକ ବିଜ୍ଞାନର ଆଶ୍ଚର୍ଯ୍ୟ କାର୍ଯ୍ୟ ଯୋଗୁଁ ଗୋଟିଏ ସୁସ୍ଥ ବ୍ୟକ୍ତିର ଶିରାରୁ ନିଆଯାଇଥିବା ରକ୍ତ ଗୋଟିଏ ମୃତପ୍ରାୟ କିମ୍ବା ଗୁରୁତର ଭାବେ ଅସୁସ୍ଥ ରୋଗୀର ଶିରା ମଧ୍ୟକୁ ଏକ ଜୀବନ – ପ୍ରଦାୟୀ ନଦୀ ଭାବରେ ପ୍ରବେଶ କରାଯାଇପାରେ ।

ରକ୍ତର ବିସ୍ମୟ ଓ ରହସ୍ୟକୁ ଉନ୍ମୋଚିତ କରିବା ପାଇଁ ଚିକିତ୍ସା ଅନୁସନ୍ଧାନ ଆରମ୍ଭ ହେବାର ବହୁ ପୂର୍ବେ ଈଶ୍ୱର ନିଜେ ଘୋଷଣା କରିଥିଲେ : *‘‘କାରଣ ରକ୍ତରେ ପ୍ରାଣୀର ପ୍ରାଣ ଥାଏ ...’’ (ଲେବୀୟ ୧୭:୧୧)* । ଡାକ୍ତର ପଲ୍ ବ୍ରାଣ୍ଡ ଏଥିରେ ସ୍ପଷ୍ଟ ଭାବରେ ସମ୍ମତ ହୋଇଛନ୍ତି ଯେ, ରକ୍ତରେ ଜୀବନର ସାର ତତ୍ତ୍ୱ ନିହିତ ଅଛି । ‘‘ଅସ୍ତ୍ରୋପଚାର କକ୍ଷର ଇଲେକ୍ଟ୍ରୋନିକ୍ ପରିବେଶରେ ପ୍ରତ୍ୟେକ ଡାକ୍ତର ଜୀବନ ସହିତ ସଂପୃକ୍ତ ରକ୍ତକୁ ଚିହ୍ନିବା ଶିକ୍ଷା କରନ୍ତି । ଦୁଇଟି ବିଷୟ ଅବିଚ୍ଛିନ୍ନ ଅଟେ : ଆପଣ ଗୋଟିଏ ହରାଇଲେ, ଉଭୟ ହରାଇ ବସିବେ ।’’

କିନ୍ତୁ, ଅନେକ ଲୋକ ଏ ବିଷୟରେ ସଚେତନ ନୁହଁନ୍ତି ଯେ, ଯଦିଓ HIV ଆକ୍ରାନ୍ତ ହେବା ଭଳି ରକ୍ତ ସଂକ୍ରମଣ ନିଜକୁ ସେହି ଭୂତାଣୁ ପ୍ରତି ଉନ୍ମୁକ୍ତ କରିବା ଉପରେ ନିର୍ଭର କରେ, ତଥାପି ଅନ୍ୟ ଗୋଟିଏ ‘‘ରୋଗ’’ ସାର୍ବଜନୀନ ଅଟେ । କାରଣ ଈଶ୍ୱର *‘‘ପୃଥିବୀର ସର୍ବତ୍ର ବାସ କରିବା ନିମନ୍ତେ ଏକ ବ୍ୟକ୍ତିଠାରୁ (ଏକ ରକ୍ତରୁ) ସମସ୍ତ ମାନବ ଜାତି ସୃଷ୍ଟି କରିଅଛନ୍ତି’’ (ପ୍ରେରିତ ୧୭:୨୬)* । ଏହି ମାରାତ୍ମକ ସଂକ୍ରମଣ ସମଗ୍ର ମାନବ ଜାତିକୁ ରୋଗଗ୍ରସ୍ତ କରିଅଛି । ବାଇବଲରେ ଏହାର ଉତ୍ସ ଆଦମଙ୍କଠାରୁ, ଅର୍ଥାତ୍, ସମସ୍ତ ପରବର୍ତ୍ତୀ ଯୁଗର ଲୋକମାନଙ୍କର ପୂର୍ବପୁରୁଷଙ୍କଠାରୁ ଉତ୍ପନ୍ନ ହୋଇଛି ।

ଯେତେବେଳେ *‘‘ପ୍ରଥମ ମନୁଷ୍ୟ’’ ଆଦମ (୧ କରିନ୍ଥୀୟ ୧୫:୪୫)* ପାପ କଲେ, ସେତେବେଳେ ସମସ୍ତ ପରବର୍ତ୍ତୀ ଯୁଗର ଲୋକମାନେ, ସେମାନଙ୍କର ଚର୍ମର ରଂଗ ଯାହା ହୋଇ ଥାଉ ନା କାହିଁକି, ବାସସ୍ଥାନ କିମ୍ବା ଜୀବନର ସ୍ଥିତି ଯାହା ହୋଇଥାଉ, ସମସ୍ତେ ମୃତ୍ୟୁଦଣ୍ଡର ଅଧୀନକୁ ଆସିଥିଲେ । ବାଇବଲ ସ୍ପଷ୍ଟ ଭାବରେ ବ୍ୟକ୍ତ କରିଛି : *‘‘... ଆଦମଙ୍କଠାରେ ସମସ୍ତେ ମୃତ୍ୟୁବରଣ କରନ୍ତି ...’’ (୧ କରିନ୍ଥୀୟ ୧୫:୨୨)*। ହଁ, ଏଡ୍‌ସ – ଜନିତ ମୃତ୍ୟୁ ଯେପରି ରକ୍ତ ସଂକ୍ରମଣ ମାଧ୍ୟମରେ ଶରୀର ମଧ୍ୟକୁ

ଆସିଥାଏ, ପାପ ଦ୍ୱାରା ସୃଷ୍ଟ ଏହି ସଂକ୍ରମଣ ମଧ୍ୟ ଗୋଟିଏ ଯୁଗରୁ ଅନ୍ୟ ଯୁଗକୁ ଆସିଥାଏ । ଯଦି ଏପରି ହୋଇ ନ ଥା'ନ୍ତା, ତେବେ ଲୋକମାନେ ଶାରୀରିକ ରୋଗ ଓ ମୃତ୍ୟୁର ଉପତ୍ୟକା ମଧ୍ୟ ଦେଇ ନ ଯାଇ ସିଧା ସ୍ୱର୍ଗକୁ ଯାଇଥାନ୍ତେ । କିନ୍ତୁ ସେପରି ହୋଇ ନାହିଁ ।

ମାତ୍ର ଈଶ୍ୱରଙ୍କର ଧନ୍ୟବାଦ ହେଉ ଯେ, ଯୀଶୁ ଜନ୍ମ ହେବା ସମୟରେ, ଏକ ଜୀବନ – ପ୍ରଦାୟୀ ରକ୍ତ ସ୍ରୋତ ମାନବ ଜାତି ମଧ୍ୟରେ ପ୍ରବାହିତ ହେଲା । ଏହା ଏହିପରି ଘଟିଥିଲା । ଗାବ୍ରୀଏଲ୍ ଦୂତ ମରିୟମଙ୍କୁ ଏହା କହିଥିଲେ ଯେ, ସେ ଗର୍ଭଧାରଣ କରି ଏକ ସନ୍ତାନ ପ୍ରସବ କରିବାକୁ ଯାଉଛନ୍ତି ଓ ତାଙ୍କର ନାମ ଯୀଶୁ ହେବ । ସେ କିପରି ଗର୍ଭବତୀ ହେବେ – ଏହା ଗାବ୍ରୀଏଲ ସେହି ପବିତ୍ର, ଅବିବାହିତା କୁମାରୀଙ୍କ ନିକଟରେ ବର୍ଣ୍ଣନା କରିଥିଲେ ।

> *''ପବିତ୍ର ଆତ୍ମା ତୁମ୍ଭ ଉପରେ ଅବତରଣ କରିବେ ଓ ପରାତ୍ପରଙ୍କ ଶକ୍ତି ତୁମ୍ଭକୁ ଆବୋରିବେ, ଏଣୁ ଯେ ଜାତ ହେବେ, ସେ ପବିତ୍ର ଓ ଈଶ୍ୱରଙ୍କ ପୁତ୍ର ବୋଲି ଖ୍ୟାତ ହେବେ'' (ଲୂକ ୧:୩୫) ।*

ପବିତ୍ର ଆତ୍ମାଙ୍କ ଦ୍ୱାରା ଜଣେ ସ୍ତ୍ରୀ ଗର୍ଭବତୀ ହେବା ସମୟରେ ଏକ ଅଲୌକିକ ଘଟଣା ଘଟିଥିଲା । ଏହି ନାଟକୀୟ ଘଟଣାରେ, ଈଶ୍ୱରଙ୍କ ଜୀବନ ମାନବ ଜାତି ମଧ୍ୟକୁ ପ୍ରବେଶ କରିଥିଲେ । ଏହାପରେ, ମରିୟମଙ୍କ ଗର୍ଭରେ ଶିଶୁଟି ବୃଦ୍ଧି ପାଇବା ସମୟରେ ଓ ଜରାୟୁରେ ରକ୍ତ ସଞ୍ଚାରିତ ହେବା ସମୟରେ, ତାଙ୍କର ବହୁମୂଲ୍ୟ ରକ୍ତ ଅଶୁଚି ଓ ସଂକ୍ରମିତ ହୋଇ ନ ଥିଲା । ହଁ, ପ୍ରଭୁ ଯୀଶୁଙ୍କର ରକ୍ତ 'ଜୀବନ' ଥିଲା । ମାନବ ରକ୍ତ ଅବିଶ୍ୱସନୀୟ ଭାବରେ ଏକ ଜଟିଳ ପଦାର୍ଥ ଅଟେ । ଆଜି ମଧ୍ୟ, ଚିକିତ୍ସା ଅନୁସନ୍ଧାନରେ ଜଡ଼ିତ ବ୍ୟକ୍ତିମାନେ ଏହି ଆଶ୍ଚର୍ଯ୍ୟଜନକ ତରଳ ପଦାର୍ଥର ଜୀବନ – ପ୍ରଦାୟୀ ରହସ୍ୟ ସମ୍ବନ୍ଧରେ ଅଧିକରୁ ଅଧିକ ବିଷୟ ଆବିଷ୍କାର କରିବାରେ ଲାଗିଛନ୍ତି । ସରଳ ଭାଷାରେ, ମାନବ ଶରୀରରେ ରକ୍ତର କିଛି କାର୍ଯ୍ୟକୁ ଶରୀର – ପରିଷ୍କାରକ, ଜୀବନ – ପ୍ରଦାୟକ ଓ ରୋଗ ପ୍ରତିରୋଧକ ଭାବରେ ବର୍ଣ୍ଣନା କରାଯାଇପାରେ । ଆଶ୍ଚର୍ଯ୍ୟର ବିଷୟ ହେଲେ ମଧ୍ୟ, ଏହା ଜାଣିବା ଆହୁରି ବିସ୍ମୟକର ଅଟେ ଯେ, ଈଶ୍ୱର ଆପଣଙ୍କୁ ଓ ମୋତେ ଏପରି ଏକ ରକ୍ତ – ସ୍ରୋତ ଦେଇଛନ୍ତି,





ଯାହାର ଉଦ୍ଦେଶ୍ୟ ସମାନ ହେଲେ ମଧ୍ୟ ଅତ୍ୟଧିକ ଅଲୌକିକ ଅଟେ । ଆଉ ସେହି ରକ୍ତ ସେହି ସମସ୍ତଙ୍କ ନିମନ୍ତେ ରହିଛି, ଯେଉଁମାନେ ''ବାସ୍ତବ ଜୀବନ'' ଅନ୍ୱେଷଣ କରନ୍ତି । ପାପୀମାନଙ୍କ ପାଇଁ, ଯୀଶୁଙ୍କର ରକ୍ତ ହେଉଛି ପାପରୁ ଶୁଚିକାରୀ ଈଶ୍ୱରଙ୍କର ପ୍ରତିନିଧି । ଆତ୍ମିକ ଭାବରେ ମୃତ ବ୍ୟକ୍ତିମାନଙ୍କ ପାଇଁ, ତାଙ୍କର ବହୁମୂଲ୍ୟ ରକ୍ତ ''ଜୀବନ'' ପ୍ରଦାନ କରେ । ଆତ୍ମିକ ଭାବରେ ଜୀବିତ ଲୋକମାନଙ୍କ ପାଇଁ ଯୀଶୁଙ୍କର ରକ୍ତ ହେଉଛି ଶୟତାନର ଆକ୍ରମଣରୁ ଈଶ୍ୱରଙ୍କର ରକ୍ଷାକାରୀ ପ୍ରତିନିଧି । ଏହି ବହୁମୂଲ୍ୟ ରକ୍ତ ସମ୍ବନ୍ଧରେ ଆମେ ପାଠ କରୁ : ''ଯେଣୁ ତୁମ୍ଭେମାନେ ଜାଣ ଯେ, ତୁମ୍ଭମାନଙ୍କ ପିତୃପୁରୁଷମାନଙ୍କଠାରୁ ପ୍ରାପ୍ତ ପରମ୍ପରାଗତ ନିରର୍ଥକ ଆଚାର ବ୍ୟବହାରରୁ ରୂପା କି ସୁନା ପରି କ୍ଷୟଣୀୟ ବସ୍ତୁଦ୍ୱାରା ମୁକ୍ତ ନ ହୋଇ, ବରଂ ନିଖୁନ୍ତ ଓ ନିଷ୍କଳଙ୍କ ମେଷଶାବକ ସଦୃଶ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ରକ୍ତରେ ମୁକ୍ତ ହୋଇଅଛ'' (୧ ପିତର ୧:୧୮,୧୯) ।

### *ରକ୍ତ : ଏକ ପରିଷ୍କାରକ ଶକ୍ତି*

କିଛି ସମୟ ପୂର୍ବରୁ, ସମ୍ବାଦ ମିଳିଥିଲା ଯେ, ଗୋଟିଏ ଲୋଭୀ ପରିବହନ ସଂସ୍ଥା ସ୍ୱାସ୍ଥ୍ୟ ବ୍ୟବସ୍ଥା ସହିତ ବିପଜ୍ଜନକ ଖେଳ ଖେଳିଛି । ସେମାନଙ୍କର ଲାଭ ବୃଦ୍ଧି କରିବା ପାଇଁ, ଏହି ସଂସ୍ଥା ଗୋଟିଏ ଦିଗରେ ବିଷାକ୍ତ ଦ୍ରବ୍ୟ ଗୁଡିକୁ ବହନ କରିବା ନିମନ୍ତେ

---

* ନିଜ ପୁସ୍ତକ ''ରକ୍ତର ରସାୟନ'' ରେ ଏ.ଆର୍ ଡିହାନ୍, ଏମ୍.ଡି. ଅନେକଗୁଡ଼ିଏ ପରିଚିତ ଶରୀର ତାତ୍ତ୍ୱିକ, ପ୍ରସବ ସଂକ୍ରାନ୍ତିୟ ଓ ସେବା ସମ୍ବନ୍ଧୀୟ ଲେଖାରୁ ଉଦ୍ଧୃତ କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ – ''ମା' ତା'ର ଜରାୟୁର ଗର୍ଭସ୍ଥ ଶିଶୁର କ୍ଷୁଦ୍ର ଶରୀରର ନିର୍ମାଣ ପାଇଁ ପୁଷ୍ଟିକର ବିଷୟ ଯୋଗାଇଥାଏ, ମାତ୍ର ଏଥିରେ ଗଠିତ ହେଉଥିବା ସମସ୍ତ ରକ୍ତ ସେହି ଅପରିପକ୍ୱ ଶିଶୁଠାରୁ ହିଁ ସୃଷ୍ଟି ହୁଏ । ଗର୍ଭ ଧାରଣଠାରୁ ଜନ୍ମ ପର୍ଯ୍ୟନ୍ତ ଗୋଟିଏ ଟୋପା ରକ୍ତ ସୁଦ୍ଧା ମା'ଠାରୁ ଶିଶୁକୁ ପ୍ରବାହିତ ହୁଏ ନାହିଁ ।'' କିନ୍ତୁ, ଡିହାନ୍‌ଙ୍କର ମତକୁ ସମାଲୋଚନା କରି ଡଃ. ରବର୍ଟ ଇ. କୋଲମାନ ନିଜ ପୁସ୍ତକ ''ରକ୍ତରେ ଲିଖିତ''ରେ ଲେଖିଛନ୍ତି, ''ଏହି ସ୍ଥିତିକୁ ନିନ୍ଦା ନ କରି (ମାନବ ଶରୀରର ରକ୍ତ ଶିଶୁଠାରେ ପୁରୁଷ ବୀର୍ଯ୍ୟର ପ୍ରଚଳନ ଦ୍ୱାରା ଆପେ ଆପେ ସୃଷ୍ଟି ହୁଏ, ଆଉ ସେଥିପାଇଁ ମା'ର ଶରୀର ସହିତ ଏହାର କୌଣସି ପ୍ରତ୍ୟକ୍ଷ ସଂପର୍କ ନ ଥାଏ – ଡିହାନ୍‌ଙ୍କର ଏହି ମତ), କେବଳ ଏତିକି କହିବା ଉଚିତ୍ ହେବ ବୋଲି ମୁଁ ଭାବୁଛି ଯେ, ଅନ୍ୟ ଡାକ୍ତରମାନେ ଗୁରୁତର ଭାବେ ଏହାର ସତ୍ୟତାକୁ ସଂଦେହ କରୁଛନ୍ତି । କିନ୍ତୁ, ଜୈବିକ କାରଣଟିକୁ ବାଦ୍ ଦେଲେ, ଏହା କାହିଁକି ଏକ ସମସ୍ୟା ହେବ – ଏହାର କୌଣସି କାରଣ ମୁଁ ଦେଖୁନାହିଁ । ଯୀଶୁଙ୍କ ରକ୍ତର ମହତ୍ତ୍ୱକୁ ବିବେଚନା କଲେ ଆମେ ଦେଖୁ ଯେ, ଯୀଶୁ ଈଶ୍ୱରଙ୍କ ଦ୍ୱାରା ଗର୍ଭରେ ସଞ୍ଚାରିତ ହେଲେ ଓ ତାଙ୍କ ରକ୍ତରେ ପାପର ଲେଶମାତ୍ର ନ ଥିଲା । ଏହି ସତ୍ୟ ପାପର ବଂଶାନୁକ୍ରମିକ ସଂକ୍ରମଣକୁ ଖଣ୍ଡନ କରେ ।

ଏକ ବଡ ଟ୍ରକ୍ ବ୍ୟବହାର କରୁଥିଲେ ଓ ଫେରିବା ଯାତ୍ରାରେ ସେହି ଟ୍ରକ୍‌କୁ ଏକ ତରଳ ଖାଦ୍ୟ ପଦାର୍ଥ ବହନ କରିବାରେ ବ୍ୟବହାର କରୁଥିଲେ । ଏହା ଫଳରେ ଅନେକ ଲୋକ ଜଟିଳ ରୋଗରେ ଆକ୍ରାନ୍ତ ହେଉଥିଲେ ।

କିନ୍ତୁ, ମାନବ ଶରୀରରେ, ଈଶ୍ୱର ଏକ ଆଶ୍ଚର୍ଯ୍ୟଜନକ ପରିବହନ ବ୍ୟବସ୍ଥା ସୃଷ୍ଟି କରିଛନ୍ତି, ଯାହା ଉଭୟ କୋଷଗୁଡ଼ିକୁ ଖାଦ୍ୟ ନେଇ ଯାଏ ଓ ସମାନ ସମୟରେ ଦୂଷିତ ପଦାର୍ଥ ବୋହି ଆଣେ । ଆଉ ଈଶ୍ୱରଙ୍କର ଯଥାର୍ଥ ସୃଷ୍ଟି ଯୋଗୁ, ରକ୍ତ ସ୍ରୋତରେ କିଛି ବିପରୀତ ସଂକ୍ରମଣ ହୁଏ ନାହିଁ । ଆଶ୍ଚର୍ଯ୍ୟଜନକ ଭାବରେ, ମନୁଷ୍ୟ ଶରୀରର କୌଣସି କୋଷ ଗୋଟିଏ ରକ୍ତ କୋଷିକାଠାରୁ ଏକ କେଶ ପରିମିତ ପ୍ରସ୍ଥ ଅପେକ୍ଷା ଅଧିକ ପ୍ରଶସ୍ତ ନୁହେଁ । ଯଦି ଏହି କୋଷଗୁଡ଼ିକରୁ ବିଷାକ୍ତ ପଦାର୍ଥ ଦୂର କରାଯାଉ ନ ଥା'ନ୍ତା, ତେବେ ଅବଶ୍ୟମ୍ଭାବୀ ଫଳ ହୁଅନ୍ତା ରୋଗ ଓ ମୃତ୍ୟୁ ।

ଆଉ ଆମ ଜୀବନରୁ ପାପର ସଂକ୍ରମିତ ଉପସ୍ଥିତି ଦୂର କରିବାରେ ତାଙ୍କର ପଦ୍ଧତିକୁ ବୁଝାଇବା ସମୟରେ ଈଶ୍ୱର ଠିକ୍ ତାହା ହିଁ ବର୍ଣ୍ଣନା କରିଛନ୍ତି । ଏହି ପ୍ରକାର ଶୁଚିକରଣ କେବଳ ଯୀଶୁଙ୍କର ବହୁମୂଲ୍ୟ ରକ୍ତରେ ସମ୍ଭବ ହୋଇଥାଏ : *''କିନ୍ତୁ ସେ ଯେପରି ଜ୍ୟୋତିର୍ନିବାସୀ, ଆମ୍ଭେମାନେ ଯଦି ସେହିପରି ଜ୍ୟୋତିରେ ଆଚରଣ କରୁ, ତେବେ ଆମ୍ଭମାନଙ୍କର ପରସ୍ପର ସହଭାଗିତା ଅଛି, ପୁଣି ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ''* (୧ମ ଯୋହନ ୧:୭) । *''ଆହୁରି, ଈଶ୍ୱର ଏହା ମଧ୍ୟ କହିଛନ୍ତି ଯେ, ଅନ୍ୟ କୌଣସି ଉପାୟରେ ଆମର ପାପକୁ କ୍ଷମା କରାଯାଇ ପାରିବ ନାହିଁ, କାରଣ ''ରକ୍ତ ବିନା ପାପ ମୋଚନ ନାହିଁ''* (ଏବ୍ରୀ ୯:୨୨) ।

### *ରକ୍ତ : ଏହାର ଜୀବନ ପ୍ରଦାନକାରୀ ଶକ୍ତି*

ରକ୍ତର ଅନ୍ୟ ଏକ କାର୍ଯ୍ୟ ହେଉଛି, ଜୀବନକୁ ବଞ୍ଚାଇବା ପାଇଁ ସମଗ୍ର ଶରୀରରେ ଆବଶ୍ୟକୀୟ ଜଳ ଓ ଖାଦ୍ୟ ବହନ କରି ନେବା । ଯଦି ରକ୍ତ ଶରୀରର କୋଷ ଓ ତନ୍ତୁ ଗୁଡିକ ନିକଟରେ ପହଞ୍ଚିବାରେ ବିଫଳ ହୁଏ, ତେବେ ସେହି ଶାରୀରିକ ଛାଞ୍ଚଟି ସଙ୍ଗେ ସଙ୍ଗେ ମୃତ୍ୟୁବରଣ କରେ । ଏହିପରି ଭାବରେ ରକ୍ତ ସଞ୍ଚାଳନ ବନ୍ଦ ହେଲେ ଶରୀର ମୃତ୍ୟୁ ବରଣ କରେ । ସ୍ପଷ୍ଟତଃ, ରକ୍ତରେ ହିଁ ଜୀବନ ନିହିତ ।





ଏହା ଉପଲବ୍ଧି କରି, ଆମକୁ ପ୍ରଭୁ ଯୀଶୁଙ୍କର ଏହି ବାକ୍ୟ ସ୍ମରଣ କରାଇ ଦିଆଯାଇଛି ଯେ, ପ୍ରଭୁ ଯୀଶୁ ନିଜ ରକ୍ତ ସମ୍ବନ୍ଧରେ କହିବା ସମୟରେ ତାଙ୍କର ଶିଷ୍ୟମାନେ ଅତି ଆଶ୍ଚର୍ଯ୍ୟ ହୋଇଥିଲେ । ସେ ଦୃଢ଼ତାର ସହ କହିଥିଲେ –

> *''ସତ୍ୟ, ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ମନୁଷ୍ୟପୁତ୍ରଙ୍କର ମାଂସ ଭୋଜନ ନ କଲେ ଓ ତାହାଙ୍କ ରକ୍ତ ପାନ ନ କଲେ, ତୁମ୍ଭମାନଙ୍କଠାରେ ଜୀବନ ନାହିଁ । ଯେ ମୋହର ମାଂସ ଭୋଜନ କରେ ଓ ମୋହର ରକ୍ତ ପାନ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୁଏ, ଆଉ ମୁଁ ଶେଷ ଦିନରେ ତାହାକୁ ଉତ୍‌ଥାପନ କରିବି । କାରଣ ମୋହର ମାଂସ ପ୍ରକୃତ ଖାଦ୍ୟ ଓ ମୋହର ରକ୍ତ ପ୍ରକୃତ ପେୟ'' (ଯୋହନ ୬:୫୩-୫୫) ।*

କିନ୍ତୁ, ଯୀଶୁ ନିଜ କଥାର ବାସ୍ତବ ଅର୍ଥ ବୁଝାଇ କହିଥିଲେ : *''... ଯେ ମୋହର ମାଂସ ଭୋଜନ କରେ ଓ ମୋ' ରକ୍ତ ପାନ କରେ, ସେ ମୋ'ଠାରେ ରହେ ଓ ମୁଁ ତାହାଠାରେ ରହେ'' (ଯୋହନ ୬:୫୬)* । ଆତ୍ମିକ ଜୀବନର ପ୍ରକୃତ ଉତ୍ସ ବୁଝିବା କେତେ ଆନନ୍ଦର ବିଷୟ ! ପାପୀମାନଙ୍କୁ ସେମାନଙ୍କ ପାପରୁ ଉଦ୍ଧାର କରିବା ପାଇଁ ଯୀଶୁଙ୍କର ରକ୍ତ କ୍ଷରିତ ହୋଇଥିଲା । ଆଉ ତାଙ୍କ ରକ୍ତକ୍ଷରଣ ଯୋଗୁ ଆମେ ବର୍ତ୍ତମାନ ତାଙ୍କର ପ୍ରଦତ୍ତ ଶରୀରରେ ଅଂଶ ଗ୍ରହଣ କରି ପାରିବା । ''ମୁଁ ତାହାଠାରେ ରହେ'' – ଏହା କହିବା ସମୟରେ ପ୍ରଭୁ ଯୀଶୁ ତାଙ୍କ ରକ୍ତ ପାନ କରିବାର ପ୍ରକୃତ ଅର୍ଥ ବୁଝାଇ ଦେଇ ଥିଲେ ।'' ଆଶ୍ଚର୍ଯ୍ୟ !

ଖ୍ରୀଷ୍ଟଙ୍କର ବାସକାରୀ ଉପସ୍ଥିତିର ପୁନରୁତ୍ଥିତ ଶକ୍ତି ସମ୍ବନ୍ଧରେ ବ୍ୟକ୍ତିଗତ ଅନୁଭୂତି ପାଇ ବିଶ୍ୱାସୀମାନେ ବିଜୟୀ ଭାବରେ ଏହି ସାକ୍ଷ୍ୟ ଦେଇ ପାରିବେ : ''ପୁନରୁତ୍ଥିତ ଖ୍ରୀଷ୍ଟ ବର୍ତ୍ତମାନ ମୋ' ଠାରେ ବାସ କରନ୍ତି ।'' ଏହି ପ୍ରକାର ଲୋକମାନଙ୍କ ପାଇଁ ପ୍ରଭୁଭୋଜ ଉପାସନାରେ ରୋଟୀ ଓ ଦ୍ରାକ୍ଷାରସରେ ଭାଗ ନେବା ହେଉଛି, ଧନ୍ୟବାଦ ଦାନ ଓ ସାକ୍ଷ୍ୟର ଏକ ସରଳ ତଥା ପ୍ରତୀକାତ୍ମକ କାର୍ଯ୍ୟ ।

---

ଦୁଃଖର ବିଷୟ, ଏପରି ଅଗଣିତ ଲୋକ ଅଛନ୍ତି, ଯେଉଁମାନେ ଏ ପର୍ଯ୍ୟନ୍ତ ବିଶ୍ୱାସ କରନ୍ତି ଯେ, ଯେଉଁ ରୋଟୀ ଓ ଦ୍ରାକ୍ଷାରସ କୌଣସି ପ୍ରଭୁଭୋଜ ସମୟରେ ଦିଆଯାଏ, ତାହା ପ୍ରକୃତରେ ଖ୍ରୀଷ୍ଟଙ୍କର ଶାରୀରିକ ମାଂସ ଓ ରକ୍ତରେ ପରିବର୍ତ୍ତିତ ହୋଇଯାଏ । ମାତ୍ର ପ୍ରଭୁ ଯୀଶୁ ଏହାକୁ ଆମ ମଧ୍ୟରେ ତାହାଙ୍କର ବାସକାରୀ ଉପସ୍ଥିତିର ଏକ ନିଦର୍ଶନ ଭାବରେ କେବଳ ପ୍ରତିଷ୍ଠା କରିଥିଲେ ଓ ଆମେ ଏହାକୁ ତାଙ୍କର ରକ୍ତ ଓ ମାଂସର ପ୍ରତୀକ ଭାବେ ଗ୍ରହଣ କରୁ ବୋଲି ଇଚ୍ଛା କରିଥିଲେ, କିନ୍ତୁ ତାକୁ ଦୁଃଖଦଭାବରେ ଏକ ପ୍ରକୃତ ଓ ଶାରୀରିକ ସତ୍ୟ ଭାବରେ ବୁଝାଯାଉଅଛି ।

ଯୀଶୁଙ୍କର ବହୁମୂଲ୍ୟ ରକ୍ତରୁ ଅଙ୍କୁରିତ ଜୀବନ ପ୍ରଦାନକାରୀ ଶକ୍ତିକୁ, ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ଉର୍ଦ୍ଧ୍ୱରୁ ଜାତ ହୋଇଥିବା ବିଶ୍ୱାସୀର ଜୀବନକୁ ଆଶ୍ଚର୍ଯ୍ୟଜନକ ଭାବରେ ପ୍ରବାହିତ କରାଯାଏ । ହଁ, ପ୍ରତ୍ୟେକ ବ୍ୟକ୍ତିର ଜୀବନ ସମ୍ବନ୍ଧୀୟ ଅନ୍ୱେଷଣର ମୂଳ ବିଷୟ ହେଉଛି ଏକ ଜୀବନ ପ୍ରଦାୟକ 'ରକ୍ତ ଅନୁପ୍ରବେଶ' ର ଆବଶ୍ୟକତା ।

### *ରକ୍ତ : ଏହାର ରକ୍ଷାକାରୀ ଶକ୍ତି*

ମନୁଷ୍ୟ ରକ୍ତର ଆହୁରି ଗୋଟିଏ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ଅଛି । ରକ୍ତ କେବଳ ଜୀବନ – ଶୁଚିକାରୀ ଓ ଜୀବନ ପ୍ରଦାନକାରୀ ଅଟେ, ତା'ନୁହେଁ, ମାତ୍ର ଏହା ଜୀବନ ରକ୍ଷାକାରୀ ମଧ୍ୟ ଅଟେ ।

ଯେତେବେଳେ ମୂଷା ଦ୍ୱାରା ସଂକ୍ରମିତ ମହାମାରୀ ଭାରତରେ ଚିହ୍ନଟ କରାଗଲା, ସେତେବେଳେ ସମଗ୍ର ଜଗତରେ ଭୟ ଖେଳିଗଲା । ସେହି ଦେଶରେ ଉତ୍ପନ୍ନ ହୋଇଥିବା ଆନ୍ତର୍ଜାତୀୟ ଜେଟ୍ ବିମାନଗୁଡିକରେ ଜୀବାଣୁ ଧ୍ୱଂସକାରୀ ଔଷଧ ପ୍ରୟୋଗ କରାଗଲା ଓ ଯାତ୍ରୀମାନଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ କିଛି ଦିନ ଅଟକ ରଖାଗଲା । କାଳେ ଏହି ମାରତ୍ମକ ରୋଗ ଅନ୍ୟ ଦେଶଗୁଡିକୁ ବ୍ୟାପିଯିବ, ସେଥିପାଇଁ ଏକ କ୍ଷଣସ୍ଥାୟୀ ବାସନ୍ଦ ଆଇନ ଭାରତ ଛାଡୁଥିବା ସମସ୍ତ ପରବର୍ତ୍ତୀ ବିମାନଗୁଡ଼ିକ ଉପରେ ପ୍ରୟୋଗ କରାଗଲା । ଏପରିକି ଏହି ମହାମାରୀର ବିପଦ ନ ଥାଇ ସୁଦ୍ଧା ଅଜଣା ଜୀବନ ବିପନ୍ନକାରୀ ଜୀବାଣୁ ଦ୍ୱାରା ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ମନୁଷ୍ୟର ମୃତ ଶରୀରଗୁଡ଼ିକୁ ସର୍ବଦା ବିସ୍ଫୋରକ ଦ୍ରବ୍ୟ ଦ୍ୱାରା ପୋଡ଼ି ଦିଆ ଯାଉଥିଲା । କିନ୍ତୁ ରକ୍ତରେ ପ୍ରତିଆକ୍ରମଣର ଆଶ୍ଚର୍ଯ୍ୟଜନକ କୌଶଳ ରହିଅଛି । ଏହା ନିଜର ଜୀବନ ରକ୍ଷାକାରୀ ସ୍ରୋତରେ ବିଷ–ବିରୋଧୀ ଓ ଅନ୍ୟ ସ୍ୱତନ୍ତ୍ର ପଦାର୍ଥ ବହନ କରିଥାଏ, ଯେଉଁଗୁଡ଼ିକ ଜୀବାଣୁ ଆକ୍ରମଣ ବିରୁଦ୍ଧରେ ଶାରୀରିକ ପଦ୍ଧତିକୁ ସୁରକ୍ଷା ଦିଏ । ଯେତେବେଳେ ଏହି ପ୍ରକାର ଏକ ଆକ୍ରମଣ ଘଟେ, ସେତେବେଳେ ଶ୍ୱେତରକ୍ତ କଣିକା (ମୁଖ୍ୟତଃ, ସେଗୁଡ଼ିକ ସୁରକ୍ଷାତ୍ମକ ଉଦ୍ଦେଶ୍ୟରେ ରହିଥାଏ) ନାଟକୀୟ ଭାବରେ ବୃଦ୍ଧି ପାଏ ଓ ଏକ ସୁରକ୍ଷାତ୍ମକ ଆକାର ମଧ୍ୟକୁ ଲମ୍ଫ ପ୍ରଦାନ କରେ ।

ଏହା ଜାଣିବା କିପରି ଆଶ୍ଚର୍ଯ୍ୟର ବିଷୟ ଯେ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ରକ୍ତରେ ମଧ୍ୟ ମାନବ ରକ୍ତର ଆଶ୍ଚର୍ଯ୍ୟଜନକ ଶକ୍ତି ସଦୃଶ ଏକ ଜୀବନ – ରକ୍ଷାକାରୀ କାର୍ଯ୍ୟ ରହିଅଛି । ଯୀଶୁ ଖ୍ରୀଷ୍ଟଙ୍କର ଏହି ରକ୍ତ ବିଶ୍ୱାସୀକୁ ଶୟତାନିକ ଶକ୍ତିର





ନିରନ୍ତର ବିସ୍ଫୋରଣରୁ ରକ୍ଷା କରିଥାଏ । ଶୟତାନ ଓ ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ଶେଷ – କାଳୀନ ଯୁଦ୍ଧ ବିଷୟରେ ରହିଥିବା ଭାବବାଣୀରେ, ଆମେ ପାଠ କରୁ – *''ଆଉ, ସେମାନେ ମେଷଶାବକଙ୍କ ରକ୍ତ ଓ ଆପଣା ଆପଣା ସାକ୍ଷ୍ୟର ବାକ୍ୟ ଦ୍ୱାରା ତାହାକୁ ଜୟ କରିଅଛନ୍ତି, ପୁଣି ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ଆପଣା ଆପଣା ପ୍ରାଣକୁ ପ୍ରିୟଜ୍ଞାନ କରି ନ ଥିଲେ'' (ପ୍ରକାଶିତ ୧୨:୧୧)* । ଆପଣ ମଧ୍ୟ ଯୀଶୁଙ୍କର ବହୁମୂଲ୍ୟ ରକ୍ତର ରକ୍ଷାକାରୀ ଶକ୍ତି ଦ୍ୱାରା ଶୟତାନର ମନ୍ଦ ଆକ୍ରମଣକୁ ଜୟ କରି ପାରିବେ ।

ଶୟତାନ ଉପରେ ଯୀଶୁଙ୍କର ଏହି ବିଜୟ ବିଷୟ ଆଦମ ଓ ହବାଙ୍କୁ ଶୟତାନର ପ୍ରରୋଚନା ପରେ ପରେ ଭବିଷ୍ୟତ୍ ବାଣୀ ଭାବରେ ଘୋଷିତ ହୋଇଥିଲା । ଏହାପରେ, ସଦାପ୍ରଭୁ ପରମେଶ୍ୱର ଏହି ପ୍ରତିଜ୍ଞା ପ୍ରଦାନ କରିଥିଲେ ଯେ, ସ୍ତ୍ରୀର ବଂଶ ଶୟତାନର ଧ୍ୱଂସ ଆଣିବ । *''ଆଉ ଆମ୍ଭେ ତୁମ୍ଭର ଓ ନାରୀର ମଧ୍ୟରେ, ପୁଣି ତୁମ୍ଭ ବଂଶ ଓ ତାଙ୍କ ବଂଶ ମଧ୍ୟରେ ବୈର ଭାବ ଜନ୍ମାଇବାଦ୍ଧ ସେ ତୁମ୍ଭର ମସ୍ତକକୁ ଆଘାତ କରିବ ଓ ତୁମ୍ଭେ ତାହାଙ୍କ ଗୋଇଠିକୁ ଆଘାତ ତରିବ'' (ଆଦି ପୁସ୍ତକ ୩:୧୫)* । ନାରୀର ବଂଶ ଶୟତାନର ମସ୍ତକକୁ ଚୂର୍ଣ୍ଣ କରିବେ, ମାତ୍ର ଏହା ପୂର୍ବରୁ ସେହି ସର୍ପ ମସୀହଙ୍କ ଗୋଇଠିକୁ ଆଘାତ କରିବ । ହଁ, ସେ ହେଉଛନ୍ତି ପ୍ରଭୁ ଯୀଶୁ ଖ୍ରୀଷ୍ଟ ନିଜେ, ନାରୀର ବଂଶ (ସନ୍ତାନ), ଯିଏ ତାଙ୍କର ବହୁମୂଲ୍ୟ ରକ୍ତ କ୍ଷରଣ କରିବେ, ଯେପରି...

> *''ମୃତ୍ୟୁ ଦ୍ୱାରା ମୃତ୍ୟୁର ଅଧିକାରୀକୁ, ଅର୍ଥାତ୍, ଶୟତାନକୁ ବିନାଶ କରନ୍ତି'' (ଏବ୍ରୀ ୨:୧୪)* ।

ପ୍ୟାରିସର ''ଗେୟାର ସେଣ୍ଟ ଲାଜାରେ'' ଷ୍ଟେସନଠାରେ ଆମେ ସାକ୍ଷାତ କରିଥିବା, ସ୍ୱପ୍ନ ପଛରେ ଧାବମାନ ସେହି ଛାତ୍ରମାନଙ୍କ ସଦୃଶ ଅନେକ ବ୍ୟକ୍ତି ଆଜି ବାସ୍ତବ ଜୀବନର ଉତ୍ସ ଆବିଷ୍କାର କରିଛନ୍ତି ।

କିଛି ଦିନ ପୂର୍ବେ, ଡରୋଥି ଓ ମୁଁ ଶହ ଶହ ଉଗାଣ୍ଡାବାସୀମାନଙ୍କ ସହିତ ସାକ୍ଷାତ୍ କରିଥିଲୁ, ଯେଉଁମାନଙ୍କୁ ଏହି ଭରସା ଦିଆଯାଇଥିଲା ଯେ, ସେମାନେ ପ୍ରକୃତ ଜୀବନ ଆବିଷ୍କାର କରିଛନ୍ତି । ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ବହୁମୂଲ୍ୟ ରକ୍ତରେ ସେମାନେ ଏକ ହୃଦୟ – ଶୁଚିକାରୀ, ଜୀବନ ପ୍ରଦାନକାରୀ ଓ ଶୟତାନ – ପ୍ରତିରୋଧକ ଶକ୍ତି ଆବିଷ୍କାର କରିଥିଲେ । ସେମାନେ ପ୍ରକୃତରେ, ଏହା ସ୍ୱୀକାର

କରିଥିଲେ ଯେ, ସେମାନଙ୍କ ପାଇଁ ପୁରାତନ ବିଷୟ ଲୋପ ପାଇଛି ଓ ବର୍ତ୍ତମାନ ସମସ୍ତ ବିଷୟ ନୂତନ ହୋଇଅଛି ।

ଆସନ୍ନ ବିପଦ ସମ୍ବନ୍ଧରେ ଆମକୁ କେନିୟାର ଦୂତାବାସସ୍ଥିତ କର୍ମଚାରୀମାନେ ସତର୍କ କରି ଦେଇଥିଲେ ହେଁ ମୋର ସ୍ତ୍ରୀ ଓ ମୁଁ ଈଶ୍ୱରଙ୍କ ଆତ୍ମାଙ୍କ ଚାଳନାରେ ଉଗାଣ୍ଡାକୁ ଯାତ୍ରା କରିଥିଲୁ । ଉଗାଣ୍ଡାର ପାଳକ ଓ ସେମାନଙ୍କର ପତ୍ନୀମାନଙ୍କ ସହିତ ଈଶ୍ୱର ଆମର ଦୀର୍ଘକାଳୀନ ଅଧିବେଶନର ସମୟ ନିରୂପଣ କରିଥିଲେ । ଆମେ ପରେ ଆବିଷ୍କାର କରିଥିଲୁ ଯେ, ସେ ମଧ୍ୟ ଆମର ପୂର୍ବ-ନିରୂପିତ ପ୍ରତ୍ୟାବର୍ତ୍ତନ ଯାତ୍ରା ନିରୂପଣ କରିଥିଲେ । (ଏପରି ଘଟିଲା ଯେ ଆମର ବିମାନଟି ଅନ୍ୟ ଗୋଟିଏ ସାମରିକ ବିଦ୍ରୋହ ଆରମ୍ଭ ହେବା ପୂର୍ବରୁ ଏଣ୍ଟିବି ଛାଡୁଥିବା ଶେଷ ବିମାନ ଥିଲା ।)

ବିମାନ ବନ୍ଦରରେ ଆମେ ପହଞ୍ଚିବା ସଙ୍ଗେ ସଙ୍ଗେ ପରିବେଶରେ ଏକ ଉଦ୍‌ବେଗ ଓ ଭୟର ଆଭାସ ପାଇଲୁ । ଆମେ ସମ୍ମୁଖୀନ ହୋଇଥିବା ଦ୍ୱନ୍ଦ୍ୱ ଓ ଆବର୍ଜନା ଅବର୍ଣ୍ଣନୀୟ ଥିଲା । ସେହି ଅଞ୍ଚଳରେ ଥିବା ଅଳ୍ପ କେତୋଟି ମଟରଗାଡ଼ି ମଧ୍ୟରୁ ଗୋଟିଏ ଗାଡ଼ି ଆମକୁ ଏପରି ରାସ୍ତାରେ ବିମାନ ବନ୍ଦରରୁ ଆଣିଲା, ଯେଉଁଠାରେ ସେ ପର୍ଯ୍ୟନ୍ତ ବୋମା-ଗାତଗୁଡ଼ିକ ଖୋଲା ହୋଇରହିଥିଲା । କିଛି ଦୂର ଯିବା ପରେ ଦୁର୍ଦ୍ଦାନ୍ତ ସୈନ୍ୟମାନଙ୍କର ବନ୍ଧୁକମୁନ ଆମ ପ୍ରତି ଉତ୍ତୋଳନ କରାଯାଇଥିଲା । ସେମାନେ ସରକାରୀ ସୈନ୍ୟ କିମ୍ବା ସରକାର-ବିରୋଧୀ ସୈନ୍ୟ କିମ୍ବା କେବଳ ଡକାୟତମାନେ ସୈନିକ ବେଶରେ ରହିଥିଲେ ତାହା ଆମେ ଜାଣୁନା, କିନ୍ତୁ ସେମାନେ ଅତି ଶୀଘ୍ର ଆମର ଗାଡ଼ିଚାଳକକୁ ସେମାନଙ୍କର ନିଜର ଗୋଷ୍ଠୀର ବୋଲି ଚିହ୍ନିପାରିଲେ, ସେଥିପାଇଁ ସେମାନେ ଅନିଚ୍ଛା ସତ୍ତ୍ୱେ ଆମକୁ କୌଣସି ପ୍ରକାରେ ଆଘାତ ନ କରି କିମ୍ବା ଆମଠାରୁ କୌଣସି ଜିନିଷ ହରଣ ନ କରି ଆମକୁ ଅଗ୍ରସର ହେବା ପାଇଁ ଅନୁମତି ଦେଇଥିଲେ ।

ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପରେ, ଆମର ଅଧିବେଶନ ନିମନ୍ତେ ଉଦ୍ଦିଷ୍ଟ ସଭାସ୍ଥଳଟି ଏକ ଭୟାକୁଳ ଅଞ୍ଚଳର ମଧ୍ୟଭାଗରେ ଅନ୍ଧକାର ଓ ଅପରିଷ୍କାର ଭାବରେ ନିର୍ମିତ ହୋଇଥିବାର ଆମେ ଦେଖିଲୁ । କିନ୍ତୁ ଯେତେବେଳେ ପାଳକ ଓ ସେମାନଙ୍କର ସ୍ତ୍ରୀମାନେ ପହଞ୍ଚିଲେ, ସେତେବେଳେ ଅତି ଶୀଘ୍ର ଆମେ ଏହି ପରିବେଶକୁ ଭୁଲିଗଲୁ । ପ୍ରଭୁ ନିଜେ ତାଙ୍କ ଗୌରବ ଓ ତାଙ୍କ ଉପସ୍ଥିତିର ଏକ ବହୁଳ ଅନୁଭବ ଦ୍ୱାରା ଆମକୁ ଅନୁଗ୍ରହ ପ୍ରଦାନ କରିଥିଲେ । ଉଗାଣ୍ଡାରେ ସେହି ସଭାଗୁଡ଼ିକ ଜୀବିତ





ଈଶ୍ୱରଙ୍କ ସହିତ ଆମ ସାକ୍ଷାତର ଏକ ଚୂଡ଼ାନ୍ତ ଅନୁଭୂତି ଭାବରେ ଚିରଦିନ ପାଇଁ ଆମ ସ୍ମୃତିପଟରେ ରହିବ ।

ଡରୋଥି ଓ ମୁଁ ବାଇବଲରୁ ଜଣାଉଥିବା ଈଶ୍ୱରଙ୍କ ସତ୍ୟ ଶୁଣିବା ପାଇଁ ଅତି ମନୋଯୋଗର ସହିତ, ପାଳକ ଓ ସେମାନଙ୍କ ପତ୍ନୀମାନେ ଦିନକୁ ଆଠଘଣ୍ଟା ଧରି ସେହି ଅସୁବିଧାଜନକ ବେଞ୍ଚଗୁଡ଼ିକରେ ବସି ରହୁଥିଲେ । ମୁଁ ଶିକ୍ଷା ଦେଉଥିବା ସମୟରେ ଶ୍ରୋତାମାନେ ଯେପରି କାଗଜରେ ଲେଖି ପାରିବେ, ଏଥିପାଇଁ ସେମାନଙ୍କୁ ସାହାଯ୍ୟ କରିବାକୁ ମୋର ସ୍ତ୍ରୀ ମୁଖ୍ୟାଂଶଗୁଡ଼ିକୁ ଗୋଟିଏ ପୁରୁଣା କଳାପଟାରେ ଲେଖିଦେଉଥିଲେ । ହଠାତ୍, ଦ୍ୱାରରେ ଏକ ଜୋର୍ ଆଘାତ ହେଲା । ଯଦିଓ ଦ୍ୱାରଦେଶରେ ଜଣେ ମଦ୍ୟପ ନିଜ ବନ୍ଧୁକ ଧରି ଠିଆ ହୋଇଥିଲା, ତଥାପି ତା'ର ସାଥୀ ଜନତା ମଧ୍ୟ ଦେଇ ଠେଲିପେଲି ଆଗକୁ ଆସିଲା ଓ ଡରୋଥିଙ୍କ ଛାତି ନିକଟରେ ବନ୍ଧୁକକୁ ଟେକି ଧରିଲା ।

ଡରୋଥି ଧୀର ଭାବରେ କହିଲେ, ''ଏହି ପ୍ରିୟ ବ୍ୟକ୍ତିଟି ଯେପରି ଯୀଶୁଙ୍କୁ ଜାଣିବେ, ଏଥିପାଇଁ, ଆସନ୍ତୁ, ଆମେ ପ୍ରାର୍ଥନା କରିବା ।''

ମୁହୂର୍ତ୍ତଗୁଡ଼ିକ ମନେହେଉଥିଲା ଅସରନ୍ତି ତଥାପି କିଛି ସମୟ ପରେ ମୋର କଥାକୁ ବୁଝାଉଥିବା ଅନୁବାଦକ ଅତି ଆଶ୍ଚର୍ଯ୍ୟରେ ମୋତେ ଚାହିଁ କହିଲେ, ''ସେହି ମଦ୍ୟପ ସୈନ୍ୟଟି ବର୍ତ୍ତମାନ ଯାହା କହିଲା, ତାହା ମୁଁ ବିଶ୍ୱାସ କରି ପାରୁନାହିଁ । ସେ କହିଲା, 'ଏହି ସ୍ତ୍ରୀର' ଈଶ୍ୱରଙ୍କ ବିଷୟରେ ମୁଁ ଜାଣିବାକୁ ଚାହୁଁଛି ।''

ଅନୁବାଦକ ଏହା କହିବା ସମୟରେ ମୁଁ ଏପରି ଏକ ଦୃଶ୍ୟ ଦେଖିଲି, ଯାହାକୁ ମୁଁ ଆଦୌ ଭୁଲିବି ନାହିଁ । କାରଣ ଯାହା ହେଉ – ହୁଏତ ଜଣେ ସ୍ୱର୍ଗଦୂତ ସେହି ଅନୁପ୍ରବେଶକାରୀକୁ ଆଣ୍ଠୁ ଭାଙ୍ଗିବା ପାଇଁ ବାଧ୍ୟ କରିଥାନ୍ତୁ, କିମ୍ବା ଆମ ସଭାରେ ରହିଥିବା ଈଶ୍ୱରଙ୍କ ପବିତ୍ରତା ଓ ଶକ୍ତି ସମ୍ବନ୍ଧରେ ଭୀତିପ୍ରଦ ଅନୁଭବ, ଯାହା ସେହି ମଦ୍ୟପ ସୈନ୍ୟ ପାଇଁ ଅତ୍ୟଧିକ ହୋଇଥାଇପାରେ କିମ୍ବା ଏହା ନିଜ ହୃଦୟର ଗଭୀର ଆବଶ୍ୟକତାକୁ ଖୋଲା ଖୋଲି ଭାବେ ପ୍ରକାଶ କରିବାକୁ ତାକୁ ପ୍ରୋତ୍ସାହିତ କରୁଥିବା ସ୍ୱେଚ୍ଛାମୂଳକ ନମ୍ରତା ହୋଇ ପାରେ – ତାହା ମୁଁ ଜାଣେ ନାହିଁ । ମୁଁ ଯାହା ଜାଣୁଥିଲି, ତାହା ହେଉଛି – ସେହି ମୁହୂର୍ତ୍ତରେ, ବନ୍ଧୁକର ମୁନ ଧୀରେ ଧୀରେ ନିମ୍ନଗାମୀ ହୋଇଥିଲା ଓ ଏହା ପରେ ଧ୍ୱଂସ ନିମନ୍ତେ ଉଦ୍ଦିଷ୍ଟ ଅସ୍ତ୍ରଟି ତଳେ ପଡ଼ିଯାଇ ଥିଲା ଏବଂ ସୈନ୍ୟଟି ଆଣ୍ଠୁ ଭାଙ୍ଗି ବସିପଡ଼ିଲା ।

ସଭା ପରେ ଭାବିଚିନ୍ତି ଶିକ୍ଷା ଦେବା ପାଇଁ ଆଉ ସମୟ ନ ଥିଲା ! ଆଉ ଡରୋଥି ଏହା ଜାଣିଥିଲେ । ସେ କହିଲେ, ''ମୋ' ପଛେ ପଛେ ଏହି ପ୍ରାର୍ଥନା କର ।'' ଏହାପରେ, ଧୀରେ ଧୀରେ ସେ ସେହି କ୍ରୁଶ ନିକଟକୁ – ପାପୀ ମନୁଷ୍ୟର ତ୍ରାଣକର୍ତ୍ତାଙ୍କ ନିକଟକୁ ଏହି ଭ୍ରାନ୍ତ ଓ ଅଭାବୀ ପ୍ରାଣକୁ କଢ଼ାଇ ଆଣିଥିଲେ – ଯେଉଁଠାରେ ସେ ଯୀଶୁଙ୍କ ରକ୍ତ ମାଧ୍ୟମରେ ସମସ୍ତ ସତ୍ୟ ଜୀବନର ଉତ୍ସ ଆବିଷ୍କାର କରିଥିଲେ ।

ସେହି ସ୍ମରଣୀୟ ସଭା ପରେ ପରେ ଘଟିଥିବା ଘଟଣା ଯୋଗୁଁ, ମୁଁ ବର୍ତ୍ତମାନ ଏହି ଅନୁଭୂତି ଆପଣମାନଙ୍କୁ ଜଣାଉଛି ।

ଆମ ସଭାରେ ଏପରି କେତେକ ଲୋକ ଥିଲେ, ଯେଉଁମାନେ ସେହି ଅନୁପ୍ରବେଶ କାରୀକୁ ଭୟ ଓ ଘୃଣା କରୁଥିଲେ, ଯିଏ ଏତେ ହିଂସ୍ର ଭାବରେ ଆମ ସଭା ମଧ୍ୟରେ ପ୍ରବେଶ କରିଥିଲା । ଆମ ମଧ୍ୟରେ ଏପରି ଲୋକ ଥିଲେ, ଯେଉଁମାନଙ୍କ ଜୀବନ ଏଇ କିଛିଦିନ ତଳେ ବିପନ୍ନ ହୋଇଥିଲା । ଉପସ୍ଥିତ ଜଣେ ପାଳକଙ୍କ ଆଙ୍ଗୁଠିଗୁଡ଼ିକ ଏପରି ଏକ ସୈନିକ ଦ୍ୱାରା ଛିଣ୍ଡିଯାଇଥିଲା, ଯିଏ ତାଙ୍କୁ ହତ୍ୟା କରିବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲା । କିନ୍ତୁ ସେମାନେ ପ୍ରଭୁ ଯୀଶୁଙ୍କୁ ବ୍ୟକ୍ତିଗତ ଭାବରେ ଜାଣିଥିବାରୁ ଓ ପ୍ରେମ କରୁଥିବାରୁ, ସେମାନେ ଏହି ଲୋକମାନଙ୍କୁ କୁଣ୍ଢାଇ ପକାଇଲେ ଓ ଖ୍ରୀଷ୍ଟଙ୍କଠାରେ ସେମାନଙ୍କ ନୂତନ ଭାଇନିମନ୍ତେ ପ୍ରାର୍ଥନା କରିବାକୁ ଲାଗିଲେ ।

ଏହାପରେ, କୌଣସି ବାଦ୍ୟଯନ୍ତ୍ର ବିନା, ଗୌରବମୟ ଆଫ୍ରିକୀୟ ଏକତାରେ, ସେମାନେ ଗୀତ ଗାଇଉଠିଲେ । ମୋର ହୃଦୟ ସେ ପର୍ଯ୍ୟନ୍ତ ଭୟରେ ପୂର୍ଣ୍ଣ ଥିଲା ଓ ମୁଁ ସେହି ଗୀତର ବାକ୍ୟଗୁଡ଼ିକ ଉପରେ ଚିନ୍ତା କରୁଥିଲି –

ଓଃ, ଯୀଶୁଙ୍କର ରକ୍ତ
ଓଃ, ଯୀଶୁଙ୍କର ରକ୍ତ
ଓଃ, ଯୀଶୁଙ୍କର ରକ୍ତ
ତାହା ମୋତେ ପାପରୁ ଶୁଚି କରେ ।

ଯଦି ଆମର ବିଶ୍ୱ – ନେତାମାନେ ସେହିଦିନ ଆମ ସହିତ ରହିଥାନ୍ତେ, ତେବେ ସେମାନେ ମଧ୍ୟ, ନିଶ୍ଚୟ ଆନ୍ତଃ ଗୋଷ୍ଠୀ, ଆନ୍ତଃ ବର୍ଣ୍ଣ ଓ ଆନ୍ତର୍ଜାତୀୟ ସଂଘର୍ଷ ପ୍ରତି ଈଶ୍ୱରଙ୍କର ଏକମାତ୍ର ସମାଧାନର ସାକ୍ଷୀ ହୋଇପାରିଥା'ନ୍ତେ :





*''ପୁଣି, ତାହାଙ୍କ କ୍ରୁଶର ରକ୍ତରେ ସେ ଶାନ୍ତି ସ୍ଥାପନ କରି ତାହାଙ୍କ ଦ୍ୱାରା ଆପଣା ସହିତ ସମସ୍ତର ମିଳନ କରନ୍ତି (କଲସୀୟ ୧:୨୦) ... ଆଉ ପୂର୍ବେ ଦୁଷ୍କର୍ମ କରି ତୁମ୍ଭେମାନେ ଈଶ୍ୱରଙ୍କଠାରୁ ପୃଥକ୍ ଓ ମନରେ ତାହାଙ୍କର ଶତ୍ରୁ ଥିଲ, କିନ୍ତୁ ଏବେ ସେ ... ତୁମ୍ଭମାନଙ୍କୁ ଆପଣା ସହିତ ମିଳିତ କରିଅଛନ୍ତି'' (କଲସୀୟ ୧:୨୧,୨୨) ।*

*''ତାହାଙ୍କ ରକ୍ତ ଦ୍ୱାରା ... ଈଶ୍ୱରଙ୍କ କ୍ରୋଧରୁ ଆମେ ତାହାଙ୍କ ଜୀବନ ଦ୍ୱାରା ପରିତ୍ରାଣ ପାଇବା'' (ରୋମୀୟ ୫:୯-୧୦) ।* ହଁ, ଉପରୋକ୍ତ ବିଷୟ ଦ୍ୱାରା ହିଁ ଈଶ୍ୱରଙ୍କ ସହିତ ଏକ ସଠିକ୍ ସଂପର୍କ ମଧ୍ୟକୁ ଅଣାଯାଇ ଥିବା ବ୍ୟକ୍ତିମାନେ ହିଁ ପରିତ୍ରାଣ ପାଇବେ ।

**ଅନୁଚିନ୍ତା**

୧. ଆପଣ ବାସ୍ତବରେ ଏକ (ସମ୍ମାନଜନକ) ଜୀବନ ଇଚ୍ଛା କରୁଛନ୍ତି କି ? ଏହି ଜୀବନ ସମ୍ବନ୍ଧରେ ପ୍ରଭୁ ଯୀଶୁ ବର୍ଣ୍ଣନା କରି କହିଥିଲେ, *''ସେମାନେ ଯେପରି ଜୀବନ ପାଆନ୍ତି, ଆଉ ପ୍ରଚୁର ଭାବରେ ପାଆନ୍ତି, ଏଥିନିମନ୍ତେ ମୁଁ ଆସିଅଛି'' (ଯୋହନ ୧୦:୧୦) ।*

୨. ବାଇବଲ ଅନୁସାରେ, ମନୁଷ୍ୟ ଶରୀରରେ ଜୀବନ କେଉଁଠାରେ ମିଳେ ? (ଲେବୀୟ ୧୭:୧୧ ପାଠ କରନ୍ତୁ) ।

୩. ପ୍ରଭୁ ଯୀଶୁଙ୍କର ବହୁମୂଲ୍ୟ ରକ୍ତର ଅନନ୍ତ କାଳୀନ ଗୁରୁତ୍ୱ କ'ଣ ? ଆପଣ ଏହାର ଜୀବନ ଶୁଚିକାରୀ ଶକ୍ତିରେ ବିଶ୍ୱାସ କରୁଛନ୍ତି କି ? ଆପଣ ଏହାର ଜୀବନ ପ୍ରଦାନକାରୀ ଶକ୍ତିରେ ବିଶ୍ୱାସ କରୁଛନ୍ତି କି ?

ଆପଣ ଏହାର ରକ୍ଷାକାରୀ ଶକ୍ତିରେ ବିଶ୍ୱାସ କରୁଛନ୍ତି କି ? ପ୍ରଭୁ ଯୀଶୁ କହିଥିଲେ : *''ମୁଁ ପୁନରୁତ୍ଥାନ ଓ ଜୀବନସ୍ୱ ଯେ ମୋ'ଠାରେ ବିଶ୍ୱାସ କରେ, ସେ ଯଦ୍ୟପି ମରେ, ତଥାପି ବଞ୍ଚିବ । ପୁଣି ଯେ କେହି ବଞ୍ଚେ ଓ ମୋ'ଠାରେ ବିଶ୍ୱାସ କରେ, ସେ କଦାପି କେବେ ହେଁ ମରିବ ନାହିଁ ''(ଯୋହନ ୧୧:୨୫,୨୬) ।*

*‘ଗୋଟିଏ କଳାକାରର ଚିତ୍ରର ସଠିକତା,*
*ଜଣେ ମାନବ ମୁଖର ଉଜ୍ଜ୍ୱଳତା, ଗୋଟିଏ*
*ପ୍ରାକୃତିକ ଦୃଶ୍ୟର ସୌନ୍ଦର୍ଯ୍ୟ – ଏଥିମଧ୍ୟରୁ*
*କୌଣସିଟିକୁ ଶବ୍ଦ ଦ୍ୱାରା ଯଥାର୍ଥ ଭାବରେ*
*ବର୍ଣ୍ଣନା କରାଯାଇ ପାରିବ ନାହିଁ ।*
*ଏଥିନିମନ୍ତେ ଦୃଷ୍ଟି ଆବଶ୍ୟକ ହେବ ।’’*

## ଅଧ୍ୟାୟ ୯

# *ମୁଁ କିପରି ଈଶ୍ୱରଙ୍କ ପରିବାରର ଅଂଶବିଶେଷ ହୋଇପାରିବି ?*

୧୯୪୦ ର ପ୍ରଥମ ଭାଗରେ, ଚିକିତ୍ସା ବିଜ୍ଞାନ ଚକ୍ଷୁ ଅସ୍ତ୍ରୋପଚାର କ୍ଷେତ୍ରରେ ବହୁ ଉନ୍ନତି କରିଥିଲା । ପ୍ରକୃତରେ, ଏତେ ଉନ୍ନତି କରିଥିଲା ଯେ ସଦ୍ୟ ମୃତ୍ୟୁବରଣ କରିଥିବା କୌଣସି ବ୍ୟକ୍ତିର ସୁସ୍ଥ କୋର୍ଣ୍ଣିଆକୁ ନେଇ ଜଣେ ଅନ୍ଧ ବ୍ୟକ୍ତିର ଚକ୍ଷୁ ମଧ୍ୟରେ ରୋପଣ କରିବା ସମ୍ଭବ ହୋଇଥିଲା । ଡାକ୍ତର ସ୍ୟାଙ୍ଗଷ୍ଟର ପ୍ରଥମ ସଫଳ କୋର୍ଣ୍ଣିଆ ପ୍ରତିରୋପଣ ଫଳ ଦେଖିବା ବିଷୟରେ ଆମକୁ କହିଥିଲେ ।

ସୂର୍ଯ୍ୟୋଦୟ ପୂର୍ବରୁ, ଡାକ୍ତର ସାଙ୍ଗଷ୍ଟର ଇଂଲଣ୍ଡର ସୁନ୍ଦର ‘ସୁରେ ଡାଉନ୍‌ସ’ ପର୍ଯ୍ୟନ୍ତ ଦୁଇଜଣ ବ୍ୟକ୍ତିଙ୍କ ସହିତ ଆସିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ମହିଳା ଥିଲେ, ଯିଏ ଜନ୍ମାନ୍ଧ ଥିଲେଦ୍ଧ ଅନ୍ୟଜଣକ ତାଙ୍କର ଚକ୍ଷୁ ଡାକ୍ତର ଥିଲେ । ଅସ୍ତ୍ରୋପଚାର ପରେ ଦିନର ଆଲୋକରୁ ରୋଗୀର ଚକ୍ଷୁକୁ ସୁରକ୍ଷା ଦେବା ପାଇଁ ଅନେକ ପଟି ବନ୍ଧାଯାଇଥିଲା । ଧୀରେ ଧୀରେ ଏଗୁଡ଼ିକୁ ଖୋଲାଗଲା । ସେ ଆଲୋକ ପ୍ରତି ଏକ ନୂତନ ଅନୁଭବ ସମ୍ବନ୍ଧରେ ସଚେତନ ହୋଇ ସାରିଥିଲେ ଓ ଅତି ଖୁସି ଥିଲେ । ଆଉ ବର୍ତ୍ତମାନ ସୂର୍ଯ୍ୟୋଦୟ ପୂର୍ବରୁ ଶେଷ ପଟି ସେହି ମହିଳାଙ୍କ ଚକ୍ଷୁରୁ କାଢ଼ି ଦିଆଗଲା, ଯିଏ ଆଦୌ କେବେ ଦେଖି ନ ଥିଲେ ।

ସେହି ଦିନ ଦିଗ୍‌ବଳୟ ଉପରେ ପ୍ରଭାତର ସୂର୍ଯ୍ୟ ଦେଖା ଦେବା ସମୟରେ, ସୂର୍ଯ୍ୟୋଦୟ ଅତ୍ୟଧିକ ଗୌରବମୟ ହୋଇପାରି ଥିଲା । ଛାୟାଗୁଡ଼ିକ କ୍ଷୁଦ୍ରତର ହେବାରେ ଲାଗିଥିଲା ଓ ସବୁଜ ପତ୍ର ଗୁଡ଼ିକ ପ୍ରଭାତକାଳୀନ ସୌନ୍ଦର୍ଯ୍ୟର ଏକ ପୃଷ୍ଠଭୂମି ଉପରେ ସେମାନଙ୍କର କୋମଳ ସୁନ୍ଦରତାର ଛାୟାଚିତ୍ର ଆଙ୍କୁଥିଲେ । ପକ୍ଷୀମାନେ କାକରଭିଜା ଘାସ ଉପରେ ସେମାନଙ୍କର ଜଳଖିଆ ଅନୁସନ୍ଧାନରେ

ବ୍ୟସ୍ତ ଭାବରେ ଡିଆଁ ଡେଇଁ କରୁଥିଲେ । ଏହି ସମସ୍ତ ଦୃଶ୍ୟ ଏପରି ଜଣେ ମହିଳାଙ୍କ ପାଇଁ ସର୍ବୋତ୍ତମ ଆନନ୍ଦ ଆଣିଥିଲା, ଯିଏ ନିଜ ଜୀବନରେ ପ୍ରଥମ ଥର ଦେଖିପାରୁଥିଲେ । ଚିବୁକ ଉପରକୁ ଗଡ଼ିଆସୁଥିବା ଅଶ୍ରୁ ଧାରା ସହିତ ସେ ଆଶ୍ଚର୍ଯ୍ୟରେ କହିଥିଲେ, ‘‘ଓଃ, ଆପଣ ମୋ’ ନିକଟରେ ଏହା ବର୍ଣ୍ଣନା କରିବାକୁ ଚେଷ୍ଟା କରିଥିଲେ, ମାତ୍ର କୌଣସି ବିଷୟ ଏତେ ସୁନ୍ଦର ହୋଇପାରେ ବୋଲି ମୁଁ ଭାବିପାରି ନ ଥିଲି !’’ ଏହା ପରେ ସେ ଈଶ୍ୱରଙ୍କ ସୃଷ୍ଟିର ସୌନ୍ଦର୍ଯ୍ୟ ସମ୍ମୁଖରେ ନୀରବରେ ବସି ରହିଲେ ।

ଆଦୌ ଦେଖି ନ ଥିବା ଜଣେ ବ୍ୟକ୍ତି ନିକଟରେ ଆପଣ କିପରି ଲାଲ ରଙ୍ଗ ବର୍ଣ୍ଣନା କରିବାକୁ ଚେଷ୍ଟା କରିବେ ? କିମ୍ବା, ଯେଉଁ ବ୍ୟକ୍ତିର ଚକ୍ଷୁ ଆଲୋକ ପ୍ରତି ଆଦୌ ପ୍ରତିକ୍ରିୟା ଦେଖାଇ ନାହିଁ, ତା’ ନିକଟରେ ଏକ ସୂର୍ଯ୍ୟାସ୍ତର ଦୃଶ୍ୟ କିପରି ବର୍ଣ୍ଣନା କରିପାରିବେ ? ଏହା ନିଶ୍ଚୟ ଅସମ୍ଭବ । ଦୃଶ୍ୟର ସୌନ୍ଦର୍ଯ୍ୟ ବର୍ଣ୍ଣନା କରୁଥିବା ବାକ୍ୟ ଯେତେବେଳେ ଏପରି ଜଣେ ବ୍ୟକ୍ତିର କର୍ଣ୍ଣରେ ପଡ଼େ, ଯାହାର ଦୃଶ୍ୟ ବିଷୟ ଉପରେ କୌଣସି ଧାରଣା ନ ଥାଏ, ସେତେବେଳେ ତାହା ଅର୍ଥହୀନ ହୋଇଯାଏ । ଜଣେ କଳାକାରର ଚିତ୍ର ସମ୍ବନ୍ଧରେ ସଠିକତା, ଜଣେ ମାନବ ମୁଖର ଉଜ୍ଜ୍ୱଳତା, ଗୋଟିଏ ପ୍ରାକୃତିକ ଦୃଶ୍ୟର ସୌନ୍ଦର୍ଯ୍ୟ – ଏ ଗୁଡ଼ିକ ମଧ୍ୟରୁ କୌଣସିଟିକୁ ଶବ୍ଦ ଦ୍ୱାରା ବର୍ଣ୍ଣନା କରାଯାଇ ପାରିବ ନାହିଁ । ଦୃଷ୍ଟି ଆବଶ୍ୟକ ହେବ ।

ଯେତେବେଳେ ଜଣେ ବିଶ୍ୱାସୀ, ଜଣେ ଅବିଶ୍ୱାସୀକୁ ଆତ୍ମିକ ସୌନ୍ଦର୍ଯ୍ୟ ବିଷୟରେ ଜଣାଇବାକୁ ଚେଷ୍ଟା କରେ, ସେତେବେଳେ ସେ ସେହି ସମାନ କଷ୍ଟର ସମ୍ମୁଖୀନ ହୁଏ । ଥରେ ଲଣ୍ଡନର ‘‘ଗାଏ’’ ଡାକ୍ତରଖାନାରେ ନିଜର ଶେଷ ପରୀକ୍ଷା ଦେଉଥିବା ଜଣେ ଡାକ୍ତରୀ ଛାତ୍ର ସହିତ କଥାବାର୍ତ୍ତା କରୁଥିବା ସମୟରେ, ମୁଁ ଈଶ୍ୱରଙ୍କ ପ୍ରେମର ସୁନ୍ଦରତା ବୁଝାଇବାକୁ ଚେଷ୍ଟା କରୁଥିଲି । ସେ ଉତ୍ତର ଦେଲେ, ‘‘ମୁଁ ଏହା ଦେଖି ପାରୁ ନାହିଁ ।’’ ମୁଁ ବୁଝିଲି, ମାତ୍ର ଆଳାପଟିକୁ ସାମାନ୍ୟ ଆଗକୁ ବଢ଼ାଇଲି । ‘‘ନା, ମୁଁ ଏହାକୁ ସନ୍ଦେହ କରୁନାହିଁ, କାରଣ ଆପଣ ଏପରି ଜଣେ ବ୍ୟକ୍ତିଙ୍କ ସଦୃଶ ଅଟନ୍ତି ଯିଏ ଗୋଟିଏ ଅନ୍ଧକାରରେ କୋଠରୀରେ ବାସ କରୁଅଛି । ତାହା କିପରି ଅଟେ, ଏହା ମୁଁ ଜାଣେଦ୍ଧ ମୁଁ ନିଜେ ମଧ୍ୟ ଆତ୍ମିକ ଅନ୍ଧକାର ମଧ୍ୟରେ ବାସ କରିଅଛି, ମାତ୍ର ବର୍ତ୍ତମାନ ମୁଁ ବାହାରେ ଅଛି, ଯେଉଁଠାରେ ଈଶ୍ୱରଙ୍କର ପ୍ରେମର ସୂର୍ଯ୍ୟ କିରଣ ଦେଉଅଛି ।’’ ମୁଁ କହିଲି, ‘‘ଡେଭିଡ୍, ଯଦି ଆପଣ ଈଶ୍ୱରଙ୍କ ପ୍ରେମ ବୁଝିବାକୁ ଚାହୁଁଛନ୍ତି, ତେବେ ଆପଣଙ୍କୁ ସେହି ଅନ୍ଧକାର କୋଠରୀ ମଧ୍ୟରୁ ତାଙ୍କର ସୂର୍ଯ୍ୟାଲୋକ





ମଧ୍ୟକୁ ଆସିବାକୁ ହେବ ।’’ ସେହିଦିନ ନିଜର ପାପ ପାଇଁ କ୍ଷମା ମାଗିବାକୁ ଓ ତାଙ୍କ ଜୀବନରେ ପ୍ରବେଶ କରିବାକୁ ପ୍ରଭୁ ଯୀଶୁଙ୍କ ନିକଟରେ ଡେଭିଡ୍ ଆଣ୍ଠୁଭାଙ୍ଗି ପ୍ରାର୍ଥନା କରିଥିଲେ । ପ୍ରାର୍ଥନାରୁ ଉଠିବା ପରେ ସେ ଯାହା କହିଥିଲେ, ତାହା ମୁଁ ଆଦୌ ଭୁଲିବି ନାହିଁ : ‘‘ଏହା ଏତେ ସୁନ୍ଦର ବୋଲି ମୁଁ ଭାବିପାରି ନ ଥିଲି ।’’

ଠିକ୍ ଯେପରି ପ୍ରାକୃତିକ ଦୃଶ୍ୟ ଈଶ୍ୱରଙ୍କ ସୃଷ୍ଟିର ସୌନ୍ଦର୍ଯ୍ୟକୁ ମାନବାନୁଭୂତି ନିକଟରେ ପ୍ରକାଶ କରେ, ସେହିପରି ଆତ୍ମିକ ଦୃଶ୍ୟ ମାନବ ପ୍ରାଣ ନିକଟରେ ଈଶ୍ୱରଙ୍କ ଉପସ୍ଥିତି, ଶକ୍ତି ଓ ପ୍ରେମର ବାସ୍ତବତାକୁ ପ୍ରକାଶ କରିଥାଏ ।

ସ୍ୱର୍ଗାରୋହଣ କରିବା ପରେ, ପ୍ରଭୁ ଯୀଶୁ ପ୍ରେରିତ ଯୋହନଙ୍କ ମାଧ୍ୟମରେ ଲାଅଦିକୀଆ ସହରରେ ଥିବା ଲୋକମାନଙ୍କର ଆତ୍ମିକ ପରିସ୍ଥିତି ସମ୍ବନ୍ଧରେ ଏକ ଆଶ୍ଚର୍ଯ୍ୟଜନକ ନିର୍ଣ୍ଣୟ ପ୍ରଦାନ କରିଥିଲେ । ସେମାନଙ୍କୁ ସେ କହିଥିଲେ, *‘‘... ତୁମ୍ଭେ ଯେ ... ଅନ୍ଧ, ଏହା ଜାଣ ନାହିଁ’’ (ପ୍ରକାଶିତ ୩:୧୭) ।* ନିଜର ଦୁଃଖଦ ସ୍ଥିତି ଜାଣି ନ ଥିବା ଗୋଟିଏ ଅନ୍ଧ ବ୍ୟକ୍ତିକୁ ଆପଣ କଳ୍ପନା କରି ପାରୁଛନ୍ତି କି ? ଆତ୍ମିକ ଅନ୍ଧତା ନିର୍ଣ୍ଣୟ କରିବା ପରେ ପ୍ରଭୁ ଯୀଶୁ ଏହାର ପ୍ରତିକାର ବର୍ଣ୍ଣନା କରିଥିଲେ – *‘‘ଦୃଷ୍ଟି ପାଇବା ନିମନ୍ତେ ଚକ୍ଷୁରେ ଲେପନ କରିବା ପାଇଁ ଅଞ୍ଜନ ଆମ୍ଭ ନିକଟରୁ କିଣ’’ (ପ୍ରକାଶିତ ୩:୧୮) ।* ଆଉ ପ୍ରତିକାରର ବ୍ୟବସ୍ଥା କେତେ ଗୁରୁତ୍ୱପୂର୍ଣ୍ଣ ଅଟେ ! ଆତ୍ମିକ ଅନ୍ଧତା ପାଇଁ ଆତ୍ମିକ ଚକ୍ଷୁ ଅସ୍ତ୍ରୋପଚାର ଆବଶ୍ୟକ ହୁଏ, ଯାହା ପବିତ୍ର ଆତ୍ମାଙ୍କର କାର୍ଯ୍ୟ ଅଟେ ।

ପ୍ରଥମ ଥର ଆପଣ ଶାରୀରିକ ଭାବରେ ଜନ୍ମ ହୋଇଥିଲେ । କିନ୍ତୁ, ତାହା ଆପଣଙ୍କୁ ଆତ୍ମିକ ଦୃଷ୍ଟି ଓ ଜ୍ଞାନ ପ୍ରଦାନ କରି ନ ଥିଲା । *ଯଦି ଆପଣଙ୍କୁ ଆତ୍ମିକ ଅନ୍ଧକାର ମଧ୍ୟରୁ ଈଶ୍ୱରଙ୍କର ଗୌରବମୟ ଜ୍ଞାନର ଅଲୋକ ମଧ୍ୟକୁ ଯିବାକୁ ଅଛି, (୨ୟ କରିନ୍ଥୀୟ ୪:୬),* ତେବେ ଆପଣ ଦ୍ୱିତୀୟ ଥର ଜନ୍ମ ହେବା ଆବଶ୍ୟକ । ଯୀଶୁ ନୀକଦୀମଙ୍କୁ କହିଥିଲେ –

> *‘‘ମାଂସରୁ ଯାହା ଜାତ, ତାହା ମାଂସ, ପୁଣି ଆତ୍ମାରୁ ଯାହା ଜାତ, ତାହା ଆତ୍ମା । ତୁମ୍ଭମାନଙ୍କୁ ଅବଶ୍ୟ ପୁନର୍ବାର ଜନ୍ମିବାକୁ ହେବ ବୋଲି ମୁଁ ଯେ ତୁମ୍ଭମାନଙ୍କୁ କହିଲି, ଏଥିରେ ଚମତ୍କୃତ ହୁଅ ନାହିଁ ...’’ (ଯୋହନ ୩:୬,୭) ।*
> *‘‘... ପୁନର୍ବାର ଜନ୍ମ ନ ହେଲେ କେହି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରି ପାରେ ନାହିଁ ...’’ (ଯୋହନ ୩:୩) ।*

**ସେଥିପାଇଁ, ଯଦି ଆପଣ ଈଶ୍ୱରଙ୍କ ରାଜ୍ୟ ଦେଖିବାକୁ ଚାହୁଁଛନ୍ତି, ତେବେ ଆପଣ ମଧ୍ୟ ପୁନର୍ବାର ଜନ୍ମିବା ଆବଶ୍ୟକ ଅଟେ ।**

ଅନ୍ୟ ପ୍ରତ୍ୟେକ ମନୁଷ୍ୟ ସଦୃଶ, ଆପଣ ମଧ୍ୟ ଆପଣଙ୍କ ଜୀବନରେ ଈଶ୍ୱର – ସୃଷ୍ଟ ଏପରି ଏକ ଶୂନ୍ୟତା ନେଇ ଜନ୍ମ ହୋଇଥିଲେ ଯାହା ପରିପୂର୍ଣ୍ଣ ହେବା ନିମନ୍ତେ ଚିତ୍କାର କରେ । ଏହି ଆତ୍ମିକ ଶୂନ୍ୟତା ପୁନରୁତ୍ଥିତ ଖ୍ରୀଷ୍ଟଙ୍କର ଆଗମନ ଓ ବାସକାରୀ ଉପସ୍ଥିତି ଦ୍ୱାରା ହିଁ ପରିପୂର୍ଣ୍ଣ ହୋଇ ପାରିବ । ଯେତେବେଳେ ଆପଣ ନିଜର ତ୍ରାଣକର୍ତ୍ତା ଭାବରେ ଆପଣଙ୍କ ଜୀବନରେ ତାଙ୍କୁ ଗ୍ରହଣ କରିବେ, ସେତେବେଳେ ତାଙ୍କ ମୃତ୍ୟୁର ଉଦ୍ଦେଶ୍ୟ ଓ ଆବଶ୍ୟକତା ଆପଣଙ୍କ ଜୀବନରେ ଫଳ ଉତ୍ପନ୍ନ କରିବ । ସେ ଆପଣଙ୍କୁ ପାପ କ୍ଷମା ଦେବା ପାଇଁ କେବଳ ମୃତ୍ୟୁ ବରଣ କରି ନ ଥିଲେବି ସେ ମୃତ୍ୟୁ ବରଣ କରିଥିଲେ, ଯେପରିକି ଆପଣଙ୍କ ହୃଦୟ ତାଙ୍କର ବାସ ନିମନ୍ତେ ଆତ୍ମିକ ଭାବରେ ଏକ ଶୁଚି ସ୍ଥାନ ହୋଇପାରିବ । ସେ ଆପଣଙ୍କ ହୃଦୟରେ ବାସ କରିବାକୁ ଆସିବା ପୂର୍ବରୁ ଆପଣଙ୍କ ପାପ କ୍ଷମା ହେବା ଆବଶ୍ୟକ ଅଟେ ।

ଜଣେ ଆଫ୍ରିକୀୟ ଯୁବ ବିଶ୍ୱାସୀ ସହିତ କଥାବାର୍ତ୍ତା କରୁଥିବା ସମୟରେ, ନିଜ ଦେଶର ଯୁବକମାନଙ୍କୁ ଖ୍ରୀଷ୍ଟ ବିଷୟକ ସୁସମ୍ବାଦ ଜଣାଇବା ପାଇଁ ତାଙ୍କର ଯେଉଁ ଅତିରିକ୍ତ ବୋଝ ଥିଲା, ସେ ବିଷୟରେ ମୁଁ ଜାଣି ପାରିଲି । ପର ସପ୍ତାହରେ ମୋତେ ପ୍ରାୟ ଦୁଇ ଶହ ପାଳକଙ୍କୁ ବାଇବଲ ଶିକ୍ଷା ଦେବାକୁ ଥିବାରୁ ଆମ ସହିତ ଯୋଗ ଦେବା ପାଇଁ ମୁଁ ତାଙ୍କୁ ନିମନ୍ତ୍ରଣ କରିଥିଲି । ଯଦିଓ ପାଳକମାନେ ଯେଉଁଠାରେ ଏକତ୍ରିତ ହେବାର ଥିଲା, ସେହି ସ୍ଥାନରୁ ଆମେ ଶହ ଶହ ମାଇଲ୍ ଦୂରରେ ଥିଲୁ, ତଥାପି ଆମକୁ ସାକ୍ଷାତ୍ କରିବା ପାଇଁ ଦୀର୍ଘ ଓ ପ୍ରତିବନ୍ଧକ ପୂର୍ଣ୍ଣ ରାସ୍ତାକୁ ବସ୍ ଦ୍ୱାରା ଅତିକ୍ରମ କରିବାକୁ ମୁଁ ତାଙ୍କୁ ପରାମର୍ଶ ଦେଇଥିଲି । ଉଇଲିୟମ୍ କ୍ଳାନ୍ତଶ୍ରାନ୍ତ ହୋଇ ପହଞ୍ଚି ଥିଲେ, ମାତ୍ର ଈଶ୍ୱର ଓ ତାଙ୍କ ବାକ୍ୟ ବିଷୟରେ ଅଧିକ ଜାଣିବାକୁ ସମର୍ଥ ହେବେ ବୋଲି ଅତି ଖୁସି ଥିଲେ । କେବଳ ଭ୍ରମଣ ଉଦ୍ଦେଶ୍ୟରେ ଉଇଲିୟମ ସେହି ଅତି ଭିଡ଼ ଆଫ୍ରିକୀୟ ବସ୍‌ରେ ଚଢ଼ି ନ ଥିଲେ । ବସ ଯାତ୍ରା, ସ୍ପଷ୍ଟତଃ, ସମ୍ମିଳନୀକୁ ତାଙ୍କ  ଆସିବାର ମାଧ୍ୟମ ଥିଲା । ତାଙ୍କର ବାସ୍ତବ ଉଦ୍ଦେଶ୍ୟ ଥିଲା – ତାଙ୍କ ଯାତ୍ରା ଶେଷରେ ତାଙ୍କୁ ଅପେକ୍ଷା କରିଥିବା ବିଷୟ !

ସେହିପରି ଭାବରେ, ପ୍ରଭୁ ଯୀଶୁ ଏହା ଜାଣିଥିଲେ ଯେ ଆପଣଙ୍କ ସହିତ ଓ ଆପଣ ତାଙ୍କ ସହିତ ସହଭାଗିତା ରଖିବା ନିମନ୍ତେ ସେ ଯେପରି ଆପଣଙ୍କ ଜୀବନରେ





ପ୍ରବେଶ କରି ପାରିବେ, ଏଥିପାଇଁ ତାଙ୍କର ଏକମାତ୍ର ଉପାୟ ହେବ – ପାପରୁ ଆପଣଙ୍କ ହୃଦୟକୁ ପରିଷ୍କୃତ କରିବା ପାଇଁ ଏକ ମାର୍ଗ ଯୋଗାଇବା । ଯଦିଓ ଆପଣଙ୍କ ପାପ କ୍ଷମା ଆବଶ୍ୟକ ଥିଲା, ତଥାପି ଖ୍ରୀଷ୍ଟଙ୍କଠାରେ ଆପଣଙ୍କ ନୂତନ ଜୀବନ ଓ ଈଶ୍ୱରଙ୍କ ସହଭାଗିତା ପ୍ରତି ଆପଣଙ୍କର ସାମର୍ଥ୍ୟ ଆପଣଙ୍କ ପାଇଁ ତାଙ୍କର ଚରମ ଇଚ୍ଛା ଥିଲା । କୌଣସି ବିଷୟ କମ୍ ପାଇଲେ ଆପଣ ସନ୍ତୁଷ୍ଟ ହୋଇପାରିବେ କି ? ସର୍ବୋପରି ଖ୍ରୀଷ୍ଟଙ୍କ ସହିତ ବ୍ୟକ୍ତିଗତ ସଂପର୍କ ହେଉଛି ସେହି ଉଦ୍ଦେଶ୍ୟ, ଯାହା ସକାଶେ ଆପଣ ସୃଷ୍ଟି ହୋଇଥିଲେ ।

ଆପଣଙ୍କ ହୃଦୟରେ ଖ୍ରୀଷ୍ଟ ବାସ କରୁଅଛନ୍ତି ବୋଲି ଜାଣିବା ଅର୍ଥ, ଏଠାରେ ଓ ବର୍ତ୍ତମାନ ଏହା ଜାଣିବା ଯେ, ଅନନ୍ତ ଜୀବନ ଆରମ୍ଭ ହୋଇସାରିଛି । ଖ୍ରୀଷ୍ଟଙ୍କର ବାସକାରୀ ଉପସ୍ଥିତି ଆପଣଙ୍କ ଜୀବନ ମଧ୍ୟକୁ ତାଙ୍କର ଜୀବନ ଆଣିଥାଏ ।

> *‘‘ସେହି ସାକ୍ଷ୍ୟ ଏହି ଯେ, ଈଶ୍ୱର ଆମ୍ଭମାନଙ୍କୁ ଅନନ୍ତ ଜୀବନ ଦେଇଅଛନ୍ତି, ପୁଣି ସେହି ଜୀବନ ଈଶ୍ୱରଙ୍କ ପୁତ୍ରଙ୍କଠାରେ ଅଛି । ଯେ ପୁତ୍ରଙ୍କୁ ପାଇଅଛି, ସେ ଜୀବନ ପାଇଅଛିବି ଯେ ଈଶ୍ୱରଙ୍କ ପୁତ୍ରଙ୍କୁ ପାଇ ନାହିଁ, ସେ ଜୀବନ ହିଁ ପାଇନାହିଁ’’ (୧ ଯୋହନ ୫:୧୧-୧୨) ।*

ଏହିପରି ଭାବରେ, ଏହା ଆଶ୍ଚର୍ଯ୍ୟଜନକ ନୁହେଁ ଯେ, ମୋର ବନ୍ଧୁ ଡେଭିଡ୍ ପାପର କ୍ଷମା ପାଇଁ ଓ ଜୀବନରେ ପ୍ରବେଶ କରିବା ପାଇଁ ପ୍ରଭୁ ଯୀଶୁଙ୍କୁ ପ୍ରାର୍ଥନା କରିବା ପରେ, ଖୁସିରେ କହି ଉଠିଥିଲେ, ‘‘ଏହା ଏତେ ସୁନ୍ଦର ବୋଲି ମୁଁ ଚିନ୍ତା କରି ପାରି ନ ଥିଲି ।’’

## *କିନ୍ତୁ କିପରି ?*

ଯେତେବେଳେ ଲୋକମାନେ ଯୀଶୁଙ୍କର ଜୀବନ, ମୃତ୍ୟୁ ଓ ପୁନରୁତ୍ଥାନ ସମ୍ବନ୍ଧରେ ପିତରଙ୍କର ପ୍ରଚାର ଶୁଣିଲେ, ସେତେବେଳେ ତ୍ରାଣକର୍ତ୍ତାଙ୍କୁ ଜାଣିବାର ଇଚ୍ଛା ଈଶ୍ୱର ସେମାନଙ୍କୁ ପ୍ରଦାନ କରିଥିଲେ । ପବିତ୍ର ଆତ୍ମା ଆପଣଙ୍କ ନିମନ୍ତେ ଯାହା କରୁଛନ୍ତି, ପବିତ୍ର ଆତ୍ମା ସେମାନଙ୍କ ନିମନ୍ତେ ତାହା କରିଥିଲେ । ଯୀଶୁ ପ୍ରଭୁ (‘‘କୁରିଆସ୍’’ – ଯିହୋବା) ଓ ଈଶ୍ୱରଙ୍କର ମସୀହ ଅଟନ୍ତି – ଏହା ପିତର ସେମାନଙ୍କୁ କହିବା ସମୟରେ ସେମାନେ ଶୁଣୁଥିଲେ । ଯୀଶୁ କିଏ – ଏ ସମ୍ବନ୍ଧରେ ଏହି ନୂତନ ଜ୍ଞାନ ସେମାନଙ୍କଠାରେ

ପ୍ରତ୍ୟୟ ଓ ପରିତ୍ରାଣର ଆବଶ୍ୟକତା ସମ୍ବନ୍ଧରେ ସେମାନଙ୍କଠାରେ ଏକ ବହୁଳ ଅନୁଭବ ଉତ୍ପନ୍ନ କରିଥିଲା । ସେମାନେ ସେହି କ୍ରୁଶାର୍ପିତ ବ୍ୟକ୍ତି – ତ୍ରାଣକର୍ତ୍ତାଙ୍କୁ କରିଥିବା ଅଗ୍ରାହ୍ୟ, କିମ୍ବା ତାଙ୍କ ପ୍ରତି ଦେଖାଇଥିବା ଉଦାସୀନତା ଉପରେ ଚିନ୍ତା କରିବା ସମୟରେ ସେମାନଙ୍କର ହୃଦୟ ବିଦୀର୍ଣ୍ଣ ହୋଇଥିଲା ବୋଲି ଲେଖାଯାଇଅଛି, ଆଉ ସେମାନେ ଆନ୍ତରିକ ଭାବରେ ପ୍ରଶ୍ନ କରିଥିଲେ – *''ଆମ୍ଭେମାନେ କ'ଣ କରିବୁ ?'' (ପ୍ରେରିତ ୨:୩୭) ।*

ସେମାନଙ୍କୁ ପିତରଙ୍କର ପ୍ରଥମ ଉତ୍ତର ଥିଲା, ଅନୁତାପ କରିବା ପାଇଁ ଉତ୍ସାହ ପ୍ରଦାନ । ଅନୁତାପ ବିନା, ବିଶ୍ୱାସ ବାସ୍ତବ ବିଶ୍ୱାସ ନୁହେଁଣ୍ଡ ଏହା କେବଳ 'ନାମମାତ୍ର – ବିଶ୍ୱାସ' କିମ୍ବା 'କଳ୍ପନା' । ତ୍ରାଣକାରୀ ବିଶ୍ୱାସ ମଧ୍ୟରେ ଉଭୟ ବିଶ୍ୱାସ ଓ ପରିବର୍ତ୍ତନ ମନୋଭାବ ରହିଥାଏ ।

କ୍ରୁଶ ଉପରେ ମୃତ୍ୟୁ ବରଣ କରି ଯୀଶୁ ଆପଣଙ୍କ ନିମନ୍ତେ ଯାହା କରିଥିଲେ, ସେଥିପାଇଁ ଯେତେବେଳେ ଆପଣ ତାଙ୍କୁ ଧନ୍ୟବାଦ ଦିଅନ୍ତି, ସେତେବେଳେ ଈଶ୍ୱରଙ୍କ ପ୍ରତି ଓ ପାପ ପ୍ରତି ଆପଣଙ୍କ ମନୋଭାବରେ ଏକ ନାଟକୀୟ ପରିବର୍ତ୍ତନ ଆସେ । ସେତେବେଳେ ପବିତ୍ର ଆତ୍ମା ଆପଣଙ୍କର ଆତ୍ମିକ ଚକ୍ଷୁ ଅସ୍ତ୍ରୋପଚାର କରନ୍ତି ଓ ଆପଣଙ୍କ ମନ ଏକ ଭିନ୍ନ ଦୃଷ୍ଟିକୋଣରୁ ବିଷୟ ଗୁଡ଼ିକୁ ଦେଖିବା ଆରମ୍ଭ କରିଥାଏ । ପ୍ରକୃତରେ, ଅନୁତାପ ଶବ୍ଦର ଅର୍ଥ ହେଉଛି ''ମନର ପରିବର୍ତ୍ତନ ।'' ସେଥିପାଇଁ, ଏକ ପ୍ରକୃତ ନୂତନ ଜନ୍ମର ଅନୁଭୂତି ମଧ୍ୟରେ ଈଶ୍ୱର ଓ ପାପ ସମ୍ବନ୍ଧରେ ମନର ଏକ ମୌଳିକ ପରିବର୍ତ୍ତନ ଅନ୍ତର୍ଭୁକ୍ତ ହୋଇଥାଏ ।

**ଈଶ୍ୱରଙ୍କ ସମ୍ବନ୍ଧରେ : –** ଅନୁତାପ (ମନପରିବର୍ତ୍ତନ) ଈଶ୍ୱରଙ୍କ ସମ୍ବନ୍ଧରେ ସମସ୍ତ ମିଥ୍ୟା ଧାରଣା ଅଗ୍ରାହ୍ୟ କରିଥାଏ । ମୁଁ ଆଫ୍ରିକାରେ ଏପରି ଲୋକମାନଙ୍କୁ ଦେଖିଅଛି, ଯେଉଁମାନେ ସେମାନଙ୍କର ପୁରାତନ ମାର୍ଗ ଓ ବିଧର୍ମୀ ପ୍ରଥାର ଆକର୍ଷଣ ସହିତ ଶକ୍ତ ଭାବରେ ସଂଘର୍ଷ କରି ଶେଷରେ ଯୀଶୁଙ୍କ ପ୍ରତି ଫେରିବାରେ ପ୍ରକାଶ୍ୟରେ, ସେମାନଙ୍କର ଆଦରର ବସ୍ତୁଗୁଡିକୁ ଅଗ୍ନିରେ ଦଗ୍ଧ କରିଥାଆନ୍ତି । ମୋର ଏପରି କେତେକ ବନ୍ଧୁ ମଧ୍ୟ ଅଛନ୍ତି, ଯେଉଁମାନଙ୍କୁ ସେତେବେଳେ ବଡ଼ ବଡ଼ ସାମାଜିକ ଚାପର ପ୍ରତିରୋଧ କରିବାକୁ ହୋଇଥାଏ, ଏପରିକି ଭୟ ଓ ବିପଦର ସମ୍ମୁଖୀନ ହେବାକୁ ପଡ଼େ, ଯେତେବେଳେ ସେମାନେ ବାଇବଲର ଈଶ୍ୱରଙ୍କ ପ୍ରତି ସତ୍ୟ ନ





ଥିବା ଧାର୍ମିକ କିମ୍ବା ସାମାଜିକ ପ୍ରଥାରୁ ବିମୁଖ ହୋଇଥାନ୍ତି । ତ୍ରାଣକାରୀ ବିଶ୍ୱାସ ଏହି ଦୃଢ଼ ପ୍ରତ୍ୟୟରେ ରୋପିତ ହେବା ଆବଶ୍ୟକ ଯେ ଯୀଶୁ, ଯିହୋବା ଈଶ୍ୱରଙ୍କର ଏକମାତ୍ର ତ୍ରାଣକର୍ତ୍ତା ଅଟନ୍ତି ।

**ପାପ ସମ୍ବନ୍ଧରେ :** ଯେତେବେଳେ, ବିଶ୍ୱାସ ଦ୍ୱାରା ଆପଣ ଆପଣଙ୍କର ପରିତ୍ରାଣର ଅନୁଭୂତି ମଧ୍ୟକୁ ପ୍ରବେଶ କରିବେ, ସେତେବେଳେ ଦୁଃଖ ଓ ଲଜ୍ଜାର ସହିତ ଆପଣ ନିଜର ପାପପୂର୍ଣ୍ଣତାକୁ ଚିହ୍ନି ପାରିବେ । ପାପ ସମ୍ବନ୍ଧରେ ଆପଣଙ୍କର ମନ ପରିବର୍ତ୍ତନ (ଅନୁତାପ) ଏହି ଅର୍ଥ ପ୍ରତିପାଦନ କରିବ ଯେ, ଆପଣ ନିଜର ପାପକୁ ଆଉ ଅବଜ୍ଞା କରିବାକୁ ଚେଷ୍ଟା କରିବେ ନାହିଁ, ଆପଣ ନିଜର ପାପ ନିମନ୍ତେ କୌଣସି ଆଳ ଦେଖାଇବାକୁ ଚେଷ୍ଟା କରିବେ ନାହିଁଣ୍ଡ ଆପଣଙ୍କର ଧାର୍ମିକତା ଆପଣଙ୍କୁ ରକ୍ଷା କରିବ ବୋଲି ଆପଣ ଆଉ ଆଶା କରିବେ ନାହିଁ । ମନୁଷ୍ୟର ''ଧର୍ମକର୍ମ'' ପବିତ୍ର ଈଶ୍ୱରଙ୍କ ଦୃଷ୍ଟିରେ 'ଏକ ଜୀର୍ଣ୍ଣ ବସ୍ତ୍ର ସଦୃଶ ଅଟେ' (ଯିଶାଇୟ ୬୪:୬) । କିନ୍ତୁ ଆପଣ ଯୀଶୁଙ୍କ ପ୍ରତି ଫେରିବା ସମୟରେ, ଆପଣଙ୍କ ଜୀବନରେ ତାଙ୍କର ଅସନ୍ତୋଷର ବିଷୟ ଯାହା ଅଛି, ସେଥିରୁ ଫେରିବା ପାଇଁ ଆପଣଙ୍କର ଏକ ଇଚ୍ଛା ଜାତ ହେବ ।

ନିଜ ସୈନ୍ୟଛାଉଣିରୁ ଛୁଟୀରେ ଯାଇଥିବା ଜଣେ ସେନାଧ୍ୟକ୍ଷଙ୍କ ବିଷୟ କଳ୍ପନା କରନ୍ତୁ । ଦିନେ ସେ ଦୁଇଟି ପତ୍ର ପାଆନ୍ତି । ଗୋଟିଏ ତାଙ୍କ ବନ୍ଧୁଙ୍କଠାରୁ ଓ ଅନ୍ୟଟି ତାଙ୍କର ଉପରିସ୍ଥ ଅଫିସର୍‌ଙ୍କଠାରୁ । ପ୍ରଥମ ପତ୍ରଟି ବନ୍ଧୁଙ୍କ ବିବାହ ନିମନ୍ତ୍ରଣ ଥିବାବେଳେ ଅନ୍ୟଟି କାର୍ଯ୍ୟରେ ଯୋଗଦେବା ପାଇଁ ତାଙ୍କର ଉପରିସ୍ଥଙ୍କଠାରୁ ଏକ ଆଦେଶ । ଗୋଟିଏ ନିମନ୍ତ୍ରଣ ଓ ଗୋଟିଏ ଆଦେଶ ମଧ୍ୟରେ ନିଶ୍ଚୟ ଏକ ପାର୍ଥକ୍ୟ ରହିଛି । ଆଉ ନିମନ୍ତ୍ରଣକୁ ନମ୍ର ଭାବରେ ଅସ୍ୱୀକାର କରାଯାଇପାରେ, ମାତ୍ର ଏକ ଆଦେଶକୁ କେବଳ ବାଧ୍ୟତା ଦ୍ୱାରା କିମ୍ବା ବିଦ୍ରୋହ ଦ୍ୱାରା ଉତ୍ତର ଦିଆଯାଇପାରେ ।

ଈଶ୍ୱର ଆପଣଙ୍କୁ ପ୍ରେମ କରୁଥିବାରୁ ଓ ପାପ ଆପଣଙ୍କ ଜୀବନକୁ ନଷ୍ଟ କରିବ ବୋଲି ସେ ଜାଣିଥିବାରୁ, ଅନୁତାପ କରିବା ପାଇଁ ସେ ଆପଣଙ୍କୁ ନିମନ୍ତ୍ରଣ କରନ୍ତି ନାହିଁଣ୍ଡ ସେ ଅନୁତାପ କରିବା ପାଇଁ ଆପଣଙ୍କୁ ଆଦେଶ ଦିଅନ୍ତି । ରାଜଧାନୀ ଗ୍ରୀସ୍‌ର ବିଶ୍ୱବିଦ୍ୟାଳୟରେ ଦାର୍ଶନିକ ଓ ଦେଖଣାହାରୀମାନଙ୍କ ନିକଟରେ ସୁସମାଚାର ଉପସ୍ଥାପନର ଶେଷରେ ପାଉଲ କହିଥିଲେ, ''ଏବେ ସେ (ଈଶ୍ୱର) ସର୍ବତ୍ର ସମସ୍ତ ମନୁଷ୍ୟଙ୍କୁ ମନ ପରିବର୍ତ୍ତନ କରିବା ନିମନ୍ତେ ଜଣାନ୍ତି (ଆଦେଶ ଦିଅନ୍ତି)'' (ପ୍ରେରିତ ୧୭:୩୦) । ଆଉ 'ସମସ୍ତଙ୍କ' ମଧ୍ୟରେ ଆପଣ ଅନ୍ତର୍ଭୁକ୍ତ ଅଟନ୍ତି ।

ଆଶ୍ଚର୍ଯ୍ୟର ବିଷୟ ହେଉଛି – ଈଶ୍ୱରଙ୍କ ସମ୍ବନ୍ଧରେ ଆପଣ ନିଜର ଭ୍ରାନ୍ତ ଧାରଣାରୁ ଓ ସେହିପରି ଆପଣଙ୍କର ବ୍ୟକ୍ତିଗତ ପାପରୁ ଫେରିବା ସମୟରେ ଓ ତାହା କରି ବିଶ୍ୱାସରେ ଯୀଶୁଙ୍କୁ ଆପଣଙ୍କର ତ୍ରାଣକର୍ତ୍ତା ଈଶ୍ୱର ଭାବରେ ଘୋଷଣା କରିବା ସମୟରେ, ପବିତ୍ର ଆତ୍ମା ଆପଣଙ୍କ ହୃଦୟରେ କାର୍ଯ୍ୟ କରିବେ, ଯଦ୍ୱାରା ଈଶ୍ୱରଙ୍କ ଦୃଷ୍ଟିରେ ଯାହା ଯଥାର୍ଥ, ତାହା ଆପଣ ଇଚ୍ଛା କରିବେ ଓ ସାଧନ କରିବେ'' (ଫିଲିପ୍ପୀୟ ୨:୧୩) । ଏହିପରି ଭାବରେ, ଯେଉଁମାନେ ପ୍ରକୃତରେ ଅନୁତାପ କରନ୍ତି, ଈଶ୍ୱର ସେମାନଙ୍କ ନିକଟରେ ଈଶ୍ୱରଙ୍କ ଇଚ୍ଛା ସାଧନ କରିବା ପାଇଁ ଆଗ୍ରହ ଓ ଶକ୍ତି ଦେବାର ପ୍ରତିଜ୍ଞା କରିଥା'ନ୍ତି । ତେବେ କେବଳ ଆପଣଙ୍କ ଜୀବନ ପରିବର୍ତ୍ତିତ ହେବ ଓ ଈଶ୍ୱର ନିରୂପିତ ଲକ୍ଷ୍ୟ ନିକଟରେ ପହଞ୍ଚିବ ।

ଜଣେ ବନ୍ଧୁ ଭାବରେ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ବିଳମ୍ବ ନ କରି ଗ୍ରହଣ କରିବା ପାଇଁ ମୁଁ ଆପଣଙ୍କୁ ଅନୁରୋଧ କରୁଅଛି । ଗୋଟିଏ ଶାନ୍ତ ନୀରବ ସ୍ଥାନରେ ଈଶ୍ୱରଙ୍କ ସମ୍ମୁଖରେ ନତ ହୋଇ ପ୍ରାର୍ଥନା କରନ୍ତୁ । ଅବଶ୍ୟ, ଯଦି ଆପଣ ଶୁଆ ପରି କେବଳ ବାକ୍ୟ ଉଚ୍ଚାରଣ କରିବେ, ତେବେ ସେଗୁଡ଼ିକ ଆପଣଙ୍କ ପାଇଁ ନିରର୍ଥକ ହେବ । ମୁଖ୍ୟ ବିଷୟ ହେଉଛି, ଯୀଶୁଙ୍କ ପ୍ରତି ବିଶ୍ୱାସରେ ପ୍ରତିକ୍ରିୟା ଦେଖାଇବା, *ଯିଏ କହିଥିଲେ, ''ମୁଁ ପଥ ଓ ସତ୍ୟ ଓ ଜୀବନ଼ଙ୍କ ମୋ ଦେଇ ନ ଗଲେ କେହି ପିତାଙ୍କ ନିକଟକୁ ଯାଇପାରେ ନାହିଁ'' (ଯୋହନ ୧୪:୬) ।*

ବର୍ତ୍ତମାନ ଆପଣଙ୍କର ଚକ୍ଷୁ ବନ୍ଦ କରି ଆପଣଙ୍କ ହୃଦୟରୁ ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରାର୍ଥନା କରନ୍ତୁ, କିମ୍ବା ନିମ୍ନରେ ପ୍ରଦତ୍ତ ପ୍ରାର୍ଥନା ଆପଣଙ୍କ ପାଇଁ ଉପକାରୀ ହୋଇପାରେ ।

### ମୋର ପ୍ରାର୍ଥନାପୂର୍ଣ୍ଣ ପ୍ରତିକ୍ରିୟା

**''ହେ ଈଶ୍ୱର, ମୁଁ ଆପଣଙ୍କୁ ଜାଣି ନାହିଁ କିମ୍ବା ଆପଣଙ୍କୁ ପ୍ରେମ କରି ନାହିଁ, କିନ୍ତୁ ମୁଁ ଆପଣଙ୍କୁ ଧନ୍ୟବାଦ ଦେଉଅଛି ଯେ, ଆପଣ ମୋତେ ଉଭୟ ଜାଣିଛନ୍ତି ଓ ପ୍ରେମ କରୁଛନ୍ତି ।**

**ମୁଁ ଜଣେ ପାପୀ ଓ ମୋ' ନିଜରୁ ମୋର ପରିତ୍ରାଣ ଅର୍ଜନ କରିବା ପାଇଁ ମୁଁ କିଛି କରିପାରିବି ନାହିଁ । ବର୍ତ୍ତମାନ ବିଶ୍ୱାସରେ ମୁଁ ଆପଣଙ୍କ ପ୍ରତି ଫେରୁଛି**





**ଓ ପ୍ରଭୁ ଯୀଶୁ, ଆପଣଙ୍କଠାରୁ ପାପ କ୍ଷମା ମାଗୁଅଛି ! ମୁଁ ଜଣେ ପାପୀ ବୋଲି ସ୍ୱୀକାର କରୁଅଛି ଓ ମୋର ପାପ ପାଇଁ ଅନୁତାପ କରୁଅଛି । ହେ ପ୍ରଭୁ ଯୀଶୁ, ଆପଣ ମୋ' ନିମନ୍ତେ ମୃତ୍ୟୁବରଣ କରିଥିବାରୁ ଓ ଆପଣଙ୍କ ବହୁମୂଲ୍ୟ ରକ୍ତର ଶୁଚିକାରୀ ଓ ଜୀବନ – ପ୍ରଦାନକାରୀ ଶକ୍ତି ମୋତେ ପ୍ରଦାନ କରିଥିବାରୁ ଆପଣଙ୍କୁ ଧନ୍ୟବାଦ । ବିଶ୍ୱାସ ଦ୍ୱାରା ମୁଁ ବର୍ତ୍ତମାନ ସେହି ବହୁମୂଲ୍ୟ ରକ୍ତର ସୁରକ୍ଷା ଅଧୀନରେ ମୋର ଜୀବନକୁ ରଖୁଅଛି ।**

**ପ୍ରଭୁ ଯୀଶୁ, ଆପଣଙ୍କୁ ଏଥିପାଇଁ ଧନ୍ୟବାଦ ଦେଉଅଛି ଯେ, ଆପଣଙ୍କର ପବିତ୍ର ଆତ୍ମାଙ୍କ ଦ୍ୱାରା ମୁଁ ପୁନର୍ଜନ୍ମ ପାଇଅଛି । ଆପଣଙ୍କର ପୁନରୁତ୍ଥିତ ଶକ୍ତି ଦ୍ୱାରା ମୁଁ ଈଶ୍ୱରଙ୍କର ଜଣେ ସନ୍ତାନ ଅଟେ ଓ ମୁଁ ଆପଣଙ୍କ ସହିତ ଚିରଦିନ ରହିବି – ଏହା ଜାଣିବା ମୋ' ପାଇଁ ଅତି ସୁନ୍ଦର ବିଷୟ ଅଟେ !**

*''ଆଉ ଯେ ତାହାଙ୍କଠାରେ ବିଶ୍ୱାସ କରିବ, ସେ ଲଜ୍ଜିତ ହେବ ନାହିଁ'' (୧ ପିତର ୨:୬) ।*

ବର୍ତ୍ତମାନ, ଆପଣ ଯାହା କରିଛନ୍ତି, ତାହା କୌଣସି ଜଣେ ବ୍ୟକ୍ତିଙ୍କୁ କହନ୍ତୁ । ଆପଣଙ୍କଠାରେ ଖ୍ରୀଷ୍ଟ ବାସ କରୁଛନ୍ତି ଓ ତାଙ୍କ ନିମନ୍ତେ କଥା କହିବାକୁ ଓ ବଞ୍ଚିବାକୁ ସମର୍ଥ ହେବା ପାଇଁ ଆବଶ୍ୟକୀୟ ସମସ୍ତ ଶକ୍ତି ସେ ହିଁ ଅଟନ୍ତି – ଏହା ମନେରଖନ୍ତୁ ।

*''... ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ । କାରଣ ଧାର୍ମିକତାପ୍ରାପ୍ତି ନିମନ୍ତେ ମନୁଷ୍ୟ ହୃଦୟରେ ବିଶ୍ୱାସ କରେ ଓ ପରିତ୍ରାଣପ୍ରାପ୍ତି ନିମନ୍ତେ ମୁଖରେ ସ୍ୱୀକାର କରେ'' (ରୋମୀୟ ୧୦:୯–୧୦) ।*



## ସ୍ଲୋଭାକିଆରୁ ଏକ ପତ୍ର ...

*''ପ୍ରିୟ ବନ୍ଧୁଗଣ, ମୁଁ ମୋ' ଜୀବନରେ ସବୁଠାରୁ ଅଧିକ ଆକର୍ଷଣୀୟ ପୁସ୍ତକ ''ଈଶ୍ୱରଙ୍କ ପାଇଁ ଅନ୍ୱେଷଣ'' ବର୍ତ୍ତମାନ ପାଠ କରିସାରିଛି । ମୁଁ ପୁନର୍ବାର ସେହି ସମାନ ବ୍ୟକ୍ତି ହୋଇ ରହିବି ନାହିଁ ବୋଲି ମୁଁ ଜାଣିଛି । ପ୍ରଭୁ ଯୀଶୁ ମୋତେ ଗ୍ରହଣ କରିଥିଲେ ଓ ମୁଁ ମୋର ଜୀବନ ତାଙ୍କୁ ସମର୍ପଣ କରିଥିଲି । ଏହି ଆନନ୍ଦ ମୋର ପ୍ରତ୍ୟେକ ବନ୍ଧୁ ଅନୁଭବ କରନ୍ତୁ ବୋଲି ମୁଁ ଚାହେଁ । ଆଉ ସେଥିପାଇଁ, ଅନ୍ୟମାନଙ୍କୁ ଧାର ଦେବା ନିମନ୍ତେ ମୁଁ ଆହୁରି ଦୁଇଟି ପୁସ୍ତକ ମଗାଇ ପାରିବି କି ?''*

*''ମୋ ଜୀବନ ମଧ୍ୟକୁ ସୁସମାଚାର ଓ ଖ୍ରୀଷ୍ଟଙ୍କଠାରେ ପରିତ୍ରାଣର ଦାନ ଆଣିଥିବାରୁ ଆପଣମାନଙ୍କୁ ଧନ୍ୟବାଦ । ... ଏପରି ଗୋଟିଏ ଉତ୍କୃଷ୍ଟ ପୁସ୍ତକ ଅଛି ବୋଲି ଆମେ ଆଦୌ ଜାଣି ନ ଥିଲୁ ।''*





**ଅନୁଚିନ୍ତା**

୧. ଏକ ଉଦାର – ଦାନ ପାଇଥିବାରୁ ଆପଣ ନିଜର କୃତଜ୍ଞତାକୁ କିପରି ସର୍ବୋତ୍ତମ ଭାବରେ ପ୍ରକାଶ କରିପାରିବେ ?

''ଦୟା କରି ମୋତେ ଦିଅନ୍ତୁ'' – ଏହା କହିବା ଦ୍ୱାରା ?

''ଧନ୍ୟବାଦ'' – ଏହା କହିବା ଦ୍ୱାରା ?

୨. ଆପଣ ଯେ ଈଶ୍ୱରଙ୍କର ଏକ ସନ୍ତାନ ଅଟନ୍ତି – ଏହି ଭରସା ଆପଣଙ୍କୁ ଅନୁଭୂତି କିମ୍ବା ଆପଣଙ୍କର ବିଶ୍ୱାସ ପ୍ରଦାନ କରେ ?

*''କାରଣ ଅନୁଗ୍ରହରେ ବିଶ୍ୱାସ ଦ୍ୱାରା ତୁମ୍ଭେମାନେ ପରିତ୍ରାଣ ପାଇଅଛ଼; ତାହା ତୁମ୍ଭମାନଙ୍କ ନିଜଠାରୁ ହୋଇ ନାହିଁ, ତାହା ଈଶ୍ୱରଙ୍କ ଦାନ''* (ଏଫିସୀୟ ୨:୮) ।

୩. ପ୍ରଭୁ ଯୀଶୁଙ୍କଠାରେ ଆପଣଙ୍କର ବିଶ୍ୱାସ ମଧ୍ୟରେ ନିମ୍ନ ବିଷୟ ରହିଛି କି ?

ଅନୁତାପର ବିଷୟ ?

ଧନ୍ୟବାଦର ବିଷୟ ?

ତାଙ୍କ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ମନୋଭାବ ?

୪. ଆପଣଙ୍କୁ ପରିତ୍ରାଣ ଦେଇଥିବାରୁ ବର୍ତ୍ତମାନ ଆପଣ ଈଶ୍ୱରଙ୍କୁ ଧନ୍ୟବାଦ ଦେବେ କି ? ଆଉ ପ୍ରଭୁ ଯୀଶୁ ଆପଣଙ୍କ ନିମନ୍ତେ ଯାହା କରିଛନ୍ତି, କେବଳ ତା'ନିମନ୍ତେ ନୁହେଁ, ମାତ୍ର ସେ ଯାହା ଅଟନ୍ତି, ତାହା ନିମନ୍ତେ ମଧ୍ୟ ଆପଣ ତାଙ୍କର ପ୍ରଶଂସା କରିବେ କି ?

‘‘ଏପରି କୌଣସି ବିଷୟ ନାହିଁ – ଅର୍ଥାତ୍, ଯେ କୌଣସି ପରିବେଶ, ଯେ କୌଣସି ସମସ୍ୟା, ଯେ କୌଣସି ପରୀକ୍ଷା, ସର୍ବପ୍ରଥମେ ଈଶ୍ୱର ଓ ଖ୍ରୀଷ୍ଟଙ୍କୁ ଅତିକ୍ରମ କରି ମୋ ମଧ୍ୟ ଦେଇ ନ ଯିବା ପର୍ଯ୍ୟନ୍ତ, ତାହା ମୋତେ କେବେ ସ୍ପର୍ଶ କରିପାରେ ନାହିଁ । ଯଦି ଏହା ସେତେ ଦୂର ଆସିଥାଏ, ତେବେ ଏହା ଗୋଟିଏ ବଡ଼ ଉଦ୍ଦେଶ୍ୟ ନେଇ ଆସିଥାଏ, ଯାହାକୁ ହୁଏତ ମୁଁ ଏହି ମୁହୂର୍ତ୍ତରେ ବୁଝି ନ ପାରେ । କିନ୍ତୁ ମୁଁ ଭୟଭୀତ ନ ହେଲେ, ତାଙ୍କ ପ୍ରତି ମୋର ଚକ୍ଷୁ ଉତ୍ତୋଳନ କଲେ ଓ ମୋର ନିଜ ହୃଦୟ ପ୍ରତି କିଛି ମଙ୍ଗଳମୟ ଉଦ୍ଦେଶ୍ୟ ନିମନ୍ତେ ଏହା ସିଧା ଈଶ୍ୱରଙ୍କ ସିଂହାସନରୁ ଆସିଅଛି ବୋଲି ଗ୍ରହଣ କଲେ, ମୋତେ କୌଣସି ଦୁଃଖ ବିଚଳିତ କରିବ ନାହିଁ, କୌଣସି ପରୀକ୍ଷା ମୋତେ ନିରସ୍ତ୍ର କରିବ ନାହିଁ, କୌଣସି ପରିବେଶ ମୋତେ ନିରାଶ କରିବ ନାହିଁ – କାରଣ ମୋର ପ୍ରଭୁ ଯାହା ଅଟନ୍ତି, ସେହି ବିଷୟକ ଆନନ୍ଦରେ ମୁଁ ନିର୍ଭର କରିବି । ତାହା ବିଶ୍ୱାସର ବିଜୟ ଅଟେ !’’

ଆଲାନ୍ ରେଡ୍ ପାଥ୍

# ଅଧ୍ୟାୟ ୧୦

## ଏହା ପରେ କ’ଣ ?

ପରିତ୍ରାଣ ସଂପୂର୍ଣ୍ଣ ଭାବରେ ବିନାମୂଲ୍ୟରେ ମିଳେ ! ଏହାକୁ ଅର୍ଜ୍ଜନ କରିବା ପାଇଁ କେହି କିଛି କରିପାରେ ନାହିଁ । ପ୍ରଭୁ ଯୀଶୁ ସବୁ କିଛି କରିଛନ୍ତି ।

ଆପଣ ବିଶ୍ୱସ୍ତ ଭାବରେ, ପ୍ରସ୍ତାବିତ ପ୍ରାର୍ଥନା (କିମ୍ବା ସେହିପରି କିଛି) କରୁଥିବା ସମୟରେ, ଖ୍ରୀଷ୍ଟଙ୍କଠାରେ ଆପଣଙ୍କର ବିଶ୍ୱାସ ଆପଣଙ୍କୁ ଈଶ୍ୱରଙ୍କର ଏକ ପ୍ରକୃତ ସନ୍ତାନ କରିଥାଏ ।

*‘‘ମାତ୍ର ଯେତେ ଲୋକ ତାହାଙ୍କୁ ଗ୍ରହଣ କଲେ, ଅର୍ଥାତ୍, ଯେଉଁମାନେ ତାହାଙ୍କ ନାମରେ ବିଶ୍ୱାସ କଲେ, ସେ ସମସ୍ତଙ୍କୁ ସେ ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତେ ଅଧିକାର ଦେଲେ’’ (ଯୋହନ ୧:୧୨) ।*

ଖୁବ୍ ସମ୍ଭବତଃ, ଆପଣ ବର୍ତ୍ତମାନ ଏହି ପ୍ରଶ୍ନ ପଚାରିବେ ‘ଏହାପରେ କ’ଣ ?’

ଯୀଶୁ ମୃତ୍ୟୁ ଜୟ କରି ସ୍ୱର୍ଗକୁ ଫେରିଯିବା ପରେ ତାଙ୍କ କାର୍ଯ୍ୟରେ ତାଙ୍କର ଶିଷ୍ୟମାନଙ୍କୁ ନିଯୁକ୍ତ ଦେବା ପୂର୍ବରୁ ସେ କହିଥିଲେ, ‘‘ମୋ’ ଠାରେ ରୁହ, ସେଥିରେ ମୁଁ ତୁମ୍ଭମାନଙ୍କଠାରେ ରହିବି’’ (ଯୋହନ ୧୫:୪) । ସେହି ବାକ୍ୟରେ ପ୍ରଭୁ ଯୀଶୁ ଖ୍ରୀଷ୍ଟିୟ ଜୀବନଯାପନର ମୁଖ୍ୟ ବିଷୟ ବୁଝାଇଥିଲେ । ଈଶ୍ୱରଙ୍କ ଦୃଷ୍ଟିକୋଣରୁ ବିଶ୍ୱାସୀ ତାଙ୍କ ପୁତ୍ରଙ୍କଠାରେ ରହେ – ନିରାପଦରେ ସ୍ୱର୍ଗରେ ନ ପହଞ୍ଚିବା ପର୍ଯ୍ୟନ୍ତ ସେଠାରେ ତାକୁ ରଖାଯାଏ ଓ ସୁରକ୍ଷା ଦିଆଯାଏ । କିନ୍ତୁ ଏକ ମାନବିକ ଦୃଷ୍ଟି କୋଣରୁ, ପୁନରୁତ୍ଥିତ ପ୍ରଭୁ ମଧ୍ୟ ପ୍ରକୃତ ବିଶ୍ୱାସୀମାନଙ୍କଠାରେ ବାସ କରୁଥିବାରୁ, ସେମାନଙ୍କର ପରିବାର, ବନ୍ଧୁ ଓ ସହକର୍ମୀମାନେ ଏପରି ଏକ ଉନ୍ନତ ଜୀବନ ସହିତ ପରିଚିତ ହେବେ, ଯାହାକୁ କେବଳ ଖ୍ରୀଷ୍ଟଙ୍କର ‘ଆଭ୍ୟନ୍ତରୀଣ ଉପସ୍ଥିତି’ – ଏହି ପଦରେ ବୁଝାଯାଇ ପାରିବ ।

କଳ୍ପନା କରନ୍ତୁ, ଅଗ୍ନି ମଧ୍ୟରେ ଏକ ଧାତବ ଚିମୁଟା । ଯେତେବେଳେ ଆପଣ ଏହା ପ୍ରତି ଦୃଷ୍ଟିପାତ କରିବେ, ଆପଣ ଏହା କହିପାରିବେ, ଚିମୁଟାଟି ଅଗ୍ନି ମଧ୍ୟରେ ଅଛି ।'' କିନ୍ତୁ ଯଦି ଆପଣ ଆହୁରି ନିବିଡ଼ ଭାବେ ଦୃଷ୍ଟିପାତ କରିବେ, ତେବେ ଆପଣ ଏହା ଲକ୍ଷ୍ୟ କରିବେ ଯେ, ଚିମୁଟା ନିଜେ ଉତ୍ତପ୍ତ ହୋଇ ଲାଲ ହୋଇଯାଇଛି । ଆଉ ଏହାପରେ ଏହା କହିବା ଅଧିକ ଯଥାର୍ଥ ହେବ, ''ଅଗ୍ନି ଚିମୁଟା ମଧ୍ୟରେ ଅଛି !'' କିମ୍ବା, ସେହିପରି ଗୋଟିଏ କପ୍‌କୁ ପାଣି ଭର୍ତ୍ତି ବାଲ୍‌ଟି ମଧ୍ୟକୁ ପକାଇବାର କଳ୍ପନା କରନ୍ତୁ । କପ୍‌ଟି ଜଳ ମଧ୍ୟରେ ଅଛି, ମାତ୍ର ଜଳ ମଧ୍ୟ କପ୍‌ରେ ଅଛି !

ଯେତେବେଳେ ଆପଣ ପୁନର୍ଜନ୍ମ ପ୍ରାପ୍ତ ହେଲେ, ସେତେବେଳେ ପବିତ୍ର ଆତ୍ମା ପ୍ରକୃତରେ ଆପଣଙ୍କୁ ଖ୍ରୀଷ୍ଟଙ୍କ ଶରୀର ମଧ୍ୟକୁ ବାପ୍ତିଜିତ କରିଥିଲେ (ବୁଡ଼ାଇଥିଲେ) ।

ବର୍ତ୍ତମାନ ବାଇବଲ ଆପଣଙ୍କୁ ଏହି ଭରସା ଦେଇଛି ଯେ : *''ତୁମ୍ଭମାନଙ୍କ ଜୀବନ ଈଶ୍ୱରଙ୍କଠାରେ ଖ୍ରୀଷ୍ଟଙ୍କ ସହିତ ଗୁପ୍ତ ଅଛି''* (କଲସୀୟ ୩:୩) ହଁ, ଆପଣ ପୁନର୍ଜନ୍ମ ପାଇଥିବାରୁ ବର୍ତ୍ତମାନ ଖ୍ରୀଷ୍ଟଙ୍କଠାରେ ଅଛନ୍ତି । ଆଶ୍ଚର୍ଯ୍ୟ ! ଆପଣ ପୁନର୍ଜନ୍ମ ପ୍ରାପ୍ତ ହେବା ସମୟରେ ମଧ୍ୟ ପୁନରୁତ୍ଥିତ ଖ୍ରୀଷ୍ଟଙ୍କର ବାସକାରୀ ଜୀବନ ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ଏକ ବ୍ୟକ୍ତିଗତ ଓ ଗୌରବମୟ ବାସ୍ତବତା ହୋଇଯାଏ । ବର୍ତ୍ତମାନ *''ଆପଣଙ୍କ ମଧ୍ୟରେ ଖ୍ରୀଷ୍ଟ, ସେ ଗୌରବମୟ ଭରସା ସ୍ୱରୂପ ...'' (କଲସୀୟ ୧:୨୭)* । ଆଉ ଆପଣ ପୁନର୍ଜନ୍ମ ପାଇଥିବାରୁ ପୁନରୁତ୍ଥିତ ଖ୍ରୀଷ୍ଟ ବର୍ତ୍ତମାନ ଆପଣଙ୍କଠାରେ ବାସ କରୁଛନ୍ତି । ଆଶ୍ଚର୍ଯ୍ୟ !

ବର୍ତ୍ତମାନ, ଏହି ଦୁଇଟି ସତ୍ୟ – ମୁଁ ଖ୍ରୀଷ୍ଟଙ୍କଠାରେ ଅଛି ଓ ଖ୍ରୀଷ୍ଟ ମୋ' ଠାରେ ଅଛନ୍ତି – ଏହାର ସୁଦୂର ପ୍ରସାରୀ ପ୍ରଭାବ ବିଷୟରେ ବାଇବଲ ପ୍ରକୃତରେ ଯାହା କହିଛି, ତାହା ଆମେ ଆହୁରି ବିଚାର କରିବା ।

### *ମୁଁ ଖ୍ରୀଷ୍ଟଙ୍କଠାରେ ଅଛି*

*''ଯେଣୁ ... ସମସ୍ତେ ତ ଏକ ଆତ୍ମାଙ୍କ ଦ୍ୱାରା ଏକ ଶରୀର ହେବା ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛୁ ...'' (୧ କରିନ୍ଥୀୟ ୧୨:୧୩) ।*

*''ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କଠାରେ ବାପ୍ତିଜିତ ହୋଇଅଛୁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ଅତଏବ, ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ*





*ସହିତ ସମାଧି ପ୍ରାପ୍ତ ହୋଇଅଛୁ, ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଉତ୍‌ଥାପିତ ହେଲେ, ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁ'' (ରୋମୀୟ ୬:୩,୪) ।*

*''କାରଣ ତୁମ୍ଭେମାନେ ମରିଅଛ, ଆଉ ତୁମ୍ଭମାନଙ୍କର ଜୀବନ ଈଶ୍ୱରଙ୍କଠାରେ ଖ୍ରୀଷ୍ଟଙ୍କ ସହିତ ଗୁପ୍ତ ଅଛି'' (କଲସୀୟ ୩:୩)*

ଅନେକ ବର୍ଷ ପୂର୍ବେ ରକ୍ତଜନିତ ରୋଗ ଭୋଗୁଥିବା ଗୋଟିଏ ଛୋଟ ବାଳକକୁ ମୁଁ ଜାଣିଥିଲି । ସେତେବେଳେ ତାକୁ ମାତ୍ର ୭ ବର୍ଷ ବୟସ ହୋଇଥିଲା, ଆଉ ପ୍ରତି ତିନି ମାସରେ ଥରେ ମେରୁଦଣ୍ଡରେ ଇଞ୍ଜେକ୍‌ସନ୍ ନେବା ପାଇଁ ତାକୁ ଡାକ୍ତରଙ୍କ ପାଖକୁ ଯିବାକୁ ପଡୁଥିଲା । ମେରୁଦଣ୍ଡରେ ଛୁଞ୍ଚି ପ୍ରବେଶ କରିବା ସମୟରେ ଅନ୍ୟ ପିଲାମାନଙ୍କ ଭଳି ସେ କାହିଁକି କ୍ରନ୍ଦନ କରୁ ନାହିଁ ବୋଲି ଥରେ ଡାକ୍ତର ପ୍ରଶ୍ନ କଲେ । ଡାକ୍ତର ପଚାରିଲେ – ''ତୁମକୁ କଷ୍ଟ ହୁଏ ନାହିଁ ?'' ଡାରିଲ୍ ଉତ୍ତର ଦେଇଥିଲା, ''ହଁ, କଷ୍ଟ ହୁଏ, ମାତ୍ର ଆପଣ ବୁଝି ପାରିବେ ନାହିଁ, ଛୁଞ୍ଚିଟି ମୋତେ ସ୍ପର୍ଶ କରିବା ପୂର୍ବରୁ ପ୍ରଥମେ ଏହାକୁ ଯୀଶୁଙ୍କର ହାତ ମଧ୍ୟରେ ପ୍ରବେଶ କରିବାକୁ ହୁଏ ।'' ଏହା ଜାଣିବା ଅତି ସୁନ୍ଦର ବିଷୟ ଯେ ଆପଣ ବର୍ତ୍ତମାନ ଖ୍ରୀଷ୍ଟଙ୍କଠାରେ ଥିବାରୁ ଆପଣଙ୍କୁ ପରୀକ୍ଷା କରୁଥିବା ଓ ଆପଣଙ୍କ ଜୀବନକୁ ସ୍ପର୍ଶ କରୁଥିବା ସମସ୍ତ ବିଷୟ ନିୟନ୍ତ୍ରଣ କରିବା ପାଇଁ ସେ ଯଥେଷ୍ଟ ଅଟନ୍ତି ! ତାହା ହିଁ ବିଶ୍ୱାସ !

ଆପଣ ଯେପରି ବିଶ୍ୱାସରେ ପ୍ରଭୁ ଯୀଶୁଙ୍କୁ ଗ୍ରହଣ କରିଥିଲେ, ସେହିପରି ଏହା ବିଶ୍ୱାସର ସମାନ ନିୟମ ଅଟେ, ଯାହା ଜୀବନର ପ୍ରତ୍ୟେକ ଅଭାବ ପୂରଣ ପାଇଁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରଚୁରତା ଗ୍ରହଣ କରିବା ପାଇଁ ଆପଣଙ୍କୁ ସମର୍ଥ କରେ । ଅନ୍ୟ ଭାଷାରେ, ଆପଣଙ୍କ ବିଶ୍ୱାସର ପ୍ରାରମ୍ଭିକ କାର୍ଯ୍ୟ ବିଶ୍ୱାସର ଏକ ଅବିଚ୍ଛିନ୍ନ ମନୋଭାବ ଗ୍ରହଣ କରିବାକୁ ଆପଣଙ୍କ ନିମନ୍ତେ ଦ୍ୱାର ଉନ୍ମୁକ୍ତ କରିଥିଲା । *''ଅତଏବ ଖ୍ରୀଷ୍ଟ ଯୀଶୁଙ୍କୁ ପ୍ରଭୁ ବୋଲି ଯେପରି ଗ୍ରହଣ କରିଅଛ, ତଦନୁସାରେ ତାହାଙ୍କ ସହଭାଗିତାରେ ଆଚରଣ କର'' (କଲସୀୟ ୨:୬) ।*

ଯଦିଓ ଆପଣ ପୁନର୍ଜନ୍ମ ପାଇଛନ୍ତି, ତଥାପି ଯୀଶୁଙ୍କ ଜୀବନକୁ ନାମମାତ୍ର ଅନୁକରଣ କରନ୍ତୁ ବୋଲି ଈଶ୍ୱର ଆପଣଙ୍କଠାରୁ ଆଶା କରନ୍ତି ନାହିଁ । ଅଗଣିତ ଖ୍ରୀଷ୍ଟିଆନ ଏହା

କରିବା ଚେଷ୍ଟାରେ ସଂପୂର୍ଣ୍ଣ ଭାବେ ହତାଶ ହୋଇଛନ୍ତି ଓ ସର୍ବଦା ବିଫଳ ହୋଇଛନ୍ତି । କିନ୍ତୁ ଈଶ୍ୱର ଆମ ଖ୍ରୀଷ୍ଟିୟ ଜୀବନ ପାଇଁ ତାଙ୍କର ସୁନ୍ଦର ବ୍ୟବସ୍ଥା ସମ୍ବନ୍ଧରେ ଆମକୁ କହିଛନ୍ତି । ଆମେ ଖ୍ରୀଷ୍ଟଙ୍କଠାରେ ମୃତ୍ୟୁ ବରଣ କରିସାରିଛୁ । ଆଉ ଖ୍ରୀଷ୍ଟଙ୍କଠାରେ ମୃତ ହୋଇଥିବାରୁ, ଆମେ ବ୍ୟବସ୍ଥାର ସମସ୍ତ ଦାବୀ ଓ ଦଣ୍ଡାଜ୍ଞା ପ୍ରତି ମଧ୍ୟ ମୃତ ଅଟୁ । ସେଥିପାଇଁ, ଅତୀତରେ ଯେପରି ଘଟିଥିଲା, ସେହିପରି ବର୍ତ୍ତମାନ ଓ ଭବିଷ୍ୟତ୍‌ରେ, ବ୍ୟବସ୍ଥାର ଦାବୀ ପୂରଣ କରୁଥିବା ଯେ କୌଣସି ସ୍ୱାର୍ଥ ଚେଷ୍ଟାର ଆଶା ପ୍ରତି ଆମେ ମୃତ ଅଟୁ । ହଁ, ଆତ୍ମିକ ଜୀବନ ଯାପନ କରିବା ପାଇଁ ଆମ ନିଜଠାରେ ଥିବା ପ୍ରତ୍ୟୟର ପ୍ରତିଟି ଚିହ୍ନ ପ୍ରତି ଆମେ ମୃତ ଅଟୁ । କିନ୍ତୁ, ଈଶ୍ୱରଙ୍କର ପ୍ରଶଂସା ହେଉ, ଆମେ ପୁନରୁତ୍ଥିତ ପ୍ରଭୁ ଯୀଶୁଙ୍କର ସମସ୍ତ ରକ୍ଷାକାରୀ ଓ ପ୍ରଚୁର ସାମର୍ଥ୍ୟ ପ୍ରଦାନକାରୀ ବିଷୟ ପ୍ରତି ଗୌରବମୟ ଭାବରେ ଜୀବିତ ଅଟୁ ।

ଯେତେବେଳେ ଆମେ ଆମ ନିଜ ଦ୍ୱାରା ଜୀବନର ପରୀକ୍ଷା ଓ ଚାପକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁ, ସେତେବେଳେ ସମସ୍ୟା ଦେଖାଦିଏ । ନୂତନ ବିଶ୍ୱାସୀ ଏହି ଆବିଷ୍କାର କରିବ ଯେ ପୂର୍ବରୁ ଯେପରି, ସେହିପରି ନୂତନ ଜନ୍ମ ପାଇବା ପରେ ମଧ୍ୟ କେବଳ ନିଜ ଦ୍ୱାରା ଖ୍ରୀଷ୍ଟିୟ ଜୀବନ ଯାପନ କରିବାକୁ ସେ ଅସମର୍ଥ ଅଟେ ।

ଏହି ପ୍ରବୃତ୍ତି ସମ୍ବନ୍ଧରେ ଆମକୁ ସତର୍କ କରି ପ୍ରଭୁ ଯୀଶୁ ଖ୍ରୀଷ୍ଟ ସ୍ପଷ୍ଟ ଭାବରେ କହିଥିଲେ : ''ମୋ ବିନା ତୁମ୍ଭେମାନେ କିଛି କରିପାର ନାହିଁ'' (ଯୋହନ ୧୫:୫) ।

ପ୍ରକୃତରେ, ଆତ୍ମ ପ୍ରଚେଷ୍ଟାର ମୂର୍ଖତା ବିଷୟ ଆଲୋଚନା କରି ପ୍ରେରିତ ପାଉଲ ଗାଲାତୀୟ ବିଶ୍ୱାସୀମାନଙ୍କୁ ରୁକ୍ଷ ଭାବରେ ଭର୍ତ୍ସନା କରିଥିଲେ । ବିଶ୍ୱାସ, କେବଳ ବିଶ୍ୱାସ ଦ୍ୱାରା ଜୀବନ ଯାପନ ସମ୍ବନ୍ଧରେ ଈଶ୍ୱରଙ୍କ ନିୟମରୁ ସେମାନଙ୍କର ବିମୁଖତାକୁ ସଂଶୋଧନ କରିବାକୁ ଚେଷ୍ଟା କରି ପାଉଲ ଏକ ଆଳଙ୍କାରିକ ପ୍ରଶ୍ନ ପଚାରିଥିଲେ ଯାହା ଏକ ସ୍ୱୟଂ – ପ୍ରମାଣିତ ଉତ୍ତର ଦିଗକୁ କଢ଼ାଇ ନେବା ପାଇଁ ଉଦ୍ଦିଷ୍ଟ ଥିଲା :

''ମୁଁ ତୁମ୍ଭମାନଙ୍କଠାରୁ କେବଳ ଏହା ଜାଣିବାକୁ ଇଚ୍ଛା କରେ, ତୁମ୍ଭେମାନେ କଅଣ ବ୍ୟବସ୍ଥାର କ୍ରିୟାକର୍ମ ହେତୁ ନା ବିଶ୍ୱାସରେ ଶୁଣିବା ହେତୁ ଆତ୍ମା ପାଇଅଛ ? ତୁମ୍ଭେମାନେ କଅଣ ଏପରି ନିର୍ବୋଧ ? ଆତ୍ମାରେ ଆରମ୍ଭ କରି ତୁମ୍ଭେମାନେ କି ଏବେ ଶରୀରରେ ସିଦ୍ଧ ହେବାକୁ ଯାଉଅଛ ?'' (ଗାଲାତୀୟ ୩:୨–୩) ।

ଅବଶ୍ୟ, ଆପଣମାନଙ୍କ ପରି ସେମାନେ ମଧ୍ୟ ବିଶ୍ୱାସର କାର୍ଯ୍ୟ ଦ୍ୱାରା ଖ୍ରୀଷ୍ଟଙ୍କଠାରେ ସେମାନଙ୍କର ନୂତନ ଜୀବନ ଆରମ୍ଭ କରିଥିଲେ । ଆଉ କେବଳ





ସେହି ସମାନ ନିର୍ଭରଶୀଳ ବିଶ୍ୱାସ ଦ୍ୱାରା ସେମାନେ ''ଏକ ବ୍ୟକ୍ତି, ଅର୍ଥାତ୍ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ... ରାଜତ୍ୱ କରିବା ପାଇଁ'' ଆଶା କରିପାରିବେ । (ରୋମୀୟ ୫:୧୭) ।

ଗାଲାତୀରେ, ନିର୍ଭରଶୀଳ ବିଶ୍ୱାସର ଆବଶ୍ୟକତା ସ୍ଥାନରେ, ଦୁଃଖଦ ଭାବରେ ଶୁଷ୍କ ବ୍ୟବସ୍ଥା ଭିତ୍ତିକ ଆତ୍ମ – ପ୍ରଚେଷ୍ଟା ଦେଖାଦେଇଥିଲା । କିନ୍ତୁ, ଈଶ୍ୱରଙ୍କ ଧନ୍ୟବାଦ ହେଉ ଯେ, ଯଦି ଆପଣ ଆପଣଙ୍କର ନୂତନ – ଆବିଷ୍କୃତ ପ୍ରଭୁଙ୍କ ଉପରେ ନିର୍ଭର କରି ଜୀବନ କାଟି ଚାଲିବେ, ତେବେ କ୍ରିୟାକର୍ମର ସେହି ଦୁଃଖାବସ୍ଥା, ଯାହା ଗାଲାତୀରେ ରହିଥିଲା, ତାହା ଆପଣଙ୍କ ଅନୁଭୂତି ହେବା ଆଦୌ ଆବଶ୍ୟକ ହେବ ନାହିଁ ।

### *ଖ୍ରୀଷ୍ଟ ମୋ'ଠାରେ ବାସ କରନ୍ତି*

*''ମୁଁ ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହୋଇଅଛି଼ଦ୍ଧ ମୁଁ ଆଉ ଜୀବିତ ନୁହେଁ, ମାତ୍ର 'ଖ୍ରୀଷ୍ଟ ମୋ'ଠାରେ ଜୀବିତ ଅଛନ୍ତି ...' '' (ଗାଲାତୀୟ ୨:୨୦) ।*

*''କିନ୍ତୁ, ଯଦି ଖ୍ରୀଷ୍ଟ ତୁମ୍ଭମାନଙ୍କଠାରେ ଥାଆନ୍ତି, ତାହାହେଲେ ଶରୀର ପାପ ହେତୁ ମୃତ ଅଟେ, ମାତ୍ର ଆତ୍ମା ଧାର୍ମିକତା ହେତୁ ଜୀବିତ ଅଟେ । ଆଉ ଯେ ମୃତମାନଙ୍କ ମଧ୍ୟରୁ ଯୀଶୁଙ୍କୁ ଉଠାଇଲେ, ତାହାଙ୍କର ଆତ୍ମା ଯଦି ତୁମ୍ଭମାନଙ୍କଠାରେ ବାସ କରନ୍ତି, ତେବେ ଯେ ମୃତମାନଙ୍କ ମଧ୍ୟରୁ ଖ୍ରୀଷ୍ଟ ଯୀଶୁଙ୍କୁ ଉଠାଇଲେ, ସେ ତୁମ୍ଭମାନଙ୍କଠାରେ ବାସ କରୁଥିବା ଆପଣା ଆତ୍ମାଙ୍କ ଦ୍ୱାରା ତୁମ୍ଭମାନଙ୍କ ମୃତ ଶରୀରକୁ ମଧ୍ୟ ଜୀବିତ କରିବେ'' (ରୋମୀୟ ୮:୧୦–୧୧) ।*

*''ବିଜାତିମାନଙ୍କ ମଧ୍ୟରେ ସେହି ନିଗୂଢ଼ ତତ୍ତ୍ୱର ଗୌରବରୂପ ଧନ ଯେ କଅଣ, ତାହା ଈଶ୍ୱର ଆପଣା ସାଧୁମାନଙ୍କ ନିକଟରେ ପ୍ରକାଶ କରିବାକୁ ଇଚ୍ଛା କଲେଦ୍ଧ ସେହି ନିଗୂଢ଼ ତତ୍ତ୍ୱ ଏହି, ତୁମ୍ଭମାନଙ୍କ ମଧ୍ୟରେ ଖ୍ରୀଷ୍ଟ, ସେ ଗୌରବର ଭରସା ସ୍ୱରୂପ'' (କଲସୀୟ ୧:୨୭) ।*

*''ପୁଣି, ବିଶ୍ୱାସ ଦ୍ୱାରା ଖ୍ରୀଷ୍ଟ ତୁମ୍ଭମାନଙ୍କ ହୃଦୟରେ ବାସ କରନ୍ତି'' (ଏଫିସୀୟ ୩:୧୭) ।*

''ପ୍ରଭୁ ଯୀଶୁ, ଆପଣଙ୍କୁ ଧନ୍ୟବାଦଦ୍ଧ ଆପଣ ତାହା ସବୁ ଅଟନ୍ତି, ଯାହା ମୁଁ ନୁହେଁ । ଆପଣ ଉଭୟ ମୋ' ଠାରେ ଓ ମୋ' ମାଧ୍ୟମରେ ଯାହା ହେବାକୁ ଚାହାଁନ୍ତି,

ତାହା ହେବା ପାଇଁ ମୁଁ ଆପଣଙ୍କୁ ଅନୁମତି ଦେଉଅଛି'' – ଏହା କହିବା ଦ୍ୱାରା ଆପଣଙ୍କ ମଧ୍ୟରେ ଖ୍ରୀଷ୍ଟଙ୍କର ବାସକାରୀ ଜୀବନ ଉପରେ ଆପଣଙ୍କର ନିର୍ଭରଶୀଳ ବିଶ୍ୱାସ ପ୍ରକାଶ କରିପାରିବେ । ଆପଣଙ୍କର ଖ୍ରୀଷ୍ଟିୟ ଜୀବନର ଆଶ୍ଚର୍ଯ୍ୟଜନକ ବାସ୍ତବତା ହେଉଛି ଯେ, ଈଶ୍ୱର ଆପଣଙ୍କ ସଫଳତାର ଦାୟିତ୍ୱ ଅନ୍ୟଜଣଙ୍କୁ, ଅର୍ଥାତ୍, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ହସ୍ତାନ୍ତର କରିଛନ୍ତି ! ଯୀଶୁ ଏକମାତ୍ର, ଯିଏ ଜୀବନର ସେହି ପରୀକ୍ଷା ଓ ସୁଯୋଗ ପରିପୂରଣ ନିମନ୍ତେ ଯଥେଷ୍ଟ ଅଟନ୍ତି, ଯାହାର ଆପଣ ଦିନେ ନିଶ୍ଚେ ସମ୍ମୁଖୀନ ହେବେ । ଖ୍ରୀଷ୍ଟଙ୍କ ବିନା ଜଣେ ''ଧର୍ମତତ୍ତ୍ୱବିଦ୍' ହେବା ଆପଣଙ୍କ ପାଇଁ ସମ୍ଭବ ଅଟେ, ଖ୍ରୀଷ୍ଟଙ୍କ ବିନା ଜଣେ ପ୍ରଚାରକ ହେବା ଆପଣଙ୍କ ପାଇଁ ସମ୍ଭବ ଅଟେ, ଖ୍ରୀଷ୍ଟଙ୍କ ବିନା ଜଣେ 'ମିଶନାରୀ' ହେବା ଆପଣଙ୍କ ପାଇଁ ସମ୍ଭବ ଅଟେ, ମାତ୍ର ଖ୍ରୀଷ୍ଟ ଆପଣଙ୍କ ହୃଦୟରେ ନ ଥିଲେ ଜଣେ ଖ୍ରୀଷ୍ଟିଆନ ହେବା ଆପଣଙ୍କ ପାଇଁ ଅସମ୍ଭବ ଅଟେ ।

ଯୀଶୁ ହିଁ ଏକମାତ୍ର ବ୍ୟକ୍ତି, ଯିଏ ପ୍ରକୃତରେ ଖ୍ରୀଷ୍ଟିୟ ଜୀବନ କାଟିପାରନ୍ତି । ବର୍ତ୍ତମାନ, ତାଙ୍କ ଆତ୍ମାଙ୍କ ଦ୍ୱାରା ସେ ଆପଣଙ୍କ ହୃଦୟରେ ଆଶ୍ଚର୍ଯ୍ୟଜନକ ଭାବରେ ନିଜର ବାସସ୍ଥାନ ଗ୍ରହଣ କରିଛନ୍ତି । ବର୍ତ୍ତମାନ, ଆପଣ ନିଜେ ଯାହା ଆଦୌ କରି ପାରିନଥା'ନ୍ତେ, ତାହା ସେ ଆପଣଙ୍କ ମାଧ୍ୟମରେ ଓ ଆପଣଙ୍କ ନିମନ୍ତେ କରିପାରିବେ । ସେ ପବିତ୍ର ଅଟନ୍ତି ଓ ଅଶୁଚିତାର ଜଗତରେ ସେ ଆପଣଙ୍କର ପବିତ୍ରତା ଅଟନ୍ତି । ସେ ବିଜୟୀ ଅଟନ୍ତିଦ୍ଧ  ସେଥିପାଇଁ ପରୀକ୍ଷାରୂପକ ଜଗତରେ ସେ ଆପଣଙ୍କର ବିଜୟ ଅଟନ୍ତିଦ୍ଧ ସେ ପ୍ରେମ ଅଟନ୍ତି, ସେଥିପାଇଁ ସ୍ୱାର୍ଥପର ଜଗତରେ ସେ ଆପଣଙ୍କର ପ୍ରେମ ଅଟନ୍ତି । ପ୍ରକୃତରେ, ଯେ 'ପୁନରୁତ୍ଥାନ ଓ ଜୀବନ' ଅଟନ୍ତି, ସେ ବର୍ତ୍ତମାନ ଆପଣଙ୍କର ନିଜସ୍ୱ ଖ୍ରୀଷ୍ଟିୟ ଜୀବନ ଅଟନ୍ତି । ଯିଏ ହଜିଯାଇଥିବା ଲୋକମାନଙ୍କୁ ଖୋଜି ରକ୍ଷା କରିବାକୁ ଆସିଥିଲେ, ସେହି ପ୍ରଭୁ ଯୀଶୁଙ୍କୁ ନମ୍ର ଭାବରେ ଆପଣ ନିଜର ଜୀବନ ଦେଇଥିବାରୁ (ଲୂକ ୧୯:୧୦), ବର୍ତ୍ତମାନ ଆପଣଙ୍କ ମାଧ୍ୟମରେ ହଜିଯାଇଥିବା ଲୋକମାନଙ୍କୁ ଖୋଜି ରକ୍ଷା କରିବାକୁ ଆପଣ ତାଙ୍କଠାରେ ମଧ୍ୟ ବିଶ୍ୱାସ କରିପାରିବେ ! ଅନ୍ୟଲୋକମାନଙ୍କ ପ୍ରତି ସେମାନେ ତାଙ୍କ ଜୀବନର ଏକ ମାଧ୍ୟମ ବୋଲି ଯେତେବେଳେ ବିଶ୍ୱାସୀମାନେ ଆବିଷ୍କାର କରନ୍ତି, ସେତେବେଳେ ଜୀବନ ବାସ୍ତବରେ ଅତି ଆନନ୍ଦମୁଖର ହୋଇଯାଏ ।





ମନେରଖନ୍ତୁ – ଯଦିଓ ଯୀଶୁ ସ୍ୱର୍ଗକୁ ଫେରି ଯାଇଛନ୍ତି, ତଥାପି ସେ ଆପଣଙ୍କଠାରୁ ନିଶ୍ଚୟ ନିଜକୁ ଦୂର କରିନାହାନ୍ତି । ନିଜର ଶିଷ୍ୟମାନଙ୍କୁ ପୃଥିବୀରେ ପରିତ୍ୟାଗ କରି ଯିବା ସମୟରେ ସେ ସେମାନଙ୍କୁ କହିଥିଲେଦ୍ଧ

''ଅଳ୍ପ ମାତ୍ର ସମୟ ରହିଲା, ଜଗତ ମୋତେ ଆଉ ଦେଖିବ ନାହିଁଦ୍ଧ ମାତ୍ର ତୁମ୍ଭେମାନେ ମୋତେ ଦେଖିବ, କାରଣ ମୁଁ ଜୀବିତ, ଆଉ ତୁମ୍ଭେମାନେ ଯେ ମୋ'ଠାରେ ଓ ମୁଁ ତୁମ୍ଭମାନଙ୍କଠାରେ ଅଛି, ଏହା ସେଦିନ ତୁମ୍ଭେମାନେ ଜାଣିବ'' (ଯୋହନ ୧୪:୧୯–୨୦) ।

ବର୍ତ୍ତମାନ, ଆପଣ ହୁଏତ ପ୍ରଶ୍ନ କରିପାରନ୍ତି, ''ଖ୍ରୀଷ୍ଟଙ୍କଠାରେ ଈଶ୍ୱର ମୋତେ ଦେଇଥିବା ସମସ୍ତ ସମ୍ବଳ କିପରି ମୋ' ଜୀବନରେ ବାସ୍ତବ ଓ କାର୍ଯ୍ୟକାରୀ ହୋଇପାରିବ ?'' ତାହା ଏକ ଉତ୍ତମ ପ୍ରଶ୍ନ ଅଟେ । ତାହା ମାନସିକ ବିଶ୍ୱାସ ଓ ଅନୁଭୂତିମୂଳକ ବିଶ୍ୱାସ ମଧ୍ୟରେ ଥିବା ଏକ ପ୍ରଶସ୍ତ ବ୍ୟବଧାନକୁ ଚିହ୍ନିଥାଏ । ଏହି ପ୍ରଶ୍ନ କାର୍ଯ୍ୟକାରୀ ବିଶ୍ୱାସ ନିମନ୍ତେ ଆପଣଙ୍କର ଗଭୀର ଇଚ୍ଛା ପ୍ରତି ମଧ୍ୟ ପ୍ରଯୁଜ୍ୟ ହୋଇଥାଏ । ସରଳ ଉତ୍ତର ହେଉଛି – ଖ୍ରୀଷ୍ଟଙ୍କଠାରେ ବିଜୟୀ ଜୀବନ ଧନ୍ୟବାଦ ଦାନର ପ୍ରତିକ୍ରିୟାରେ ବିଶ୍ୱାସୀ ମାଧ୍ୟମରେ ନିର୍ଗତ ହୋଇଥାଏ । ପ୍ରକୃତ ବିଶ୍ୱାସ ସର୍ବଦା କହେ, ''ଆପଣଙ୍କୁ ଧନ୍ୟବାଦ ।''

ଉଦାହରଣ ସ୍ୱରୂପ, ଖ୍ରୀଷ୍ଟଙ୍କଠାରେ ଆପଣଙ୍କର ପରିତ୍ରାଣଜନକ ବିଶ୍ୱାସ ପ୍ରକାଶ କରିବାର ସର୍ବୋତ୍ତମ ଉପାୟ ହେଉଛି – ଆପଣଙ୍କର ପାପ କ୍ଷମାପ୍ରାପ୍ତ ହୋଇଛି ବୋଲି ତାଙ୍କୁ ଧନ୍ୟବାଦ ଦେବା । ବର୍ତ୍ତମାନ, ଆପଣ ସେହି ସତ୍ୟପାଇଁ ମଧ୍ୟ ତାଙ୍କୁ ଧନ୍ୟବାଦ ଦେଇ ପାରିବେ ଯେ, ଆପଣ ଆବଶ୍ୟକ କରୁଥିବା ସମୟରେ ଯାହା ଇଚ୍ଛା କରୁଥା'ନ୍ତି, ଆପଣଙ୍କ ପ୍ରତି ସେ ଠିକ୍ ତାହା ହିଁ ହେବେ । ''ବିଶ୍ୱାସ ବିନୁ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ଅସମ୍ଭବ ଅଟେ'' (ଏବ୍ରୀ ୧୧:୬) । ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଆପଣ ଇଚ୍ଛା କରୁଥିବା ସମୟରେ ସମସ୍ତ ବିଷୟରେ ପ୍ରଭୁ ଯୀଶୁଙ୍କର ପ୍ରାଚୁର୍ଯ୍ୟ ନିମନ୍ତେ ତାଙ୍କୁ ନିରନ୍ତର ଧନ୍ୟବାଦ ଦେଇ ବିଶ୍ୱାସର ସହିତ ଆପଣଙ୍କ ଜୀବନ କାଟନ୍ତୁ ।

ପ୍ରଭୁ ଯୀଶୁଙ୍କ ପ୍ରତି ସେମାନଙ୍କର ଆନୁଗତ୍ୟ ଯୋଗୁ ତାଡ଼ନା ଭୋଗୁଥିବା ଖ୍ରୀଷ୍ଟିୟାନମାନଙ୍କୁ ଉତ୍ସାହିତ କରି ପାଉଲ ଲେଖିଥିଲେ – ''ଖ୍ରୀଷ୍ଟଙ୍କୁ ପ୍ରଭୁ ବୋଲି ଆପଣା ଆପଣା ହୃଦୟରେ ପବିତ୍ର ରୂପେ ମାନ୍ୟ କର'' (ପୃଥକ୍ କର, ମହିମାନ୍ୱିତ

କର, ସଂପୂର୍ଣ୍ଣ ଗୌରବ ଦିଅ)'' (୧ ପିତର ୩:୧୫) । ସେଠାରେ ହିଁ ଆପଣଙ୍କ ବିଶ୍ୱାସ ନିମନ୍ତେ ଆପଣ ତାଡ଼ନାର ସମ୍ମୁଖୀନ ହେବା ସମୟରେ କିପରି ସେଥିରେ ଅଭ୍ୟସ୍ତ ହୋଇ ରହିବାକୁ ହେବ – ଏହି ସମ୍ବନ୍ଧରେ ଈଶ୍ୱରଙ୍କ ପ୍ରକାଶ୍ୟ ରହସ୍ୟ ନିହିତ ଅଛି । ଯୀଶୁ ଯେ ଆପଣଙ୍କ ଜୀବନର ପ୍ରଭୁ ଅଟନ୍ତି, ଏ ବିଷୟରେ ନିଃସନ୍ଦେହ ହୁଅନ୍ତୁ ।

ପୁରାତନ ନିୟମରେ ଈଶ୍ୱରଙ୍କର ଗୋଟିଏ ନାମ ''ଆଦୋନାଇ'' ଅଛି ବୋଲି ଆପଣ ହୁଏତ ସ୍ମରଣ କରିପାରନ୍ତି । 'ଆଦୋନାଇ' ର ଅର୍ଥ ହେଉଛି – ମୋର କର୍ତ୍ତା ଅର୍ଥରେ 'ପ୍ରଭୁ' । ମୋର କର୍ତ୍ତା ଭାବରେ 'ସଦାପ୍ରଭୁ ପରମେଶ୍ୱରଙ୍କ' ସମ୍ବନ୍ଧୀୟ ଏହି ଧାରଣାକୁ ହିଁ ବ୍ୟବହାର କରି ପିତର ବିଶ୍ୱାସୀମାନଙ୍କୁ ଉତ୍ସାହିତ କରିଥିଲେ : ''ଖ୍ରୀଷ୍ଟଙ୍କୁ ପ୍ରଭୁ ବୋଲି ଆପଣା ଆପଣା ହୃଦୟରେ ପବିତ୍ର ରୂପେ ମାନ୍ୟ କର ।''

ପ୍ରଭୁ ଯୀଶୁ ଆପଣଙ୍କ ଜୀବନରେ କର୍ତ୍ତା ହୋଇଥିବାରୁ ଆପଣ ନିରନ୍ତର ତାହାଙ୍କର ସହଭାଗିତା ଉପଭୋଗ କରିବେ । କେବଳ ତେବେ ଆପଣ ନିଜ ଜୀବନର ଦୈନିକ ଦାବୀ ଓ ସୁଯୋଗ ପାଇଁ ତାଙ୍କଠାରେ ବିଶ୍ୱାସ କରିବାକୁ ପ୍ରକୃତରେ ମୁକ୍ତ ହେବେ । ଗୀତରଚକ, ଜର୍ଜ ମାଥିସନ୍ ଲେଖିଥିଲେ –

ହେ ପ୍ରଭୁ, ମୋତେ ବନ୍ଦୀ କର,  
ଆଉ ଏହା ପରେ ମୁଁ ମୁକ୍ତ ହେବିନ୍ଧ  
ମୋର ଖଡ୍‌ଗ ଧରିବା ପାଇଁ ମୋତେ ବାଧ୍ୟ କର,  
ଆଉ ଏହାପରେ ମୁଁ ବିଜୟୀ ହେବି ।

ସ୍ୱାଧୀନତା ସମ୍ବନ୍ଧୀୟ ଲୋକପ୍ରିୟ ଧାରଣାର ବିପରୀତରେ, ବାସ୍ତବ ସ୍ୱାଧୀନତା – ମୁଁ ଯାହା ଇଚ୍ଛା କରେ, ତାହା କରିବା ପାଇଁ ରହିଥିବା ମୋର ଅଧିକାରରେ ମିଳେ ନାହିଁ । ବରଂ, ମୁଁ ଯାହା ହେବା ଉଚିତ୍, ତାହା କରିବା ପାଇଁ ରହିଥିବା ମୋର ଶକ୍ତିରେ ଏହା ମିଳିଥାଏ ! ସେହି ପ୍ରେରିତ ପାଉଲଙ୍କୁ ସ୍ମରଣ କରନ୍ତୁ, ଯିଏ କହିଥିଲେ, ''ମୋର ଶକ୍ତିଦାତାଙ୍କ ସାହାଯ୍ୟରେ ମୁଁ ସବୁ କିଛି କରିପାରେ'' (ଫିଲିପ୍ପୀୟ ୪:୧୩) ।

୧୮୫୯ରେ ଉତ୍ତର ଆର୍ୟଲ୍ୟାଣ୍ଡରେ ନବଜାଗରଣ ପରେ, ହଜାର ହଜାର ଲୋକ ଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ । ସେହି ନୂତନ ବିଶ୍ୱାସୀମାନେ ''ସମର୍ପିତ ବିଶ୍ୱାସ'' ନାମକ ଏକ ଲେଖାରେ ସ୍ୱାକ୍ଷର କରିବା ଦ୍ୱାରା ଖ୍ରୀଷ୍ଟଙ୍କ ପ୍ରତି ସେମାନଙ୍କର





ନିଜସ୍ୱ ବ୍ୟକ୍ତିଗତ ଓ ଗାମ୍ଭୀର୍ଯ୍ୟପୂର୍ଣ୍ଣ ସମର୍ପଣ ପ୍ରକାଶ କରିଥିଲେ । ସେହି ସମୟରେ, ଅନେକ ଲୋକଙ୍କ ନିକଟରେ ପୁନରୁତ୍ଥିତ ପ୍ରଭୁଙ୍କର ଏପରି ଏକ ଜୀବନ – ପରିବର୍ତ୍ତନ କାରୀ ଅନୁଭୂତି ଥିଲା । ସେହି ଦେଶର ନୈତିକ ପରିବେଶ ପ୍ରକୃତ ଭାବରେ, ପରିବର୍ତ୍ତିତ ହୋଇଥିଲା ।

ଯଦିଓ ଏହି ପ୍ରକାର ଏକ ଦଲିଲ୍‌ରେ ସ୍ୱାକ୍ଷର କରିବା କିଛି କୃତିତ୍ୱର ବିଷୟ ନୁହେଁ, ତଥାପି ଏହି ସମୟରେ ନିମ୍ନସ୍ଥ ପୃଷ୍ଠାଗୁଡ଼ିକରେ ଥିବା ଏହି ଦଲିଲ ସ୍ୱାକ୍ଷର କରିବା ଦ୍ୱାରା ଈଶ୍ୱରଙ୍କ ପ୍ରତି ଆପଣଙ୍କ ନିଜସ୍ୱ ପ୍ରତିକ୍ରିୟାକୁ ସ୍ଥିର କରିବାକୁ ଆପଣଙ୍କ ପାଇଁ ମଧ୍ୟ ଏହା ଉପକାରୀ ହେବ ।

*''ଯେଉଁ ଶାନ୍ତିଦାତା ଈଶ୍ୱର ଅନନ୍ତ କାଳସ୍ଥାୟୀ ନିୟମର ରକ୍ତ ହେତୁ ପ୍ରଧାନ ମେଷପାଳକ, ଅର୍ଥାତ୍ ଆମ୍ଭମାନଙ୍କର ପ୍ରଭୁ ଯୀଶୁଙ୍କୁ ମୃତମାନଙ୍କ ମଧ୍ୟରୁ ଫେରାଇ ଆଣିଲେ୍ଚ ତାହାଙ୍କ ଦୃଷ୍ଟିରେ ଯାହା ସନ୍ତୋଷଜନକ, ତାହା ସେ ଆମ୍ଭମାନଙ୍କ ଅନ୍ତରରେ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ସମ୍ପନ୍ନ କରି ତାହାଙ୍କ ଇଚ୍ଛା ସାଧନ କରିବାକୁ ତୁମ୍ଭମାନଙ୍କୁ ପ୍ରତ୍ୟେକ ସତ୍କର୍ମରେ ସିଦ୍ଧ କରନ୍ତୁ । ଯୁଗେ ଯୁଗେ ଗୌରବ ତାହାଙ୍କର । ଆମେନ୍'' । (ଏବ୍ରୀ ୧୩:୨୦-୨୧)*



## ହଙ୍ଗେରୀରୁ ଏକ ପତ୍ର

*''ରିଚାର୍ଡ ଏ. ବେନେଟ୍‌ଙ୍କ ଦ୍ୱାରା ଲିଖିତ ଈଶ୍ୱରଙ୍କ ନିମନ୍ତେ ଅନ୍ୱେଷଣ'' ପୁସ୍ତକଟି ସହିତ ଗୋଟିଏ ପବିତ୍ର ବାଇବଲ ମୋ' ନିକଟକୁ ପ୍ରେରଣ କରିଥିବାରୁ ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ ।*

*ମୁଁ ପୁସ୍ତକଟି ସମାପ୍ତ କରିଛି ଓ ଏଥିରେ ଥିବା ବାଇବଲର ପ୍ରତ୍ୟେକ ଶାସ୍ତ୍ରାଂଶକୁ ପରୀକ୍ଷା କରିଛି ।*

*ମୁଁ କଣ ବିଶ୍ୱାସ କରିବା ଉଚିତ୍ ଓ କାହିଁକି ବିଶ୍ୱାସ କରିବା ଉଚିତ୍, ଏ ବିଷୟରେ ସ୍ପଷ୍ଟ ହେବା ପାଇଁ ''ଈଶ୍ୱରଙ୍କ ନିମନ୍ତେ ଅନ୍ୱେଷଣ'' ପୁସ୍ତକଟି ମୋତେ ଅତ୍ୟନ୍ତ ସାହାଯ୍ୟ କରିଅଛି । ବର୍ତ୍ତମାନ ମୁଁ ଜଣେ ବିଶ୍ୱାସୀ ଓ ଏହି ପୁସ୍ତକ ସାହାଯ୍ୟରେ ମୁଁ ବିଶ୍ୱାସ ପ୍ରତି ଜୀବନ ବ୍ୟାପୀ ସମର୍ପିତ ହୋଇଅଛି ।''*

## ବର୍ତ୍ତମାନ ଆପଣଙ୍କର ସମର୍ପିତ ବିଶ୍ୱାସରେ

### ଆପଣଙ୍କୁ ସାହାଯ୍ୟ କରିବା ପାଇଁ
### କେତେଗୁଡିଏ ଶାସ୍ତ୍ରାଂଶ ଲିପିବଦ୍ଧ କରାଯାଇଛି ।

# ମୋର ସମର୍ପିତ ବିଶ୍ୱାସ

**ମୁଁ ପିତା ଈଶ୍ୱରଙ୍କୁ ମୋର ଈଶ୍ୱର ଭାବରେ ଗ୍ରହଣ କରିଛି ।**

*''ତୁମ୍ଭେମାନେ ପ୍ରତିମା ସବୁ ପରିତ୍ୟାଗ କରି ଜୀବିତ ଓ ସତ୍ୟ ଈଶ୍ୱରଙ୍କ ସେବା କରିବା ନିମନ୍ତେ ... ଈଶ୍ୱରଙ୍କ ପ୍ରତି ଫେରିଲ'' (୧ ଥେସଲନୀକୀୟ ୧:୯) ।*

**ମୁଁ ଯୀଶୁ ଖ୍ରୀଷ୍ଟଙ୍କୁ ମୋର ପ୍ରଭୁ ଓ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଛି**

*''ସେ (ଯୀଶୁ) ଯେପରି ... ମନ ପରିବର୍ତ୍ତନ ଓ ପାପକ୍ଷମା ଦାନ କରନ୍ତି, ଏଥି ନିମନ୍ତେ ଈଶ୍ୱର ଆପଣା ଦକ୍ଷିଣ ହସ୍ତ ଦ୍ୱାରା ତାହାଙ୍କୁ ଅଧିପତି ଓ ତ୍ରାଣକର୍ତ୍ତା ସ୍ୱରୂପେ ଉନ୍ନତ କରିଅଛନ୍ତି'' (ପ୍ରେରିତ ୫:୩୧) ।*

**ମୁଁ ଈଶ୍ୱରଙ୍କ ପ୍ରେମରେ ନିଜକୁ ପରିପୂର୍ଣ୍ଣ କରିବା ପାଇଁ ପବିତ୍ର ଆତ୍ମାଙ୍କୁ ଗ୍ରହଣ କରିଅଛି ।**

*''କାରଣ ଆମ୍ଭମାନଙ୍କୁ ପ୍ରଦତ୍ତ ପବିତ୍ର ଆତ୍ମାଙ୍କ ଦ୍ୱାରା ଆମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ପ୍ରେମ ପରିବ୍ୟାପ୍ତ ହୋଇଅଛି'' (ରୋମୀୟ ୫:୫) ।*

**ମୁଁ ଈଶ୍ୱରଙ୍କ ବାକ୍ୟକୁ ମୋର ନିୟମ ଭାବରେ ଗ୍ରହଣ କରିଛି**

*''ସମସ୍ତ ଶାସ୍ତ୍ର ଈଶ୍ୱର ନିଃଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ, ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ'' (୨ ତିମଥି ୩:୧୬,୧୭) ।*

**ମୁଁ ଈଶ୍ୱରଙ୍କ ଲୋକମାନଙ୍କୁ ମୋର ଲୋକ ଭାବରେ ଗ୍ରହଣ କରେ ।**

*''ତୁମ୍ଭର ଲୋକ ହିଁ ମୋହର ଲୋକ, ଓ ତୁମ୍ଭର ପରମେଶ୍ୱର ହିଁ ମୋହର ପରମେଶ୍ୱର'' (ରୁତ ୧:୧୬),*





**ମୁଁ ପ୍ରଭୁଙ୍କ ପ୍ରତି ନିଜକୁ ସଂପୂର୍ଣ୍ଣଭାବେ ଉତ୍ସର୍ଗ କରିଅଛି**

*''କାରଣ ଆମ୍ଭମାନଙ୍କ ମଧ୍ୟରୁ କେହି ଆପଣା ଉଦ୍ଦେଶ୍ୟରେ ବଞ୍ଚେ ନାହିଁ ଏବଂ ଆପଣା ଉଦ୍ଦେଶ୍ୟରେ ମରେ ନାହିଁ । ଯେଣୁ, ଯଦି ଆମ୍ଭେମାନେ ବଞ୍ଚୁ, ତେବେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ବଞ୍ଚୁ, କିମ୍ବା ଯଦି ମରୁ, ତେବେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ମରୁ । ଅତଏବ ଯଦି ଆମ୍ଭେମାନେ ବଞ୍ଚୁ କିମ୍ବା ମରୁ, ଆମ୍ଭେମାନେ ପ୍ରଭୁଙ୍କର ଅଟୁ'' (ରୋମୀୟ ୧୪:୭,୮) ।*

**ମୁଁ ଏହା ବିଚାରପୂର୍ବକ କରେ**

*''ତୁମ୍ଭେମାନେ କାହାର ସେବା କରିବ, ତାହା ଆଜି ମନୋନୀତ କର ... ମାତ୍ର ମୁଁ ଓ ମୋହର ପରିଜନ, ଆମ୍ଭେମାନେ ସଦାପ୍ରଭୁଙ୍କୁ ସେବା କରିବା'' (ଯିହୋଶୂୟ ୨୪:୧୫) ।*

**ମୁଁ ଏହା ଆନ୍ତରିକ ଭାବରେ କରେ**

*''ଜଗତରେ ... ଆମ୍ଭେମାନେ ସାଂସାରିକ ଜ୍ଞାନରେ ଆଚରଣ ନ କରି ବରଂ ଈଶ୍ୱରଙ୍କ ଅନୁଗ୍ରହରେ, ତାହାଙ୍କ ପବିତ୍ର ଓ ସରଳଭାବ ଅନୁସାରେ ଆଚରଣ କରିଥିଲୁ'' (୨ କରିନ୍ଥୀୟ ୧:୧୨) ।*

**ମୁଁ ଏହା ସ୍ୱାଧୀନ ଭାବରେ କରେ**

''ତୁମ୍ଭ ପରାକ୍ରମର ଦିନରେ ତୁମ୍ଭ ଲୋକମାନେ ସ୍ୱେଚ୍ଛାରେ ଆପଣାମାନଙ୍କୁ ଉତ୍ସର୍ଗ କରିବେ'' (ଗୀତ ୧୧୦:୩)

**ମୁଁ ଏହା ଚିର ଦିନ ନିମନ୍ତେ କରେ ।**

*''ଖ୍ରୀଷ୍ଟଙ୍କ ପ୍ରେମରୁ କିଏ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରିବ ? କି କ୍ଳେଶ, କି ସଙ୍କଟ, କି ତାଡ଼ନା, କି ଦୁର୍ଭିକ୍ଷ, କି ଉଲଙ୍ଗତା, କି ବିପଦ, କି ଖଡ୍ଗ ?'' (ରୋମୀୟ ୮:୩୫) ।*

ସ୍ୱାକ୍ଷର : ______________________

ତାରିଖ : ______________________




ବର୍ତ୍ତମାନ ଏହି
ପୁସ୍ତକର ପରବର୍ତ୍ତୀ
ପୁସ୍ତକ ପାଠ
କରନ୍ତୁ :

# ବିଶ୍ୱାସ ପାଇଁ ଖାଦ୍ୟ

ଗୋଟିଏ 'ରନ୍ଧନ ପ୍ରଣାଳୀ' ପୁସ୍ତକରେ, ପ୍ରଦତ୍ତ ବିଭିନ୍ନ ରନ୍ଧନ ପ୍ରତି ଯେପରି ଜଣେ ବ୍ୟକ୍ତି ଆକର୍ଷିତ ହେଲେ ମଧ୍ୟ କ୍ଷୁଧାରେ ମରିପାରେନ୍ଧ ସେହିପରି ସଫଳ ଜୀବନଯାପନ ପାଇଁ ପ୍ରଦତ୍ତ ବାଇବଲ ଉଲ୍ଲିଖିତ ''ଖାଦ୍ୟ'' ଦ୍ୱାରା ଜଣେ ବ୍ୟକ୍ତି ପ୍ରଭାବିତ ହେଲେ ମଧ୍ୟ ଆତ୍ମିକ ଭାବରେ ପୁଷ୍ଟିହୀନ ରହିପାରେ ।

ହସ୍ତରୁ ମସ୍ତକ ତଥା ହୃଦୟ ପର୍ଯ୍ୟନ୍ତ ଈଶ୍ୱରଙ୍କ ବାକ୍ୟକୁ ହଜମ କରିବାରେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ 'ବିଶ୍ୱାସ ପାଇଁ ଖାଦ୍ୟ' ଏକ ବାଇବଲ ସମ୍ବନ୍ଧୀୟ ପୁସ୍ତିକା ଅଟେ ।

www.CCIM-Media.com